RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI



ଦ୍ୱିତୀୟ ଥର ଘୁଞ୍ଚିଲା
'ଉଡ଼୍‌ତା ତୀର୍'ର ରିଲିଜ୍

▶ପୃଷ୍ଠା ୧୧ ଦେଖନ୍ତୁ...

◆VOLUME- 44 ◆ISSUE-103 ◆TUESDAY ◆06 OCTOBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୧୦୩ ◆ମଙ୍ଗଳବାର ◆୦୬ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

## ମେଡିସିନ୍‌ରେ ୩ ବୈଜ୍ଞାନିକଙ୍କୁ ନୋବେଲ୍ ପୁରସ୍କାର



■ ଷ୍ଟକହୋମ୍,୫ ।୧୦(ଏଜେନ୍ସି): ମସ୍ତିଷ୍କର ନିର୍ଦ୍ଦିଷ୍ଟ ସ୍ନାୟୁକୋଷକୁ ଆଲୋକ ମାଧ୍ୟମରେ ସକ୍ରିୟ କିମ୍ବା ନିଷ୍କ୍ରିୟ କରିବାର ପ୍ରଯୁକ୍ତି ବିକଶିତ କରିବାରେ ଅବଦାନ ପାଇଁ ୨୦୨୬ ମସିହାର ନୋବେଲ ପୁରସ୍କାରରେ ଚିକିତ୍ସା ବିଜ୍ଞାନ ବର୍ଗରେ ପିଟର ହେଗେମାନ୍, ଜର୍ଜ ନାଗେଲ୍ ଓ ଆମେରିକୀୟ ବୈଜ୍ଞାନିକ କାର୍ଲ ଡିସେରୋଥ୍‌ଙ୍କୁ ସମ୍ମାନିତ କରାଯାଇଛି । ଏହି ଗବେଷଣା 'ଅପ୍‌ଟୋଜେନେଟିକ୍ସ' ବିକାଶର ମୂଳ ଆଧାର । ଏହା ମାଧ୍ୟମରେ ଆଲୋକ ବ୍ୟବହାର କରି ମସ୍ତିଷ୍କର ନିର୍ଦ୍ଦିଷ୍ଟ ସ୍ନାୟୁକୋଷକୁ ନିୟନ୍ତ୍ରଣ କରିହୁଏ । ମାନବ ମସ୍ତିଷ୍କରେ କୋଟି କୋଟି ସ୍ନାୟୁକୋଷ ରହିଥିବା ବେଳେ, ଏହାର ଭିନ୍ନ ଗୋଷ୍ଠୀ ସ୍ମୃତି, ଭାବନା ଓ ଆଚରଣ ଭଳି ବିଭିନ୍ନ କାର୍ଯ୍ୟ ସହ ଜଡ଼ିତ । କେଉଁ କୋଷ କେଉଁ କାର୍ଯ୍ୟ କରୁଛି, ତାହା ବୁଝିବା ଦୀର୍ଘଦିନ ଧରି ବୈଜ୍ଞାନିକଙ୍କ ପାଇଁ ଚ୍ୟାଲେଞ୍ଜ ଥିଲା । ହେଗେମାନ୍ ଓ ନାଗେଲ୍ ଶୈବାଳରେ ଆଲୋକ ପ୍ରତି ସମ୍ବେଦନଶୀଳ 'ଚ୍ୟାନେଲରୋଡୋପସିନ୍' ନାମକ ▶ପୃଷ୍ଠା-୭

## ୧୦ ହଜାର ଯାଏଁ ବଢ଼ିଲା ଇଣ୍ଡିଗୋ ବିମାନ ଭଡ଼ା

■ ନୂଆଦିଲ୍ଲୀ, ୫।୧୦(ଏଜେନ୍ସି): ଦେଶର ସର୍ବବୃହତ୍ ବିମାନ ସେବା କମ୍ପାନୀ ଇଣ୍ଡିଗୋରେ ଯାତ୍ରା ଏଣିକି ଆହୁରି ମହଙ୍ଗା ହେବ । ଅକ୍ଟୋବର ୬ ରାତି ୧୨ଟା ୦୧ ମିନିଟ୍‌ରୁ ଘରୋଇ ଉଡ଼ାଣ ଉପରେ ସର୍ବାଧିକ ୧୩୦୦ ଟଙ୍କା ଏବଂ ଅନ୍ତର୍ଜାତୀୟ ଉଡ଼ାଣ ଉପରେ ସର୍ବାଧିକ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଫ୍ୟୁଏଲ୍ ଚାର୍ଜ ଲାଗୁ ହେବ । ଗତ ୬ ମାସ ମଧ୍ୟରେ ଇଣ୍ଡିଗୋ ତୃତୀୟ ଥର ପାଇଁ ଫ୍ୟୁଏଲ୍ ସରଚାର୍ଜ ବଢ଼ାଇଛି । ବିମାନ ଇନ୍ଧନ ଏଟିଏଫ୍ (ଏଭିଏସନ୍ ଟର୍ବାଇନ୍ ଫ୍ୟୁଏଲ୍) ଦର ବୃଦ୍ଧି ଯୋଗୁ ଏହି ନିଷ୍ପତ୍ତି ନିଆଯାଇଥିବା ଇଣ୍ଡିଗୋ ପକ୍ଷରୁ କୁହାଯାଇଛି । ଅକ୍ଟୋବର ୧ରୁ ଘରୋଇ ବିମାନ କମ୍ପାନୀଗୁଡ଼ିକ ପାଇଁ ଏଟିଏଫ୍ ଦର ଲିଟର ପିଛା ୧୨୧ ଟଙ୍କାରୁ ବଢ଼ି ୧୩୭ ଟଙ୍କା ହୋଇଛି । ଅର୍ଥାତ୍ ଲିଟର ପିଛା ୧୬ ଟଙ୍କା ବା ପ୍ରାୟ ୧୩.୨% ବୃଦ୍ଧି ହୋଇଛି । ଗତ ୩ ମାସରେ ଏଟିଏଫ୍ ଦର ଲିଟର ପିଛା ୨୭.୨୮ ଟଙ୍କା ବଢ଼ିଛି । ଅଗଷ୍ଟରେ ୫ ଟଙ୍କା, ସେପ୍ଟେମ୍ବରରେ ୬.୨୮ ଟଙ୍କା ଏବଂ ଅକ୍ଟୋବରରେ ▶ପୃଷ୍ଠା-୭

**ଆସନ୍ତାକାଲିଠୁ ମହଙ୍ଗା ହେବ ଇଣ୍ଡିଗୋ ଟିକେଟ୍**
**ଘରୋଇ ଉଡ଼ାଣରେ ୧୩୦୦, ଅନ୍ତର୍ଜାତୀୟରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଫ୍ୟୁଏଲ୍ ଚାର୍ଜ**



**ଶୁଣାଣି ବେଳେ କଡ଼ା ଚେତାବନୀ ଦେଲେ ସୁପ୍ରିମକୋର୍ଟ**

### ଧରାପଡ଼ିଲା ଜ୍ଞାନେଶଙ୍କ ମିଛ; ଫର୍ମ-୬କୁ ମିଳିନି ମଞ୍ଜୁରୀ

## ରଦ୍ଦ ହୋଇପାରେ ନିଷ୍ପତ୍ତି

■ ନୂଆଦିଲ୍ଲୀ, ୫।୧୦ (ଏଜେନ୍ସି): ବିବାଦୀୟ ଏସ୍‌ଆଇଆର୍‌କୁ ଅସ୍ତ୍ର କରି ୧୩ କୋଟି ଭୋଟରଙ୍କ ନାମ କାଟିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ସାରା ଦେଶରେ ଆନ୍ଦୋଳନ ତୀବ୍ର ହେଉଥିବା ବେଳେ ତାଙ୍କର ମିଛକୁ ଧରିଛନ୍ତି ସୁପ୍ରିମ କୋର୍ଟ । ଫର୍ମ-୬ରେ ବିବାଦୀୟ ସଂଶୋଧନକୁ ସୁପ୍ରିମ କୋର୍ଟ ଅନୁମୋଦନ ପ୍ରଦାନ କରିଥିଲେ ବୋଲି ଜ୍ଞାନେଶ ଯେଉଁ ଅପପ୍ରଚାର ଚଳାଇଥିଲେ ତାହାକୁ ସଂପୂର୍ଣ୍ଣ ମିଛ ବୋଲି କହିଛନ୍ତି ସର୍ବୋଚ୍ଚ ଅଦାଲତ । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏହି ସଂଶୋଧନକୁ ଅନୁମତି ଦିଆଯାଇ ନାହିଁ । କୋର୍ଟ ଆହୁରି କହିଛନ୍ତି ଯେ ନିର୍ବାଚନ କମିସନ ଯାହାସବୁ ନିଷ୍ପତ୍ତି ନେଇଛନ୍ତି ତାହା ଆଇନସମ୍ମତ ହୋଇନଥିଲେ ସେଗୁଡ଼ିକୁ ରଦ୍ଦ କରିଦିଆଯିବ । ଏଭଳି କଡ଼ା ଟିପ୍ପଣୀ ସହିତ ନିର୍ବାଚନ କମିସନଙ୍କଠାରୁ ସମସ୍ତ ରେକର୍ଡ ତଲବ କରିଛନ୍ତି ସର୍ବୋଚ୍ଚ ଅଦାଲତ ।

ଅନ୍ୟ ଦୁଇ ଜଣ ନିର୍ବାଚନ କମିସନରଙ୍କ ବିରୋଧ ସତ୍ତ୍ୱେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏକତରଫା ଭାବେ ଅନେକ ନିଷ୍ପତ୍ତି ନେଇଥିବାରୁ ତାଙ୍କୁ ସସ୍‌ପେଣ୍ଡ କରିବା ଲାଗି ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଆଜି ଏଭଳି କଡ଼ା ମନ୍ତବ୍ୟ ଦେଇଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ । ବରିଷ୍ଠ ଆଡଭୋକେଟ୍ ବିକାଶ ସିଂହଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ ଉଭୟ କମିସନ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରିଛନ୍ତି । ଖଣ୍ଡପୀଠ କହିଲେ ଯେ ଆଇନ ଅନୁଯାୟୀ କମିସନରେ ନିଆଯାଉଥିବା ନିଷ୍ପତ୍ତି ସର୍ବସମ୍ମତ କିମ୍ବା ବହୁମତ ଆଧାରରେ ହେବା ଉଚିତ । କମିସନର ▶ପୃଷ୍ଠା-୭



**କେନ୍ଦ୍ର ସରକାର ଓ ଇସିଆଇଙ୍କୁ ଅଦାଲତଙ୍କ ନୋଟିସ୍ ଜାରି**

**ନିର୍ବାଚନ କମିସନଙ୍କଠାରୁ ସମସ୍ତ ରେକର୍ଡ ତଲବ**



### ଜ୍ଞାନେଶଙ୍କୁ ରାହୁଲଙ୍କ 'ଫର୍ମ-୬' ତୀର



■ ନୂଆଦିଲ୍ଲୀ, ୫ ।୧୦(ଏଜେନ୍ସି): ନୂଆ ଭୋଟର ପଞ୍ଜୀକରଣ ପାଇଁ ବ୍ୟବହୃତ ଫର୍ମ-୬ରେ ପରିବର୍ତ୍ତନକୁ ନେଇ ବିବାଦ ମଧ୍ୟରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ପୁଣି ଟାର୍ଗେଟ୍ କରିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ସେ ଅଭିଯୋଗ କରିଛନ୍ତି ଯେ ଫର୍ମ-୬ରେ ଅବୈଧ ଓ ଏକତରଫା ପରିବର୍ତ୍ତନ କରାଯାଇଛି । ଏଭଳି ସଂଶୋଧନ ପାଇଁ ସୁପ୍ରିମ କୋର୍ଟ ଅନୁମତି ଦେଇ ନାହାନ୍ତି ବୋଲି କହିବା ପରେ ରାହୁଲ କହିଛନ୍ତି ଯେ ଗଣତନ୍ତ୍ରକୁ ଧ୍ୱଂସ କରିବା ଲାଗି ଜ୍ଞାନେଶଙ୍କ ବିରୋଧରେ ଆଉ ଏକ ପ୍ରମାଣ ମିଳିଛି । ସୁପ୍ରିମ କୋର୍ଟଙ୍କ ନାମରେ ମିଛ କହି ଜ୍ଞାନେଶ ବିଭ୍ରାନ୍ତି ସୃଷ୍ଟି କରିଛନ୍ତି । କ୍ଷମତାରେ ରହିବା ଲାଗି ବିଜେପିକୁ ସାହାଯ୍ୟ କରିବା ପାଇଁ ସେ ଏଭଳି ଅନୈତିକ ଓ ▶ପୃଷ୍ଠା-୭

### ଜ୍ଞାନେଶ ହଟାଅ ଅଭିଯାନ ଜାରୀ

## ଆଜି ଘେରିବ ଇଣ୍ଡିଆ ମେଣ୍ଟ

**ସଂସଦ ଭବନରୁ ନିର୍ବାଚନ କମିସନ ଅଫିସକୁ ପଦଯାତ୍ରା**

■ ନୂଆଦିଲ୍ଲୀ, ୫।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବିରେ ଆସନ୍ତାକାଲି ମଇଦାନକୁ ଓହ୍ଲାଇବେ ବିରୋଧୀ ଦଳଙ୍କୁ ନେଇ ଗଠିତ ଇଣ୍ଡିଆ ମେଣ୍ଟର ନେତା । ସେମାନେ ସଂସଦ ଭବନରୁ ବାହାରି ନିର୍ବାଚନ କମିସନ ଅଫିସ ଅଭିମୁଖେ ପଦଯାତ୍ରା କରିବେ । ଏଥିରେ କଂଗ୍ରେସ ସମେତ ମମତାଙ୍କ ଟିଏମସି, ଶିବ ସେନା (ଉଦ୍ଧବ), ସିପିଏମ, ଏନସିପି (ଶରଦ), ଆରଜେଡି ଏବଂ ଜେଏମଏମ୍‌ର ନେତାମାନେ ଭାଗ ନେ ।ବେ । ତେବେ ଏହି ପ୍ରତିବାଦରେ ସାମିଲ ହେବାକୁ ମନା କରିଦେଇଛି କେଜ୍ରିୱାଲଙ୍କ ଆପ୍ । ଏହାର ନେତା ସଂଜୟ ସିଂହ କହିଛନ୍ତି ତାଙ୍କ ଦଳ ଅନ୍ୟ ସଂଗଠନ ସହ ମିଛି ଗତ କିଛି ଦିନ ଧରି ଯନ୍ତରମନ୍ତରେ ପ୍ରତିବାଦ ଆନ୍ଦୋଳନ ଜାରି ରଖିଛି । ଇଣ୍ଡିଆ ମେଣ୍ଟର ପଦଯାତ୍ରା ପରିପ୍ରେକ୍ଷୀରେ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରିବା ଲାଗି କଂଗ୍ରେସ ଆଜି ରଣନୀତି ପ୍ରସ୍ତୁତ କରିଛି । ଏହି ଆନ୍ଦୋଳନରେ ସମସ୍ତ ପିସିସି ସଭାପତି, ରାଜ୍ୟ ପ୍ରଭାରୀ ଓ ବିଭିନ୍ନ ଦଳୀୟ ଶାଖାର ସଭାପତିଙ୍କୁ ସାମିଲ ହେବାଲାଗି କୁହାଯାଇଛି ।

### ସାମିଲ ହେବ ବିଜେଡି

■ ଭୁବନେଶ୍ୱର, ୫।୧୦ (ସମିସ): ଏସ୍‌ଆଇଆର ପ୍ରସଙ୍ଗରେ ସିଇସି ଜ୍ଞାନେଶ କୁମାରଙ୍କ ମନମୁଖୀ କାର୍ଯ୍ୟ, ସାରା ଦେଶରୁ ୧୩ କୋଟିରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ କଟା ପ୍ରସଙ୍ଗକୁ ନେଇ ବିରୋଧୀଦଳଗୁଡ଼ିକ ପକ୍ଷରୁ ଆସନ୍ତାକାଲି ବିରୋଧ ପଦଯାତ୍ରାରେ ସାମିଲ ହେବ ବିଜେଡି । ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ସାଂସଦମାନେ ଏହି ପଦଯାତ୍ରାରେ ଯୋଗ ଦେବେ । ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏସ୍‌ଆଇଆର ପ୍ରସଙ୍ଗରେ ସିଇସିଙ୍କ ବିବାଦୀୟ ଭୂମିକାକୁ ନେଇ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ଜ୍ଞାନେଶ କୁମାରଙ୍କ ଇସ୍ତଫା ପୂର୍ବରୁ ଦାବି କରିଛନ୍ତି । ଏସ୍‌ଆଇଆର ନାମରେ ଓଡ଼ିଶାରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ସହ ସାରା ଦେଶରେ ୧୩ କୋଟିରୁ ଊର୍ଦ୍ଧ୍ୱ ମତଦାତାଙ୍କୁ ବାଦ ଦିଆଯିବା ସନ୍ଦେହ ସୃଷ୍ଟି କରିଥିବାବେଳେ ଧାମନଗରରେ ଘଟିଥିବା ଘଟଣା ଏହାକୁ ଦୃଢ଼ୀଭୂତ କରିଛି । ବିଏଲ୍‌ଓଙ୍କ ଅଜ୍ଞାତସାରରେ ଗୋଟିଏ ଅଞ୍ଚଳରୁ ସଂଖ୍ୟାଲଘୁ ସମ୍ପ୍ରଦାୟର ୨୨୭ ଭୋଟ କାଟିଦିଆଯିବା ଏସ୍‌ଆଇଆର୍ ଜାଲିଆତିକୁ ସ୍ପଷ୍ଟ କରିଦେଇଛି । କେବଳ ଧାମନଗର ବିଧାନସଭା କ୍ଷେତ୍ରରୁ ହଜାର ହଜାର ଭୋଟରଙ୍କୁ ମତଦାତା ସୂଚୀରୁ ବାଦ ଦିଆଯାଇଛି । ଏହି ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନ ଅନେକ ଦିଗକୁ ଇଙ୍ଗିତ କରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇଆର୍‌ରେ ▶ପୃଷ୍ଠା-୭

**କଲେଜରେ ଭୋଟ ବିଗୁଲ୍**

## ୯ରେ ନାମାଙ୍କନ ପାଇଁ ମାତ୍ର ୩ ଘଣ୍ଟା

■ ଭୁବନେଶ୍ୱର, ୫।୧୦ (ସମିସ): ଶେଷରେ ରାଜ୍ୟରେ ଛାତ୍ରସଂସଦ ନିର୍ବାଚନ ପାଇଁ ଘୋଷଣା କରିଛନ୍ତି ସରକାର । ସୋମବାର ଛାତ୍ର ସଂସଦ ନିର୍ବାଚନ ଲାଗି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ନେଇ ଘୋଷଣା କରିଛନ୍ତି । ତେବେ ନିର୍ବାଚନ ପାଇଁ ଆସନ୍ତା ୭ ତାରିଖ ବୁଧବାର ଦିନ ଶିକ୍ଷାନୁଷ୍ଠାନ ଗୁଡ଼ିକ ବିଜ୍ଞପ୍ତି ଜାରି କରିବେ । ୯ ତାରିଖ ଶୁକ୍ରବାର ଦିନ ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ନାମାଙ୍କନ ଦାଖଲ କରିପାରିବେ । ସେହିଦିନ ଅପରାହ୍ଣ ୨ଟାରୁ ୪ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଯାଞ୍ଚ କରାଯିବ ଏବଂ ସନ୍ଧ୍ୟା ୫ଟାରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ୧୦ ତାରିଖ ଶନିବାର ଦିନ ସକାଳ ୧୦ଟାରୁ ଦିନ ୧ଟା ମଧ୍ୟରେ ନାମାଙ୍କନ ପ୍ରତ୍ୟାହାର କରାଯାଇପାରିବ । ସେହିଦିନ ଅପରାହ୍ଣ ୩ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ୧୪ ତାରିଖ ଦିନ ମୁଁ କାହିଁକି ପ୍ରାର୍ଥୀ ହୋଇଛି ବା ହ୍ୱାଏ ଆଇ ଷ୍ଟାଣ୍ଡ ଫର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଯେଉଁଥିରେ ପ୍ରାର୍ଥୀମାନେ ନିଜର ଆଭିମୁଖ୍ୟ ଓ ସେମାନେ କାହିଁକି ନିର୍ବାଚନରେ ଛିଡା ହୋଇଛନ୍ତି, ସେନେଇ ବକ୍ତବ୍ୟ ରଖିବେ । ଏହାର ପରଦିନ ଅର୍ଥାତ୍ ୧୫ ତାରିଖରେ ସକାଳ ▶ପୃଷ୍ଠା-୭

**୧୦ରେ ଚୂଡ଼ାନ୍ତ ପ୍ରାର୍ଥୀତାଲିକା ଘୋଷଣା ହେବ**
**୧୫ରେ ନିର୍ବାଚନ,୧୬ରେ ଶପଥ ଗ୍ରହଣ ଉତ୍ସବ**
**୭୫% ଉପସ୍ଥାନ ନ ଥିଲେ ହୋଇପାରିବେନି ପ୍ରାର୍ଥୀ**
**ଭାଗ ନେଇପାରିବେନି ସେଲ୍ଫ ଫାଇନାନ୍ସ ଛାତ୍ରଛାତ୍ରୀ**




**ଆରମ୍ଭରୁ କ୍ୟାମ୍ପସ୍ ଅଶାନ୍ତ**

## ଖଲ୍ଲିକୋଟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

■ ବ୍ରହ୍ମପୁର,୫ ।୧୦(ସମିସ): ରାଜ୍ୟରେ ପୁଣି ଛାତ୍ର ସଂସଦ ନିର୍ବାଚନ ପାଇଁ ବାଟ ଫିଟିଥିବା ବେଳେ ବ୍ରହ୍ମପୁରର ଖଲ୍ଲିକୋଟ ଏଏକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଏବେଠାରୁ ତାତି ବଢ଼ିବା ଆରମ୍ଭ କରିଛି । ନିର୍ବାଚନୀ ମାହୋଲ ଜମିବା ପୂର୍ବରୁ କ୍ୟାମ୍ପସରେ କେ ସାଇ କୁମାର ଓ ବିକ୍ରମ ଜେନା ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଶକ୍ତି ପ୍ରଦର୍ଶନ ଓ ମୁହାଁମୁହିଁ ପରିସ୍ଥିତି ପୁଲିସ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇଛି । କ୍ୟାମ୍ପସରେ ନିଜ ନିଜ ପତିଆରା ବଜାୟ ▶ପୃଷ୍ଠା-୭

**ଉଭୟ ପକ୍ଷର ୯ ଅଟକ; କ୍ୟାମ୍ପସରେ ପାଟ୍ରୋଲିଂ କରିବ ପୁଲିସ**

### ଓଲଟ ପାଲଟ



ଛାତ୍ର ସଂସଦ ନିର୍ବାଚନ ପାଇଁ
ଗଡ଼ି ଚାଲିଥିଲା ଦିନ,
ବିଗୁଲ ବାଜିଲା କଲେଜରେ ହେବ
ଏବେ ପୁଣି ନିର୍ବାଚନ ।
ପ୍ରାର୍ଥୀମାନେ ସବୁ ନିର୍ବାଚନ ପାଇଁ
ସଜବାଜ ହୋଇଲେଣି,
ଭାଷଣ ମାଡ଼ରେ କ୍ୟାମ୍ପସ୍ କମ୍ପିବ
କଲିଜା ହୋଇବ ପାଣି ।
କଲେଜ ହୋଇବ ଚଳଚଞ୍ଚଳ
ସରିଗଲେ ନିର୍ବାଚନ,
ରାଜ ନେତାଙ୍କର ଛାତି ଧଡ଼ପଡ଼
ଅସ୍ଥିର ହେଉଛି ମନ ।।

- ଯାଯାବର

**ଖଣି ଅଧିକାରୀଙ୍କୁ ବାଲି ମାଫିଆଙ୍କ ନାଲି ଆଖି**

## ଛଡ଼ାଇନେଲେ ତିନି ଟ୍ରାକ୍ଟର

■ ବାରିପଦା, ୫ ।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ତହସିଲ ଅଞ୍ଚଳରେ ବେଆଇନ ବାଲି ପରିବହନ ରୋକିବାକୁ ଯାଇ ଲଘୁ ଖଣିଜ ବିଭାଗର ଅଧିକାରୀ ବାଲିମାଫିଆଙ୍କ ଆକ୍ରୋଶର ଶିକାର ହୋଇଛନ୍ତି । ବାଲି ବୋଝେଇ ୩ଟି ଟ୍ରାକ୍ଟରକୁ ଜବତ କରିବା ପରେ ଖବର ପାଇ ଚୋରା ବାଲି ବ୍ୟବସାୟୀ ସଂଘବଦ୍ଧ ଭାବେ ଆସି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ସହ ଧମକଚମକ ଦେଇଥିଲେ । ପରେ ଜବରଦସ୍ତ ବାଲି ଢାଳି ଦେଇ ଚାଳକମାନେ ଟ୍ରାକ୍ଟର ନେଇ ଚମ୍ପଟ ମାରିଛନ୍ତି । ଏ ଘଟଣାକୁ ନେଇ କନିଷ୍ଠ ଖଣି ଅଧିକାରୀ ଶିବନାଥ ମୁଣ୍ଡାରୀ ବଡ଼ସାହି ଥାନାରେ ଲିଖିତ ଅଭିଯୋଗ ଦାୟର କରିଛନ୍ତି ।

ସୂଚନା ମୁତାବକ, ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ହ୍ରାସ ପାଇବା ପରେ ବଡ଼ସାହି ତହସିଲ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ବେଆଇନ ବାଲି ଖନନ ଓ ଚୋରା ଚାଲାଣ ଜୋରସୋରରେ ଚାଲିଛି । ପାଖାପାଖି ୫୦ରୁ ଅଧିକ ସ୍ଥାନରୁ ଅବାଧରେ ବାଲି ଉତ୍ତୋଳନ କରାଯାଇ କାରବାର କରାଯାଉଛି । ବାଲି ସୈରାତଗୁଡ଼ିକ ବିଧିବଦ୍ଧ ଭାବେ ନିଲାମ ହୋଇ ନ ଥିବାରୁ ଏହାର ସୁଯୋଗ ନେଇ ଅଞ୍ଚଳରେ ବାଲି ଚୋରମାନେ ବେଶ୍ ସକ୍ରିୟ ହୋଇଉଠିଛନ୍ତି । ବିଶେଷକରି ତହସିଲ ଅନ୍ତର୍ଗତ ହରିପୁର, ମାଧପୁର, କୁଳିଅଣା, ବର୍ଡ଼ନା, ପାଇକପଡ଼ା, ମହୁପୁରା ଓ ସର୍ବେଶ୍ୱରପୁର ଭଳି ବିଶାଳ ବାଲିଶଯ୍ୟାରୁ ପ୍ରତିଦିନ ଶହ ଶହ ଟ୍ରିପ୍ ଟ୍ରାକ୍ଟର ସାହାଯ୍ୟରେ ବାଲି ଲୁଟ୍ ଚାଲିଛି । ଏ ଖବର ପାଇ ଲଘୁ ଖଣିଜ ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ କୁଳିଅଣା ଅଞ୍ଚଳରେ ଚଢ଼ଉ କରି ତିନୋଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲା । କାର୍ଯ୍ୟାନୁଷ୍ଠାନ ଦେଖି ଟ୍ରାକ୍ଟର ଚାଳକ ତୁରନ୍ତ ମାଲିକଙ୍କୁ ଖବର ଦେଇଥିଲେ । ମାଲିକଙ୍କ ନିର୍ଦ୍ଦେଶକ୍ରମେ ସେମାନେ ଘଟଣାସ୍ଥଳରେ ହିଁ ବାଲି ଖାଲି କରି ଖସି ପଳାଇବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ମାଲିକ ଓ କିଛି ସ୍ଥାନୀୟ ବ୍ୟକ୍ତି ସେଠାରେ ରୁଣ୍ଡ ହୋଇ ଯାଞ୍ଚକାରୀ ଅଧିକାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ସହ ଭୟଭୀତ କରାଇ ସେଠାରୁ ବଳପୂର୍ବକ ଟ୍ରାକ୍ଟରଗୁଡ଼ିକୁ ଛଡ଼ାଇ ନେଇଥିଲେ । ଏହି ତିନୋଟି ଟ୍ରାକ୍ଟର ମଧ୍ୟରୁ ୨ଟି ବିନା ପଞ୍ଜୀକରଣ ନମ୍ବରରେ ▶ପୃଷ୍ଠା-୭








## ବିଶେଷ ଟିପ୍ପଣୀ



ଜୁନ୍ ମାସରେ ସିଜେପି ପ୍ରତିବାଦ ଦେଶରେ ଲକ୍ଷ ଲକ୍ଷ ବିଦ୍ରୋହ ସୃଷ୍ଟି କରିଛି । ଜ୍ଞାନେଶ କୁମାରଙ୍କ ଭୋଟ୍ ଚୋରି ସ୍ୱାଧୀନତା ପରବର୍ତ୍ତୀ ଭାରତର ସବୁଠାରୁ ବଡ଼ ପ୍ରସଙ୍ଗ ପାଲଟିଛି । ଏହା ଆମ ଗଣତନ୍ତ୍ରର ମୂଳକୁ ଆଘାତ କରିଛି । ପ୍ରତିବାଦକୁ ଦମନ କରି ସେମାନଙ୍କର କାଠ କଣ୍ଢେଇ ଜ୍ଞାନେଶଙ୍କୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ପ୍ରୟାସ ବୁମେରାଂ ହୋଇଛି ଏବଂ କେବଳ ଜନ ଆକ୍ରୋଶ କୁହୁଳିବାରେ ଲାଗିଛି ।

*-ପ୍ରଶାନ୍ତ ଭୂଷଣ (ବରିଷ୍ଠ ଆଇନଜୀବୀ)*



ଭାରତର ନିର୍ବାଚନର ଆକାର ଏବଂ ସଫଳତା ଦେଶର ଶକ୍ତିକୁ ବିଦେଶରେ ପ୍ରଦର୍ଶିତ କରିବାରେ ଏକ ପ୍ରମୁଖ ବିଷୟ ଥିଲା । ଏବେ ଏହି ଗଣତାନ୍ତ୍ରିକ ପ୍ରତିଛବି କ୍ଷୁର୍ଣ୍ଣ ହୋଇଛି ।

*- ଶିବ ଶଙ୍କର ମୁଖାର୍ଜୀ (ପୂର୍ବତନ କୂଟନୀତିଜ୍ଞ)*

## ଜେନ୍ Z

ଯଦି ଜ୍ଞାନେଶ କୁମାର, ସ୍ୱରାଷ୍ଟ୍ର ମନ୍ତ୍ରୀ ଇସ୍ତଫା ଦିଅନ୍ତି, ତେବେ ଭାରତ ସ୍ୱାଧୀନତା ଅପେକ୍ଷା ଅଧିକ ଉତ୍ସବ ମୁଖର ହେବ ।

- ସନ୍ନି ସନ୍ନି @Sunnysunny2232

## ସୁପ୍ରିମକୋର୍ଟରେ ଆଉ ୩ ନୂଆ ବିଚାରପତିଙ୍କ ନିଯୁକ୍ତି



ନୂଆଦିଲ୍ଲୀ, ୫ ।୧୦(ଏଜେନ୍ସି): ସୁପ୍ରିମକୋର୍ଟରେ ଆଉ ୩ ଜଣ ନୂଆ ବିଚାରପତି ନିଯୁକ୍ତ ହୋଇଛନ୍ତି । କେନ୍ଦ୍ର ସରକାର ସୋମବାର ଏହି ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ଜାରି କରିଛନ୍ତି । ସୁପ୍ରିମକୋର୍ଟ କଲେଜିୟମ୍ ସେପ୍ଟେମ୍ବର ୨୮ରେ କରିଥିବା ସୁପାରିସ ଆଧାରରେ ଏହି ନିଯୁକ୍ତି ଦିଆଯାଇଛି । ନୂଆ ନିଯୁକ୍ତି ପରେ ସର୍ବୋଚ୍ଚ ଅଦାଲତର କାର୍ଯ୍ୟରତ ବିଚାରପତି ସଂଖ୍ୟା ୩୭କୁ ବୃଦ୍ଧି ପାଇବ । ନୂଆ ନିଯୁକ୍ତ ବିଚାରପତିମାନେ ହେଲେ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୁନୀତା ଅଗ୍ରୱାଲ, ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଅପରେଶ କୁମାର ସିଂହ । ସୁପ୍ରିମକୋର୍ଟର ଅନୁମୋଦିତ ବିଚାରପତି ପଦ ସଂଖ୍ୟା ୩୮ । ତେଣୁ ତିନି ଜଣଙ୍କ ନିଯୁକ୍ତି ପରେ ମାତ୍ର ଗୋଟିଏ ପଦ ଖାଲି ରହିବ । ଜଷ୍ଟିସ୍ ସୁନୀତା ଅଗ୍ରୱାଲଙ୍କ ନିଯୁକ୍ତି ମଧ୍ୟ ବିଶେଷ ଗୁରୁତ୍ୱ ବହନ କରୁଛି । ସେ ସୁପ୍ରିମକୋର୍ଟରେ ଯୋଗଦେଲେ ବର୍ତ୍ତମାନର ବିଚାରପତି ବି.ଭି. ନାଗରତ୍ନା ଓ ଭି. ମୋହନାଙ୍କ ସହ ସା ।ର୍ବୋଚ୍ଚ ଅଦାଲତରେ ମହିଳା ବିଚାରପତିଙ୍କ ସଂଖ୍ୟା ୩ ହେବ ।

## ୪ ରାଜ୍ୟରେ ଉପନିର୍ବାଚନ ଆଜି; ମମତାଙ୍କ ପାଇଁ ଅଗ୍ନିପରୀକ୍ଷା

କୋଲକାତା, ୫ ।୧୦(ଏଜେନ୍ସି): ପଶ୍ଚିମବଙ୍ଗ ସମେତ ଆସନ୍ତାକାଲି ୪ଟି ରାଜ୍ୟରେ ଉପନିର୍ବାଚନ ଅନୁଷ୍ଠିତ ହେବ । ପଶ୍ଚିମବଙ୍ଗର ୨ଟି ବିଧାନସଭା ଆସନ ସହ ତାମିଲନାଡୁର ୨ଟି, ପୁଡୁଚେରୀର ଗୋଟିଏ ବିଧାନସଭା ଆସନ ଏବଂ ଆସାମର ଗୋଟିଏ ଲୋକସଭା ଆସନ ପାଇଁ ମତଦାନ ହେବ । ସମସ୍ତ ଆସନର ଫଳାଫଳ ଅକ୍ଟୋବର ୯ରେ ପ୍ରକାଶ ପାଇବ । ପଶ୍ଚିମବଙ୍ଗର ନିର୍ବାଚନ ଏଥର ବିଶେଷ ଗୁରୁତ୍ୱ ବହନ କରୁଛି । ୧୫ ବର୍ଷ ପରେ ପ୍ରଥମଥର ପାଇଁ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ, ବିଧାୟକ କିମ୍ବା ପ୍ରାର୍ଥୀ ନଥିବା ସ୍ଥିତିରେ ଏହି ଉପନିର୍ବାଚନ ସାମ୍ନା କରୁଛନ୍ତି । ଚଳିତ ବର୍ଷ ମେ'ରେ ଘୋଷିତ ବିଧାନସଭା ଫଳାଫଳରେ ଟିଏମ୍ସି କ୍ଷମତା ହରାଇଥିବା ସହ ମମତା ମଧ୍ୟ ନିଜ ଆସନରୁ ପରାଜିତ ହୋଇଥିଲେ । ନନ୍ଦୀଗ୍ରାମରେ ଟିଏମ୍ସି ପ୍ରାର୍ଥୀ ସଞ୍ଚିତା ପ୍ରଧାନ ନାମାଙ୍କନ ପ୍ରତ୍ୟାହାର କରିବା ପରେ ମମତା କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ସମର୍ଥନ କରୁଛନ୍ତି । ଅନ୍ୟପକ୍ଷରେ ବିଜେପି ଚନ୍ଦ୍ରନାଥ ରଥଙ୍କ ମା'ଙ୍କୁ ପ୍ରାର୍ଥୀ କରିଛି । ରଥଙ୍କୁ ମେ' ୬ରେ ହତ୍ୟା କରାଯାଇଥିଲା । ରେଜିନଗରରେ ମଧ୍ୟ ଟିଏମ୍ସି, ବିଜେପି, କଂଗ୍ରେସ, ସିପିଆଇ(ଏମ୍) ସହ ଅନ୍ୟ ଦଳର ପ୍ରାର୍ଥୀ ମଇଦାନରେ ଅଛନ୍ତି । ତାମିଲନାଡୁର ମଦୁରାନ୍ତକମ୍ ଓ ଧରାପୁରମ୍, ପୁଡୁଚେରୀର ଠାଟ୍ଟାନଚାଭାଡି ଏବଂ ଆସାମର ଗୋଟିଏ ଲୋକସଭା ଆସନରେ ମଧ୍ୟ ଉପନିର୍ବାଚନ ହେବ ।

## ଧରାପଡ଼ିଲେ ଡିଜିସିଏ ଅଧିକାରୀ

ଚେନ୍ନାଇ, ୫ ।୧୦(ଏଜେନ୍ସି): ବିମାନର ଏୟାରୱର୍ଥିନେସ୍ ସାର୍ଟିଫିକେସନ୍ ସମ୍ପର୍କିତ ମାମଲାରେ ୨.୫ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଡିଜିସିଏର ଜଣେ ଉପନିର୍ଦ୍ଦେଶକ ଓ ଏକ ଘରୋଇ ବିମାନ କମ୍ପାନୀର ନିର୍ଦ୍ଦେଶକଙ୍କୁ ସିବିଆଇ ଗିରଫ କରିଛି । ତାମିଲନାଡୁରେ ସିବିଆଇ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ କରାଯାଇଛି ।ଗିରଫ ଡିଜିସିଏ ଅଧିକାରୀ ହେଉଛନ୍ତି ଚେନ୍ନାଇରେ ନିଯୁକ୍ତ ଉପନିର୍ଦ୍ଦେଶକ (ଏୟାରୱର୍ଥିନେସ୍) ସୁଶୀଲ କୁମାର ଗର୍ଗ । ସେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଧରାପଡ଼ିଥିବା ସିବିଆଇ ଅଭିଯୋଗ କରିଛି । ଏହି ମାମଲାରେ ଏକ୍ସି ଏୟାର ଟ୍ରେନିଂ ଅର୍ଗାନାଇଜେସନ୍ ପ୍ରାଇଭେଟ୍ ଲିମିଟେଡ୍ର ନିର୍ଦ୍ଦେଶକ ସଚିନ କେଶବ ଭାନେଙ୍କୁ ମଧ୍ୟ ଗିରଫ କରାଯାଇଛି । ସିବିଆଇର ସୂଚନା ଅନୁଯାୟୀ, ଘରୋଇ କମ୍ପାନୀ ପକ୍ଷରୁ ପରିଚାଳିତ ବିମାନଗୁଡ଼ିକର ଏୟାରୱର୍ଥିନେସ୍ ସାର୍ଟିଫିକେସନ୍ରେ ଅନୁଚିତ ସୁବିଧା ଦେବା ପାଇଁ ଗର୍ଗ ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଛି ।

# ମହାରାଷ୍ଟ୍ରରେ ପାଣି କଟକଣା



## ଅକ୍ଟୋବର ୧୬ ରୁ ୧୦% ଜଳକାଟ୍

ମୁମ୍ବଇ, ୫ ।୧୦(ଏଜେନ୍ସି): ନିଅଣ୍ଟିଆ ମୌସୁମୀ ବର୍ଷା ଏବଂ ଏଲ୍ ନିନୋର ପ୍ରଭାବ ସାରା ଦେଶରେ ଦେଖାଦେଇଛି । କିନ୍ତୁ ମହାରାଷ୍ଟ୍ରରେ ଏହାର ପ୍ରଭାବରେ ଉତ୍କଟ ଜଳ ସଙ୍କଟ ଦେଖାଦେଇଛି । ପରିସ୍ଥିତିର ମୁକାବିଲା କରିବା ପାଇଁ ମହାରାଷ୍ଟ୍ର ସରକାର ଅକ୍ଟୋବର ୧୬ ରୁ ରାଜ୍ୟର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଅତି କମ୍‌ରେ ୧୦% ଜଳକାଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ମହାନଗର ନିଗମ, ପୌରପାଳିକା ଏବଂ ଗ୍ରାମ ପଞ୍ଚାୟତକୁ ଏହି ନିୟମ କଡ଼ାକଡ଼ି ଭାବେ ପାଳନ କରିବା ସହ ଜଳ ଲିକେଜ୍ ରୋକିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଚଲାଇବାକୁ କୁହାଯାଇଛି । ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଗିରୀଶ ମହାଜନ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ୨୦୨୭ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଉପଲବ୍ଧ ଜଳର ଯୋଜନା ପ୍ରସ୍ତୁତ କରାଯାଇଛି । ସେଥିରେ ପାନୀୟ ଜଳକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି । ୨୦୨୬ ଖରିଫ ଋତୁରେ ବର୍ଷା ଅଭାବ ଯୋଗୁଁ ରାଜ୍ୟର ୨୬୫ଟି ତାଲୁକରେ ମରୁଡ଼ି ପରିସ୍ଥିତି ଘୋଷଣା କରାଯାଇଛି । ତେଣୁ ପ୍ରତ୍ୟେକ ଡ୍ୟାମରେ ୧୦% ଅତିରିକ୍ତ ଜଳ ଜରୁରୀକାଳୀନ ପରିସ୍ଥିତି ପାଇଁ ଗଚ୍ଛିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଜଳ ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ପାଇପ୍ ଲିକ୍ ରୋକିବା ସହ ପରିଶୋଧିତ ବର୍ଜ୍ୟଜଳକୁ ବଗିଚା, ନିର୍ମାଣ ଓ ଧୋଇବା କାର୍ଯ୍ୟରେ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶିଳ୍ପସଂସ୍ଥାଗୁଡ଼ିକୁ ସେମାନଙ୍କ ବ୍ୟବହୃତ ଜଳର ଅତିକମରେ ୩୦% ପୁନଃବ୍ୟବହାର (ରିସାଇକେଲ) କରିବା ବାଧ୍ୟତାମୂଳକ କରାଯାଇଛି । ପାନୀୟ ଜଳ, ଗୋପାଳନ ଆବଶ୍ୟକତା ପୂରଣ ହେବା ପରେ ହିଁ କୃଷି ଓ ଜଳସେଚନ ପାଇଁ ପାଣି ଛଡ଼ାଯିବ । ସେଥିରେ ରବି ଖାଦ୍ୟଶସ୍ୟ ଫସଲକୁ ପ୍ରାଥମିକତା ମିଳିବ । ଡ୍ୟାମ୍, ନଦୀ ଓ କେନାଲରୁ ବେଆଇନ ଜଳ ଉତ୍ତୋଳନ ରୋକିବା ପାଇଁ ମିଳିତ ପାଟ୍ରୋଲିଂ ଟିମ୍ ନିୟୋଜିତ କରାଯିବ । ମରୁଡ଼ି ପରିସ୍ଥିତି ନ ହେବାକୁ ଚେଷ୍ଟା ସ୍ୱରୂପ ସରକାର ନାଗରିକମାନଙ୍କୁ ଜଳର ସଦୁପଯୋଗ କରିବାକୁ ଅପିଲ୍ କରିଛନ୍ତି ।

## ମହାତ୍ମା ଗାନ୍ଧୀଙ୍କୁ ନେଇ ଆପତ୍ତିଜନକ ରିଲ୍ସ: ସୁରତରେ ମହିଳା ଗିରଫ




ସୁରତ, ୫ ।୧୦(ଏଜେନ୍ସି): ମହାତ୍ମା ଗାନ୍ଧୀଙ୍କ ଛବି ଥିବା ୫୦୦ ଟଙ୍କିଆ ନୋଟ୍‌କୁ ନେଇ କଥିତ ଭାବେ ଆପତ୍ତିଜନକ ରିଲ୍ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ଅଭିଯୋଗରେ ସୁରତ ସାଇବର କ୍ରାଇମ୍ ପୁଲିସ ଜଣେ ୪୭ ବର୍ଷୀୟ ମହିଳାଙ୍କୁ ଗିରଫ କରିଛି । ଗିରଫ ମହିଳାଙ୍କ ନାମ ସିମରନ ପଟେଲ ବୋଲି ପୁଲିସ କହିଛି । ତାଙ୍କର ଇନ୍‌ଷ୍ଟାଗ୍ରାମରେ ପ୍ରାୟ ୧୦ ଲକ୍ଷ ଅନୁସରଣକାରୀ ଥିବା ଜଣାପଡ଼ିଛି । ପୁଲିସର ସୂଚନା ଅନୁଯାୟୀ, ସିମରନ ଅକ୍ଟୋବର ୧ରେ ନିଜ ଇନ୍‌ଷ୍ଟାଗ୍ରାମ ଖାତାରେ ଏହି ରିଲ୍ ପୋଷ୍ଟ କରିଥିଲେ । ପରେ ଜଣେ ନାଗରିକ ଏନେଇ ପୁଲିସରେ ଅଭିଯୋଗ କରିଥିଲେ । ସାଇବର କ୍ରାଇମ୍ ଶାଖାର ପ୍ରେସ୍ ବିଜ୍ଞପ୍ତି ଅନୁସାରେ, ରିଲ୍‌ରେ ମହାତ୍ମା ଗାନ୍ଧୀଙ୍କ ଛବିକୁ କଥିତ ଭାବେ ଅଶ୍ଳୀଳ ଢଙ୍ଗରେ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଆପତ୍ତିଜନକ ମନ୍ତବ୍ୟ ଓ ଯୌନ ସଙ୍କେତ ଥିବା ମଧ୍ୟ ପୁଲିସ ଅଭିଯୋଗ କରିଛି । ଏହି ମାମଲାରେ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୭ ଅନୁଯାୟୀ ମାମଲା ରୁଜୁ କରି ସିମରନଙ୍କୁ ଗିରଫ କରାଯାଇଛି । ଆପତ୍ତିଜନକ କିମ୍ବା ଅପ୍ରମାଣିତ ସାମଗ୍ରୀ ପ୍ରସାର ନକରିବାକୁ ପୁଲିସ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କୁ ଅପିଲ କରିଛି ।

# ଗିରଫ ହେବେ କକ୍ରୋଚ୍ ନେତା!

## 'ଅକ୍ଟୋବର ୧୦' ଭଣ୍ଡୁର ପାଇଁ ଚାଲିଛି ଚକ୍ରାନ୍ତ



ନୂଆଦିଲ୍ଲୀ, ୫ ।୧୦(ଏଜେନ୍ସି): ଅକ୍ଟୋବର ୧୦ରେ ଦିଲ୍ଲୀର ଯନ୍ତରମନ୍ତରରେ ପ୍ରସ୍ତାବିତ ବିକ୍ଷୋଭ ପୂର୍ବରୁ ନିଜ ସମେତ ଦଳର ଅନ୍ୟ କିଛି ନେତାଙ୍କୁ ଗିରଫ କରାଯାଇପାରେ ବୋଲି ଦାବି କରିଛନ୍ତି କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ମୁଖପାତ୍ର ସୌରଭ ଦାସ । ତେବେ, ଏହି ଦାବି ସମ୍ପର୍କରେ ସରକାର କିମ୍ବା ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ । ଦାସଙ୍କ ଅନୁସାରେ, ଦଳର ପ୍ରତିଷ୍ଠାତା ଅଭିଜିତ ଦିପକେ, ଆଶୁତୋଷ ରଙ୍କା ଓ ଅନ୍ୟ କିଛି ନେତାଙ୍କୁ ମଧ୍ୟ ଗିରଫ କରିବା ଯୋଜନା ଥିବା ସୂଚନା ମିଳିଛି । ରବିବାର ବିଳମ୍ବିତ ରାତିରେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଦାସ କହିଛନ୍ତି ଯେ, ଏପରି ପଦକ୍ଷେପ ଆନ୍ଦୋଳନକୁ ରୋକିପାରିବ ନାହିଁ । ତାଙ୍କ ମତରେ, ଯୁବପିଢ଼ି ନିଜ ଅଧିକାର ଓ ଭବିଷ୍ୟତ ପାଇଁ ସଂଗ୍ରାମ ଜାରି ରଖିବ । ଅକ୍ଟୋବର ୧୦ର ବିକ୍ଷୋଭରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରାଯିବ ବୋଲି ସିଜେପି ପକ୍ଷରୁ କୁହାଯାଇଛି । ଭୋଟର ତାଲିକାର ସ୍ୱତନ୍ତ୍ର ନିବିଡ଼ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାକୁ ନେଇ ଦଳ ପକ୍ଷରୁ ଅନିୟମିତତା ଅଭିଯୋଗ ଉଠାଯାଇଛି । ସିଜେପି ପ୍ରତିଷ୍ଠାତା ଦିପକେ ମଧ୍ୟ ଗିରଫ ନେଇ ଆଶଙ୍କା ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଗିରଫ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନର ଧମକ ଦଳକୁ ବିକ୍ଷୋଭରୁ ପଛକୁ ହଟାଇପାରିବ ନାହିଁ । ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ (ୟୁଏପିଏ) କିମ୍ବା ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଅଧୀନରେ ମାମଲା ହେଲେ ମଧ୍ୟ ସେମାନେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଜାରି ରଖିବେ ବୋଲି ଦିପକେ ଦାବି କରିଛନ୍ତି । ଅନ୍ୟପକ୍ଷରେ ରଙ୍କା ମଧ୍ୟ ଦାବି କରିଛନ୍ତି ଯେ, ତାଙ୍କ ସମେତ ଦିପକେ ଓ ସୌରଭ ଦାସଙ୍କୁ ଅକ୍ଟୋବର ୧୦ ପୂର୍ବରୁ ଏନ୍‌ଏସ୍‌ଏ କିମ୍ବା ଅନ୍ୟ ସମାନ ଆଇନ ଅଧୀନରେ ଗିରଫ କରାଯାଇପାରେ ବୋଲି ତାଙ୍କୁ ବିଭିନ୍ନ ସୂତ୍ରରୁ ସୂଚନା ମିଳିଛି । ତେବେ ସେ ଗିରଫକୁ ନେଇ ଭୟଭୀତ ନୁହେଁ ବୋଲି କହିଛନ୍ତି ।

### ୟୁପି ରାଜ୍ୟସଭା ନିର୍ବାଚନ

## ବିଜେପି ତାଲିକାରୁ ବାଦ୍ ପଡ଼ିଲେ କେନ୍ଦ୍ରମନ୍ତ୍ରୀ ହର୍‌ଦୀପ୍ ପୁରୀ

ନୂଆଦିଲ୍ଲୀ, ୫ ।୧୦(ଏଜେନ୍ସି): ଉତ୍ତରପ୍ରଦେଶରୁ ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ସୋମବାର ୮ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଏଥିରେ କୌଣସି ବର୍ତ୍ତମାନର ରାଜ୍ୟସଭା ସାଂସଦଙ୍କୁ ପୁନର୍ବାର ସୁଯୋଗ ଦିଆଯାଇନାହିଁ । କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ ଓ ବିଏଲ୍ ବର୍ମାଙ୍କ ସମେତ ୮ ଜଣ ବର୍ତ୍ତମାନର ସାଂସଦ ତାଲିକାରୁ ବାଦ ପଡ଼ିଛନ୍ତି । ଦଳ ପକ୍ଷରୁ ଧର୍ମପାଳ ସିଂହ, ରାଧାକାନ୍ତ ଓଝା, ପ୍ରକାଶ ପାଲ, ବିଦ୍ୟାସାଗର ସୋନକର, ଗୋପୀକୃଷ୍ଣ ପାଣ୍ଡେ , ପ୍ରିୟଙ୍କା ସିଂହ ରାୱତ, ରାମ ପ୍ରତାପ ସିଂହ ଚୌହାନ ଓ ଶ୍ରୁତି ଗଙ୍ଗୱାରଙ୍କୁ ପ୍ରାର୍ଥୀ କରାଯାଇଛି । ବାଦ ପଡ଼ିଥିବା ଅନ୍ୟ ନେତାଙ୍କ ମଧ୍ୟରେ ଅରୁଣ ସିଂହ, ସୀମା ଦ୍ୱିବେଦୀ, ନୀରଜ ଶେଖର, ବ୍ରିଜଲାଲ ଓ ଗୀତା ଶାକ୍ୟ ରହିଛନ୍ତି । ଡିନେଶ ଶର୍ମା ପୂର୍ବରୁ ଉତ୍ତରପ୍ରଦେଶରୁ ରାଜ୍ୟସଭା ସଦସ୍ୟ ଥିଲେ; ବର୍ତ୍ତମାନ ସେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଉପରାଜ୍ୟପାଳ ଅଛନ୍ତି । ନୂଆ ତାଲିକାରେ ତିନିଜଣ ଓବିସି, ଦୁଇଜଣ ଅନୁସୂଚିତ ଜାତି ଓ ତିନିଜଣ ସାଧାରଣ ବର୍ଗର ପ୍ରାର୍ଥୀ ଅଛନ୍ତି । ଦୁଇଜଣ ମହିଳାଙ୍କୁ ମଧ୍ୟ ଟିକେଟ୍ ମିଳିଛି । ଓବିସି ପ୍ରାର୍ଥୀମାନେ ଲୋଧି, ପାଲ ଓ କୁର୍ମି ସମ୍ପ୍ରଦାୟରୁ ଆସିଛନ୍ତି । ମହିଳା ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ ବାରାବଙ୍କି ଲୋକସଭା ସାଂସଦ ପ୍ରିୟଙ୍କା ସିଂହ ରାୱତ ଓ ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ ଗଙ୍ଗୱାରଙ୍କ ଝିଅ ଶ୍ରୁତି ଗଙ୍ଗୱାର ଅଛନ୍ତି । ଉତ୍ତରପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ଅକ୍ଟୋବର ୧୬ରେ ଭୋଟ୍ ହେବ । ବିଧାନସଭାରେ ଦଳଗୁଡ଼ିକର ସଂଖ୍ୟାବଳ ଅନୁସାରେ ବିଜେପି ୮ଟି ଏବଂ ସମାଜବାଦୀ ପାର୍ଟି ୨ଟି ଆସନ ଜିତିବାର ସମ୍ଭାବନା ଥିବା ରିପୋର୍ଟରେ କୁହାଯାଇଛି ।୨୦୨୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ନୂଆ ତାଲିକାରେ ସାମାଜିକ ଓ ସାଂଗଠନିକ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦିଆଯାଇଥିବା ଦଳୀୟ ସୂତ୍ରକୁ ନେଇ ରିପୋର୍ଟରେ ଉଲ୍ଲେଖ ରହିଛି ।



## ବେଆଇନ ଭୋଟ୍‌କାଟ୍ ଗଣତନ୍ତ୍ର ପାଇଁ ବିପଦ: ଜଷ୍ଟିସ ନରିମନ୍



ନୂଆଦିଲ୍ଲୀ, ୫ ।୧୦(ଏଜେନ୍ସି): ପଶ୍ଚିମବଙ୍ଗରେ ଭୋଟର ତାଲିକାରୁ ବହୁସଂଖ୍ୟକ ନାମ ବାଦ ପଡ଼ିବାକୁ ନେଇ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ରୋହିଣ୍ଟନ ଫାଲି ନରିମନ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ମତଦାନର ଅଧିକାର ଗଣତନ୍ତ୍ରର ମୂଳ ଆଧାର ହୋଇଥିବାବେଳେ ଭୋଟର ତାଲିକାରୁ ଲୋକଙ୍କୁ 'ବେଆଇନ ଭାବେ' ବାଦ ଦେବା ଏହି ଅଧିକାରକୁ ବିପଦରେ ପକାଉଛି । ରବିବାର ରାଜକୋଟର ରାଜକୁମାର କଲେଜରେ 'ସମ୍ବିଧାନ ଓ ସାଧାରଣ ନାଗରିକ' ଶୀର୍ଷକ ଆଲୋଚନାରେ ଯୋଗଦେଇ ନରିମାନ ନିର୍ବାଚନ ଆୟୋଗର କାର୍ଯ୍ୟପ୍ରଣାଳୀ ଓ ନିର୍ବାଚନ କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ । ସେ ଆଶା ପ୍ରକାଶ କରିଛନ୍ତି ଯେ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ଆବଶ୍ୟକ ସୁଧାର ଆଣିବେ । ପଶ୍ଚିମବଙ୍ଗର ଏସ୍‌ଆଇଆର୍ ପ୍ରସଙ୍ଗ ଉଠାଇ ନରିମାନ କହିଛନ୍ତି ଯେ ପ୍ରାୟ ୯୦ ଲକ୍ଷ ମତଦାତା ଭୋଟ ଅଧିକାରରୁ ବଞ୍ଚିତ ହୋଇଥିଲେ । ତାଙ୍କ ଅନୁଯାୟୀ, ଏମାନଙ୍କ ମଧ୍ୟରୁ ପ୍ରାୟ ୨୨ ଲକ୍ଷ ଲୋକ ନାମ ବାଦ ଦିଆଯିବା ବିରୋଧରେ ଆବେଦନ କରିଥିଲେ । ପ୍ରାୟ ୧ ଲକ୍ଷ ଆବେଦନର ନିଷ୍ପତ୍ତି ହୋଇଥିବାବେଳେ ସେଥିରୁ ପ୍ରାୟ ୯୩ ପ୍ରତିଶତ ମାମଲାରେ ମତଦାତାଙ୍କ ସପକ୍ଷରେ ନିଷ୍ପତ୍ତି ହୋଇଥିବା ସେ ଦାବି କରିଛନ୍ତି । ନରିମାନଙ୍କ ମତରେ, ଯଦି ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରୁ ଭୁଲ୍ ଭାବେ ବାଦ ପଡ଼େ, ତେବେ ଏହା ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଗୁରୁତର ପ୍ରଭାବ ପକାଇପାରେ । ଏହି କାରଣରୁ ନିର୍ବାଚନ ଆୟୋଗର କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା ଓ ଜବାବଦେହିତା ରହିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି । ସେହିପରି, ନିର୍ବାଚନ କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ମଧ୍ୟ ନରିମାନ ପ୍ରଶ୍ନ ଉଠାଇଛନ୍ତି ।

## ଘୃଣାଭାଷଣ ଦେଇଥିବା ନେତାଙ୍କ ବିରୋଧରେ ଏଫ୍‌ଆଇଆର୍ ଆବେଦନ ହାଇକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୫ ।୧୦(ଏଜେନ୍ସି): ୨୦୨୦ ମସିହାର ଉତ୍ତର-ପୂର୍ବ ଦିଲ୍ଲୀ ଦଙ୍ଗା ସହ ଜଡ଼ିତ କଥିତ ଘୃଣାଭାଷଣ ମାମଲାରେ ରାଜନେତାଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ ଓ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଦ୍ୱାରା ତଦନ୍ତ ଦାବି କରି ଦାଖଲ ହୋଇଥିବା ୧୫ଟି ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଛନ୍ତି । ସୋମବାର ଜଷ୍ଟିସ୍ ବିବେକ ଚୌଧୁରୀ ଓ ଜଷ୍ଟିସ୍ ମନୋଜ ଜୈନଙ୍କ ଖଣ୍ଡପୀଠ ଏହି ଆବେଦନଗୁଡ଼ିକର ଶୁଣାଣି କରିଥିଲେ । ୨୦୨୦ରେ ଦଙ୍ଗା ପରେ ଦାଖଲ ହୋଇଥିବା ଏହି ଆବେଦନଗୁଡ଼ିକରେ ନାଗରିକତା ସଂଶୋଧନ ଆଇନ (ସିଏଏ) ଓ ଜାତୀୟ ନାଗରିକ ପଞ୍ଜି (ଏନ୍‌ଆର୍‌ସି) ବିରୋଧୀ ଆନ୍ଦୋଳନ ସମୟରେ କେତେକ ରାଜନେତାଙ୍କ ଭାଷଣ ହିଂସାକୁ ଉସୁକାଇଥିବା ଅଭିଯୋଗ କରାଯାଇଥିଲା । ଏଥିସହ ଦଙ୍ଗା ସମୟରେ କର୍ତ୍ତବ୍ୟରେ ଅବହେଳା କରିଥିବା ଅଭିଯୋଗ ଥିବା କିଛି ପୁଲିସ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା । ଶେଖ ମୁଜତବାଙ୍କ ପକ୍ଷରୁ ଦାଖଲ ଏକ ଆବେଦନରେ ବିଜେପି ନେତା କପିଲ ମିଶ୍ର, ଅନୁରାଗ ଠାକୁର, ପରବେଶ ବର୍ମା ଓ ଅଭୟ ବର୍ମାଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିବାକୁ ଦାବି ହୋଇଥିଲା । ଆବେଦନକାରୀଙ୍କ ଅଭିଯୋଗ ଥିଲା ଯେ, ଏହି ନେତାମାନଙ୍କ କେତେକ ଭାଷଣ ଦଙ୍ଗା ପୂର୍ବରୁ ଉତ୍ତେଜନା ସୃଷ୍ଟି କରିଥିଲା । ଦଙ୍ଗା ପୂର୍ବରୁ ଏକ ସଭାରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ବିରୋଧୀ ପ୍ରଦର୍ଶନକାରୀଙ୍କୁ ନେଇ ଏକ ଆପତ୍ତିଜନକ ସ୍ଲୋଗାନ ଦେବାକୁ ଲୋକଙ୍କୁ ଉତ୍ସାହିତ କରିଥିବା ଅଭିଯୋଗ ଆବେଦନରେ ଉଲ୍ଲେଖ ହୋଇଥିଲା । ସେହିପରି ପରବେଶ ବର୍ମାଙ୍କ ଏକ ବକ୍ତବ୍ୟକୁ ନେଇ ମଧ୍ୟ ଅଭିଯୋଗ ଉଠିଥିଲା ।

## ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ରୋକିବାକୁ କଠୋର ପଦକ୍ଷେପ ନେଉ ପୁଲିସ

ନୂଆଦିଲ୍ଲୀ, ୫ ।୧୦(ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆର୍‌ରେ ନାବାଳିକାଙ୍କ ସହ ସମ୍ପ୍ରତି ଘଟିଥିବା ୩ଟି ଗଣଦୁଷ୍କର୍ମ ଘଟଣାକୁ ନେଇ ସୁପ୍ରିମକୋର୍ଟ କଠୋର ମନୋଭାବ ପ୍ରକାଶ କରିଛନ୍ତି । କେବଳ କାଗଜପତ୍ରରେ ପଦକ୍ଷେପ ଦର୍ଶାଇଲେ ହେବନାହିଁ, ପୁଲିସକୁ ଆବଶ୍ୟକ ହେଲେ କଠୋର ପଦକ୍ଷେପ ନେବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି । ଏହି ୩ ଘଟଣା ସମ୍ପର୍କରେ କୋର୍ଟ ନିଜଆଡୁ ମାମଲା ଗ୍ରହଣ କରି ଦିଲ୍ଲୀ ପୁଲିସ ଓ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ୪ ସପ୍ତାହ ମଧ୍ୟରେ ଜବାବ ଦେବାକୁ କହିଛନ୍ତି । ଅଗଷ୍ଟ ୪ରେ ଗ୍ରେଟର ନୋଏଡାରୁ ଦିଲ୍ଲୀ ଆସୁଥିବା ବସ୍‌ରେ ୧୬ ବର୍ଷୀୟା ନାବାଳିକାଙ୍କ ସହ ଗଣଦୁଷ୍କର୍ମ ଅଭିଯୋଗ ହୋଇଥିଲା । ସେହିପରି ସେପ୍ଟେମ୍ବର ୧୨ରେ ସ୍ୱରୂପ ନଗରରେ ୧୬ ବର୍ଷୀୟାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ ଆସିଥିଲା । ସେପ୍ଟେମ୍ବର ୨୧ରେ ଆସ୍ଥା କୁଞ୍ଜ ପାର୍କରେ ଜଣେ ୧୭ ବର୍ଷୀୟା ଛାତ୍ରୀଙ୍କୁ ନକଲି ପୁଲିସ ସାଜିଥିବା ୩ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ସାର୍ବଜନୀନ ସ୍ଥାନଗୁଡ଼ିକୁ ଅନ୍ଧାର, ନିରୀକ୍ଷଣ ଅଭାବ ଓ ପାଟ୍ରୋଲିଂର ଅଭାବ ଯୋଗୁଁ 'ବିପଦପ୍ରବଣ ଅଞ୍ଚଳ'ରେ ପରିଣତ ହେବାକୁ ଦିଆଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି । ଅପରାଧ ରୋକିବାରେ ବିଫଳ ଅଧିକାରୀଙ୍କ ଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରିବା ଆବଶ୍ୟକ ବୋଲି କୋର୍ଟ ମତ ଦେଇଛନ୍ତି ।

## ରୁଷିଆରେ ବ୍ୟାପୁଛି 'ପ୍ଲେଗ୍': ଲାବ୍ ଗବେଷକଙ୍କ ମୃତ୍ୟୁ ପରେ ସଂଗରୋଧରେ ୨୦୦



ନୂଆଦିଲ୍ଲୀ, ୫ ।୧୦(ଏଜେନ୍ସି): ସାଇବେରିଆର ଏକ ଆଣ୍ଟି-ପ୍ଲେଗ୍ ଗବେଷଣା ପ୍ରତିଷ୍ଠାନର ୨୮ ବର୍ଷୀୟ ମହିଳା ଗବେଷକଙ୍କ ଗୁରୁତର ନିମୋନିଆରେ ମୃତ୍ୟୁ ପରେ ରୁଷିଆରେ ପ୍ରାୟ ୨୦୦ ଜଣଙ୍କୁ ଚିକିତ୍ସା ନିରୀକ୍ଷଣରେ ରଖାଯାଇଛି । ତେବେ ଏହା ପ୍ଲେଗ୍ ଯୋଗୁ ହୋଇଥିବା କିମ୍ବା ଦେଶରେ କୌଣସି ବ୍ୟାପକ ପ୍ଲେଗ୍ ସଂକ୍ରମଣ ହୋଇଥିବା ନେଇ ଅଧିକାରୀମାନେ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହାନ୍ତି । ରିପୋର୍ଟ ଅନୁସାରେ ମୃତ ଗବେଷକଙ୍କ ନାମ ଦାର୍ୟା ସିପିଲୋଭା । ସେ ଇରକୁତ୍‌ସ୍କ ଆଣ୍ଟି-ପ୍ଲେଗ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ କାର୍ଯ୍ୟରତ ଥିଲେ । ସେପ୍ଟେମ୍ବର ୨୯ରେ ଗୁରୁତର ନିମୋନିଆ ନେଇ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଭେଣ୍ଟିଲେଟରରେ ରଖାଯାଇଥିଲେ ମଧ୍ୟ ଦୁଇ ଦିନ ପରେ ତାଙ୍କ ମୃତ୍ୟୁ ହୋଇଥିଲା । ରୁଷିଆର ଜନସ୍ୱାସ୍ଥ୍ୟ ନିରୀକ୍ଷଣ ସଂସ୍ଥା ରୋସପୋଟ୍ରେବନାଡଜୋର କହିଛି, ରୋଗର କାରଣ ଏପର୍ଯ୍ୟନ୍ତ ଅଜଣା ଏବଂ ତାଙ୍କ ଶରୀରରେ ଗବେଷଣା କାର୍ଯ୍ୟ ସହ ଜଡ଼ିତ କୌଣସି ଜୀବାଣୁ ମିଳିନାହିଁ । ତେବେ ରିପୋର୍ଟ ଅନୁସାରେ, ଗବେଷକ ଜଣକ ଏକ କ୍ଷେତ୍ର ଅଭିଯାନ ସମୟରେ ଜୀବନ୍ତ ଜୀବାଣୁ ଥିବା ଏକ ଟେଷ୍ଟ ଟ୍ୟୁବ୍ ଦୁର୍ଘଟଣାବଶତଃ ଭାଙ୍ଗିଯାଇଥିବା କଥା ଚିକିତ୍ସକଙ୍କୁ କହିଥିଲେ । ଏହି ଘଟଣା ଯୋଗୁ ଲାବରେଟୋରିରେ ସମ୍ଭାବ୍ୟ ସଂକ୍ରମଣ ନେଇ ପ୍ରଶ୍ନ ଉଠିଛି । ତେବେ ଏହି ଦାବିର ସ୍ୱାଧୀନ ପୁଷ୍ଟି ହୋଇନାହିଁ । ଗବେଷକଙ୍କ ସହ ସମ୍ପର୍କରେ ଆସିଥିବା ଲୋକଙ୍କୁ ଚିହ୍ନଟ କରି ପ୍ରାୟ ୨୦୦ ଜଣଙ୍କୁ ନିରୀକ୍ଷଣରେ ରଖାଯାଇଛି । ଅଧିକାରୀଙ୍କ ଅନୁସାରେ, ଏପର୍ଯ୍ୟନ୍ତ କାହାଠାରେ ଲକ୍ଷଣ ଦେଖାଯାଇନାହିଁ ଏବଂ ପରୀକ୍ଷା ଫଳାଫଳ ମଧ୍ୟ ନେଗେଟିଭ୍ ରହିଛି । ଅଞ୍ଚଳର ଏକ ଆଲୁମିନିୟମ କାରଖାନା କର୍ମଚାରୀଙ୍କୁ ସତର୍କତାମୂଳକ ଭାବେ ମାସ୍କ ପିନ୍ଧିବାକୁ କହିଛି । ଏହି ଘଟଣାକୁ ନେଇ ପ୍ଲେଗ୍ ଆଶଙ୍କା ଉଠିଥିଲେ ମଧ୍ୟ ରୁଷିଆ ସରକାର ଏପର୍ଯ୍ୟନ୍ତ ଏହାକୁ ପ୍ଲେଗ୍ ମାମଲା ବୋଲି ନିଶ୍ଚିତ କରିନାହାନ୍ତି । ବୁରିଆତିଆ ଅଞ୍ଚଳର ମୁଖ୍ୟ ଆଲେକ୍‌ସେଇ ସିଡେନୋଭ୍ କହିଛନ୍ତି, ମହିଳାଙ୍କ ମୃତ୍ୟୁ ସମ୍ଭବତଃ ପ୍ଲେଗ୍ ଯୋଗୁ ହୋଇଥାଇପାରେ । କିନ୍ତୁ ସେହି ଅଞ୍ଚଳରେ ପ୍ଲେଗ୍‌ର କୌଣସି ବ୍ୟାପକ ସଂକ୍ରମଣ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଏହି ଘଟଣା ପରେ ରୁଷିଆର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଆନ୍ନା ପୋପୋଭା ସାଇବେରିଆ ଯାଇ ପରିସ୍ଥିତିର ସମୀକ୍ଷା କରିଛନ୍ତି । ସ୍ଥାନୀୟ ପ୍ରଶାସନ ଲୋକଙ୍କୁ ଗୁଜବରେ ବିଶ୍ୱାସ ନକରି କେବଳ ସରକାରୀ ସୂଚନା ଉପରେ ଭରସା କରିବାକୁ ଅପିଲ୍ କରିଛି । ବିଶେଷଜ୍ଞଙ୍କ ଅନୁସାରେ, ନିମୋନିକ୍ ପ୍ଲେଗ୍ ହେଉଛି ୟର୍ସିନିଆ ପେଷ୍ଟିସ୍ ଜୀବାଣୁ ଦ୍ୱାରା ହେଉଥିବା ପ୍ଲେଗ୍‌ର ଏକ ରୂପ । ଏହା ଫୁସଫୁସକୁ ପ୍ରଭାବିତ କରେ ଏବଂ ଶ୍ୱାସଜନିତ ତରଳ କଣିକା ମାଧ୍ୟମରେ ମଣିଷଠାରୁ ମଣିଷକୁ ସଂକ୍ରମଣ ହୋଇପାରେ । ଶୀଘ୍ର ଚିହ୍ନଟ ହେଲେ ଆଣ୍ଟିବାୟୋଟିକ୍ ଦ୍ୱାରା ଏହାର ଚିକିତ୍ସା ସମ୍ଭବ ।

# ପୂର୍ବତନ ନିର୍ବାହୀ ଯନ୍ତ୍ରୀଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ଜଲକା

## ୨ଟି ବହୁତଳ ପ୍ରାସାଦ, ୫ ଏକରର ଫାର୍ମହାଉସ ସହ ୨୦ଟି ଦାମୀ ପ୍ଲଟ୍ ଠାବ

ବାରିପଦା/ବେତନଟୀ/ବାଲେଶ୍ୱର, ୫।୧୦(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ଡିଭିଜନ ଅଧୀନ ବେତନଟୀ ରାସ୍ତା ଓ ଗୃହ ନିର୍ମାଣ (ଆର ଆଣ୍ଡ ବି) ଉପଖଣ୍ଡର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କ ବିଭିନ୍ନ ଠିକଣା ଉପରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଛି । ବାରିପଦା





ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତିଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ୩ ଜଣ ଏସପି, ୫ ଜଣ ଡିଏସପି ଓ ୮ ଜଣ ଇନ୍ସପେକ୍ଟରଙ୍କ ନେତୃତ୍ୱରେ ମୟୂରଭଞ୍ଜ, ବାଲେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲାର ମୋଟ ୧୦ଟି ସ୍ଥାନରେ ଏହି ଖାନତଲାସ ଚାଲିଛି । ଚଢ଼ଉ ବେଳେ ବାଲେଶ୍ୱର ଅଙ୍ଗାରଗଡ଼ିଆସ୍ଥ ୩ ମହଲା କୋଠା, ଖୋର୍ଦ୍ଧା ବାଲିଅନ୍ତାରେ ୨ ମହଲା କୋଠା, ବେତନଟୀସ୍ଥ କାର୍ଯ୍ୟାଳୟ ଓ ସରକାରୀ ବାସଭବନ, ବାଲେଶ୍ୱର ଜଳେଶ୍ୱର ରଘୁଁ-ରାମଚନ୍ଦ୍ରପୁରରେ ପୈତୃକ ଘର, ବସନ୍ତପୁରସ୍ଥ ଫାର୍ମହାଉସ, ବାମପଦାସ୍ଥ ଘର ସମେତ ତାଙ୍କର ୩ ଜଣ ଘନିଷ୍ଠ ସହଯୋଗୀଙ୍କ ବାସଭବନରେ ଯାଞ୍ଚ ଜାରି ରହିଛି । ତଲାସି କାଳରେ ଶ୍ରୀ ମହାନ୍ତି ଓ ତାଙ୍କ ପରିବାର ନାମରେ ବାଲେଶ୍ୱର ଅଙ୍ଗାରଗଡ଼ିଆରେ ପ୍ରାୟ ୩୫୦୦ ବର୍ଗଫୁଟର ଏକ ଆଲିସାନ ୩ ମହଲା ପ୍ରାସାଦ, ବାଲିଅନ୍ତାରେ ୧୮୦୦ ବର୍ଗଫୁଟର ୨ ମହଲା କୋଠା, ବସନ୍ତପୁରରେ ୨ଟି ପୋଖରୀ ଓ କୁକୁଡ଼ା ଫାର୍ମ ଥିବା ୫ ଏକରର ଏକ ବିରାଟ ଫାର୍ମହାଉସ, ବାଲେଶ୍ୱର ଓ ଏହା ଆଖପାଖ ଅଞ୍ଚଳରେ ୨୦ଟି ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି । ଏଥିସହ ବାସଭବନରୁ ନଗଦ ୨ ଲକ୍ଷ ୭ ୭ ହଜାର ଟଙ୍କା ଓ ବାଲେଶ୍ୱରର ଆକ୍ସିସ ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ଲକରରୁ ୫ ଲକ୍ଷ ୩୦ ହଜାର ୫୦୦

■ ୩୦୦ ଗ୍ରାମ ସୁନା ଓ ୮ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଜବତ
■ ୩ ଜିଲ୍ଲାର ୧୦ଟି ସ୍ଥାନରେ ଚଢ଼ଉ

ଟଙ୍କା ମିଶି ସର୍ବମୋଟ ୮ ଲକ୍ଷ ୭ ହଜାର ୫୦୦ ଟଙ୍କା ଜବତ ହୋଇଛି ।

ଅନ୍ୟପକ୍ଷରେ ପ୍ରାୟ ୩୦୦ ଗ୍ରାମ ସୁନା ଗହଣା, ଗୋଟିଏ ବ୍ରେଜା କାର୍ ଓ ୨ଟି ବାଇକ୍ ଜବତ କରାଯାଇଛି । ଠାବ ହୋଇଥିବା ସ୍ଥାବର ସମ୍ପତ୍ତିର ଆକଳନ ଭିଜିଲାନ୍ସ ଟେକ୍ନିକାଲ ୱିଙ୍ଗ୍ ଦ୍ୱାରା ଜାରି ରହିଛି । ସେବା ରେକର୍ଡ ମୁତାବକ, ଶ୍ରୀ ମହାନ୍ତି ୧୯୯୭ ଅଗଷ୍ଟ ୪ରେ ମାତ୍ର ୫ ହଜାର ଟଙ୍କା ମାସିକ ଦରମାରେ ବେତନଟୀ ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ନବରଙ୍ଗପୁର ଇଡ୍‌କୋ, ବାହାନଗା, ସୋର, ବୈଶିଙ୍ଗା, ମହିଧରପୁର ଓ ପାଣିକୋଇଲିରେ କାର୍ଯ୍ୟ କରିବା ପରେ ଗତ ସେପ୍ଟେମ୍ବର ୨୯ରେ ସେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ । ସ୍ୱଳ୍ପ ଦରମାରୁ ଚାକିରି ଆରମ୍ଭ କରି ଏତେ ପରିମାଣର କୋଟି କୋଟି ଟଙ୍କାର ସମ୍ପତ୍ତି ସେ କିଭଳି ଠୁଳ କଲେ, ସେ ନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଚାଲିଛି ।

**ଲିଗାଲ୍ ହେୟାର ସାର୍ଟିଫିକେଟ୍ ପାଇଁ ଲାଞ୍ଚ**

## ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ

ଭୁବନେଶ୍ୱର, ୫।୧୦(ସମିସ): ଲିଗାଲ୍ ହେୟାର ସାର୍ଟିଫିକେଟ୍ ତଦନ୍ତ ରିପୋର୍ଟ ପାଇଁ ଲାଞ୍ଚ ନେବା ମହଙ୍ଗା ପଡ଼ିଛି । ଲାଞ୍ଚ ନେବାବେଳେ ଭୁବନେଶ୍ୱର ତହସିଲ କେଶରୀ ନଗର ଆର୍‌ଆଇ ସର୍କଲ୍‌ର ରାଜସ୍ୱ ନିରୀକ୍ଷକ ନିରଞ୍ଜନ ସିଂହଙ୍କୁ ଧରିଛି ଭିଜିଲାନ୍ସ । ଭିଜିଲାନ୍ସ ଦ୍ୱାରା ଧରାପଡ଼ିବା ପରେ ନିରଞ୍ଜନଙ୍କ ସହ ସଂପୃକ୍ତ ଦୁଇଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଆୟବହିର୍ଭୂତ ସମ୍ପତ୍ତି (ଡିଏ) ଦିଗରୁ ଚଢ଼ଉ ଜାରି ରହିଛି ।



ସୂଚନା ଅନୁସାରେ, ଅଭିଯୋଗକାରୀ ତାଙ୍କ ମାଆ ଓ ସାନଭାଇଙ୍କ ମୃତ୍ୟୁ ପରେ ଲିଗାଲ୍ ହେୟାର ସାର୍ଟିଫିକେଟ୍ ପାଇଁ ଗତ ୯ ସେପ୍ଟେମ୍ବରରେ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ । ଆବେଦନ ସହ ଆବଶ୍ୟକ ସମସ୍ତ କାଗଜପତ୍ର ମଧ୍ୟ ଦାଖଲ କରିଥିଲେ । ଏହାପରେ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ନିରଞ୍ଜନଙ୍କୁ ୩/୪ ଥର ଭେଟି ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ସଂପୃକ୍ତ ଅଧିକାରୀଙ୍କ ନିକଟକୁ ଅନ୍‌ଲାଇନ୍‌ରେ ଦାଖଲ କରିବାକୁ ଅନୁରୋଧ କରିଥିଲେ । ହେଲେ ଆର୍‌ଆଇ ଜଣକ କୌଣସି କାରଣ ନ ଥାଇ ପ୍ରକ୍ରିୟାକୁ ବିଳମ୍ବ କରିବା ସହ ରିପୋର୍ଟ ପାଇଁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଆବେଦନକାରୀ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ପାଇବା ପରେ ଭିଜିଲାନ୍ସ ଟିମ୍ ଯୋଜନାବଦ୍ଧ ଭାବେ ଜାଲ ବିଛାଇଥିଲା । ସୋମବାର ମଧ୍ୟାହ୍ନରେ ଅଭିଯୋଗକାରୀଙ୍କଠାରୁ ନିରଞ୍ଜନ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା । ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି ।

**ଏମ୍‌ଡିଏମ୍ ଟଙ୍କା ଛାଡ଼ିବାକୁ ଲାଞ୍ଚ**

## ପ୍ରଧାନଶିକ୍ଷକଙ୍କୁ ଧରିଲା ଭିଜିଲାନ୍ସ

ଭୁବନେଶ୍ୱର, ୫।୧୦(ସମିସ): ମଧ୍ୟାହ୍ନଭୋଜନ (ଏମ୍‌ଡିଏମ୍) ଯୋଜନାରେ ଖର୍ଚ୍ଚ ହୋଇଥିବା ଟଙ୍କା ଛାଡ଼ିବା ପାଇଁ ଲାଞ୍ଚ ନେଇ ଧରାପଡ଼ିଛନ୍ତି ପ୍ରଧାନଶିକ୍ଷକ । ଆଉ କାହାରି ଠାରୁ ନୁହେଁ; ଖୋଦ୍ ସେହି ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାଲିପାଟଣା ବ୍ଲକ୍ ଅଧୀନ ଗୁଆପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶେଖ୍ ରିୟାଜ ଅଲ୍ଲୀ । ତାଙ୍କଠାରୁ ସମ୍ପୂର୍ଣ୍ଣ ୧୫ ହଜାର ଲାଞ୍ଚ ଟଙ୍କା ଜବତ କରାଯାଇଛି ।



ଭିଜିଲାନ୍ସ ସୂଚନାନୁସାରେ, ଗୁଆପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ନିଜ ଖର୍ଚ୍ଚରେ ଚାରି ମାସ ଧରି ଏମ୍‌ଡିଏମ୍ ଯୋଜନାରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇଥିଲେ । ଏହି ବାବଦ ଟଙ୍କା ପାଇଁ ଅନୁଦାନ ଆସିବା ପୂର୍ବରୁ ତାଙ୍କର ବଦଳି ହୋଇ ଯାଇଥିଲା । ପରେ ସରକାରୀ ନିୟମ ଅନୁସାରେ ତାଙ୍କ ଖର୍ଚ୍ଚ ଟଙ୍କା ଚେକ୍ ମାଧ୍ୟମରେ ଦେବାକୁ ସେ ବର୍ତ୍ତମାନର ପ୍ରଧାନଶିକ୍ଷକ ରିୟାଜ ଅଲ୍ଲୀଙ୍କୁ ଅନୁରୋଧ କରିଥିଲେ । ହେଲେ ଚେକ୍ ଜାରି କରି ଟଙ୍କା ଦେବା ପାଇଁ ରିୟାଜ୍ ୧୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଲାଞ୍ଚ ଦେବାକୁ ଅନିଚ୍ଛୁକ ପୂର୍ବତନ ପ୍ରଧାନଶିକ୍ଷକ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ପୂର୍ବ ଯୋଜନା ମୁତାବକ ଆଜି ଅଭିଯୋଗକାରୀଙ୍କଠାରୁ ରିୟାଜ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା । ଘଟଣା ପରେ ଆୟବହିର୍ଭୂତ ସମ୍ପତ୍ତି (ଡିଏ) ଦିଗରୁ ପ୍ରଧାନଶିକ୍ଷକ ରିୟାଜ ଅଲ୍ଲୀଙ୍କ ସହ ସଂପୃକ୍ତ ଦୁଇଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଜାରି ରହିଛି । ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ତଦନ୍ତ ଜାରି ରହିଛି ।

**ସୁପ୍ରିମକୋର୍ଟର ସ୍ପଷ୍ଟୀକରଣ ପରେ ବିଜେଡିର ଦାବି**

## ମୁଖ୍ୟ ନିର୍ବାଚନ କମିଶନର ତୁରନ୍ତ ଇସ୍ତଫା ଦିଅନ୍ତୁ

ଭୁବନେଶ୍ୱର, ୫।୧୦(ସମିସ): ଏସ୍‌ଆଇଆର ପ୍ରକ୍ରିୟାରେ ଫର୍ମ-୬ରେ ସଂଶୋଧନ କରିବାର କ୍ଷମତା ନିର୍ବାଚନ ଆୟୋଗଙ୍କ ପରିସରଭୁକ୍ତ ନୁହେଁ ବୋଲି ସୋମବାର ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସ୍ପଷ୍ଟ କରିଛନ୍ତି । ନିର୍ବାଚନ ଆୟୋଗ ଏକ ବିଜ୍ଞପ୍ତି ଜରିଆରେ



ସୁପ୍ରିମକୋର୍ଟଙ୍କ ଅନୁମତିରେ ଫର୍ମ ୬ରେ ପରିବର୍ତ୍ତନ ହୋଇଛି ବୋଲି ଯେଉଁ ସଫେଇ ଦେଇଥିଲେ ସୁପ୍ରିମକୋର୍ଟ ଆଜି ତାକୁ ଖଣ୍ଡନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ କମିଶନ ତାଙ୍କ ପଦରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜେଡି ଦାବି କରିଛି ।

ସୋମବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି ମୁଖ୍ୟ ନିର୍ବାଚନ ଆୟୋଗ ଓ ବିଜେପି ସରକାର ଉପରେ ବର୍ଷିଛନ୍ତି । ଡ. ସାମନ୍ତସିଂହାର କହିଛନ୍ତି ଯେ ଏସ୍‌ଆଇଆର ପ୍ରକ୍ରିୟାରେ ପୂରା ଭାରତବର୍ଷରେ ୧୩ କୋଟି ଭୋଟରଙ୍କୁ ବାଦ୍ ଦିଆଗଲା । ସେହିପରି ଓଡ଼ିଶାରେ ପ୍ରାୟ ୨୭ ଲକ୍ଷ ୫୦ ହଜାର ଭୋଟରଙ୍କ ନାମକୁ ମନମୁଖୀ ଭାବେ ବାଦ୍ ଦିଆଗଲା । ଭାରତୀୟ ଜନତା ପାର୍ଟିକୁ ଆଗାମୀ ନିର୍ବାଚନରେ ଜିତାଇବା ପାଇଁ ମୁଖ୍ୟ ନିର୍ବାଚନ

■ ସାମ୍ବିଧାନିକ ପଦବୀରେ ରହି ଅସାମ୍ବିଧାନିକ କାର୍ଯ୍ୟ କରିଛନ୍ତି ସିଇସି
■ ଅଧିକ ଭୋଟ ପାଇ ବିଜେଡି ହାରିବା ପଛରେ ଇଭିଏମ ଟ୍ୟାମ୍ପରିଂ

କମିଶନର ବିଜେପିର ଏଜେଣ୍ଟ ଭଳି କାମ କରୁଛନ୍ତି । ଭାରତୀୟ ନିର୍ବାଚନ ଆୟୋଗଙ୍କ ଆଇଟି ବିଭାଗର ମୁଖ୍ୟ ସୀମା ଖାନ୍ନା ଇସିଆଇ ନେଟ୍ ଜରିଆରେ ଭୋଟର ମାନଙ୍କ ନାମକୁ ଅନୈତିକ ଭାବେ ତାଲିକାରୁ କାଟିଛନ୍ତି । ନିର୍ବାଚନ ଆୟୋଗଙ୍କ ଦ୍ୱାରା ଇସିଆଇ ନେଟ୍ ଓ ଫର୍ମ ୬ରେ ଯେଉଁ ପରିବର୍ତ୍ତନ କରାଯାଇଛି, ସେଥିରେ ସୁପ୍ରିମକୋର୍ଟଙ୍କ ଅନୁମତି ରହିଛି ବୋଲି ପ୍ରେସ ବିଜ୍ଞପ୍ତି ଜରିଆରେ ମୁଖ୍ୟ ନିର୍ବାଚନ କମିଶନର ଦେଇଥିବା ସ୍ପଷ୍ଟୀକରଣକୁ ଆଜି ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଖଣ୍ଡନ କରିଛନ୍ତି । ଏଥିସହିତ ଭାରତ ସରକାର ଓ ନିର୍ବାଚନ ଆୟୋଗଙ୍କୁ ନୋଟିସ୍ ଜାରି କରିଛନ୍ତି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ମୁଖ୍ୟ ନିର୍ବାଚନ କମିଶନର ସାମ୍ବିଧାନିକ ପଦବୀରେ ରହି ଭାରତୀୟ ଜନତା ପାର୍ଟିକୁ ନିର୍ବାଚନରେ ଜିତାଇବା ପାଇଁ ଅସାମ୍ବିଧାନିକ କାର୍ଯ୍ୟ କରିଛନ୍ତି । ଡ. ଲେନିନ ମହାନ୍ତି କହିଛନ୍ତି ଯେ ସାମ୍ବିଧାନିକ ସଂସ୍ଥା ଭାରତୀୟ ନିର୍ବାଚନ କମିଶନଙ୍କ ଦମ୍ଭୋକ୍ତି ଉପରେ ଆଜି ସୁପ୍ରିମକୋର୍ଟ ଯେଉଁ ସ୍ପଷ୍ଟୀକରଣ ଦେଇଛନ୍ତି, ଏହା ପ୍ରମାଣ କରୁଛି ଯେ ଗତ ୨୬ ତାରିଖରେ ନିର୍ବାଚନ କମିଶନର ଯେଉଁ ପ୍ରେସ ବିଜ୍ଞପ୍ତି ଦେଇଥିଲେ, ତାହା ସତ୍ୟ ଓ ତଥ୍ୟ ଉପରେ ଆଧାରିତ ନୁହେଁ । ୨୦୨୪ ନିର୍ବାଚନରେ ମୁଖ୍ୟ ନିର୍ବାଚନ କମିଶନର ଇଭିଏମ୍ ଟ୍ୟାମ୍ପରିଂ କରି ଏକପାଖିଆ ଭାବେ ବିଜେପିକୁ ଜିତାଇଛନ୍ତି । ରାଜ୍ୟରେ ଚାଲିଥିବା ସରକାର ଏକ ଭୋଟ ଚୋରି ସରକାର । ଇସିଆଇ ଜ୍ଞାନେଶ କୁମାରଙ୍କ ଇସ୍ତଫା ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ବାରମ୍ବାର ଦାବି କରିଥିଲେ । ସାମ୍ବିଧାନିକ ସଂସ୍ଥା ନିର୍ବାଚନ କମିଶନଙ୍କ ଉପରୁ ଲୋକଙ୍କ ଭରସା ତୁଟିବା ପୂର୍ବରୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି ।

## ପ୍ରାଶାସନିକ ସ୍ତରରେ ବଡ଼ ଅଦଳବଦଳ

ଭୁବନେଶ୍ୱର, ୫।୧୦(ସମିସ): ବରିଷ୍ଠ ଓଏଏସସ୍ତରରେ ସୋମବାର ଏକ ବଡ଼ ଧରଣର ଅଦଳ ବଦଳ କରିଛନ୍ତି ରାଜ୍ୟ ସରକାର । ଏନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ବିଜ୍ଞପ୍ତି ପ୍ରକାଶ ପାଇଛି । ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଅତିରିକ୍ତ କମିଶନର ଭାବେ ଅବସ୍ଥାପିତ କରାଯାଇଛି । ସେହିପରି ବିଏମସିର ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସଙ୍କୁ ଖୋର୍ଦ୍ଧାର ଅତିରିକ୍ତ ଜିଲ୍ଲାପାଳ ତଥା ଖୋର୍ଦ୍ଧା ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତି ଦିଆଯାଇଛି । ବରିଷ୍ଠ ଓଏଏସ ଡମ୍ବରୁଧର ମଲ୍ଲିକଙ୍କୁ ବଲାଙ୍ଗୀରର ଅତିରିକ୍ତ ଜିଲ୍ଲାପାଳ ତଥା ସେହି ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ ଅବସ୍ଥାପିତ କରାଯାଇଛି ।

ବଲାଙ୍ଗୀରର ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀଙ୍କୁ ଓବି ଆଣ୍ଡ ସିସିର ସାଧାରଣ ପ୍ରବନ୍ଧକ ଭାବେ ଦାୟିତ୍ୱ ଦିଆଯାଇଛି । ସେହିପରି ଶୁଭାଶିଷ ମାନସିଂହଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ଭାବରେ ଅବସ୍ଥାପିତ କରାଯାଇଛି । ବିବେକାନନ୍ଦ ସାହୁଙ୍କୁ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଧୀନସ୍ଥ ଅତିରିକ୍ତ ସଂଶୋଧନ ଅଦାଲତ, ଭୁବନେଶ୍ୱରର ଅତିରିକ୍ତ କମିଶନର ଭାବରେ ନିଯୁକ୍ତି ମିଳିଛି । ବାସୁଦେବ ନାୟକଙ୍କୁ କଟକସ୍ଥିତ ଆରଡିସିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର(ବନ୍ଦୋବସ୍ତ ଓ ଚକବନ୍ଦୀ) ଭାବରେ ଅବସ୍ଥାପିତ କରାଯାଇଛି । ପ୍ରତାପ ପ୍ରତିମଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଓ ଆଶୁତୋଷ ସାମଲଙ୍କୁ ଓଡ଼ିଶା ମାନବାଧିକାର ଆୟୋଗର ସଚିବ ଭାବରେ ଅବସ୍ଥାପିତ କରାଯାଇଛି । ସରୋଜ କୁମାର ସ୍ୱାଇଁଙ୍କୁ କଟକ ଉନ୍ନୟନ କର୍ତ୍ତୃପକ୍ଷ (କେଡିଏ)ର ସଚିବ ଭାବେ ଅବସ୍ଥାପିତ

**ଏକାଧିକ ବରିଷ୍ଠ ଓଏଏସଙ୍କୁ ନୂଆ ଦାୟିତ୍ୱ**

କରିଛନ୍ତି ସରକାର । ଅନୁଗୋଳର ମାୟାଧର ବେହେରାଙ୍କୁ ସେହି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବରେ ନିଯୁକ୍ତି ଦିଆଯାଇଥିବା ବେଳେ ଅଶୋକ କୁମାର ଦାସଙ୍କୁ ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ଭାବରେ ଅବସ୍ଥାପିତ କରାଯାଇଛି । ଉମାକାନ୍ତ ପରିଡ଼ା ଙ୍କୁ ପର୍ଯ୍ୟଟନ ବିଭାଗର ଉପଶାସନ ସଚିବ ଏବଂ ଅନୁପ ପଣ୍ଡାଙ୍କୁ ରାଜ୍ୟ ସରକାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପଶାସନ ସଚିବ ଭାବରେ ନିଯୁକ୍ତି ଦେଇଛନ୍ତି । ପରୀକ୍ଷିତ ସାହୁଙ୍କୁ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠର ଉପଶାସନ ସଚିବ ଭାବରେ ଅବସ୍ଥାପିତ କରାଯାଇଛି । ସେହିପରି ଭାବେ ରଶ୍ମି ରଞ୍ଜନ ମହାନ୍ତଙ୍କୁ ଦେବଗଡ଼ର ଉପଜିଲ୍ଲାପାଳ ଭାବରେ ଅବସ୍ଥାପିତ କରାଯାଇଥିବା ବେଳେ ପ୍ରଭାତ କୁମାର ପରିଡ଼ାଙ୍କୁ ପାନପୋଷର ଉପଜିଲ୍ଲାପାଳ ଭାବରେ ନିଯୁକ୍ତି ମିଳିଛି । କିଶୋର କୁମାର ପଣ୍ଡାଙ୍କୁ ନୟାଗଡ଼ର ଉପଜିଲ୍ଲାପାଳ, ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଉପଶାସନ ସଚିବ , ଯଦୁମଣି ନାଏକଙ୍କୁ ବୌଦ୍ଧ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ , ଆଶିଷ ରଞ୍ଜନ ସାହୁଙ୍କୁ ଅନୁଗୋଳର ଉପଜିଲ୍ଲାପାଳ ଭାବରେ ନିଯୁକ୍ତି ମିଳିଛି । ପ୍ରେମଲାଲ ହିଆଲଙ୍କୁ ଓଡ଼ିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନର ଉପଶାସନ ସଚିବ, ପ୍ରଣୟ ରଞ୍ଜନ ବେହେରାଙ୍କୁ ବାରିପଦା ସ୍ଥିତ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଭାବରେ ଅବସ୍ଥାପିତ କରାଯାଇଛି । ଓଏଏସ ରାଜୀବ କୁମାର ବେହେରାଙ୍କୁ ମୟୂରଭଞ୍ଜ ଜିଲ୍ଲା ଉଦଳାର ଉପଜିଲ୍ଲାପାଳଭାବେ ଦାୟିତ୍ୱ ମିଳିଥିବା ବେଳେ ଡି.ଏସ୍. ଶୁଭଦର୍ଶୀ ଯୋଶୀଙ୍କୁ ଚମ୍ପୁଆ ଉପଜିଲ୍ଲାପାଳ, ସ୍ୱାଗତ ଦାସଙ୍କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ଡେପୁଟି କମିଶନର ଏବଂ ମନୋରମା ଭୂୟାଁଙ୍କୁ କଟକସ୍ଥିତ ଜମି ରେକର୍ଡ ଏବଂ ସେଟେଲମେଣ୍ଟ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ଭାବେ ଅବସ୍ଥାପିତ କରାଯାଇଛି । ସେହିପରି ଓଏଏସ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ କଳାହାଣ୍ଡି ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି ।

**ଅଶାନ୍ତ ଧର୍ମଶାଳା**

## ଆଉ ଜଣେ ବିଜେଡି କର୍ମୀଙ୍କୁ ଆକ୍ରମଣ

ଜେନାପୁର, ୫।୧୦(ସମିସ): ଗତକାଲି ଅପରାହ୍ନରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଧୁପୁରଗଡ଼ ଠାରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବିଜୁଜନତା ଦଳର କର୍ମୀ ମାନଙ୍କ ଉପରେ ଶାସକ ଦଳର ସମର୍ଥକ ମାନେ ଆକ୍ରମଣ କରିଥିଲେ । ବିଜୁ ଜନତା ଦଳ ଜନସଂପର୍କ ପଦଯାତ୍ରା ନିମନ୍ତେ ସଭା ଆୟୋଜନ କରିଥିବାବେଳେ ଏହାକୁ ନେଇ ରାଜନୈତିକ ଉଦ୍ଦେଶ୍ୟ ରଖି ହିମାଂଶୁଙ୍କ ସମର୍ଥକ ମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଉଭୟଙ୍କ ପକ୍ଷରୁ ପୃଥକ୍ ପୃଥକ୍ ୪ଟି ମାମଲା ରୁଜୁ ହୋଇଛି । ଅନ୍ୟପକ୍ଷରେ ଆଜି ଆଉ ଜଣେ ବିଜେଡି କର୍ମୀଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଘଟଣାଟି ଜେନାପୁର ପୁଲିସ ଉପସ୍ଥିତିରେ ଘଟିଥିଲେ ମଧ୍ୟ ପୁଲିସ ବିହିତ କାର୍ଯ୍ୟାନୁଷ୍ଠାନ ନେଇ ନଥିଲା । ସେଥିପାଇଁ ଏ ନେଇ ଯାଜପୁର ଜିଲ୍ଲା ପାଣିକୋଇଲି ସ୍ଥିତ ଆରକ୍ଷୀ କାର୍ଯ୍ୟାଳୟରେ ଯାଜପୁର ବିଜୁଜନତା ଦଳର

■ ପୃଥକ୍ ପୃଥକ୍ ୪ ଟି ମାମଲା ରୁଜୁ
■ ଘଟଣାସ୍ଥଳରେ ୧୬୩ ଧାରା ଜାରି

ନେତୃମଣ୍ଡଳୀଙ୍କ ସହ ପ୍ରଣବ ବଳବନ୍ତରାୟ ଆରକ୍ଷୀ ଅଧିକ୍ଷକ ଏସ୍‌ପିଙ୍କୁ ସାକ୍ଷାତ କରି ଅଭିଯୁକ୍ତଙ୍କ ନାଁରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ହେଲେ ରାଜେଶ ପାଳ, ମନୋଜ ପଲେଇ, ଶ୍ରୀବତ୍ସ ଧିର, ସଞ୍ଜୀବ ଜେନା, ଅଭିଷେକ ରାଉତ, ସୌମ୍ୟରଞ୍ଜନ ରଣମଣ୍ଡାନ, ଅଭୟ ଦାଶ, କୃଷ୍ଣଚନ୍ଦ୍ର ଜେନାମଣି, ତପନ ପରିଡ଼ା, ବିଶ୍ୱରଞ୍ଜନ ବଳ, ବୁନା ପରିଡ଼ା, ଆଶିଷ ଧିର, ଲିକୁନ୍ ସାମଲ, କାଶୀନାଥ ସେଠୀ, ଅନୀଲ ବଳ, ଦିବ୍ୟରଞ୍ଜନ ଦାସ ସହ ଅନ୍ୟ ୫୦ ଜଣ ବ୍ୟକ୍ତି ଧର୍ମଶାଳା ବିଧାୟକଙ୍କ ସମର୍ଥକ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି । ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି ଉପଯୁକ୍ତ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଦାବି କରାଯାଇ ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଧର୍ମଶାଳା ଅଞ୍ଚଳରେ ବାରମ୍ବାର ଏଭଳି ହିଂସାକାଣ୍ଡ ଘଟଣାକୁ ସବୁ ମହଲରୁ ନିନ୍ଦା କରାଯାଇଛି । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟି ଦେଇ ଏଇଭଳି ଅମାନୁଷିକ ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପୁଲିସ ପ୍ରଶାସନକୁ ଅବଗତ କରାଇଥିଲେ । ସେହିପରି ବିଜୁଜନତା ଦଳ ପଞ୍ଚାୟତ ସଭାପତି ଜଗଦୀଶ ଜେନାମଣିଙ୍କ ଘରେ ପଶି ସପରିବାରକୁ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ । ଘର ଭିତରେ ବୃଦ୍ଧା, ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କ ଗର୍ଭବତୀ ବୋହୂଙ୍କ ପେଟକୁ ଗୋଇଠା ମାରିଥିଲେ ବୋଲି ସେ ପାଣିକୋଇଲି ଥାନାରେ ଲିଖିତ ଏତଲା ଦେଇଛନ୍ତି । ଆକ୍ରମଣକାରୀ ମାନେ ହେଲେ ଚନ୍ଦ୍ରଶେଖର ଜେନାମଣି,



ପପୁ, ଟୁକୁ, ସିବୁଲି ଧୀର, କାଶିଆ ସେଠୀ, ପାଣ୍ଡୁ ବାରିକ, ବବୁଲୁ ଜେନା, ଅଭିଷେକ ରାଉତ ସମେତ ଆଠରୁ ଦଶ ଜଣ ମୁହଁରେ କପଡ଼ା ବନ୍ଧା ବ୍ୟକ୍ତି ଘର ଭିତରକୁ ପଶି ଆସି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ନ୍ୟାୟ ଦେବାକୁ ନିବେଦନ କରିଥିଲେ । ପାଣିକୋଇଲି ଥାନା ପୁଲିସ ପୃଥକ୍ ପୃଥକ୍ ଦୁଇଟି ୮୨୫/୨୬ ଓ ୮୨୬/୨୬ ମାମଲା ରୁଜୁ କରିଛି । ଅନ୍ୟପଟେ ହିମାଂଶୁଙ୍କ ସମର୍ଥକମାନେ ଜେନାପୁର ଥାନାରେ ଧାରଣାରେ ବସି ପାଲଟା ଅଭିଯୋଗ କରି ବିଜୁ ଜନତା ଦଳର ପ୍ରତିନିଧି ଓ କର୍ମୀମାନଙ୍କ ନାମରେ ଦୁଇଟି ମାମଲା ଦାଏର କରିଥିବା ଜଣାପଡ଼ିଛି । ଘଟଣା ସ୍ଥଳରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ୧୬୩ ଧାରା ଜାରି କରି ପୁଲିସ ମୁତୟନ ହୋଇଥିବା ଦେଖିବାକୁ ମିଳିଛି । ଘଟଣାର ସ୍ଥିତି ପରଖିବା ପାଇଁ ସୋମବାର ଯାଜପୁରର ଅତିରିକ୍ତ ଏସ୍‌ପି ଶୀତିକଣ୍ଠ କାନୁନଗୋ ଓ ଯାଜପୁରରୋଡ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହି ଘଟଣାର ତଦନ୍ତ ଦାୟିତ୍ୱ ଏସ୍‌ଡିପିଓ କରିବେ ବୋଲି ଜଣାପଡିଛି । ଏଭଳି ଅମାନୁଷିକ ଓ ହିଂସାତ୍ମକ ଘଟଣାକୁ ସାରା ରାଜ୍ୟରେ ନିନ୍ଦା କରାଯାଇଛି । ଅନ୍ୟପକ୍ଷରେ ଏହି ଘଟଣା ଘଟିବାର ୨୪ ଘଣ୍ଟା ନ ବିତୁଣୁ ଆଜି ଆଉ ଜଣେ ପ୍ରଣବଙ୍କ ସମର୍ଥକଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଜାରକା ଠାରେ କୁମାରୀ ପଞ୍ଚାୟତର ବିଜେଡି ସଂଗଠକ ମନୋଜ ଦାସଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି । ପ୍ରଥମେ ତାଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି । ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ କଟକ ବଡ ଡାକ୍ତରଖାନାରେ ପହଞ୍ଚି ମନୋଜଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଥିଲେ । ଏଥିସହିତ ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିବା ସହିତ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ।

**ଧର୍ମଶାଳାର ପୂର୍ବତନ ବିଧାୟକଙ୍କୁ ଆକ୍ରମଣ ଘଟଣାରେ ବର୍ଷିଲା ବିଜେଡି**

## ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ବିଜେପି ସରକାର ଦାୟୀ

ଭୁବନେଶ୍ୱର, ୫।୧୦(ସମିସ): ଜନ ସମ୍ପର୍କ ପଦଯାତ୍ରା ସମୟରେ ଯାଜପୁର ଜିଲ୍ଲା ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ବିଜେଡି କଡ଼ା ନିନ୍ଦା କରିଛି । ରାଜ୍ୟରେ ବର୍ତ୍ତମାନ ସାଧାରଣ ଜନତାଙ୍କଠାରୁ ଜନ ପ୍ରତିନିଧିଙ୍କ ପର୍ଯ୍ୟନ୍ତ ସମସ୍ତେ ଅସୁରକ୍ଷିତ । ପ୍ରଣବଙ୍କ ଉପରେ ଆକ୍ରମଣ ଧର୍ମଶାଳା ବିଧାୟକଙ୍କ ଇଙ୍ଗିତରେ ସଂଗଠିତ ହେଉଛି । ଡବଲ ଇଞ୍ଜିନ ସରକାରରେ ରାଜ୍ୟ ସମେତ ଯାଜପୁର ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡିଛି । ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଏହିପରି ଘଟଣା ବାରମ୍ବାର ଘଟିବା ଦ୍ୱାରା ଆଇନଶୃଙ୍ଖଳା ପରିସ୍ଥିତି ଚରମ ସୀମାକୁ ପହଞ୍ଚିଛି ବୋଲି ଅଭିଯୋଗ କରି ସୋମବାର ଶଙ୍ଖ

■ ଧର୍ମଶାଳା ବିଧାୟକଙ୍କ ଇଙ୍ଗିତରେ ସଂଗଠିତ ହେଉଛି ଅପରାଧ
■ ପୁଲିସ ଉପସ୍ଥିତିରେ ବାରମ୍ବାର ଆକ୍ରମଣ କରୁଛନ୍ତି ବିଜେପି କର୍ମୀ
■ ଆକ୍ରମଣକାରୀମାନଙ୍କୁ ତୁରନ୍ତ ଗିରଫ କରାଯାଉ

ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଂଜୟ ଦାସବର୍ମା ଓ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଯାଜପୁର ଜିଲ୍ଲାର ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଡ଼ମଧୁପୁର ଗ୍ରାମ ପଞ୍ଚାୟତର ପନ୍ତୁରି ଗାଁରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ସମୟରେ ବିଜେପି କର୍ମକର୍ତ୍ତା ମାନେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥିଲେ । ବିଜେପି ସମର୍ଥକମାନେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଗାଡିକୁ ଟେକାମାଡ଼ କରି ଭାଙ୍ଗିବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ପ୍ରାୟ ୫୦ ଜଣରୁ ଅଧିକ ସଶସ୍ତ୍ର ବ୍ୟକ୍ତି ସଂଘବଦ୍ଧ ଭାବେ ପୂର୍ବ ଯୋଜନା ମୁତାବକ ଆକ୍ରମଣ କରିଥିଲେ । ବିଜେପି ସରକାରକୁ ଆସିବା ଦିନଠାରୁ ସାରା ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଧର୍ମଶାଳାରେ ବାରମ୍ବାର ଆକ୍ରମଣ ଘଟଣା ସହ ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି । ଧର୍ମଶାଳାରେ ଖଣି ମାଫିଆ, ଡ୍ରଗ୍ସ ମାଫିଆଙ୍କ ପ୍ରାଦୁର୍ଭାବ ଅନେକ ମାତ୍ରାରେ ବୃଦ୍ଧି ପାଇଛି । ମାଫିଆମାନଙ୍କ ଲିଙ୍କ୍‌ରେ କୋଟି କୋଟି ଟଙ୍କାର ଉତ୍ସ ଧର୍ମଶାଳାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଚେର ଲମ୍ବିଛି । ଯାହାଫଳରେ ଧର୍ମଶାଳା ପୁଲିସ ନିରପେକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁ ନାହାନ୍ତି । ପୁଲିସ ଉପସ୍ଥିତିରେ ଆକ୍ରମଣ ହେଲା; ହେଲେ ଅଭିଯୋଗ ପରେ ବି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପଦକ୍ଷେପ ଗ୍ରହଣ କଲେ ନାହିଁ । ଜେନାପୁର ଥାନା ଅଧିକାରୀଙ୍କ କାର୍ଯ୍ୟକଳାପ ମଧ୍ୟ ସନ୍ଦେହ ଘେରରେ ରହିଛି । ଥାନା ଅଧିକାରୀ କେଉଁ ଅଦୃଶ୍ୟ ଚାପଗ୍ରସ୍ତ ହୋଇ ରହିଛନ୍ତି ବୋଲି ଶ୍ରୀ ଦାସବର୍ମା ପ୍ରଶ୍ନ କରିଛନ୍ତି । ସରକାର ଜେନାପୁର ଥାନା ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆକ୍ରମଣକାରୀମାନଙ୍କୁ ତୁରନ୍ତ ଗିରଫ କରନ୍ତୁ । ନଚେତ ବିଜେଡି ଆଗାମୀ ଦିନରେ ଜୋରଦାର ଜବାବ ଦେବ ବୋଲି ଶ୍ରୀ ଦାସବର୍ମା କହିଛନ୍ତି ।



ବିଧାୟକ କ୍ୟାପଟେନ୍ ମିଶ୍ର କହିଛନ୍ତି ଯେ ଧର୍ମଶାଳାରେ ବାରମ୍ବାର ଅପରାଧିକ କାର୍ଯ୍ୟକଳାପ ଘଟୁଛି । ଯାହାଦ୍ୱାରା ପ୍ରଜାତନ୍ତ୍ରକୁ ହତ୍ୟା କରି ମାନବିକ ଅଧିକାରକୁ କ୍ଷୁଣ୍ଣ କରାଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଗୃହ ବିଭାଗ ରହିଛି । ତେବେ ଗୋଟିଏ ସ୍ଥାନରେ ବାରମ୍ବାର ଏହିପରି ଅପରାଧ ଘଟିବା କାରଣ ନେଇ ବିଭାଗୀୟ ତଦନ୍ତ ମୁଖ୍ୟମନ୍ତ୍ରୀ କାହିଁକି କରାଉ ନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ହେଉଛି ରାଜ୍ୟର ପରିଚୟ, ଯାହାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଗୁରୁତ୍ୱ ପ୍ରଦାନ କରୁଥିଲେ । କିନ୍ତୁ ବର୍ତ୍ତମାନ ବିଜେପି ସରକାରରେ ପ୍ରତି ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଚରମ ସୀମାରେ ପହଞ୍ଚି ଯାଇଛି । ଏହାଦ୍ୱାରା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ବାରମ୍ବାର ନିନ୍ଦିତ ହେବାରେ ଲାଗିଛି । ଗଡ଼ମଧୁପୁର ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବିଜେଡି ପକ୍ଷରୁ ଆଇନର ଆଶ୍ରୟ ନିଆଯିବ ବୋଲି କ୍ୟାପ୍‌ଟେନ୍ ମିଶ୍ର କହିଛନ୍ତି ।

### ୯ ବର୍ଷ ପରେ ଛାତ୍ରସଂସଦ ନିର୍ବାଚନ ପାଇଁ ବାଜିଲା ବିଗୁଲ

# ଏନ୍‌ସି କଲେଜରେ ଛାତ୍ର ଅଣଛାତ୍ର ସଂଘର୍ଷ



ଯାଜପୁର, ୬।୧୦(ସମିସ): ଆଜି ରାଜ୍ୟ ସରକାର ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ଘୋଷଣା କରିଛନ୍ତି। ଏହି ଘୋଷଣା ହେଉ ହେଉ ବିଭିନ୍ନ ସ୍ଥାନରେ ପ୍ରାକ୍ ନିର୍ବାଚନୀ ହିଂସା ଦେଖିବାକୁ ମିଳିଲାଣି। ଯାଜପୁରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଆଜି ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। ଅଭିଯୋଗ ମୁତାବକ ଏହି କଲେଜର ଅଣଛାତ୍ରମାନେ ବାରମ୍ବାର କଲେଜ କ୍ୟାମ୍ପସରେ ପ୍ରବେଶ କରି ନାନା ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ ହୋଇ ଆସୁଥିଲା। କିନ୍ତୁ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିଲା। ଏହାକୁ ନେଇ ଆଜି ଛାତ୍ର ଛାତ୍ରୀ ମାନେ ମହାବିଦ୍ୟାଳୟରେ ହୋହାଲ୍ଲା କରିବା ସହ ଦୀର୍ଘ ଘଣ୍ଟା ଧରି ମହାବିଦ୍ୟାଳୟରେ ମୁଖ୍ୟ ଗେଟକୁ ତାଲା ପକାଇ ରଖିଥିଲେ। ସେପଟରେ କିଛି ଛାତ୍ରଛାତ୍ରୀ କହିବା କଥା ନିର୍ବାଚନ ପୂର୍ବରୁ ଯଦି ଏପରି ଘଟଣା ଘଟୁଛି। ତେବେ ନିର୍ବାଚନ ପରେ କଣ ହେବ। ଯଦି ଏବେ ଠାରୁ କଲେଜ କ୍ୟାମ୍ପସ ପରିସର ଉତ୍ତେଜନାମୂଳକ ରହୁଛି ତେବେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ନିର୍ବାଚନ କିଭଳି ହେବ ତାକୁ ନେଇ ନାନା ସନ୍ଦେହ ଦେଖାଦେଇଛି। ଏଥିପାଇଁ ଆଜି ବିଭିନ୍ନ ଛାତ୍ର ନେତା ମାନେ ତୁରନ୍ତ କ୍ୟାମ୍ପସକୁ ଅଣଛାତ୍ରଙ୍କ ପ୍ରବେଶ ଉପରେ ରୋକ ଲଗାଇବା,ଛାତ୍ର ଛାତ୍ରୀଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇବା ଦାବୀ ରେ ଅଡି ବସିଥିଲେ। ପରେ ଏ ସଂକ୍ରାନ୍ତରେ କଲେଜ କର୍ତ୍ତୃପକ୍ଷ ଯାଜପୁର ପୋଲିସକୁ ଅବଗତ କରି ଏହାର ସମାଧାନ କରାଯିବ ବୋଲି ପ୍ରତିଶୃତି ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

## ବ୍ୟାସନଗର କଲେଜରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ

ବ୍ୟାସନଗର, ୬।୧୦(ସମିସ): ଦୀର୍ଘ ୯ ବର୍ଷ ପରେ ରାଜ୍ୟରେ ହେବାକୁ ଯାଉଛି ଛାତ୍ର ସଂସଦ ନିର୍ବାଚନ। ସୂଚନାଯୋଗ୍ୟ ଯେ ରାଜ୍ୟରେ ୨୦୧୭ ପରଠାରୁ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିବା ବେଳେ ଦୀର୍ଘ ୯ ବର୍ଷର ବ୍ୟବଧାନ ପରେ ରାଜ୍ୟରେ ପୁଣି ଛାତ୍ର ସଂସଦ ନିର୍ବାଚନ ହେବାକୁ ସରକାର ଘୋଷଣା କରିବା ପରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ବଢ଼ିବା ସହ ବିଭିନ୍ନ ଛାତ୍ର ସଂଗଠନ ଓ ଛାତ୍ର ନେତାମାନେ ମଧ୍ୟରଣକୌଶଳ ଆରମ୍ଭ କରି ଦେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଘୋଷଣା କରାଯାଇଛି। ସୂଚନା ଅନୁଯାୟୀ ଆସନ୍ତା ୭ ତାରିଖରେ ନିର୍ବାଚନ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୯ ତାରିଖରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବେ। ସେହିପରି ୧୦ ତାରିଖରେ ନାମାଙ୍କନ ପ୍ରତ୍ୟାହାର ପରେ ପ୍ରଚାର ଓ ଅନ୍ୟାନ୍ୟ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ ହେବ। ୧୫ ତାରିଖରେ ଭୋଟଗ୍ରହଣ ଓ ଭୋଟ ଗଣତି ହେବ। ୧୬ ତାରିଖରେ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ ଯେ ଛାତ୍ର ସଂସଦ ନିର୍ବାଚନ ଯୋଗୁଁ ରାଜ୍ୟରେ ଅନେକ ଛାତ୍ର ନେତା ସୃଷ୍ଟି ହୋଇଥିବା ବେଳେ ବିଗତ ବର୍ଷ ମାନଙ୍କରେ ଏହାକୁ ବିଭିନ୍ନ କାରଣ ପାଇଁ ବନ୍ଦ କରାଯିବା ଫଳରେ ଛାତ୍ରଛାତ୍ରୀଙ୍କ ମନରେ ନିରାଶା ସୃଷ୍ଟି ହୋଇଥିଲା। ଏବେ ନିର୍ବାଚନ ଘୋଷଣା ପରେ ରାଜ୍ୟର ପ୍ରମୁଖ ଦଳ ବିଜେପି, କଂଗ୍ରେସ, ବିଜେଡି ସମେତ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ତେବେ ଏହା ମଧ୍ୟରେ ମହାବିଦ୍ୟାଳୟରେ ନିଜ ପସନ୍ଦର



ପ୍ରାର୍ଥୀଙ୍କୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚନା ଜୋରଧରିଛି। ବିଭିନ୍ନ ଛାତ୍ରଗୋଷ୍ଠୀ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ରଣକୌଶଳ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବିଜେପି ବିଧାୟକ ଆକାଶ ଦାସ ନାୟକ ଯୁବ ଛାତ୍ରମାନଙ୍କୁ ଏକତ୍ରୀତ କରିବା ସହ ରଣନୀତି ପ୍ରସ୍ତୁତ କରିଥିବା ବେଳେ ବିଜେଡି ମଧ୍ୟ ଭବପ୍ରସାଦ ଦାସଙ୍କ ମାର୍ଗଦର୍ଶନରେ ଛାତ୍ରମାନଙ୍କୁ ନେଇ ରଣନୀତି ପ୍ରସ୍ତୁତ ଆରମ୍ଭ କରିଛି।

## ଟ୍ରେନ ଧକ୍କାରେ ଯୁବକ ଗୁରୁତର

ବ୍ୟାସନଗର, ୬।୧୦(ସମିସ): ଗୋପବନ୍ଧୁ ଛକରେ ନବନିର୍ମିତ ଗଳି ପୋଲ ଉପରେ ରେଳ ଲାଇନ ପାର ହେଉଥିବା ବେଳେ ମାଲ୍ ଗାଡି ଧକ୍କାରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ସୋମବାର ସକାଳ ପ୍ରାୟ ୮ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସାଇଁକୁଳ ଗ୍ରାମର ରାସବିହାରୀ ପଣ୍ଡାଙ୍କ ପୁଅ ଦୁର୍ଗା ପ୍ରସାଦ (୩୪) କୌଣସି କାର୍ଯ୍ୟରେ ନିୟୁ ମାର୍କେଟକୁ ଯିବା ପାଇଁ ରେଳ ଲାଇନ ପାର ହେଉଥିବା ବେଳେ ଭୁବନେଶ୍ୱର ଆଡୁ ଭଦ୍ରକ ଅଭିମୁଖେ ଯାଉଥିବା ମାଲ୍ ବୋଝେଇ ଗାଡି ଧକ୍କା ଦେଇଥିଲା। ଦୁର୍ଘଟଣାରେ ଦୁର୍ଗାପ୍ରସାଦର ଡାହାଣ ଗୋଡ ପାଦ ସମ୍ପୂର୍ଣ୍ଣ କଟି ଯାଇଥିବା ବେଳେ ବାମ ଗୋଡ ପାଦ ଆଙ୍ଗୁଳି ଗୁଡିକ କଟିଯାଇଛି। ଖବର ପାଇ ରେଳବାଇ ଆରପିଏଫ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଦୁର୍ଗାପ୍ରସାଦକୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ରୋଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରିବାପରେ କଟକ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ପରିବାର ଲୋକଙ୍କୁ ଅବଗତ କରାଯାଇଥିବା ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।

## ସେବାନିବୃତ୍ତ ଶିକ୍ଷକ ସାମ୍ମୁଖ୍ୟର ବୃକ୍ଷରୋପଣ



ବିଞ୍ଝାରପୁର, ୬।୧୦(ସମିସ): ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତର "ସେବାନିବୃତ୍ତ ଶିକ୍ଷକ ସାମ୍ମୁଖ୍ୟ' ପକ୍ଷରୁ ବରୁଣେଶ୍ୱର କ୍ଷେତ୍ର ଓ ପରମହଂସ ମଠ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂଗଠନର ସଭାପତି ରାମଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅରେଇ ପଞ୍ଚାୟତ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ ଓ ଘଣ୍ଟିଆଳି ପଞ୍ଚାୟତ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ ଯୋଗଦେଇ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବୃକ୍ଷ ବିନା ସୃଷ୍ଟିର ସୁରକ୍ଷା ଅସମ୍ଭବ। ପରିବେଶର ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ବର୍ଷକୁ ଅନ୍ୟୂନ ୫ଟି ଗଛ ଲଗାଇବା ଉଚିତ ବୋଲି ଅବସରପ୍ରାପ୍ତ ଶିକ୍ଷକ ଅଭୟ ଚରଣ ଖୁଣ୍ଟିଆ କହିଥିଲେ। କାର୍ଯ୍ୟକ୍ରମରେ ହୃଷୀକେଶ ବାରିକ, ବଳରାମ ଦାସ, ରବିନାରାୟଣ ନାୟକ, ସରୋଜ କୁମାର ମହାନ୍ତି, ମହେଶ୍ୱର ଦାସ, ବିଷ୍ଣୁ ଚରଣ ଷଡ଼ଙ୍ଗୀ, ଅଭିରାମ ସାମଲ, କରୁଣାସିନ୍ଧୁ ମହାଲିକ ଓ କୃଷ୍ଣ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ



ବିଞ୍ଝାରପୁର, ୬।୧୦(ସମିସ): ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବାର ମାନ ବୃଦ୍ଧି ଓ ବିଭିନ୍ନ ସମସ୍ୟାର ସମାଧାନ ନେଇ ରୋଗୀ କଲ୍ୟାଣ ସମିତି (ଆର୍‌କେଏସ୍) ର ପରିଚାଳନା ବୈଠକ ଅନୁଷ୍ଠିତ ହୋଇଛି। ସମିତିର ଅଧ୍ୟକ୍ଷା ତଥା ବିଧାୟିକା ପ୍ରମିଳା ମଲ୍ଲିକ ବୈଠକରେ ଯୋଗଦେଇଥିଲେ। ବୈଠକରେ ମେଡିକାଲର ବିଭିନ୍ନ ସମସ୍ୟା, ରୋଗୀଙ୍କ ସୁବିଧା, ଚିକିତ୍ସାସେବାର ମାନ ଓ ଭିତ୍ତିଭୂମିର ବିକାଶ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ରୋଗୀଙ୍କୁ ଉନ୍ନତ ଓ ସୁବିଧାଜନକ ସେବା ଯୋଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ତେବେ ଗତ ୪ ବର୍ଷ ମଧ୍ୟରେ ମେଡିକାଲର ଉନ୍ନତୀକରଣ ନାମରେ ହୋଇଥିବା ବିଭିନ୍ନ କାର୍ଯ୍ୟ ଓ ଅର୍ଥ ଖର୍ଚ୍ଚକୁ ନେଇ ବିଧାୟିକା ପ୍ରମିଳା ମଲ୍ଲିକ କ୍ଷୋଭ ପ୍ରକାଶ କରିଥିଲେ। ପ୍ରତିବର୍ଷ ରୋଗୀ କଲ୍ୟାଣ ସମିତିକୁ ଆସୁଥିବା ଅର୍ଥରାଶି କେଉଁ କାର୍ଯ୍ୟରେ ଖର୍ଚ୍ଚ ହୋଇଛି, ସେ ସମ୍ପର୍କରେ ସମସ୍ତ ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବିଡିଓ ଛବିରାଣୀ ସାହୁ ଓ ମେଡିକାଲ ଅଧିକାରୀ ଡା. ଚିତ୍ତରଞ୍ଜନ ନାୟକଙ୍କ ସମେତ ଉପାଧ୍ୟକ୍ଷ ଶେଖ ଇର୍ସାଦ, ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସୟଦପୁର ସରପଞ୍ଚ ଏମ୍‌ଡି ସବୀର, ସରପଞ୍ଚ ପ୍ରତିନିଧି ଅଶୋକ ସାହୁଙ୍କ ସମେତ ଅନ୍ୟ ଅଧିକାରୀ ଓ ସମିତି ସଦସ୍ୟ ଉପସ୍ଥିତ ଥିଲେ।

### ● ଗଛ କାଟିବା ବେଳେ ଅଘଟଣ

## ଗଛ ପଡ଼ି ବୃଦ୍ଧ ମୃତ

ବିଞ୍ଝାରପୁର, ୬।୧୦(ସମିସ): ଗଛ କାଟିବା ବେଳେ ଘଟିଛି ଅଘଟଣ। କାଟୁଥିବା ଗଛ ତଳେ ଚାପି ହୋଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବିଞ୍ଝାରପୁର ଥାନା ଅନ୍ତର୍ଗତ ନାଉପାଳ ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ କଲ୍ୟାଣପୁର ପଞ୍ଚାୟତ ଅନ୍ତର୍ଗତ ରୁଦ୍ରପୁର ଗ୍ରାମର ନୀଳ ମଲ୍ଲିକ (୫୫)। ସୂଚନା ଅନୁଯାୟୀ, ନୀଳ ନାଉପାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିକୁ ଗଛ କାଟିବା ପାଇଁ ଯାଇଥିଲେ। ଗଛ କାଟିବା କାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ଗଛଟି ଭାଙ୍ଗି ତାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ଗଛ ତଳେ ଚାପି ହୋଇ ନୀଳ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ନୀଳଙ୍କ ମୃତ୍ୟୁ ଖବର ପରେ କିଛି ସମୟ ପାଇଁ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଅନ୍ୟପକ୍ଷରେ, ଉକ୍ତ ଗଛ କାଟିବା ପାଇଁ ବନବିଭାଗରୁ କୌଣସି ଅନୁମତି ନିଆଯାଇନଥିବା ନେଇ ବନ ବିଭାଗ ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ସୂଚନା ମିଳିଛି। ବିନା ଅନୁମତିରେ ଗଛ କାଟିବା କାର୍ଯ୍ୟ କିପରି ଚାଲିଥିଲା ଏବଂ ଘଟଣା ପାଇଁ କିଏ ଦାୟୀ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଘଟଣା ସମ୍ପର୍କରେ ମୃତକଙ୍କ ଭାଇ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଥାନା କେସ୍ ନଂ ୩୮/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଦୁଇ ବାଇକ୍ ଧକ୍କା, ୩ ଆହତ

ପାଣିକୋଇଲି, ୬।୧୦(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଆଙ୍କୁଲା ରାସ୍ତାର ନମଟିକରି ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଫଳରେ ତିନି ଜଣ ଆହତ ହୋଇଥିବା ଜଣାପଡିଛି। ପ୍ରକାଶଯେ ଯାଜପୁର ସଦରର ଥାନା ଅନ୍ତର୍ଗତ ବେରୁଦା ଗ୍ରାମର ତଥା ଯାଜପୁରରୋଡ ସାଇବର ଥାନାର କର୍ମଚାରୀ ସ୍ମୃତି ପ୍ରକାଶ ପଣ୍ଡା ତାଙ୍କ ବାଇକ (ଓଡି ୩୪ଏଏ ୧୨୨୨) ଯୋଗେ ଘରକୁ ଫେରୁଥିବା ବେଳେ ଯାଜପୁର ଟାଉନ ପଟୁ ଯାଜପୁର ଡାକ୍ତରଖାନାର ଦୁଇ ଜଣ ଚଣ୍ଡିଖୋଲର ସଂଜିତ ରାଉତ ଓ ଯାଜପୁରରୋଡର ବିଜୟ ପଣ୍ଡା ତାଙ୍କ ବାଇକ (ଓଡି୦୪ଜେ ୮୪୮୮) ଯୋଗେ ଫେରୁଥିବା ବେଳେ ନମଟିକିରି ପାଖରେ ଧକ୍କା ହୋଇଥିଲା। ଫଳରେ ତିନିଜଣ ଯାକ ଆହତ ହୋଇଥିଲେ। ଖବରପାଇ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ପାଟ୍ରୋଲିଂ ଗାଡିରେ ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ। ଘଟଣାସ୍ଥଳେ ପୁଲିସ ପହଞ୍ଚି ବାଇକ ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

### ● ଖୋଲିପାରୁନି ପାଣିକୋଇଲି ଟ୍ରମାକେୟାର

## ଶୀଘ୍ର ଖୋଲା ନ ହେଲେ ଦିଆଯିବ ଧାରଣା



ପାଣିକୋଇଲ, ୬।୧୦(ସମିସ): ପାଣିକୋଇଲି ଟ୍ରମା କେୟାରକୁ ପିପିପି ମୋଡ ପରିବର୍ତେ ସରକାରୀ ସ୍ତରରେ ଖୋଲିବା ପାଇଁ ଯାଜପୁର ୟୁଥ ଫୋର୍ସ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ପୂର୍ଣ୍ଣ ସରକାରୀ ଅର୍ଥରେ ନିର୍ମିତ ଟ୍ରମା କେୟାରକୁ ସରକାରୀ ସ୍ତରେ ଖୋଲାଗଲେ ଜନସାଧାରଣ ତଥା ଆଖପାଖ ଜିଲ୍ଲାର ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଗୋଲଡେନ ଆଓ୍ୱାର ମଧ୍ୟରେ ତ୍ୱରୀତ ଚିକିତ୍ସା ପାଇପାରିବେ। ଗରିବ, ମଧ୍ୟବିତ ଓ ଦୁର୍ଘଟଣାଗ୍ରସ୍ତ ଲୋକମାନେ ଯେପରି ଅର୍ଥଭାବରେ ଜରୁରୀ ଚିକିତ୍ସାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ସରକାରୀ ସ୍ୱାସ୍ଥ୍ୟ ଯୋଜନା ଅଧିନରେ ଯୋଗ୍ୟରୋଗୀଙ୍କ ପାଇଁ ନିଶୁଳ୍କ ଚିକସ୍ତା ଯୋଗାଯାଇ ପାରିବ। ଯାଜପୁର ୟୁଥ ଫୋର୍ସ ପକ୍ଷରୁ ଉପଦେଷ୍ଟା ରୁଦ୍ର ପ୍ରତାପ ପାଢୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ଦିଆଯାଇଥିଲା। ଏହି ଦାବି ଉପରେ ୧୫ ଦିନ ମଧ୍ୟରେ ସ୍ୱଷ୍ଟ ଓ ସକାରାତ୍ମକ ପଦକ୍ଷେପ ନିଆଯିବାକୁ ଅନୁରୋଧ କରାଯାଇଛି ନଚେତ ଶାନ୍ତିପୂର୍ଣ୍ଣ ଗଣଧାରଣା ଓ ଜନ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଏହାର ନକଲ ମୁଖ୍ୟ ସଚିବ, ଅତିରିକ୍ତ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଯାଜପୁର ଜିଲ୍ଲାପାଳ ଓ ଏସପିଙ୍କୁ ଅବଗତି ନିମନ୍ତେ ଜଣାଯାଇଛି।

## ପୂର୍ବତନ ଅଧ୍ୟାପକଙ୍କ ପରଲୋକ

ବରୀ, ୬।୧୦(ସମିସ): ବରୀ ଅଞ୍ଚଳର ସର୍ବ ପୁରାତନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପୂର୍ବତନ ଅଧ୍ୟାପକ ହାଡ଼ିବନ୍ଧୁ ସାହୁଙ୍କ ପରଲୋକ ଘଟିଛି। ହଟାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ସଦସ୍ୟ ମାନେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଦାୟିତ୍ୱରେ ଥିବା ଡାକ୍ତର ମୃତ ଘୋଷଣା କରିବା ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ପହଞ୍ଚି ଶେଷ ଦର୍ଶନ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ୍, ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ୍, ଜିଲ୍ଲାପରିଷଦ ସଭ୍ୟ ସନ୍ତୋଷ ସାମଲ, ଦିଲ୍ଲୀପ ମହାନ୍ତି, ଅଶୋକ ସାମଲ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ସ୍ଥାନୀୟ ସରପଞ୍ଚ ସସ୍ମିତା କୁଣ୍ଡୁ, ସାମାଜିକ କର୍ମୀ ଅଦୈତ୍ୟ ଚରଣ ସାମଲ, ଶିଶିର କୁମାର ପାଲିତ୍, ଗିରୀଶ କୁମାର୍ ରାଏ ପ୍ରମୁଖ ଦୁଃଖ ପ୍ରକାଶ କରିଛନ୍ତି।

## ଚନ୍ଦନପୁର ସାଧନକେନ୍ଦ୍ରରେ ଶିଶୁ ମହୋତ୍ସବ



ସିଂହପୁର, ୬।୧୦(ସମିସ): ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚନ୍ଦନପୁର ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି ସୁବ୍ରତ ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ମୁଖ୍ୟ ଅତିଥି ନାରାୟଣ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବରେ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଜେନା, କେଦାରନାଥ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସଙ୍ଗୀତ, ତର୍କ, ବିତର୍କ, ପ୍ରବନ୍ଧ, ସାଂସ୍କୃତିକ କାର୍ଯ୍ୟକ୍ରମ, ଲିଖନ, ସାଧାରଣଜ୍ଞାନ, ଚିତ୍ରାଙ୍କନ, ମ୍ୟାଥ୍ ରେସ, ସୃଜନଶୀଳ ଲିଖନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବରେ ଆଲବମ ଚଳଚ୍ଚିତ୍ର ଗାୟିକା ବିଜୟିନୀ ଦାଶ, ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ସାହୁ, ମନୋରଞ୍ଜନ ବେଉରିଆ, ଦିନେଶ କୁମାର ମଲ୍ଲିକ, ସହକାରୀ ଶିକ୍ଷକ ଜ୍ଞାନରଞ୍ଜନ ସାମଲ, ପ୍ରଧାନ ଶିକ୍ଷୟିତ୍ରୀ ନମିତା ମଲ୍ଲିକ, ସହକାରୀ ଶିକ୍ଷୟତ୍ରୀ ସୁଚରିତା କରଣ, ନିବେଦିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି।

## ବ୍ଲକ କର୍ମଚାରୀ ନେଇଥିବା ଅଗ୍ରୀମ ଅର୍ଥର ହିସାବ ମିଳୁନି

ଯାଜପୁର, ୬।୧୦(ସମିସ): ସୁକିନ୍ଦା ବ୍ଲକରେ ବିଭିନ୍ନ କାମ ପାଇଁ କର୍ମଚାରୀ ମାନେ ଲକ୍ଷ ଲକ୍ଷ ଟଙ୍କା ଅଗ୍ରୀମ ନେଇଥିଲେ ହେଁ ଅଗ୍ରୀମ ପରିଶୋଧ ବା ହିସାବ ଭାଉଚର ଦାଖଲ ନ କରୁଥିବାରୁ ସେମାନଙ୍କ ନାଁରେ ଲକ୍ଷ ଲକ୍ଷ ଟଙ୍କାର ଅଗ୍ରୀମ ରାଶି ରହିଥିବା ୨୦୨୪-୨୫ ର ଅଡିଟ ରିପୋର୍ଟ ତଥ୍ୟରୁ ଜଣାପଡିଛି। ଅଗ୍ରୀମ ପରିଶୋଧ ବା ହିସାବ ଭାଉଚର ଦାଖଲ ପାଇଁ ବିଭାଗୀୟ ଅଧିକାରୀ ନିର୍ଦ୍ଦେଶ ଦେବା କ୍ଷେତ୍ରରେ କୋହଳ ମନୋଭାବ ପୋଷଣ କରୁଥିବା ଯୋଗୁଁ ସମ୍ଭବତଃ କର୍ମଚାରୀ ମାନଙ୍କ ନାମରେ ବର୍ଷ ବର୍ଷ ଧରି ଏହି ଅଗ୍ରୀମ ଅର୍ଥ ଗଡି ଆସୁଛି। ଏମିତି କି ଜନୈକ କର୍ମଚାରୀ ବଦଳି ହୋଇ ଅନ୍ୟତ୍ର ଯୋଗ ଦେଇ ସାରିଥିଲେ ହେଁ ତାଙ୍କ ନାମରେ ୧୪ ଲକ୍ଷ ଟଙ୍କାର ଅଗ୍ରୀମ ଥିବା ଦର୍ଶାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ଚିନ୍ତା ଜନକ କଥା ହେଲା ଯେ ମୋଟ ଅଗ୍ରୀମ ରାଶି ୧ କୋଟି ୧୪ ଲକ୍ଷ ୮୦ ହଜାର ମଧ୍ୟରୁ ୮୮ ଲକ୍ଷ ୬୬ ହଜାର ୪୯୨ ହଜାର ଟଙ୍କା ୧୧ ପଇସାର ଅଗ୍ରୀମ କିଏ କେବେ ନେଇଛି ତାର କୌଣସି ସନ୍ତୋଷ ଜନକ ତଥ୍ୟ ବ୍ଲକ କର୍ତ୍ତୃପକ୍ଷ ଅଡିଟ ଅଧିକାରୀଙ୍କ ପାଖରେ ଦାଖଲ କରି ପାରି ନାହାଁନ୍ତି। ଫଳରେ ଏହି ୮୮ ଲକ୍ଷରୁ ଊର୍ଦ୍ଧ୍ୱ ଅଗ୍ରୀମ କାହାଠାରୁ ଭରଣା କରାଯିବ ତାହା ଏବେ ଏକ ବିରାଟ ପ୍ରଶ୍ନବାଚୀ। ଏହି ଅର୍ଥ ରାଶି ସରକାରୀ ତହବିଲକୁ ଫେରିବ କି ନାହିଁ ତାହା ମଧ୍ୟ ସନ୍ଦେହରେ। ଅବଶିଷ୍ଟ ୨୬ ଲକ୍ଷରୁ କେବଳ ୧୪ ଲକ୍ଷ ଗତ ପଞ୍ଚାୟତ ନିର୍ବାଚନ ପାଇଁ ଜନୈକ ଅଧିକାରୀ ଅଗ୍ରୀମ ନେଇଥିଲେ। ଯିଏ କି ଅନେକ ଦିନରୁ ବଦଳି ହୋଇଗଲେଣି। ପୁଣି ଥରେ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ଗତ ନିର୍ବାଚନର ହିସାବ ନିକାଶ ଏ ପର୍ଯ୍ୟନ୍ତ ସରିନାହିଁ। ଆଉ ୧୨ ଲକ୍ଷ ଟଙ୍କା ବ୍ଲକର ୬ ଜଣ କର୍ମଚାରୀ ୨୦୨୩-୨୪ ରେ ନୂଆ ଓ କ୍ରୀଡ଼ା ଆୟୋଜନ ପାଇଁ ଅଗ୍ରୀମ ନେଇଥିଲେ। ସେଥି ମଧ୍ୟରୁ ବ୍ଲକର ଜଣେ କୁହାଳିଆ କର୍ମଚାରୀ ଏକୁଟିଆ ୮ ଲକ୍ଷରୁ ଅଧିକ ଟଙ୍କା ଅଗ୍ରୀମ ନେଇଛନ୍ତି। ଜନୈକ ମହିଳା କର୍ମଚାରୀ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ପାଇଁ ଅଗ୍ରୀମ ନେଇଥିବା ୫୦ ହଜାର ଟଙ୍କାର ଭାଉଚର ପ୍ରଦାନ କରି ନ ଥିବା ଅଡିଟ ରିପୋର୍ଟରୁ ଜଣାପଡ଼ିଛି। ଫଳରେ ଅଡିଟ ରିପୋର୍ଟରେ ମୋଟ ୧୧ ଲକ୍ଷ ୬୦ ହଜାର ଟଙ୍କାର ସରଚାର୍ଜ ଆଦାୟ ପାଇଁ ବିଡ଼ିଓଙ୍କୁ ଅଡିଟ ରିପୋର୍ଟରେ ନିର୍ଦ୍ଦେଶ ଦିଆଯାଇଛି। ନୂଆ ଓ କ୍ରୀଡ଼ା ଆୟୋଜନରେ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ସମେତ ଅନ୍ୟ ସମସ୍ତ ଖର୍ଚ୍ଚର ଭିଜିଲାନ୍ସ ତଦନ୍ତ ନିମନ୍ତେ ସାଧାରଣରେ ଦାବି ହେଉଛି।

# ଆର୍‌ଆଇ ଅଫିସ ଗୃହ ନିର୍ମାଣ କାର୍ଯ୍ୟ ବିଳମ୍ବ

ବାଲିଚନ୍ଦ୍ରପୁର, ୬।୧୦(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ନିବାସ ଗୃହ ନିର୍ମାଣ କାର୍ଯ୍ୟ ଏକ ପ୍ରକାର ଥମି ଯାଇଛି। ରାଜସ୍ୱ ମନ୍ତ୍ରୀଙ୍କ କଡା ନିର୍ଦ୍ଦେଶ ଓ ପ୍ରତିଶ୍ରୁତି ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ନ ସରିବା ଏବଂ କେତେକ ସ୍ଥାନରେ କାମ ଆରମ୍ଭ ମଧ୍ୟ ନ ହେବା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସୂଚନା ଯୋଗ୍ୟ ଯେ, ୪୩ ଗୋଟି ପଞ୍ଚାୟତକୁ ନେଇ ଗଠିତ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଥିବା ଦର୍ପଣ ତହସିଲ ଅଧୀନରେ ମୋଟ ୧୫ ଗୋଟି ଆର୍‌ଆଇ ସର୍କଲ ରହିଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଲୋକମାନଙ୍କୁ ଆଉ ଛୋଟ ମୋଟ କାମ ପାଇଁ ତହସିଲ ଅଫିସକୁ ବାରମ୍ବାର ଦୌଡ଼ିବାକୁ ପଡିବ ନାହିଁ ଏବଂ ସମସ୍ତ ସେବା ଆର୍‌ଆଇ ଅଫିସରୁ ମିଳିବ ବୋଲି ଘୋଷଣା କରିଥିଲେ। ପ୍ରତ୍ୟେକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ନିବାସ ଏକ ବର୍ଷ ମଧ୍ୟରେ ନିର୍ମାଣ କରିବା ପାଇଁ ସରକାରଙ୍କ



ତରଫରୁ ପ୍ରାୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଗତବର୍ଷ ୩-୫-୨୦୨୫ ତାରିଖରେ ମଞ୍ଜୁର କରିଥିଲେ। ଫଳରେ ଆଭାସୀରେ ୧୫ଟି ରାଜସ୍ୱ କାର୍ଯ୍ୟାଳୟକୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିଳାନ୍ୟାସ କରିଥିଲେ। ଏହି ଉତ୍ସବରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗ ଦେଇ ଆସନ୍ତା ବର୍ଷ ଆଜିର ଦିନରେ ସମସ୍ତ କାର୍ଯ୍ୟାଳୟ ଏକା ସଙ୍ଗରେ ଉଦଘାଟନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୁଃଖ ଓ ପରିତାପର ବିଷୟ ରାଜ୍ୟରେ ଓ କେନ୍ଦ୍ରରେ ଡବଲ ଇଂଜିନ ସରକାର ଥିଲେ ମଧ୍ୟ ୧୫ଟି ମଧ୍ୟରୁ ୨/୪ କାର୍ଯ୍ୟାଳୟ ସରିଥିବା ବେଳେ କେତୋଟି ଅଧାପନ୍ତରିଆ ପଡିରହିଛି। ଏ ପର୍ଯ୍ୟନ୍ତ ଅନେକ କାର୍ଯ୍ୟଆରମ୍ଭ ହୋଇ ନଥିବା ଜଣାପଡିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ନିର୍ମାଣ ବିଭାଗ-୨ ଜାରକା, ଯାଜପୁର ଦ୍ୱାରା ଟେଣ୍ଡର ହୋଇଥିଲେ ମଧ୍ୟ କାହିଁକି କାର୍ଯ୍ୟର ଅଗ୍ରଗତି ବିଳମ୍ବ ହେଉଛି। ଏହା ବିଭାଗୀୟ ଅବହେଳା ନାଁ ରାଜନୈତିକ ଉଦାସୀନତା ରହିଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଡୋଶୀ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ସମସ୍ତ ରାଜସ୍ୱ କାର୍ଯ୍ୟାଳୟ ଅଫିସ ନିର୍ମାଣ ଶେଷ ହୋଇ ଉଦ୍‌ଘାଟନ ଅପେକ୍ଷାରେ ଥିବା ବେଳେ ବଡ଼ଚଣାର ଏଭଳି ଦଶା ଦୁର୍ଭାଗ୍ୟଜନକ।

### ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ବାୟୋମେଟ୍ରିକ ମେସିନ୍ ହେଉନି କାର୍ଯ୍ୟକାରୀ




- **ମନଇଚ୍ଛା ଆସୁଛନ୍ତି ଡାକ୍ତର ଓ କର୍ମଚାରୀ**
- **ହେଉନି ବଦଳି; ଦୀର୍ଘ ବର୍ଷ ଧରି ଗାଦି ମାଡ଼ିବସିଛନ୍ତି କର୍ମଚାରୀ**

ବ୍ୟାସନଗର,୫।୧୦(ସମିସ): ସେବା ନାମରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଣ୍ଡାମୀ ଚାଲିଛି। ଡାକ୍ତର ଅଭାବ ନେଇ ବର୍ଷ ବର୍ଷ ଧରି ଅସୁବିଧା ରହିଥିବା ବେଳେ ଯେତିକି ସଂଖ୍ୟକ ଡାକ୍ତର ନିଯୁକ୍ତି ସରକାରଙ୍କ ପକ୍ଷରୁ କରାଯାଇଛି ସେମାନେ ମଧ୍ୟ ସଠିକ ଭାବେ ଆଗନ୍ତୁକ ରୋଗୀମାନଙ୍କୁ ସେବା ଦେବାକୁ ଅସମର୍ଥ ରହୁଥିବାରୁ ଏହାକୁ ନେଇ ସହରବାସୀଙ୍କଠାରୁ ଆରମ୍ଭ କରି ନିକଟସ୍ଥ ୩୦/୪୦ ଖଣ୍ଡ ଗ୍ରାମର ଲୋକ ମେଡିକାଲ କର୍ତ୍ତୃପକ୍ଷଙ୍କ ଏପରି ନୀତିକୁ ସାମଲୋଚନା କରିଛନ୍ତି। ଏଠାରେ କାର୍ଯ୍ୟରତ ଅନେକ ଡାକ୍ତର ସଠିକ ସମୟରେ ମେଡିକାଲରେ ପହଞ୍ଚୁନଥିବା ଏବଂ ମନଇଚ୍ଛା ଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏନେଇ ଭାରପ୍ରାପ୍ତ ମେଡିକାଲ ସୁପରିଟେଣ୍ଡେଣ୍ଟଙ୍କ ନୀରବତା ଅନେକ ରୋଗୀଙ୍କୁ କ୍ଷୁବ୍ଧ କରିଛି। ମେଡିକାଲର ଅନ୍ୟ କର୍ମଚାରୀମାନେ ମଧ୍ୟ ମନଇଚ୍ଛା ଡ୍ୟୁଟିରେ ଯୋଗ ଦେଉଛନ୍ତି।

ସରକାର ଦୀର୍ଘ ବର୍ଷ ହେବ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଉପସ୍ଥାନ ନିମନ୍ତେ ବାୟୋମେଟ୍ରିକ ପ୍ରଚଳନ ନିମନ୍ତେ ନିର୍ଦ୍ଦେଶ ଦେଇଥିବା ବେଳେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସରକାରଙ୍କ ଏହି ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରୁଛି। ଏଠାରେ ହାତଗଣତି କେତୋଟି ବାୟୋମେଟ୍ରିକ ଲଗାଯାଇଥିବା ବେଳେ ତାହାକୁ କାର୍ଯ୍ୟକ୍ଷମ ନକରି ଲୋକଙ୍କ ସରକାରକୁ ଅନ୍ଧାରରେ ରଖାଯାଇଛି। କାର୍ଯ୍ୟରେ ସଠିକ ସମୟରେ ନପହଞ୍ଚିବା ଏବଂ ନିଜ କର୍ତ୍ତବ୍ୟରେ ହେଳା କରିବାରେ ପଛରେ ପଡିନାହାଁନ୍ତି ଷ୍ଟାଫ ନର୍ସମାନେ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୧୨ ଜଣ ଷ୍ଟାଫ ନର୍ସ କାର୍ଯ୍ୟରତ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ଅନେକ ନିଜ କର୍ତ୍ତବ୍ୟରେ ହେଳା ପ୍ରଦର୍ଶନ କରୁଥିବା ନେଇ ଅନେକବାର ଅଭିଯୋଗ କରାଯାଇଛି। କିନ୍ତୁ କୌଣସି ସୁଫଳ ମିଳିପାରିନି। ଯାହାର ଫାଇଦା ନେଇ କିଛି ଷ୍ଟାଫ ନର୍ସ ଡ୍ୟୁଟି ସମୟରେ ମୋବାଇଲ ଚଲାଇବା ସହିତ ନିଜ ଦାୟିତ୍ୱ ଠିକ୍ ଭାବେ ନ କରି ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଷ୍ଟାଫ ନର୍ସଙ୍କ ହାତରେ ରୋଗୀଙ୍କ ଭାଗ୍ୟକୁ ଟେକି ଦେଉଥିବା ନେଇ ଅନେକ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଏପରିକି କିଛି ନର୍ସ ଡ୍ୟୁଟି ସମୟରେ ମୋବାଇଲରେ ଏତେ ବ୍ୟସ୍ତ ରହୁଛନ୍ତି ଯେ ରୋଗୀଙ୍କ ସମ୍ପର୍କୀୟ ଇଞ୍ଜେକସନ ନିମନ୍ତେ ଡାକିଲେ ମଧ୍ୟ ସେମାନେ ଏହାକୁ କର୍ଣ୍ଣପାତ କରୁନାହାଁନ୍ତି। ଯାହାକୁ ନେଇ ରୋଗୀଙ୍କ ସମ୍ପର୍କୀୟଙ୍କ ମନରେ ଅସନ୍ତୋଷ ସୃଷ୍ଟି ହେଉଛି। ଏପରିକି କିଛି ସମୟରେ ଭୁଲ ଇଞ୍ଜେକସନ ମଧ୍ୟ ଦିଆଯାଇଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ସମସ୍ତ ୧୨ ଜଣ ଷ୍ଟାଫ ନର୍ସ ସ୍ଥାୟୀ ଭାବେ ନିଯୁକ୍ତ ପାଇଛନ୍ତି। ତେବେ ସମସ୍ତ ସରକାରୀ ସୁବିଧା ପାଇବା ସତ୍ତ୍ୱେ ମଧ୍ୟ ସାଧାରଣ ଗରିବ ରୋଗୀଙ୍କ ସେବା ଯୋଗାଇ ଦେବାକୁ ଏମାନେ ଅନେକ ସମୟରେ ଅନାଗ୍ରହ ପ୍ରକାଶ କରିଥାନ୍ତି। ଫଳରେ ରୋଗୀମାନେ ସେବା ପାଇବାରୁ ବଞ୍ଚିତ ହେଉଥିବା ବେଳେ ଏମାନେ କିନ୍ତୁ ବେଶ୍ ଖୁସିରେ ରହୁଛନ୍ତି। ଏହି ୧୨ ଜଣ ଷ୍ଟାଫ ନର୍ସଙ୍କ ମଧ୍ୟରୁ ଅନେକ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରିସାରିଥିବାରୁ ସେମାନେ କାହାକୁ ମାନିବା ମୁଡ୍‌ରେ ନାହାଁନ୍ତି। କାର୍ଯ୍ୟସ୍ଥଳରେ ସଠିକ ସମୟରେ ନ ପହଞ୍ଚିବାଠାରୁ ଆରମ୍ଭ କରି କାର୍ଯ୍ୟ ଅବହେଳା ନେଇ ଏମାନଙ୍କ ନାମରେ ବିଭିନ୍ନ ଲୋକ ଅଭିଯୋଗ କରୁଥିଲେ ମଧ୍ୟ ଦୀର୍ଘ ବର୍ଷ ଧରି ଏଠାରେ ରହିଯାଇଥିବାରୁ ଏମାନଙ୍କୁ ମେଡିକାଲରୁ ବଦଳି କରିବାକୁ ଭାରପ୍ରାପ୍ତ ମେଡିକାଲ ସୁପରିଟେଣ୍ଡେଣ୍ଟ ଡା. ପ୍ରସେନଜିତ କର ମଧ୍ୟ ସାହାସ ଯୁଟାଇପାରୁନଥିବା ନେଇ ଆଲୋଚନା ଜୋର ଧରିଛି। ଏପରିସ୍ଥିତିରେ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ଏଠାରେ ଆସ୍ଥାନ ଜମାଇ ରହିଥିବା ଷ୍ଟାଫ ନର୍ସଙ୍କୁ ଅନ୍ୟତ୍ର ବଦଳି କରିବାକୁ ଅନେକ ବୁଦ୍ଧିଜୀବୀ ଦାବି କରିଛନ୍ତି। ତେବେ ସରକାରଙ୍କ ଡେପୁଟେସନ ନିୟମ କିଛି ଷ୍ଟାଫ ନର୍ସଙ୍କ ପାଇଁ ଆଶୀର୍ବାଦ ପାଲଟିଛି। କାଳେ ବଦଳି ହୋଇଯିବ; ତେଣୁ ନିଜ ପଦବୀର ଅପବ୍ୟବହାର କରି ଏହି ଷ୍ଟାଫ ନର୍ସମାନେ ଅନ୍ୟତ୍ର ବଦଳି ହୋଇ ପୁଣି ମାସେ କି ଦୁଇ ମାସ ପରେ ସିଡିଏମ୍ଓ ଅଫିସରେ ଥିବା କିରାଣି ଏବଂ ଅଧିକାରୀଙ୍କୁ ହାତବାରିସି କରି ଡେପୁଟେସନରେ ପୁଣି ଏଠାରେ ଆସି ନିଜର ଦବଦବା ଦେଖାଇବାକୁ ଭୁଲୁନାହାଁନ୍ତି।

ତୁରନ୍ତ ଏଦିଗରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଧ୍ୟାନ ଦେଇ କର୍ତ୍ତବ୍ୟରେ ଅବହେଳା କରୁଥିବା ଅଧିକାରୀ ଏବଂ କର୍ମଚାରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରିବା ସହିତ ସାଧାରଣ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ସାଧାରଣରେ ଦାବି ହେଉଛି।

## ଓଡ଼ିଆ ବୈଜ୍ଞାନିକଙ୍କୁ ଶ୍ରେଷ୍ଠ ଉଦ୍ୟୋଗୀ ସମ୍ମାନ




ବରୀ,୫।୧୦(ସମିସ): ବରୀ ବ୍ଲକ ବରହମପୁର ଗ୍ରାମର ହୃଷୀକେଶ ସାମଲଙ୍କ ପୁଅ ଶୁଭ୍ରାଂଶୁ ଶେଖର ସାମଲଙ୍କୁ ଏନଡିଏମସି, କନଭେନସନ ସେଣ୍ଟର ଦିଲ୍ଲୀରେ ଅନୁଷ୍ଠିତ ୫ମ ଉଦ୍ୟୋଗୀ ସମ୍ମିଳନୀ-୨୦୨୬ରେ "ଶ୍ରେଷ୍ଠ ଉଦ୍ୟୋଗୀ ପୁରସ୍କାର' ପ୍ରଦାନ କରାଯାଇଛି। ଭାରତୀୟ ଉଦ୍ୟୋଗୀ ସଂଘ (ଇଏଆଇ)ର ସଭାପତି ଅଭିଷେକ ସିଂହ, ସୁପ୍ରିମକୋର୍ଟର ଓକିଲ ବିକାଶ ପ୍ରୀତମ ଏବଂ ବିଶ୍ୱ ବ୍ୟାଙ୍କର ପୂର୍ବତନ ଯୋଗାଣ ଶୃଙ୍ଖଳ ବିଶେଷଜ୍ଞ ଏବଂ ପରାମର୍ଶଦାତା ରାଜେଶ ସିଂହ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ବନ୍ୟା ଏବଂ ବାତ୍ୟା ଭଳି ବିପର୍ଯ୍ୟୟ ସମୟରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ତାଙ୍କର ଉଦ୍ୟମ ଏଚ୍ଏନ୍ ଟେକ୍ନୋଭେସନ୍ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଯେଉଁଠାରେ ଲୋକମାନେ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୁଅନ୍ତି। ତାଙ୍କର ଉଦ୍ୟମ ଏହି ବର୍ଷ ଆସାମ, ତ୍ରିପୁରା, ବିହାର ବନ୍ୟାରେ ଅଭାବୀ ଲୋକଙ୍କୁ ପୋର୍ଟେବଲ୍ ପାନୀୟ ଜଳ ଯୋଗାଇ ଦେଇଛି। ଏହି ମହତ କାର୍ଯ୍ୟରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କ ଦଳକୁ ଡବ୍ଲୁଏଚ୍ଓ, ୟୁନିସେଫ, ରିଲାଏନ୍ସ ଫାଉଣ୍ଡେସନ୍, ଜ୍ୟୋତି ଫାଉଣ୍ଡେସନ୍ ଏବଂ ଅନ୍ୟାନ୍ୟ ଦାନଶୀଳ ସଂଗଠନ ଭଳି ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ସମ୍ପ୍ରଦାୟ ଦ୍ୱାରା ସ୍ୱୀକୃତି ଦିଆଯାଇଥିଲା। ଏହା ରାଜ୍ୟ ପାଇଁ ବହୁତ ଗର୍ବ ଏବଂ ସମ୍ମାନର ବିଷୟ ଏବଂ ସେ ବାଲିବିଲର କନକ ଦୁର୍ଗା ବିଦ୍ୟାପୀଠର ପୂର୍ବତନ ଛାତ୍ର ଥିଲେ।

## ସହିଦ ବାଜି ରାଉତଙ୍କ ଜୟନ୍ତୀ



ଜେନାପୁର,୫।୧୦(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ସହିଦ ବାଜି ରାଉତ ସ୍ମୃତି ପୀଠ ପ୍ରାଙ୍ଗଣରେ ସହିଦ୍ ବାଜି ରାଉତ ସ୍ମୃତି ସଂସଦ ପକ୍ଷରୁ ୧୦୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବରିଷ୍ଠ ବ୍ୟକ୍ତିତ୍ୱ, ଅନୁଷ୍ଠାନର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ସହିଦ ବାଜି ରାଉତଙ୍କୁ ଦୀପ ଓ ପୁଷ୍ପ ଅର୍ପଣ କରିଥିଲେ। ଏହି ଦିବସରେ ମୁଖ୍ୟଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ଦାୟଦ ରାମଚନ୍ଦ୍ର ଶୁକ୍ଲା, ବିଶିଷ୍ଟ ଶିକ୍ଷାବିତ ଦେବୀ ପ୍ରସାଦ ଶତପଥୀ, ସମ୍ମାନନୀୟ ଅତିଥି ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ସାମାଜିକ କର୍ମୀ ଦେବବ୍ରତ ରାଉତ ଯୋଗଦେଇଥିଲେ। ଶିକ୍ଷାବିତ୍ ମହେଶ୍ୱର ଖଟୁଆ ମଞ୍ଚ ପରିଚାଳନା କରିଥିଲେ। ପରେ ପରେ ଜାଭିୟର୍ ଇଂରାଜୀ କ୍ରୀଡ଼ା ବିଦ୍ୟାଳୟ ଓ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସହିଦ ବାଜି ରାଉତଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଉତ୍ସାହିତ କରିବା ସହ ଅନୁଷ୍ଠାନ ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। 'ବୃକ୍ଷ ହିଁ ଜୀବନ' ଏହି ପରିପ୍ରେକ୍ଷିରେ ପ୍ରକୃତି ପ୍ରେମୀ ରସାନନ୍ଦ ଖଟୁଆଙ୍କୁ ପୁରସ୍କୃତ କରିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସଭାପତି ପ୍ରଦୀପ କୁମାର ଶତପଥୀ, ସମ୍ପାଦକ ସଚ୍ଚିଦାନନ୍ଦ ଶତପଥୀ, ସହସମ୍ପାଦକ ସିଦ୍ଧାନ୍ତ ମହାନ୍ତି, ସଦସ୍ୟ ହେମନ୍ତ ମହାନ୍ତି, ଦେବାଶିଷ ଶତପଥୀ, ପ୍ରଭାତ କୁମାର ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ନିଷ୍କାନ୍ତ ଖଟୁଆ, ପ୍ରଫୁଲ ମଲିକ, ଅରୁଣ ମଲିକ, ଅରୁଣ କୁମାର ମହାନ୍ତି, ଅବିନାଶ ମହାନ୍ତି, ଦୀପକ ଜେନା, ମହେଶ୍ୱର ଭୂତିଆ, ବସନ୍ତ ସ୍ୱାଇଁ, ପ୍ରଣବ ପ୍ରକାଶ ଦାଶ, ବ୍ରଜମୋହନ ଶତପଥୀ ଓ ଅନ୍ୟ ସଦସ୍ୟମାନଙ୍କ ସହଯୋଗ କରିଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର,୫।୧୦(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।



ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୨୨୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୨ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୬ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୧ଟି ଅଭିଯୋଗ ଓ ରେଡ୍‌କ୍ରାସ ପାଣ୍ଠିରୁ ସହାୟତା ନିମନ୍ତେ ୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନଗେନ୍ଦ୍ର ନାଥ ମହାପାତ୍ର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଡେପୁଟି କଲେକ୍ଟର ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ଯାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ରବିନାରାୟଣ ପାଢ଼ୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ବିଜେଡିରେ ମିଶିଲେ ୫ ନେତା



ବିଞ୍ଝାରପୁର,୫।୧୦(ସମିସ): ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକଙ୍କ ମାଂସଡ଼ାସ୍ଥିତ ବାସଭବନରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ଆଉଁରି ପଞ୍ଚାୟତ କରପଦା ଗ୍ରାମର ସୁଶାନ୍ତ ପ୍ରଧାନ, ବିଶ୍ୱଜିତ ଜେନା, ଦେବାନନ୍ଦ ସ୍ୱାଇଁ, ସତ୍ୟନାରାୟଣ ସେଠୀ ଓ କମଳଲୋଚନ ସୂତାର ଅନ୍ୟ ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି।

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ଜନସେବା ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ସେମାନେ ଦଳରେ ଯୋଗଦେଇଥିବା କୁହାଯାଇଛି। ବିଧାୟିକା ପ୍ରମିଳା ମଲିକ ଦଳୀୟ ଉତ୍ତରୀୟ ପ୍ରଦାନ କରି ନବାଗତଙ୍କୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ଦଳର ସାଂଗଠନିକ ସ୍ଥିତିକୁ ଆହୁରି ମଜଭୁତ କରିବ ବୋଲି ଦଳୀୟ ମହଲରେ କୁହାଯାଇଛି।

## ନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ



ବରୀ,୫।୧୦(ସମିସ): ବରୀ ରାମଚନ୍ଦ୍ରପୁର ଥାନା ଅଧୀନସ୍ଥ ଅରଙ୍ଗାବାଦ ପଞ୍ଚାୟତ ଫୁଲପୁର ଗ୍ରାମର ରେବତୀ ଯେନା (୮୮) ନଦୀକୁ ଗାଧୋଇବାକୁ ଆସିଥିବାବେଳେ ଗୋଡ ଖସିଯିବାରୁ ବୁଡ଼ି ଯାଇଥିଲେ। ଘଟଣାସ୍ଥଳରେ ଅନ୍ୟମାନେ ଗାଧୋଉଥିବା ବେଳେ ଡାକିବାରୁ ଅନ୍ୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଦାୟିତ୍ୱରେ ଥିବା ଡାକ୍ତର ମୃତ ଘୋଷଣା କରିବା ପରେ ଖବର ପାଇ ବରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ■ ଅଶୋକ ଦାସ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଉଦ୍‌ଘାଟିତ ମ୍ୟାଚ୍ ଜିତିଲା ଧର୍ମଶାଳା



ବରୁଆଁ,୫।୧୦(ସମିସ): ଯାଜପୁର ବ୍ଲକ୍ ଅନ୍ତର୍ଗତ କବିରପୁର ଦଶହରା ପଡ଼ିଆରେ ଅଶୋକ ଦାସ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁରର ପୂର୍ବତନ ପୌରପାଳ ଭବପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜୁ ଜନତା ଦଳର ନେତା ବ୍ରଜ କିଶୋର ପାଢ଼ୀ, ସ୍ଥାନୀୟ ସରପଞ୍ଚ ସୁଜିତ୍ କୁମାର ରାୟ ଓ ଅଭୟ ବୋଷ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ସ୍ୱର୍ଗତ ଅଶୋକ ଦାସ ଓ ବିଶିଷ୍ଟ ଫୁଟବଲ୍ ଖେଳ ପ୍ରେମୀ ସ୍ୱର୍ଗତ ଆଦିତ୍ୟ ନାରାୟଣ ସିହ୍ନାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଧର୍ମଶାଳା ଫୁଟବଲ୍ ଆସୋସିଏସନ୍, ଧର୍ମଶାଳା ଓ ବୈତରଣୀ ଆଥେଲେଟିକ୍ ଆସୋସିଏସନ୍, ବୈତରଣୀ ରୋଡ଼ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ରେଫରି ଶେଖ୍ ରୀୟଜ୍ କ୍ୱାଦ୍ରୀ ଓ ଲାଇନ ମ୍ୟାନ୍ ଭାବେ ଶୈଳେଶ ପାଣି, ଚିତ୍ତରଞ୍ଜନ ଓଝା ଖେଳ ପରିଚାଳନା କରିଥିଲେ। ଦୀପକ ଜେନା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଧର୍ମଶାଳା ଫୁଟବଲ୍ ଆସୋସିଏସନ୍ ୭-୧ ଗୋଲ୍‌ରେ ବିଜୟ ଲାଭ କରିଛି।

## ଲଗାଣ ବର୍ଷାରେ ନଷ୍ଟ ହୋଇଗଲା ପରିବା ଚାଷ

କବାଟବନ୍ଧ,୫।୧୦(ସମିସ): ଗତ ସପ୍ତାହରେ ଲଗାଣ ବର୍ଷା ଫଳରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ଏବଂ ଜେନାପୁର ଅଞ୍ଚଳରେ ବ୍ୟାପକ ମାତ୍ରାରେ ପନିପରିବା ଚାଷ କ୍ଷୟ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ବର୍ଷା ପାଣି ବହୁ ଦିନ ଧରି ଜମି ରହିବା କାରଣରୁ ବର୍ଷା ଦିନିଆ ପରିବା ସମ୍ପୁର୍ଣ୍ଣ ନଷ୍ଟ ହୋଇଛି। ବ୍ଲକର ଏହି ଅଞ୍ଚଳରେ ରହିଥିବା ନଦୀ କୁଳିଆ ଚାଷୀ ମାନେ ମାନଙ୍କ ଜମିରେ ଲଗାଣ ବର୍ଷା ଯୋଗୁଁ ପାଣି ଜମି ରହିବାରୁ ଫସଲ ନଷ୍ଟ ହୋଇଥିବା ଚାଷୀ ମାନେ କରିଛନ୍ତି। ଗତ ସପ୍ତାହରେ ଲଗାତାର ୪ ଦିନ ଧରି ପ୍ରବଳ ବର୍ଷା ଫସଲ ଜମିକୁ ଜଳମଗ୍ନ କରିଥିଲା। ଫଳରେ କାକୁଡ଼ି, ପୋଟଳ, ମୂଳା, ଝୁଡ଼ଙ୍ଗ ସମେତ ବିଭିନ୍ନ ଫସଲ ପାଣି ଭିତରେ ବୁଡ଼ି ରହି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ପାଣି ଜମି ରହିବା କାରଣରୁ ମୂଳ ପଚି ଯାଇ ଗଛ ନଷ୍ଟ ହୋଇଛି। ଆଦି ଫସଲକୁ ସମ୍ପୁର୍ଣ୍ଣ ଭାବେ ନଷ୍ଟ ହୋଇଛି। ଜମିରେ ପାଣି ଜମି ରହିବା କାରଣରୁ ପୋଟଳ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏହାର ପତ୍ର ପୋଡିଯିବା ସହ ମୂଳ ପଚି ଯାଇ ନଷ୍ଟ ହୋଇଥିବା ଚାଷୀ କହିଛନ୍ତି। କିଛି ଦିନ ପୂର୍ବରୁ ବ୍ରାହ୍ମଣୀ ନଦୀ ରେ ବନ୍ୟା ଆସି ନଦୀ କୁଳିଆ ଚାଷ ଜମିକୁ ଜଳ ମଗ୍ନ କରି ଫସଲ ନଷ୍ଟ କରିଥିଲା। ଏବେ ଲଗାଣ ବର୍ଷା ବାକି ସବୁ ନଷ୍ଟ କରିଦେଲା। ଧାର କରଜ କରି ସାର ଔଷଧ କୀଟନାଶକ ଓ ଜମି ହଳ କରିବା ଆଦି ବାବଦରେ ଗରିବ ଚାଷୀ ମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ଫସଲ ଅମଳ ଦୂରର କଥା ଗଛ ବଡ଼ ହେବା ପୂର୍ବରୁ ନଷ୍ଟ ହୋଇ ଗଲା। ଯାହାକି ଚାଷୀଙ୍କ ଉପରେ ବୋଝ ହୋଇଛି। ଯାହାକି ଚାଷୀଙ୍କ ଆର୍ଥିକ ଅବସ୍ଥାକୁ ବିଗାଡ଼ି ଦେବ। ବ୍ଲକର ଏଣ୍ଡଲବା, ମାଳ, ରେଖିଦେଇପୁର, କଣ୍ଟାପାଟଣା, ଏରଶଣ୍ଡା, ବ୍ରହ୍ମପୁର, କୁସୁନପୁର, କୁସ୍ତିରା, ଆଦି



ଅଞ୍ଚଳରେ ବିଭିନ୍ନ ପ୍ରକାର ପନିପରିବା ଚାଷ ହୋଇଥିଲା। ଲଗାଣ ବର୍ଷା ଯୋଗୁଁ ଫସଲ ନଷ୍ଟ ହେବା ଫଳରେ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି। ଅନେକ ଜମିରେ କୌଣସି ଫସଲ ଗଛ ଦେଖା ନ ଯାଇ କେବଳ ଚାଷ ଜମି ଭଳି ସ୍ଥିତି ଦେଖା ଦେଇଛି। ଆର୍ଥିକ ଅବସ୍ଥା ଭୁଶୁଡିବା ସହିତ ଋଣ ଭାରରେ ଚିନ୍ତାଗ୍ରସ୍ତ ରହିଥିବା ଚାଷୀ ମାନଙ୍କ ଅବସ୍ଥା କଣ ହେବ ତାହା କହିହେବ ନାହିଁ। ଅଦ୍ୟାବଧି ଉକ୍ତ ଅଞ୍ଚଳରେ କୌଣସି କୃଷି ଅଧିକାରୀ କିମ୍ବା ତଦନ୍ତକାରୀ ଅଧିକାରୀ ପହଞ୍ଚି ନାହାଁନ୍ତି। ବିଭାଗୀୟ ଅଧିକାରୀ ମାନେ ତୁରନ୍ତ ଏଥିପ୍ରତି ସଚେତନ ହୋଇ ଚାଷୀ ମାନଙ୍କ ସହ ଆଲୋଚନା କରି ଏଭଳି ସ୍ଥିତିରେ ତାଙ୍କୁ କିଭଳି ଭାବରେ ସହଯୋଗ କରିହେବ ଏବଂ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ କରାଯିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ତୁରନ୍ତ ସେମାନଙ୍କୁ କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇଦେବାକୁ ଚାଷୀ ପ୍ରତାପ ମଲ୍ଲ, ରୋହିତ ଦାସ, ଶରତ ବଳ, ମଦନ ତରାଇଙ୍କ ସମେତ ଅନ୍ୟ ଚାଷୀ ମାନେ ଦାବି କରିଛନ୍ତି।

### ● ବନ୍ଧଡିହରେ ରାଜସ୍ୱ ଜନଶୁଣାଣି ଶିବିର

## ୩୦ ହିତାଧିକାରୀଙ୍କୁ ମିଳିଲା ଜମିପଟ୍ଟା

ବ୍ରହ୍ମବରଦା,୫।୧୦(ସମିସ): ରସୁଲପୁର ବ୍ଲକ ବନ୍ଧଡିହ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରାଜସ୍ୱ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରସୁଲପୁର ଅତିରିକ୍ତ ତହସିଲଦାର କୁମୁଦିନୀ ଜେନା, ବ୍ରହ୍ମବରଦା ରାଜସ୍ୱ ନିରୀକ୍ଷକ ଚିନ୍ମୟୀ ଦାସ, ବରିଷ୍ଠ ରାଜସ୍ୱ ସହାୟକ ଶୁଭଲକ୍ଷ୍ମୀ ସାହୁ ଓ ଡାଟାଏଣ୍ଟ୍ରି ଅପରେଟର ଅବିନାଶ ମିଶ୍ର ଯୋଗଦେଇ ଜନସାଧାରଣଙ୍କ ରାଜସ୍ୱ ସମ୍ପର୍କିତ




ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ମୋଟ ୫୦ଟି ଅଭିଯୋଗ ଓ ଆବେଦନ ଦାଖଲ ହୋଇଥିବା ବେଳେ ୩୦ ଜଣ ହିତାଧିକାରୀଙ୍କୁ ତତ୍କାଳ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗ ଗୁଡ଼ିକୁ ନିୟମାନୁଯାୟୀ ଯାଞ୍ଚ କରି ପଦକ୍ଷେପ ନିଆଯିବ ବୋଲି ଅଧିକାରୀ କହିଛନ୍ତି। ଏହି ଶିବିରରେ ବକେୟା ରାଜସ୍ୱ ଆଦାୟ, କଲମ-୨ ସଂଶୋଧନ, କଲମ-୨ ପଟ୍ଟା ବିତରଣ ଏବଂ ବିଭିନ୍ନ ରାଜସ୍ୱ ମାମଲାର ସମାଧାନ ନେଇ ଜନସାଧାରଣଙ୍କ ସମ୍ମୁଖରେ ଶୁଣାଣି କରାଯାଇଥିଲା। ଏହି ଶିବିର ଯୋଗୁଁ ଗ୍ରାମାଞ୍ଚଳର ଲୋକେ ତହସିଲ କାର୍ଯ୍ୟାଳୟକୁ ଯିବା ଅସୁବିଧାରୁ ମୁକ୍ତି ପାଇ ନିଜ ପଞ୍ଚାୟତରେ ସେବା ପାଇପାରିଛନ୍ତି।

### ଜାରକା ଗୋପବନ୍ଧୁ ଛକରେ ଗୁରୁତର ଟ୍ରାଫିକ୍ ସମସ୍ୟା

# ରାସ୍ତାକୁ ମାଡ଼ିବସିଛନ୍ତି ଦୋକାନୀ



ଧର୍ମଶାଳା,୫।୧୦(ସମିସ): ଧର୍ମଶାଳା ବ୍ଲକ ଜାରକା ଛକ ବସ୍‌ଷ୍ଟପ ନିକଟ ମୁଖ୍ୟ ରାସ୍ତାରେ ଦିନକୁ ଦିନ ଯାତାୟାତ ସମସ୍ୟା ଜଟିଳ ହେବାରେ ଲାଗିଛି। ରାସ୍ତାର ଗୋଟିଏ ପଟେ ଫଳ ବ୍ୟବସାୟୀମାନେ ଦୋକାନ ଖୋଲି ବସୁଥିବା ବେଳେ, ସେମାନଙ୍କ ଦୋକାନ ସମ୍ମୁଖରେ ବୁଲା ଷଣ୍ଢମାନେ ରାସ୍ତା ଉପରେ ଭିଡ଼ ଜମାଉଛନ୍ତି। ଅନ୍ୟପଟେ ଅଟୋ ଚାଳକମାନେ ରାସ୍ତାକଡ଼ରେ ଅଟୋ ରଖି ଦେଉଥିବାରୁ ରାସ୍ତା ସଂକୁଚିତ ହୋଇପଡୁଛି। ଫଳରେ ଯାନବାହନ ଓ ପଥଚାରୀଙ୍କ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହି ରାସ୍ତା ଷୋହଳ ନମ୍ବର ଜାତୀୟ ରାଜପଥରୁ ଜାରକା ବଜାର ଦେଇ ଧର୍ମଶାଳା ଥାନା, ମେଡିକାଲ ଏବଂ କାଏମା ରାସ୍ତାକୁ ସଂଯୋଗ କରୁଛି। ପ୍ରତିଦିନ ଏହି ରାସ୍ତାରେ ଶହ ଶହ ମୋଟରସାଇକଲ, ଟ୍ରାକ୍ଟର, ଆମ୍ବୁଲାନ୍ସ ସମେତ ବିଭିନ୍ନ ଯାନବାହନ ଚଳାଚଳ କରୁଛି। ଏପରିକି ପ୍ରଶାସନିକ ଅଧିକାରୀଙ୍କ ଗାଡ଼ି ମଧ୍ୟ ଏହି ରାସ୍ତା ଦେଇ ଯାତାୟାତ କରୁଛି। ତଥାପି ରାସ୍ତାର ଏଭଳି ଅବ୍ୟବସ୍ଥା ଉପରେ ପ୍ରଶାସନର ଦୃଷ୍ଟି ନ ପଡ଼ିବା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଧର୍ମଶାଳା ଓ କାଏମା ପଟରୁ ଏହି ରାସ୍ତା ବସ ଷ୍ଟପ, ଧର୍ମଶାଳା ମହାବିଦ୍ୟାଳୟ, ବ୍ଲକ କାର୍ଯ୍ୟାଳୟ ଓ ଷ୍ଟାଡିୟମକୁ ସଂଯୋଗ କରୁଥିବାରୁ ପ୍ରତିଦିନ ଶହ ଶହ ଲୋକ ଏବଂ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଏହା ଉପରେ ନିର୍ଭର କରି ଯାତାୟାତ କରୁଛନ୍ତି। ଏଣୁ ଏହା ଏକ ବ୍ୟସ୍ତବହୁଳ ରାସ୍ତାରେ ପରିଣତ ହୋଇଛି। ହେଲେ ରାସ୍ତାକଡ଼ରେ ବ୍ୟବସାୟ ଓ ଅନିୟମିତ ପାର୍କିଂ ଯୋଗୁଁ ଲୋକେ ନାନା ସମସ୍ୟାରେ ପଡୁଥିବା ଅଭିଯୋଗ ହୋଇଛି। ସେହିପରି ବଡ଼ ଫ୍ଲାଏଓଭର ବ୍ରିଜ ତଳେ ମଧ୍ୟ ଅନେକ ବ୍ୟବସାୟୀ ଜାଗା ମାଡ଼ି ବସିବା ସହ ଉଠା ଦୋକାନୀମାନେ ରାସ୍ତା ଉପରେ ବେପାର କରୁଛନ୍ତି। ଫଳରେ ଅନେକ ସମୟରେ ଟ୍ରାଫିକ ଜାମ ହେଉଛି। ବ୍ୟସ୍ତ ସମୟରେ ସ୍ଥିତି ଆହୁରି ଜଟିଳ ହେବା ସହ ଦୁର୍ଘଟଣାର ଆଶଙ୍କା ରହୁଛି। ରାସ୍ତାକଡ଼ ବ୍ୟବସାୟୀ ଓ ଅଟୋ ଚାଳକଙ୍କ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ, ରାସ୍ତା ଜବରଦଖଲ ହଟାଇବା, ବୁଲା ଷଣ୍ଢଙ୍କ ନିୟନ୍ତ୍ରଣ ଏବଂ ଯାତାୟାତ ବ୍ୟବସ୍ଥା ସୁଧାରିବା ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସମ୍ପାଦକୀୟ



ତୁମେ ଯଦି ଭିଡ଼ରୁ ଭିନ୍ନ ହୋଇ ଠିଆ ହେବାକୁ ଚାହୁଁଛ, ତେବେ ପଥର ମାଡ଼ର ସାମ୍ନା କରିବାକୁ ମଧ୍ୟ ପ୍ରସ୍ତୁତ ରହିବା ଉଚିତ।
-ଭର୍ଗିଜ୍ କୁରିଏନ୍

ସକାଳ THE SAKALA

## ସ୍ୱର୍ଣ୍ଣିମ ଗୌରବର ଆହ୍ୱାନ

ଓଡ଼ିଶା ସରକାର ପ୍ରାୟୋଜିତ ଭାରତୀୟ ହକି ଦଳ ପାଇଁ ୨୦୨୬ ଏସିଆନ୍ ଗେମ୍ସ ଦୁଇଦୁଇଟି ସ୍ୱର୍ଣ୍ଣିମ ଗୌରବର ମୁହୂର୍ତ୍ତ ଆଣିଛି। ପ୍ରଥମେ ଭାରତୀୟ ମହିଳା ହକି ଦଳ ଚୀନ୍‌କୁ ୧-୦ ଗୋଲରେ ପରାସ୍ତ କରି ସ୍ୱର୍ଣ୍ଣପଦକ ଲାଭ କରିଥିବା ବେଳେ ଭାରତୀୟ ପୁରୁଷ ହକି ଦଳ ମାଲେସିଆକୁ ୫-୧ ଗୋଲ୍‌ରେ ହରାଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ଉପରୋକ୍ତ ସ୍ୱର୍ଣ୍ଣିମ ସଫଳତା ଭାରତୀୟ ହକିରେ ଦେଖାଦେଇଥିବା ନିରାଶା ଭାବକୁ ଦୂର କରିବା ସହିତ ନୂଆ ଆଶା ସଞ୍ଚାର କରିଛି ଏବଂ ଅପାର ସମ୍ଭାବନା ଦିଗକୁ ବଢ଼ିବାର ଅଦମ୍ୟ ପ୍ରେରଣା ଦେଇଛି। ଏହି ଦ୍ୱୈତ ସଫଳତା ଭାରତୀୟ ହକିର ଅତୀତ ଗୌରବକୁ ପୁଣି ଥରେ ସ୍ମରଣ କରିଛି।

୪୪ ବର୍ଷ ପରେ ଭାରତୀୟ ମହିଳା ହକି ଦଳର ସ୍ୱର୍ଣ୍ଣିମ ବିଜୟ ଏହି ସଫଳତାର ସବୁଠାରୁ ଉଲ୍ଲେଖନୀୟ। ଭାରତୀୟ ମହିଳା ହକି ଦଳ ୧୯୮୨ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୧୯୯୮ ଓ ୨୦୧୮ରେ ରୌପ୍ୟ ଏବଂ ୨୦୨୩ରେ କାଂସ୍ୟ ପଦକ ଜିତିଥିଲା। ଏଥର କିନ୍ତୁ ଭାରତୀୟ ଖେଳାଳିମାନେ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଆଧିପତ୍ୟ ବିସ୍ତାର କରିଥିଲେ। ସେମିଫାଇନାଲ୍‌ରେ ଦକ୍ଷିଣ କୋରିଆକୁ ୨-୦ରେ ହରାଇ ଫାଇନାଲ୍‌ରେ ପହଞ୍ଚିବା ପରେ ଚୀନ୍ ପରି ଶକ୍ତିଶାଳୀ ଦଳକୁ ପରାସ୍ତ କରିବା ବଡ଼ ଆହ୍ୱାନ ଥିଲା। ପ୍ରତୀକ୍ଷା, ବିଫଳତାରୁ ଶିକ୍ଷା ଏବଂ ଲକ୍ଷ୍ୟ ପ୍ରତି ଅଟଳ ରହିବାର ଫଳ ଶେଷରେ ମିଳିଛି। ଚୀନ୍‌ର ଆକ୍ରମଣକୁ ଶେଷ ପର୍ଯ୍ୟନ୍ତ ପ୍ରତିହତ କରିବାରେ ଦଳୀୟ ଏକତା ଓ ମାନସିକ ଦୃଢ଼ତା ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହି ବିଜୟର ମୂଲ୍ୟ ତେଣୁ କେବଳ ଏକ ସ୍ୱର୍ଣ୍ଣ ପଦକରେ ସୀମିତ ନ ରଖି ଦୀର୍ଘ ସମୟର ନିରାଶା, ବିଫଳତା ଓ ଦଳୀୟ ଅସ୍ଥିରତାକୁ ପଛରେ ପକାଇ ବିଶ୍ୱାସ ଫେରିପାଇବାର ସଫଳ କାହାଣୀ ଭାବେ ବର୍ଣ୍ଣନା କରାଯାଇପାରେ।

ସେହିପରି ଏହାକୁ ମିଶାଇ ପୁରୁଷ ହକି ଦଳ ଏସିଆନ୍ ଗେମ୍ସରେ ପଞ୍ଚମ ଥର ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଅଧିନାୟକ ହରମନପ୍ରୀତ ସିଂହଙ୍କ ନେତୃତ୍ୱ ଓ ଦଳର ସମନ୍ୱିତ ପ୍ରଦର୍ଶନ ଏହି ବିଜୟର ପ୍ରମୁଖ ଆଧାର। ଏହି ସଫଳତାର ଆଉ ଏକ ବିଶେଷତ୍ୱ ହେଉଛି ପୁରୁଷ ଓ ମହିଳା ଦଳ ପ୍ରଥମ ଥର ଏକାସାଙ୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଏବଂ ୨୦୨୮ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏବେ ଏହି ସଫଳତାକୁ ଅଲିମ୍ପିକ୍ସରେ ଦୋହରାଇବା ମୁଖ୍ୟ ଆହ୍ୱାନ। ଏସିଆନ୍ ଗେମ୍ସଠାରୁ ଅଲିମ୍ପିକ୍‌ରେ ପ୍ରତିଦ୍ୱନ୍ଦ୍ୱିତା ଓ ଆହ୍ୱାନ ଅଧିକ କଡ଼ା ଥିବାରୁ ଆଗାମୀ ଦୁଇ ବର୍ଷ ଖେଳାଳିମାନେ କଠିନ ପ୍ରସ୍ତୁତି କରିବା ଆବଶ୍ୟକ।

ଧ୍ୟାନଚାନ୍ଦଙ୍କ ଯୁଗରୁ ଆରମ୍ଭ କରି ଅଲିମ୍ପିକ୍ସର ସ୍ୱର୍ଣ୍ଣିମ ଅଧ୍ୟାୟ ପର୍ଯ୍ୟନ୍ତ ହକି ଭାରତୀୟ କ୍ରୀଡ଼ାର ପରିଚୟ ଥିଲା। ମଝିରେ ଏହି କ୍ରୀଡ଼ାର ଲୋକପ୍ରିୟତା ଓ ପ୍ରଭାବ କିଛିଟା ହ୍ରାସ ପାଇଥିଲା। ଭାରତୀୟ ହକି ଦଳର ପ୍ରାୟୋଜନ ପାଇଁ କୌଣସି ସଂସ୍ଥା ରାଜି ହେଉ ନ ଥିବା ବେଳେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାୟୋଜନ ପାଇଁ ଆଗେଇ ଆସିଥିଲେ। ତାଙ୍କର ସେହିସମୟର ଦୂରଦୃଷ୍ଟି ଓ ସାହସିକ ପଦକ୍ଷେପ ଏବେ ଫଳ ଦେଇଛି। ତେବେ ଏହି ସଫଳତାକୁ ଦୀର୍ଘସ୍ଥାୟୀ କରିବା ପାଇଁ ତୃଣମୂଳ ସ୍ତରରେ ହକିକୁ ଅଧିକ ମଜବୁତ କରିବା ବର୍ତ୍ତମାନ ସରକାରଙ୍କ ଦାୟିତ୍ୱ। ଶିକ୍ଷାନୁଷ୍ଠାନ ସ୍ତରରେ ଏହି ଜାତୀୟ କ୍ରୀଡ଼ାର ପ୍ରଶିକ୍ଷଣ, ଗ୍ରାମାଞ୍ଚଳରେ ଖେଳ ଭିତ୍ତିଭୂମିର ବିକାଶ, ଉନ୍ନତ ଟର୍ଫ ନିର୍ମାଣ, ପ୍ରଶିକ୍ଷକ ଓ ଯୁବ ଖେଳାଳିଙ୍କ ପାଇଁ ଆର୍ଥିକ ସହାୟତା ଆଦିକୁ ପ୍ରାଥମିକତା ଦେବା ଆବଶ୍ୟକ। ବିଶେଷକରି ମହିଳା ହକିରେ ଏହି ସଫଳତାକୁ ଆଧାର କରି ନୂଆ ପ୍ରତିଭା ଖୋଜିବା ଦରକାର। ଭାରତୀୟ ହକିରେ ପ୍ରତିଭାର ଅଭାବ ନାହିଁ। ଆବଶ୍ୟକ ହେଉଛି ନିରନ୍ତର ପ୍ରଶିକ୍ଷଣ, ଆଧୁନିକ ଭିତ୍ତିଭୂମି, ଉନ୍ନତ ତାଲିମ୍, ଫିଟନେସ୍ ବ୍ୟବସ୍ଥା ଏବଂ ଛୋଟ ସହର ଓ ଗ୍ରାମାଞ୍ଚଳରୁ ପ୍ରତିଭା ଚିହ୍ନଟ। ବିଶେଷକରି ଝିଅମାନଙ୍କ ଖେଳ ପ୍ରତି ଦୃଷ୍ଟିଭଙ୍ଗୀ ବଦଳାଇବାରେ ଏପରି ବିଜୟ ନିର୍ଣ୍ଣାୟକ ହୋଇପାରେ। ଗୋଟିଏ ସ୍ୱର୍ଣ୍ଣ ପଦକ ଅନେକ ପରିବାରକୁ ନିଜ ଝିଅକୁ ଖେଳ ପାଇଁ ଉତ୍ସାହିତ କରିବାର ସାହସ ଦେଇପାରେ। ଆଜିର ଚାମ୍ପିଅନ୍‌ମାନେ ଆସନ୍ତାକାଲିର ହଜାର ହଜାର ଝିଅଙ୍କ ପାଇଁ ଆଦର୍ଶ ହୋଇପାରନ୍ତି।

ବିଶ୍ୱର ଯୁବଶକ୍ତି ଭାରତକୁ ବିଶ୍ୱ କ୍ରୀଡ଼ାଶକ୍ତିର ପରିଚୟ ସୃଷ୍ଟି କରିବାକୁ ହେଲେ ହକି ସମେତ ଦୌଡ଼କୁଦ ଓ ଅନ୍ୟାନ୍ୟ କ୍ରୀଡ଼ାର ଭିତ୍ତିକୁ ମଧ୍ୟ ସଜାଡ଼ିବାକୁ ପଡ଼ିବ। ଅଲିମ୍ପିକ୍ସର ବିଭିନ୍ନ ବିଭାଗରେ ଅନେକ ପଦକ ଜିତିବାର ସମ୍ଭାବନା ରହିଛି। କିନ୍ତୁ ଭାରତର ପ୍ରଦର୍ଶନ ଏଯାବତ୍ ଆମର ଜନସଂଖ୍ୟା ଆଧାରରେ ଆଶାଜନକ ନୁହେଁ। କ୍ରିକେଟ୍‌ର ଏକଚାଟିଆ ଆଧିପତ୍ୟରୁ ଦୃଷ୍ଟି ହଟାଇ ଅଲିମ୍ପିକ୍ସ, ଏସୀୟ କ୍ରୀଡ଼ା ଓ ବିଶ୍ୱ ଚାମ୍ପିଅନ୍‌ସିପ୍ ପରି ବିଶ୍ୱସ୍ତରୀୟ ଦୌଡ଼କୁଦ ଓ ଅନ୍ୟାନ୍ୟ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ନିଜସ୍ୱ ପରିଚୟ ସୃଷ୍ଟି ସହିତ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିବାକୁ ହେଲେ ଆହୁରି ଉନ୍ନତ ପ୍ରଦର୍ଶନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିବା ଉଚିତ। ଦେଶର ଅନେକ ସ୍ଥାନରେ ଗୁଣାତ୍ମକ ଭିତ୍ତିଭୂମି, ଫିଜିଓଥେରାପି ଓ ଆଧୁନିକ ପ୍ରଶିକ୍ଷଣ କେନ୍ଦ୍ରର ଅଭାବ ରହିଛି। ମହାନଗରଗୁଡ଼ିକରେ କିଛିଟା ସୁବିଧା ଥିଲେ ମଧ୍ୟ ଛୋଟ ସହର, ଗ୍ରାମାଞ୍ଚଳରେ ପ୍ରତିଭା ଚିହ୍ନଟ ଓ ବିକାଶ ପାଇଁ ଆବଶ୍ୟକ ପରିବେଶ ନାହିଁ। ଫଳରେ ଅନେକ ପ୍ରତିଭା ଆରମ୍ଭରୁ ହିଁ ହଜିଯାଉଛନ୍ତି। ଆଧୁନିକ କ୍ରୀଡ଼ା କଠିନ ପରିଶ୍ରମ ସହିତ ବିଜ୍ଞାନର ସମନ୍ୱିତ ପ୍ରକ୍ରିୟା। ପ୍ରଶିକ୍ଷଣ ପଦ୍ଧତି, ପୋଷଣ, ମାନସିକ ପ୍ରସ୍ତୁତି ଆଦି ଏଥିରେ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ କ୍ରୀଡ଼ା ଏକ୍ଷେତ୍ରରେ କେତେକ ଉନ୍ନତି କରିଥିଲେ ମଧ୍ୟ ବିଶ୍ୱସ୍ତରୀୟ ହୋଇପାରିନାହିଁ। ଏଥିପ୍ରତି ସରକାର ପ୍ରାଥମିକତା ଦେବାକୁ ପଡ଼ିବ। ଏଥିସହିତ ପ୍ରଶିକ୍ଷଣ ସମୟରେ ଛାତ୍ରବୃତ୍ତି, ପୋଷଣ ଭତ୍ତା, ଚିକିତ୍ସା ସୁବିଧା ଓ ଚାକିରିର ସୁଯୋଗ ନିଶ୍ଚିତ କରିବା ଦରକାର। ପଦକ ଜିତିବା ପରେ ପୁରସ୍କାର ଦେବା ଯେତିକି ଆବଶ୍ୟକ, ପଦକ ଜିତିବା ପୂର୍ବରୁ ଏହାର ଘୋଷଣା ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ।

## ରାଜୀବ କୁମାରଙ୍କଠାରୁ ଜ୍ଞାନେଶ କୁମାର ପର୍ଯ୍ୟନ୍ତ

ମହମ୍ମଦ ହିଫ୍‌ଜୁର ରହେମାନ୍

ଗତ କିଛିବର୍ଷ ଧରି ନିର୍ବାଚନ କମିସନଙ୍କ ଭୂମିକାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହେଲାଣି। ବିଶେଷକରି ଗତ ସାଧାରଣ ନିର୍ବାଚନ (୨୦୨୪)ଠାରୁ ଆଜିପର୍ଯ୍ୟନ୍ତ ବିରୋଧୀ ଦଳ ଓ କେତେକ ସଂଗଠନ ଯେଉଁସବୁ ଅଭିଯୋଗ ଉଠାଇଛନ୍ତି, ତାହା କମିସନଙ୍କ ଭିତିରି କାରନାମାକୁ ପଦାରେ ପକାଇବା ଆରମ୍ଭ କରିଛି। ୨୦୨୪ ସାଧାରଣ ନିର୍ବାଚନ ତତ୍କାଳୀନ ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାରଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ୨୦୨୫ରୁ ଚାଲିଛି ଜ୍ଞାନେଶ କୁମାରଙ୍କ ରାଜ। ରାଜୀବଙ୍କ ସମୟର କାରନାମାଠାରୁ ଭୟଙ୍କର ଭାବେ ବଢ଼ିଯାଇଛି ଜ୍ଞାନେଶଙ୍କ କାରନାମା, ଯାହାକୁ ନେଇ ସମଗ୍ର ଦେଶରେ ହଲଚଲ ସୃଷ୍ଟି ହୋଇଛି।

'ବିନାଶ କାଳେ ବିପରୀତ ବୁଦ୍ଧି' ନ୍ୟାୟରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏବେ ଯେମିତି ୟୁଟର୍ଣ୍ଣ ମାରୁଛନ୍ତି, ତାହା ସମଗ୍ର ନିର୍ବାଚନ ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରାଇଦେଇଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆରର ଯେଉଁ ବିବାଦୀୟ ସର୍ତ୍ତ ଯୋଗୁଁ ଭୋଟର ତାଲିକାରୁ ୧୩ କୋଟି ଭୋଟର କଟିଗଲେ, ସେହି ବ୍ୟବସ୍ଥାରେ ପରିବର୍ତ୍ତନ କରି ବାଦ୍ ପଡ଼ିଯାଇଥିବା ଭୋଟରମାନଙ୍କୁ ସାମିଲ କରିବା ଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଶ୍ଚିତ। କିନ୍ତୁ ଯେଉଁ ବିବାଦୀୟ ଏସ୍‌ଆଇଆର୍ ଆଧାରରେ ରାଜ୍ୟ ବିଧାନସଭା ନିର୍ବାଚନ କରାଯାଇଛି, ତାହା ବୈଧ କି? ଏଭଳି ପ୍ରଶ୍ନ ଉଠିବା ସ୍ୱାଭାବିକ ଏବଂ ବିରୋଧୀ ଦଳ ମଧ୍ୟ ଏହି ପ୍ରଶ୍ନ କରିବା ଆରମ୍ଭ କଲେଣି।

ଜ୍ଞାନେଶଙ୍କ ଅମଳରେ ସବୁଠାରୁ ବିବାଦୀୟ ପଦକ୍ଷେପଟି ହେଉଛି ଏସ୍‌ଆଇଆର୍। ନୂଆ ଭୋଟରଙ୍କୁ ଯୋଡ଼ିବା ଲାଗି ଏସ୍‌ଆଇଆର୍ ଉଦ୍ଦିଷ୍ଟ ଥିବା ବେଳେ ଜ୍ଞାନେଶ ଏହାକୁ ବିପରୀତ ଦିଗକୁ ନେଇ ଭୋଟରଙ୍କୁ କାଟିବା ହିଁ ମୂଳ ଲକ୍ଷ୍ୟ କରିଦେଲେ। ତାଙ୍କର ଏହି କାରନାମା ଏବେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ବିଶେଷକରି ଦୁଇଜଣ ନିର୍ବାଚନ କମିସନର ଏହି ମାମଲାରେ ତାଙ୍କ ସହ ଅସହମତ ହେବା ରିପୋର୍ଟ ପ୍ରକାଶ ପାଇବା ପରେ ଜ୍ଞାନେଶଙ୍କ ପାଇଁ କାଉଣ୍ଟଡାଉନ୍ ବା ଓଲଟା ଗଣତି ଆରମ୍ଭ ହୋଇଯାଇଛି। ଯେଉଁଥିପାଇଁ ବ୍ୟସ୍ତବିବ୍ରତ ହୋଇ ସେ ପୂର୍ବ ନିଷ୍ପତ୍ତି ବଦଳାଇବାକୁ ଲାଗିଛନ୍ତି। ଏସଆଇଆରରେ ବିଶେଷକରି ୪ଟି ପରିବର୍ତ୍ତନକୁ ନେଇ ବିବାଦ ଦେଖାଦେଇଛି।

ପ୍ରଥମଟି ହେଲା ଫର୍ମ-୬। ଏହି ଫର୍ମ ଜରିଆରେ ନୂଆ ଭୋଟର ସାମିଲ ହୁଅନ୍ତି। କିନ୍ତୁ ଏହି ଫର୍ମରେ ଅନଲାଇନ ଆବେଦନ ବେଳେ ଏମିତି ସର୍ତ୍ତ ଯୋଡ଼ାଗଲା ଯେ ଲକ୍ଷାଧିକ ଯୋଗ୍ୟ ଯୁବ ଭୋଟର ତାଲିକାରେ ସ୍ଥାନ ପାଇପାରିଲେ ନାହିଁ। ୨୦୦୨ରେ ହୋଇଥିବା ଏସ୍‌ଆଇଆର୍ ବେଳେ ସେମାନଙ୍କର ପିତାମାତାଙ୍କ ତଥ୍ୟ ସହ ମେଳ କରିବାକୁ ଏଥିରେ ସର୍ତ୍ତ ରଖାଯାଇଥିଲା। ଏହାର ବିରୋଧ କରିଥିଲେ ଦୁଇ ଜଣ କମିସନର। କିନ୍ତୁ ଜ୍ଞାନେଶ ସେମାନଙ୍କ କଥା ଶୁଣିନଥିଲେ। ଏହି ଖବର ପ୍ରଘଟ ହେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରୁ ଫର୍ମ-୬ରୁ ଏହି ସର୍ତ୍ତଗୁଡ଼ିକୁ ହଟାଇ ଦିଆଯାଇଛି।

ଦ୍ୱିତୀୟଟି ହେଲା ଫର୍ମ-୭। ମୃତ ଓ ଅଯୋଗ୍ୟ ଭୋଟରଙ୍କ ନାମ କାଟିବା ଲାଗି ଏହି ଫର୍ମ ବ୍ୟବହୃତ ହୁଏ। ଜଣେ ବ୍ୟକ୍ତି ଅନ୍ୟବ୍ୟକ୍ତିର ନାମ ଭୋଟର ତାଲିକାରୁ କାଟିବା ଲାଗି ଏହି ଫର୍ମ ଜରିଆରେ ଆବେଦନ କରିପାରିବ। କିନ୍ତୁ ଚୂଡ଼ାନ୍ତ ନିଷ୍ପତ୍ତି ନିର୍ବାଚନ ଅଧିକାରୀ ଯାଞ୍ଚ କରିବେ। କିନ୍ତୁ ଏଥିରେ ବଡ଼ ଧରଣର ଜାଲିଆତି କରାଯାଇଛି। ନିର୍ଦ୍ଦିଷ୍ଟ ଗୋଷ୍ଠୀର ଭୋଟର କାଟିବା ଲାଗି କେତେକ ଦଳର କର୍ମୀ ଏଭଳି ଫର୍ମରେ ଆବେଦନ କରିଛନ୍ତି। ବୁଥସ୍ତରୀୟ ଅଧିକାରୀ ବା ବିଏଲ୍‌ଓମାନଙ୍କ ଆଇଡି ଓ ପାସୱାର୍ଡ ହ୍ୟାକ୍ କରି ହଜାର ହଜାର ଭୋଟରଙ୍କ ନାମ କଟାଯାଇଛି। ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, କର୍ଣ୍ଣାଟକରୁ ଆରମ୍ଭ କରି ଓଡ଼ିଶାର ଧାମନଗର ପର୍ଯ୍ୟନ୍ତ ଏଭଳି ଜାଲିଆତି ହୋଇଥିବା ଧରାପଡ଼ିଛି। କେବଳ ପଶ୍ଚିମବଙ୍ଗରେ ଏହି ଫର୍ମ ଜରିଆରେ ୩୮ ଲକ୍ଷ ଆବେଦନ କରାଯାଇଛି ଏବଂ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ୧୬ ଲକ୍ଷ ଏଭଳି ଲୋକ ଆବେଦନ କରିଛନ୍ତି, ଯେଉଁମାନଙ୍କର କୌଣସି ପତ୍ତା ନାହିଁ।

ତୃତୀୟଟି ହେଉଛି ନିର୍ବାଚନ କମିସନଙ୍କ ପୋର୍ଟାଲ ଇସିଆଇନେଟ୍। ଆଇନ ଅନୁଯାୟୀ ଭୋଟର ତାଲିକାରେ ନାମ ଯୋଡ଼ିବା, କାଟିବା ବା ସଂଶୋଧନ କରିବା ଦାୟିତ୍ୱ ହେଉଛି ରାଜ୍ୟରେ ଥିବା ନିର୍ବାଚନ ଅଧିକାରୀମାନଙ୍କର। ପୂରା ଯାଞ୍ଚ କରିବା ପରେ ସେମାନେ ସଠିକ୍ ତଥ୍ୟ ଏଥିରେ ଅପଲୋଡ୍ କରନ୍ତି। କିନ୍ତୁ ଏହି ପୋର୍ଟାଲ ଡାଟାବେସ୍‌ର କେନ୍ଦ୍ରୀକରଣ କରି କମିସନ ରାଜ୍ୟ ଅଧିକାରୀମାନଙ୍କଠାରୁ ଏହି କ୍ଷମତା ଛଡ଼ାଇନେଲେ। ଏହି କ୍ଷମତା ଦିଲ୍ଲୀରେ ସୀମିତ କରିଦିଆଗଲା। ତେଣୁ କାହାର ନାମ କଟିବ କି ଯୋଡ଼ାହେବ, ସେ ନିଷ୍ପତ୍ତି ଦିଲ୍ଲୀରେ ନିଆଗଲା। ଦୁଇ ଜଣ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ଏହାର ବିରୋଧ କରିଥିଲେ। କିନ୍ତୁ ଜ୍ଞାନେଶ କୁମାର ସେମାନଙ୍କ କଥା ଶୁଣିଲେ ନାହିଁ। ପୁଣି ମହାରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ଏଭଳି କେନ୍ଦ୍ରୀକରଣକୁ ନେଇ ଆପତ୍ତି ଉଠାଇଲେ। ଏହିସବୁ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କମିସନର ଇସିଆଇନେଟ୍‌ର ବିକେନ୍ଦ୍ରୀକରଣ ପାଇଁ ନିଷ୍ପତ୍ତି ନେଇଛନ୍ତି।

ସବୁଠାରୁ ଭୟାନକ ଓ ବିପଜ୍ଜନକ ପ୍ରସଙ୍ଗଟି ହେଉଛି ଲଜିକାଲ ଡିସକ୍ରେପାନ୍ସି ବା ସରଳ ଭାଷାରେ କହିବାକୁ ଗଲେ ସନ୍ଦିଗ୍ଧ ତାଲିକା। ଅର୍ଥାତ ଜଣେ ଭୋଟର ପାଖରେ ସବୁ ତଥ୍ୟ ପ୍ରମାଣ ଥିଲେ ମଧ୍ୟ ନିର୍ବାଚନ ଅଧିକାରୀଙ୍କର ସନ୍ଦେହ ହେଲେ ତାଙ୍କୁ ମତଦାନରୁ ବଞ୍ଚିତ କରିପାରିବେ। ପଶ୍ଚିମବଙ୍ଗରେ ପ୍ରଥମେ ୧ କୋଟି ୩୦ ଲକ୍ଷ ଭୋଟରଙ୍କ ନାମ ଏହି ତାଲିକାରେ ସ୍ଥାନ ପାଇଥିଲା। ପରବର୍ତ୍ତୀ ସମୟରେ ଏହା ୯୫ ଲକ୍ଷକୁ ଖସି ଆସିଥିଲେ ମଧ୍ୟ ଏବେ ବି ୬୦ ଲକ୍ଷ ଭୋଟରଙ୍କ ନାମ ଏହି ତାଲିକାରେ ଯୋଡ଼ି ହୋଇଛି। ଏଭଳି ଭୋଟରଙ୍କ ଆବେଦନର ବିଚାର ପାଇଁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଗଠନ ହୋଇଥିଲେ ମଧ୍ୟ ଏହି ବିଚାର ପ୍ରକ୍ରିୟା କେବେ ସଂପନ୍ନ ହେବ, ତାହା କେହି କହିପାରିବେ ନାହିଁ। କାରଣ ଏଥିପାଇଁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ।

ଭୋଟର କାଟ୍ ନେଇ ନିର୍ବାଚନ କମିସନଙ୍କର ଏଭଳି ଆଭିମୁଖ୍ୟ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଉଜ୍ଜଳ ଭୂୟାଁଙ୍କ ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରେ। ସେ କହିଛନ୍ତି ଯେ ଲକ୍ଷ ଲକ୍ଷ ନାଗରିକଙ୍କୁ ସେମାନଙ୍କର ମତାଧିକାରରୁ ବଞ୍ଚିତ କରୁଥିବା କୌଣସି ବି ପ୍ରକ୍ରିୟା ସମ୍ବିଧାନ ସମ୍ମତ ନୁହେଁ। ଏହା ସମ୍ବିଧାନର ଧାରା ୩୨୬ ଏବଂ ୧୪ର ଉଲ୍ଲଂଘନ କରୁଛି। ଦୁଇପ୍ରକାର ନାଗରିକ ପାଇଁ ଭାରତୀୟ ସମ୍ବିଧାନରେ କୌଣସି ବ୍ୟବସ୍ଥା ନାହିଁ, ଯେଉଁଠି ଗୋଟିଏ ଶ୍ରେଣୀର ନାଗରିକଙ୍କ ପାଖରେ ମତଦାନ ଅଧିକାର ରହିବ ଏବଂ ଆଉ ଗୋଟିଏ ପ୍ରକାର ନାଗରିକ ପାଖରେ ଭୋଟିଂ ଅଧିକାର ରହିବ ନାହିଁ। ମତାଧିକାରରୁ ବଞ୍ଚିତ କରି ନାଗରିକଙ୍କୁ ନିଜ ଦେଶରେ ଦ୍ୱିତୀୟ ଶ୍ରେଣୀର ନାଗରିକ କରାଯାଇପାରିବ ନାହିଁ।

ଏହାପୂର୍ବରୁ ରାଜୀବ କୁମାରଙ୍କ କାର୍ଯ୍ୟକାଳରେ ନିର୍ବାଚନ ପରିଚାଳନାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଥିଲା। ପ୍ରଥମ ଅଭିଯୋଗ ଥିଲା ଯେ ଇଭିଏମ୍‌ରେ ଯେତେସଂଖ୍ୟକ ଭୋଟ୍ ପଡ଼ିଥିଲା, ଗଣତି ବେଳେ ସେହି ସଂଖ୍ୟା ଢେର ଅଧିକ ଥିଲା। ଦ୍ୱିତୀୟ ଅଭିଯୋଗ ହେଉଛି ଯେ ସାଧାରଣ ନିର୍ବାଚନ ୭ଟି ପର୍ଯ୍ୟାୟରେ ହୋଇଥିବା ବେଳେ ପ୍ରତି ପର୍ଯ୍ୟାୟରେ ଭୋଟିଂ ହାର ଅପ୍ରତ୍ୟାଶିତ ଭାବେ ବୃଦ୍ଧି ପାଇଥିଲା। ପୁଣି ମତଦାନ ସରିବା ପରେ ଭୋଟର ସଂଖ୍ୟା ସଂପର୍କରେ କମିସନ ଯେଉଁ ପ୍ରାଥମିକ ରିପୋର୍ଟ ଦେଉଥିଲେ, ଚୂଡ଼ାନ୍ତ ରିପୋର୍ଟ ପ୍ରକାଶନ ବେଳେ ଏହି ସଂଖ୍ୟା ଢେର ଅଧିକ ଦେଖାଉଥିଲେ। ପ୍ରାଥମିକ ସଂଖ୍ୟା ଏବଂ ଚୂଡ଼ାନ୍ତ ସଂଖ୍ୟା ମଧ୍ୟରେ ୫ କୋଟି ଭୋଟ୍ ବ୍ୟବଧାନ ରହିଥିଲା। ସେଥିରେ ଓଡ଼ିଶାର ୧୮ଟି ଆସନ ରହିଥିଲା। ଏହି ସଂସଦୀୟ କ୍ଷେତ୍ରଗୁଡ଼ିକରେ ୧୨.୪୮% ସନ୍ଦିଗ୍ଧ ଭୋଟ ଓଡ଼ିଶାର ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିଥିଲା। ଏଭଳି ଭୋଟ୍ ବ୍ୟବଧାନ ଯୋଗୁଁ ଶାସକ ମେଣ୍ଟକୁ ୭୬ଟି ଆସନର ଫାଇଦା ମିଳିଥିଲା। ଯଦିଓ ନିର୍ବାଚନ କମିସନ ଏହି ଅଭିଯୋଗକୁ ଅସତ୍ୟ, ଅମୂଳକ ଓ ଦାୟିତ୍ୱହୀନ ବୋଲି ଉଲ୍ଲେଖ କରିଛନ୍ତି; ତଥାପି ଗତ ସାଧାରଣ ନିର୍ବାଚନରେ ଓଡ଼ିଶାରେ ୪୨ ଲକ୍ଷ ଭୋଟ ପାର୍ଥକ୍ୟ ସଂକ୍ରାନ୍ତରେ 'ଏଡିଆର' ଓ 'ଭୋଟ ଫର ଡେମୋକ୍ରାସି' ରିପୋର୍ଟ ସଂକ୍ରାନ୍ତରେ ଆଜିପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଉତ୍ତର ମିଳିନାହିଁ। ପୁଣି ପ୍ରାଥମିକ ସଂଖ୍ୟା ଦେବା ପରେ ଚୂଡ଼ାନ୍ତ ଭୋଟ୍ ହାର ପ୍ରକାଶ କରିବାକୁ ୧୧ ଦିନ କାହିଁକି ଲାଗୁଥିଲା ସେ ସମ୍ପର୍କରେ 'ଭୋଟ୍ ଫର ଡେମୋକ୍ରାସି' ନିର୍ବାଚନ କମିସନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା।

କମିସନ୍ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରି କହିଥିଲେ ଯେ ଭୋଟିଂ ହାର ସଂପର୍କରେ ତଥ୍ୟ ପ୍ରକାଶ କରିବାକୁ ଆଇନତଃ ବାଧ୍ୟ ନୁହନ୍ତି। ଏହି ତଥ୍ୟ କେବଳ ପ୍ରାର୍ଥୀଙ୍କୁ ଦିଆଯାଇପାରିବ; ସାଧାରଣରେ ତଥ୍ୟ ପ୍ରକାଶ କରାଗଲେ ବିଭ୍ରାନ୍ତି ସୃଷ୍ଟି କରିବ। କିଛି ଅଭିଯୋଗକୁ କମିସନ ଏଡ଼ାଇ ଯାଇଥିବା ବେଳେ ଅନ୍ୟ କିଛି ଅଭିଯୋଗ ଉପରେ ରହସ୍ୟମୟ ନିରବତା ଅବଲମ୍ବନ କରିଥିଲେ। ନିର୍ବାଚନ କମିସନଙ୍କର ଏଭଳି ଆଭିମୁଖ୍ୟ କେବଳ ଇଭିଏମ୍ ଓ କମିସନଙ୍କର ବିଶ୍ୱସନୀୟତାକୁ ସନ୍ଦେହରେ ପକାଇ ନାହିଁ, କେନ୍ଦ୍ରରେ କ୍ଷମତାସୀନ ମେଣ୍ଟକୁ ମଧ୍ୟ ଅଡୁଆରେ ପକାଇଛି।

rahamanzee@gmail.com

## ଜୀବନଚର୍ଯ୍ୟାରେ ଆତ୍ମାନୁଶାସନ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଆଜିର ମଣିଷ ସୁଖ-ସୁବିଧାରେ ସମ୍ପନ୍ନ, କିନ୍ତୁ ସ୍ୱାସ୍ଥ୍ୟ ବିଷୟରେ ନିହାତି ଗରିବ ହୋଇଚାଲିଛି। ସ୍ୱାସ୍ଥ୍ୟ କୌଣସି ଔଷଧ ଶିଶିରେ ବନ୍ଦ ଥିବା ଜିନିଷ ନୁହେଁ। ଏହା ଆମ ଦିନଚର୍ଯ୍ୟାରେ, ଥାଳିରେ, ଶ୍ରମରେ ଏବଂ ଆତ୍ମସଂଯମରେ ଅଛି। ଆମେ ଜାଣିଛନ୍ତି ସୁସ୍ଥ ଶରୀର ପାଇଁ ଶ୍ରମ, ସଂଯମ, ସନ୍ତୁଳିତ ଆହାର ଏବଂ ନିୟମିତ ଦିନଚର୍ଯ୍ୟା ଆବଶ୍ୟକ।

ପୂର୍ବରୁ ଚାଲି ଚାଲି ଯିବା ଜୀବନର ସ୍ୱାଭାବିକ ଅଂଶ ଥିଲା। ଆଜି ଅଳ୍ପଦୂରତା ପାଇଁ ମଧ୍ୟ ଗାଡ଼ି ଏବଂ ଦୁଇ ମହଲା ଚଢ଼ିବା ପାଇଁ ଲିଫ୍ଟ ଦରକାର। ସାଇକେଲ, ଯାହା କେବେ ଗମନ ଓ ବ୍ୟାୟାମର ସାଧନ ଥିଲା, ଆଜି ଅନେକ ଘର କୋଣରେ ପଡ଼ି ଧୂଳି ଖାଉଛି କିମ୍ବା ଆଦୌ ନାହିଁ। ବିଲରେ ଲଙ୍ଗଳ ନଚାଲିଲେ ଜମି ପତିତ ହୋଇଯାଏ, ସେହିପରି ଦେହକୁ ଗତି ନମିଳିଲେ, ତାହା ଜଡ଼ତାର ଶିକାର ହୋଇଥାଏ। ଦିନସାରା ଚୌକିରେ ବସିରହିବା, ଘରକୁ ଫେରି ସୋଫାରେ ଗଡ଼ିବା ଏବଂ ମୋବାଇଲରେ ବୁଡ଼ିରହିବା ସାଧାରଣ କଥା ହୋଇଗଲାଣି। ବ୍ୟାୟାମ ପାଇଁ ସମୟ ନାହିଁ, କିନ୍ତୁ ଘଣ୍ଟା ଘଣ୍ଟା ଧରି ସ୍କ୍ରିନ୍ ପାଇଁ ସମୟ ହିଁ ସମୟ। ଯୋଗ, ପ୍ରାଣାୟାମ ଓ ଧ୍ୟାନ ମଧ୍ୟ କେତେକ ସ୍ଥାନରେ ସାଧନା କମ୍, ପ୍ରଦର୍ଶନ ଅଧିକ ହେବାକୁ ଲାଗିଛି। ନିଦ ସହିତ ଆମେ ଖେଳିବା ଆରମ୍ଭ କରିଦେଇଛନ୍ତି। ଅଧରାତି ଯାଏଁ ମୋବାଇଲ୍ ଏବଂ ସକାଳେ ଡେରି ଯାଏଁ ବିଛଣା ଆଧୁନିକ ଦିନଚର୍ଯ୍ୟାର ଅଂଶ ପାଲଟିଯାଇଛି। ରାତିରେ ଆଖି ମୋବାଇଲରେ ଲାଗି ରହେ ଏବଂ ସକାଳୁ ଉଠୁ ଉଠୁ ହାତ ମୋବାଇଲ୍ ଖୋଜେ। ଶରୀର ବିଶ୍ରାମ ମାଗେ ଏବଂ ମଣିଷ ତା'କୁ ମନୋରଞ୍ଜନ ଦେଉଥାଏ। ତା'ପରେ ଦିନସାରା କ୍ଳାନ୍ତି ଏବଂ ଅମନୋଯୋଗୀ ଭାବ ରହିଲେ ଆମେ ଆଶ୍ଚର୍ଯ୍ୟ କାହିଁକି?

ମଣିଷ ଆପଣାର ଜିଭ ସ୍ୱାଦର ଏପରି ଅଧୀନ ହୋଇଯାଇଛି ଯେ ଭୋକ ପଛରେ ରହିଯାଇଛି ଏବଂ ସ୍ୱାଦ ଆଗକୁ ଚାଲିଆସିଛି। ଲୁଣ, ଲଙ୍କା, ମସଲା, ତେଲ, ଘିଅ ଓ ଚିନି ଦ୍ୱାରା ଖାଦ୍ୟକୁ ଏତେ ଚଟପଟା କରିଦିଆଯାଉଛି ଯେ ସାଧା ଖାଦ୍ୟ ଫିକା ଲାଗୁଛି। ଜିଭକୁ ସବୁବେଳେ ନୂଆ ସ୍ୱାଦ ଦରକାର ଏବଂ ପେଟ ବିଚରା ତାହାର ଭାର ବୋହୁଥାଏ। ବଫେ ପ୍ରଣାଳୀ ଏହି ପ୍ରବୃତ୍ତିକୁ ଆହୁରି ପ୍ରୋତ୍ସାହିତ କରିଛି। ସାମ୍ନାରେ ବିଭିନ୍ନ ବ୍ୟଞ୍ଜନର ଲମ୍ବା ଧାଡ଼ି ଥିଲେ, ଆବଶ୍ୟକତା ପଛରେ ଏବଂ ଲୋଭ ଆଗରେ ରହିଯାଏ। ଯେତିକି ଖାଇବାର ଥାଏ, ତାହାଠାରୁ ଅଧିକ ପ୍ଲେଟରେ ଭର୍ତ୍ତି କରିଦିଆଯାଏ। ଖାଦ୍ୟ ଆବଶ୍ୟକତା ନହୋଇ ପ୍ରତିଯୋଗିତା ପାଲଟିଛି।

ଆମର ଖାଦ୍ୟ ଥାଳି ମଧ୍ୟ ନିଜର ସ୍ୱରୂପ ବଦଳାଉଛି। ପନିପରିବା, ଡାଲି, ସାଲାଡ, ଫଳ ଓ ଶସ୍ୟର ସ୍ଥାନ କମୁଛି। ଅନ୍ୟପଟେ ମଇଦା, ଛଣା-ଛାଣି ଜିନିଷ, ଲୁଣ ଓ ଚିନିର ମାତ୍ରା ବଢୁଛି। ଯେଉଁଥାଳିରେ ପ୍ରକୃତିର ଦାନ କମ୍ ଏବଂ କାରଖାନାର ଦାନ ବଢ଼େ, ତାହା ଉପରେ ବିଚାର କରିବା ଜରୁରୀ। ଶରୀରକୁ ଶୀଘ୍ରତା ନୁହେଁ, ପୋଷଣ ଦରକାର। ଅଧିକ ଲୁଣ, ଚିନି ଓ ଚର୍ବିଯୁକ୍ତ ଜିନିଷର ବାରମ୍ବାର ସେବନ ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। ବଜାର ଖାଦ୍ୟ କେବେକେବେ ସ୍ୱାଦ ବଦଳାଇବା ପାଇଁ ଠିକ୍ ହୋଇପାରେ। କିନ୍ତୁ ତା'କୁ ପ୍ରତିଦିନର ଥାଳି କରିବା ସ୍ୱାସ୍ଥ୍ୟ ସହିତ ଖେଳ ସଦୃଶ। ଘରର ସାଧା ଖାଦ୍ୟ ହୁଏତ ସେତେ ସ୍ୱାଦିଷ୍ଟ ଓ ମନଲୋଭା ନଲାଗିପାରେ; କିନ୍ତୁ ଶରୀର ପାଇଁ ତାହା ହିଁ ହିତକର।

ଆହାରରେ ଅଧିକ ଶକ୍ତି (କ୍ୟାଲୋରୀ) ଏବଂ ଜୀବନରେ କମ୍ ଶ୍ରମ ଶରୀରରେ ଚର୍ବି ବଢ଼ାଉଛି। ଅନ୍ୟପଟେ ଅପର୍ଯ୍ୟାପ୍ତ କିମ୍ବା ଅସନ୍ତୁଳିତ ଭୋଜନ ଯୋଗୁଁ କିଛି ଲୋକ କୃଶକାୟ (ଅତ୍ୟନ୍ତ ପତଳା) ହୋଇ ଚାଲିଛନ୍ତି। ଅତ୍ୟଧିକ ମୋଟାପଣ ଏବଂ ଅତ୍ୟଧିକ କୃଶତା ଦୁଇଟିଯାକ ଚିନ୍ତାର ବିଷୟ। ଶରୀରକୁ ନା ଭୋକିଲା ରଖିବାର ଅଛି, ନା ଅତ୍ୟଧିକ ଖାଇ ଭର୍ତ୍ତି କରିବାର ଅଛି। ଭୋକ ଅନୁସାରେ ସୁପାଚ୍ୟ, ପୌଷ୍ଟିକ ଓ ସନ୍ତୁଳିତ ଭୋଜନ ହିଁ ଉଚିତ ମାର୍ଗ। ଅତ୍ୟଧିକ ମିଠା ପାନୀୟ, କୋଲ୍ଡଡ୍ରିଙ୍କସ, ତମାଖୁ ଓ ମାଦକ ଦ୍ରବ୍ୟ ଶରୀର ଉପରେ ଅନାବଶ୍ୟକ ବୋଝ ପକାନ୍ତି। ଶୋଷ ଲାଗିଲେ ପାଣି ଦରକାର, ରଙ୍ଗୀନ୍ ବୋତଲ ନୁହେଁ। ପିଲାଙ୍କୁ ଫଳ, ଡାଲି, ପରିବା ଏବଂ ଘର ଖାଦ୍ୟ ଅପେକ୍ଷା ବଜାରର ଚଟପଟା ଜିନିଷ ଅଧିକ ଆକର୍ଷିତ କରେ। ଏଥିପ୍ରତି ଅଭିଭାବକମାନେ ସଚେତନ ହେବା ଉଚିତ।

ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ଜରୁରୀ ହେଉଛି ପ୍ରତିଦିନ ଚାଲିବା, ଶରୀରକୁ ପର୍ଯ୍ୟାପ୍ତ ଶ୍ରମ ଦେବା, ସୁପାଚ୍ୟ ଓ ପୌଷ୍ଟିକ ଆହାର ଗ୍ରହଣ କରିବା, ଖାଇବା ପରେ କିଛି ସମୟ ବୁଲିବା, ଖେଳକୁଦ କରିବା ଏବଂ ଯୋଗ-ପ୍ରାଣାୟାମକୁ ଦିନଚର୍ଯ୍ୟାର ଅଂଶ କରିବା। ରାତିରେ ଗରିଷ୍ଠ ଭୋଜନ କରିବା ଅନୁଚିତ। ଛୋଟ ଛୋଟ ଅନୁଶାସନ ହିଁ କାଳକ୍ରମେ ସ୍ୱାସ୍ଥ୍ୟର ବଡ଼ ପୁଞ୍ଜି ପାଲଟନ୍ତି। ସ୍ୱାଦ ଉପରେ ସଂଯମ ନରହିଲେ, ସେହି ସ୍ୱାଦ ହିଁ ସ୍ୱାସ୍ଥ୍ୟହାନିକାରକ ସାବ୍ୟସ୍ତ ହୋଇପାରେ।

ରୋଗରୁ ବଞ୍ଚିବା ପାଇଁ ଔଷଧ ବାହାରୁଛି। କିନ୍ତୁ ରୋଗକୁ ନିମନ୍ତ୍ରଣ ଦେଉଥିବା ଜୀବନଶୈଳୀ ବଦଳାଇବାକୁ ଆମେ ପ୍ରସ୍ତୁତ ନୁହନ୍ତି। ତେଣୁ ରୋଗ ଆସିବା ପରେ ଚିକିତ୍ସା ଖୋଜିବା ଅପେକ୍ଷା ରୋଗକୁ ଆମନ୍ତ୍ରଣ କରୁଥିବା ଜୀବନଶୈଳୀରୁ ସମୟ ଥାଉ ଦୂରେଇଯିବା ଅଧିକ ବୁଦ୍ଧିମାନର କାମ। ସୁସ୍ଥ ଶରୀର କୌଣସି ଆକସ୍ମିକ ଉପଲବ୍ଧି ନୁହେଁ, ବରଂ ସଂଯମ ଆହାର-ବିହାର, ନିୟମିତ ଦିନଚର୍ଯ୍ୟା ଏବଂ ସତତ ଶ୍ରମର ଅର୍ଜିତ ଫଳ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ପାଟି ଭିତରର ଅଣୁଜୀବ ପରିସଂସ୍ଥା

ଶ୍ରୀନନ

ବିଜ୍ଞାନ ବାର୍ତ୍ତା



ଆମ ଅନ୍ତଃନଳୀ ମଧ୍ୟରେ ଅସଂଖ୍ୟ ଅଣୁଜୀବ ଥିବା ଏକ ବିଶାଳ ପରିସଂସ୍ଥା ବୋଲି ଆମେ ଜାଣୁ। ଏଥିରେ ଥା'ନ୍ତି ନାନାଦି ଜୀବାଣୁ, ଭୂତାଣୁ କବକ ଇତ୍ୟାଦି। ସେଗୁଡ଼ିକ ଆମ ହଜମ ପ୍ରକ୍ରିୟାରେ ସହାୟତା କରିବା ସହିତ ବିବିଧ ପ୍ରକାର ଭିଟାମିନ୍, କ୍ଷୁଦ୍ରମାଳା ବିଶିଷ୍ଟ ମେଦାମ୍ଳ ଆଦି ସୃଷ୍ଟି କରନ୍ତି। ଆମ ରୋଗ ପ୍ରତିରୋଧ ଶକ୍ତିବୃଦ୍ଧି ଏବଂ ମସ୍ତିଷ୍କ ଓ ସ୍ନାୟୁ ବ୍ୟବସ୍ଥା ଉପରେ ମଧ୍ୟ ଏଗୁଡ଼ିକର ସୁପ୍ରଭାବ ରହିଛି। ସେହିଭଳି ଏକ ଅପେକ୍ଷାକୃତ କ୍ଷୁଦ୍ର ଅଣୁଜୀବଙ୍କ ପରିସଂସ୍ଥାଟିଏ ରହିଛି ଆମ ପାଟିରେ। ସେଗୁଡ଼ିକର ପ୍ରଜାତି ସଂଖ୍ୟା ପ୍ରାୟ ୭୦୦। ପାଟିର ବିଭିନ୍ନ ଅଂଶରେ ସେମାନେ ବାସ କରନ୍ତି। ଉଦାହରଣ ସ୍ୱରୂପ, ଭିତର ଗାଲରେ 'ଷ୍ଟ୍ରେପ୍ଟୋକୋକସ୍' ଅଧିକ ସଂଖ୍ୟାରେ ରହିଲା ବେଳେ ଜିଭ ତଳେ ଥା'ନ୍ତି 'ରୋଥି', 'ଭିଲୋନେଲା' ଇତ୍ୟାଦି। ଏଗୁଡ଼ିକ ମଧ୍ୟରୁ କେତେକ ହଜମ ପ୍ରକ୍ରିୟାରେ ସହାୟତା କଲା ବେଳେ ଆଉକେତେକ ବହିରାଗତ ରୋଗ ସୃଷ୍ଟିକାରୀ ଅଣୁଜୀବମାନଙ୍କଠାରୁ ସୁରକ୍ଷା ପ୍ରଦାନ କରନ୍ତି।

ପାଟିରେ ଥିବା କେତେକ ଅଣୁଜୀବ ଏପରି ଉପକାରୀ ହେଲା ବେଳେ ଆଉ କିଛି ଅପକାରୀ ଅଟନ୍ତି। ତନ୍ମଧ୍ୟରେ ଏଗୁଡ଼ିକର ସଂଖ୍ୟା ଆମ ଖାଦ୍ୟ ଓ ପାଟି ଭିତରର ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ। ଦେଖାଯାଇଛି ଯେ ତହିଁରେ ଉପକାରୀ ଅଣୁଜୀବମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ହେଲେ ବିଟ୍, ଗାଜର, ମୂଳା, ପାଳଙ୍ଗ ଓ ଅନ୍ୟାନ୍ୟ ଶାଗଜାତୀୟ ଖାଦ୍ୟ ଅତ୍ୟନ୍ତ ଉପାଦେୟ। ଏଗୁଡ଼ିକରେ ରହିଛି ପ୍ରଚୁର ପରିମାଣରେ 'ନାଇଟ୍ରେଟ୍'। ସେମାନେ ଏଥିରୁ ନାଇଟ୍ରିକ୍ ଅକ୍ସାଇଡ ଭଳି ପଦାର୍ଥ ସୃଷ୍ଟି କରନ୍ତି, ଯାହାକି ରକ୍ତ ପେଟିକାର କାର୍ଯ୍ୟକଳାପ ଏବଂ ହୃତପିଣ୍ଡ ସୁସ୍ଥ ରଖିବାରେ ସହାୟତା କରେ।

ଅଧିକାଂଶ ଉଦ୍‌ଭିଦଜ ଖାଦ୍ୟରେ ଥାଏ 'ପଲିଫିନଲସ୍'। ଏହା ପାଟିରେ ଥିବା ଅପକାରୀ ଜୀବାଣୁମାନଙ୍କୁ ମାରିଦିଏ। ସେହିପରି ଚା'ରେ ଥିବା ଏହି ଜାତୀୟ ପଦାର୍ଥ ବିଭିନ୍ନ ଦାନ୍ତରୋଗ ଏବଂ ମାଢ଼ିରୋଗକାରୀ ଜୀବାଣୁଙ୍କଠାରୁ ସୁରକ୍ଷା ଦେଲା ବେଳେ ମହୁ ଓ କୋଳି ଜାତୀୟ ଖାଦ୍ୟ ଦାନ୍ତ ଓ ପାଟିର ସ୍ୱାସ୍ଥ୍ୟ ରକ୍ଷା କରନ୍ତି। ଅନ୍ୟପକ୍ଷରେ, ଛେନା କିମ୍ବା କ୍ୱିଣନ ହୋଇଥିବା ଖାଦ୍ୟମାନ ଚୁଚୁମି ଖାଇଲେ ପ୍ରଚୁର ଲାଳ ସୃଷ୍ଟି ହୁଏ। ତାହା ପାଟିକୁ ଶର୍କରା ଓ ଅମ୍ଳମୁକ୍ତ କରେ। ଏହା ଅପକାରୀ ଜୀବାଣୁମାନଙ୍କୁ ମାରିଦେବା ସହିତ ଉପକାରୀ ଜୀବାଣୁମାନଙ୍କ ବଂଶବୃଦ୍ଧି ଘଟାଏ ବୋଲି ଜଣାପଡ଼ିଛି ନିକଟରେ ଇଟାଲୀରେ ହୋଇଥିବା ଏକ ଅଧ୍ୟୟନରୁ। ପୁନଶ୍ଚ ୨୦୨୫ ମସିହାରେ ମେକ୍ସିକୋରୁ ପ୍ରକାଶିତ 'ଡେଣ୍ଟିଷ୍ଟ୍ରି' ନାମକ ଗବେଷଣା ପତ୍ରିକାରେ ସୂଚୀତ କରାଯାଇଛି ଯେ କ୍ୱିଣନ ହୋଇଥିବା ଖାଦ୍ୟଗୁଡ଼ିକ ଦାନ୍ତ ମାଢ଼ି ରୋଗରୁ ସୁରକ୍ଷା ଦିଏ ଏବଂ ପାଟି ଭିତରକୁ ସୁସ୍ଥ ରଖେ। କେତେକ ଖାଦ୍ୟ ପାଟିର ଅପକାରୀ ଜୀବାଣୁମାନଙ୍କୁ ବଢ଼ିବାରେ ସାହାଯ୍ୟ କରନ୍ତି। ତନ୍ମଧ୍ୟରେ ରହିଛି ଶର୍କରା ବା ଚିନି ଅଧିକ ଥିବା ପାନୀୟ, ଅନ୍ୟାନ୍ୟ ସୁମିଷ୍ଟ ଖାଦ୍ୟ, ବିସ୍କୁଟ, କେକ୍, ଧଳା ପାଉଁରୁଟି ଇତ୍ୟାଦି। ଏଣୁ ଆମେ ଏଭଳି ଖାଦ୍ୟ ଯଥାସମ୍ଭବ କମ ଖାଇବା ଦରକାର।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୭୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମେଡିସିନ୍‌ରେ ୩...

ପ୍ରୋଟିନ୍ ଚିହ୍ନଟ କରିଥିଲେ। ନୀଳ ଆଲୋକ ପଡ଼ିଲେ ଏହି ପ୍ରୋଟିନ୍ ମାଧ୍ୟମରେ କୋଷରେ ବିଦ୍ୟୁତ୍ ସଙ୍କେତ ସୃଷ୍ଟି ହୋଇପାରେ। ପରବର୍ତ୍ତୀ ସମୟରେ ଡିସେରୋଥ୍ ଏହି ପ୍ରଣାଳୀକୁ ସ୍ନାୟୁକୋଷରେ ପ୍ରୟୋଗ କରି ଆଲୋକ ମାଧ୍ୟମରେ ସେଗୁଡ଼ିକୁ ସକ୍ରିୟ କରିବାରେ ସଫଳ ହୋଇଥିଲେ। ୨୦୦୫ରେ ସେ ଏ ସମ୍ପର୍କିତ ଗବେଷଣା ପ୍ରକାଶ କରିଥିବା ବେଳେ ୨୦୦୭ରେ ଜୀବନ୍ତ ମୂଷାର ମସ୍ତିଷ୍କରେ ଏହି ପ୍ରଯୁକ୍ତିର ସଫଳ ପ୍ରୟୋଗ ଦେଖାଇଥିଲେ। ଅପ୍‌ଟୋଜେନେଟିକ୍ସ ଏବେ ଅବସାଦ ସମେତ ବିଭିନ୍ନ ସ୍ନାୟୁ ଓ ମାନସିକ ରୋଗ ଉପରେ ଗବେଷଣାରେ ଗୁରୁତ୍ୱପୂର୍ଣ୍ଣ ଉପକରଣ। ଦୃଷ୍ଟିଶକ୍ତି ହରାଇଥିବା ଲୋକଙ୍କ ଦୃଷ୍ଟି ଫେରାଇବା ଦିଗରେ ମଧ୍ୟ ଏହି ପ୍ରଯୁକ୍ତିର ସମ୍ଭାବନା ନେଇ ଗବେଷଣା ଚାଲିଛି।

## ୧୦ ହଜାର ଯାଏଁ...

୧୬ ଟଙ୍କା ବୃଦ୍ଧି ହୋଇଛି। ଇଣ୍ଡିଗୋ ଅନୁଯାୟୀ, କେବଳ ଗତ ଏକ ମାସରେ ଜେଟ୍ ଫ୍ୟୁଏଲ୍ ଦର ୧୪%ରୁ ଅଧିକ ବଢ଼ିଛି। ବିମାନ କମ୍ପାନୀଗୁଡ଼ିକର ପରିଚାଳନା ଖର୍ଚ୍ଚରେ ଜେଟ୍ ଫ୍ୟୁଏଲ୍‌ର ଅଂଶ ପ୍ରାୟ ୩୦ରୁ ୪୦% ରହିଥାଏ। ତେଣୁ ଇନ୍ଧନ ଦର ବୃଦ୍ଧିର ସିଧାସଳଖ ପ୍ରଭାବ ଏୟାରଲାଇନ୍ସର ଖର୍ଚ୍ଚ ଉପରେ ପଡ଼ୁଛି। ବଢ଼ିଥିବା ଖର୍ଚ୍ଚର କିଛି ଅଂଶ ଯାତ୍ରୀଙ୍କ ଉପରେ ଲଦିବାକୁ ବିଭିନ୍ନ ଏୟାରଲାଇନ୍ସ ପଦକ୍ଷେପ ନେଉଛନ୍ତି। ଇଣ୍ଡିଗୋ ଚଳିତ ବର୍ଷ ମାର୍ଚ୍ଚ ୧୪ ଓ ଏପ୍ରିଲ ୧ରେ ମଧ୍ୟ ଫ୍ୟୁଏଲ୍ ଚାର୍ଜ ବଢ଼ାଇଥିଲା। ଏବେ ପୁଣି ଅକ୍ଟୋବର ୬ରୁ ଅତିରିକ୍ତ ଚାର୍ଜ ଲାଗୁ ହେବା ଫଳରେ ଆକାଶପଥରେ ଯାତ୍ରା କରୁଥିବା ଲୋକଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡ଼ିବା ଆଶଙ୍କା ରହିଛି।

## ରଦ୍ଦ ହୋଇପାରେ...

କୌଣସି ନିଷ୍ପତ୍ତି ଯଦି ଆଇନ ଅନୁଯାୟୀ ନହୋଇଥିବ, ତାହାହେଲେ ତାହାକୁ ରଦ୍ଦ କରି ଦିଆଯିବ। ଜ୍ଞାନେଶଙ୍କୁ ସସପେଣ୍ଡ କରିବା ସଂପର୍କରେ ଖଣ୍ଡପୀଠ କହିଲେ ଯେ ସମ୍ବାଦପତ୍ରରେ ପ୍ରକାଶିତ ରିପୋର୍ଟକୁ ଆଧାର କରି ଆଦେଶ ଦିଆଯାଇ ପାରିବ ନାହିଁ। ଏସଂକ୍ରାନ୍ତ ସମସ୍ତ ରେକର୍ଡ କମିସନର ଠାରୁ ତଲବ କରାଯାଇଛି। ରେକର୍ଡପତ୍ର ଯାଞ୍ଚ ପରେ ଆବଶ୍ୟକ ଆଦେଶ ଦିଆଯିବ। ଖଣ୍ଡପୀଠ କହିଲେ ଯେ ସମ୍ବାଦପତ୍ର ରିପୋର୍ଟ ସମ୍ପୂର୍ଣ୍ଣ ସଠିକ୍, ଆଂଶିକ ସଠିକ୍ କିମ୍ବା ଭୁଲ୍ ହୋଇପାରେ। ତେଣୁ ପ୍ରଥମେ ନିର୍ବାଚନ କମିସନଙ୍କ ଜବାବ ଆବଶ୍ୟକ।

ଏହାସହିତ ଶୁଣାଣି ବେଳେ ପ୍ରଧାନ ବିଚାରପତି ସ୍ପଷ୍ଟ କରିଥିଲେ ଯେ ସଂଶୋଧିତ ଫର୍ମ-୬କୁ କୋର୍ଟ ଅନୁମୋଦନ କରିନାହାନ୍ତି। ଆମେ ଏଠାରେ ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ ନୂଆ ଭୋଟରଙ୍କୁ ଯୋଡ଼ିବା ଲାଗି ଉଦ୍ଦିଷ୍ଟ ଫର୍ମ-୬ର ସଂଶୋଧନକୁ କୋର୍ଟ ମଞ୍ଜୁରୀ ଦେଇନାହିଁ। ତେବେ ଏଥିରେ ପରିବର୍ତ୍ତନ କିଏ କଲା, ତାହା ଜାଣିବା ଲାଗି କମିସନ ଠାରୁ ରେକର୍ଡ ତଲବ କରିଛନ୍ତି କୋର୍ଟ। ରେକର୍ଡ ଯାଞ୍ଚ କରିବା ପରେ ସବୁ କଥା ଜଣାପଡ଼ିବ ବୋଲି କହିଛନ୍ତି ଖଣ୍ଡପୀଠ।

ଫର୍ମ-୬ରେ ଅତିରିକ୍ତ ଘୋଷଣାନାମା ଯୋଡ଼ାଯାଇଥିବାକୁ ନେଇ ଏହି ମାମଲା ଉଠିଛି। ନୂଆ ଭୋଟରଙ୍କୁ ନିଜେ କିମ୍ବା ମାତାପିତା/ଜେଜେବାପା-ଜେଜେମା'ଙ୍କ ନାମ ପୂର୍ବରୁ ଥିବା ଭୋଟର ତାଲିକା ସହ ଯୋଡ଼ି ତଥ୍ୟ ଦେବାକୁ ଏହି ଅତିରିକ୍ତ ବ୍ୟବସ୍ଥାରେ କୁହାଯାଇଥିଲା। ତେବେ ନିର୍ବାଚନ କମିସନ ଏହାକୁ ଫର୍ମ-୬ର ପରିବର୍ତ୍ତନ ନୁହେଁ, ବରଂ ଏସ୍‌ଆଇଆର୍ ସମୟରେ ଅତିରିକ୍ତ ଆବଶ୍ୟକତା ବୋଲି କହି ଏହାକୁ ପରବର୍ତ୍ତୀ ସମୟରେ ବାଧ୍ୟତାମୂଳକ କରିଦେଇଥିଲେ। ଏହାକୁ ବିରୋଧ କରିଥିଲେ ଦୁଇ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ। ଏହି ଖବର ଦି ଇଣ୍ଡିଆନ ଏକ୍ସପ୍ରେସରେ ପ୍ରକାଶ ପାଇବା ପରେ ସାରା ଦେଶରେ ଅସନ୍ତୋଷ ପ୍ରକାଶ ପାଇଛି ଏବଂ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଆନ୍ଦୋଳନ ଜୋର ଧରିଛି। କାରଣ ଏଭଳି ବିବାଦୀୟ ସଂଶୋଧନ ଯୋଗୁଁ କୋଟି କୋଟି ନୂଆ ଭୋଟର ପଞ୍ଜୀକରଣ ହେବାରୁ ବଞ୍ଚିତ ହୋଇଛନ୍ତି।

## ଜ୍ଞାନେଶଙ୍କୁ ରାହୁଲଙ୍କ...

ଅସାମ୍ବିଧାନିକ କାମ କରିଛନ୍ତି। ଏହା ହେଉଛି ଗଣତନ୍ତ୍ରର ହତ୍ୟା ଏବଂ ଏହା ଆଦୌ ଗ୍ରହଣୀୟ ନୁହେଁ। ଏଥିପାଇଁ ଜ୍ଞାନେଶଙ୍କୁ ଜବାବ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ଜ୍ଞାନେଶଙ୍କୁ ସମାଲୋଚନା କରି କହିଛନ୍ତି ଯେ ତାଙ୍କର ଆଉ ଏକ ମିଛ ଧରାପଡ଼ିଛି। ରମେଶ କହିଛନ୍ତି ଯେ ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀ ନେଇ ଉଠିଥିବା ପ୍ରଶ୍ନ ମଧ୍ୟରେ ସୁପ୍ରିମକୋର୍ଟଙ୍କ ପାଖରେ ଜନସାଧାରଣଙ୍କ ଆସ୍ଥା ପୁନଃସ୍ଥାପନ କରିବାର ସୁଯୋଗ ରହିଛି।

ସୂଚନାଯୋଗ୍ୟ ।।ଯେ ଫର୍ମ-୬କୁ ନେଇ ନିର୍ବାଚନ କମିସନରେ ମତଭେଦ ଖବର ପ୍ରକାଶ ପାଇବା ପରେ ଗତମାସ ୨୬ ତାରିଖରେ ନିର୍ବାଚନ କମିସନଙ୍କ ପକ୍ଷରୁ ଏକ ବିବୃତି ଜାରି କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ ଏହି ସଂଶୋଧନକୁ ସୁପ୍ରିମ କୋର୍ଟ ଅନୁମୋଦନ ପ୍ରଦାନ କରିଥିଲେ। କିନ୍ତୁ ସୁପ୍ରିମକୋର୍ଟ ଆଜି ସ୍ପଷ୍ଟ କରିଛନ୍ତି ଯେ ସଂଶୋଧିତ ଫର୍ମ-୬କୁ କୋର୍ଟ ଅନୁମୋଦନ କରିନାହାନ୍ତି।

## ସାମିଲ ହେବ...

ଫର୍ମ-୬ ପରିବର୍ତ୍ତନ ନେଇ ନିର୍ବାଚନ କମିଶନଙ୍କ ପୂର୍ବ ନିର୍ଦ୍ଦେଶକୁ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ ଭାବରେ ଖଣ୍ଡନ କରି ଏପରି ନିର୍ଦ୍ଦେଶ ଦିଆଯାଇ ନ ଥିବା କହିବା ପରେ ସିଇସି ଜ୍ଞାନେଶ କୁମାର ଭୋଟର ତାଲିକାରେ ଜାଲିଆତିରେ ପ୍ରତ୍ୟକ୍ଷ ସମ୍ପୃକ୍ତ ଥିବା ସ୍ପଷ୍ଟ। ବିଜେଡି କୌଣସି ରାଜନୈତିକ ମେଣ୍ଟର ସହଯୋଗୀ ନୁହେଁ ଏବଂ ଉଭୟ ଇଣ୍ଡିଆ ମେଣ୍ଟ ଓ ଏନ୍‌ଡିଏଠାରୁ ସମଦୂରତ୍ୱ ବଜାୟ ରଖି ଆସିଛି। ତେବେ ଏକ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ବିଜେଡି ଆସନ୍ତାକାଲି କାର୍ଯ୍ୟକ୍ରମରେ ସାମିଲ ହେବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

## ୯ରେ ନାମାଙ୍କନ...

୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ଭୋଟ୍ ଶେଷ ହେବା ପରେ ସେହିଦିନ ଅପରାହ୍ନ ୨ଟାରୁ ଭୋଟ୍ ଗଣତି ଆରମ୍ଭ ହୋଇ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ଚାଲିବ। ଅକ୍ଟୋବର ୧୬ ତାରିଖ ସକାଳ ୧୧ଟାରେ ନବନିର୍ବାଚିତ ପ୍ରତିନିଧିଙ୍କ ଶପଥ ଗ୍ରହଣ ସମାରୋହ ହେବ। ଏହି ଦିନକୁ 'ରିଜର୍ଭ ଡେ ବା ପ୍ରେସିଡେନ୍‌ସିଆଲ ହଲିଡେ ଭାବେ ରଖାଯାଇଛି।

ନିର୍ବାଚନକୁ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ କରିବା ସହ ଶିକ୍ଷାଦାନ ବ୍ୟବସ୍ଥା ଯେପରି ପ୍ରଭାବିତ ନହୁଏ, ସେଥିପାଇଁ ବିଭିନ୍ନ କଟକଣା ଲାଗୁ କରାଯାଇଛି। ଛାତ୍ର ନିର୍ବାଚନ ଓ ଛାତ୍ର ପ୍ରତିନିଧିତ୍ୱକୁ ରାଜନୈତିକ ଦଳଠାରୁ ସମ୍ପୂର୍ଣ୍ଣ ଭାବେ ଅଲଗା ରଖାଯିବ। କଲେଜର ନିୟମିତ ଛାତ୍ର ହୋଇ ନ ଥିବା ଓ ସେଲ୍ଫ ଫାଇନାନ୍ସରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ପ୍ରାର୍ଥୀ ହୋଇପାରିବେ ନାହିଁ ବା ଭୋଟ ଦେଇପାରିବେ ନାହିଁ। ନିର୍ବାଚନରେ ପ୍ରାର୍ଥୀ ହେବାପାଇଁ ସ୍ନାତକ ପଢୁଥିବା ଛାତ୍ରଛାତ୍ରୀଙ୍କ ବୟସ ନିର୍ବାଚନ ବିଜ୍ଞପ୍ତି ଦିନ ସୁଦ୍ଧା ୧୭ରୁ ୨୨ ବର୍ଷ ମଧ୍ୟରେ ହେବା ଆବଶ୍ୟକ। ସେହିପରି ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ସର୍ବାଧିକ ବୟସ ୨୫ ବର୍ଷ ଧାର୍ଯ୍ୟ କରାଯାଇଛି। ନିର୍ବାଚନରେ ଲଢ଼ିବା ପାଇଁ ଶ୍ରେଣୀରେ ଅତିକମ୍‌ରେ ୭୫% ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି।

ନିର୍ବାଚନ ପାଇଁ ସୋସିଆଲ ମିଡିଆରେ ଅପପ୍ରଚାର ଉପରେ କଟକଣା ଲଗାଯାଇଛି। ଜାତି, ସମ୍ପ୍ରଦାୟ, ଧର୍ମ କିମ୍ବା ଭାଷା ଆଧାରରେ ମତଦାତାଙ୍କୁ ପ୍ରଭାବିତ କରିବା, ବିଦ୍ୱେଷ ବା ଉତ୍ତେଜନା ସୃଷ୍ଟି ଉପରେ କଟକଣା ଜାରି ହୋଇଛି। ପ୍ରତିଦ୍ୱନ୍ଦ୍ୱୀଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଅପମାନଜନକ ଟିପ୍ପଣୀ, ଅପ୍ରମାଣିତ ଅଭିଯୋଗ କିମ୍ବା ବିକୃତ ତଥ୍ୟ ପ୍ରଚାର ବାରଣ କରାଯାଇଛି। ସୋସିଆଲ ମିଡିଆ ଓ ଅନ୍ୟ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର ବେଳେ ଶାଳୀନତା ରକ୍ଷା କରିବାକୁ କୁହାଯାଇଛି। ଅଶ୍ଳୀଳ, ଅପମାନଜନକ କିମ୍ବା ବ୍ୟକ୍ତିଗତ ଆକ୍ରମଣ ଭିତ୍ତିକ ବିଷୟବସ୍ତୁ ସହ ମିଥ୍ୟା, ବିଭ୍ରାନ୍ତିକର କିମ୍ବା ଏଆଇ ଜେନେରେଟେଡ୍ ଫେକ୍ କଣ୍ଟେଣ୍ଟକୁ ମଧ୍ୟ ନିଷେଧ କରାଯାଇଛି। ପ୍ରିଣ୍ଟେଡ୍ ପୋଷ୍ଟର ନିଷିଦ୍ଧ କରାଯାଇଥିବା ବେଳେ କେବଳ ହାତରେ ତିଆରି ପୋଷ୍ଟର ବ୍ୟବହାର କରିବାକୁ କୁହାଯାଇଛି। ଏସବୁ ପୋଷ୍ଟର କଲେଜ କର୍ତ୍ତୃପକ୍ଷ ପୂର୍ବରୁ ଚିହ୍ନଟ କରିଥିବା ସ୍ଥାନରେ ହିଁ ଲଗାଯାଇ ପାରିବ। କଲେଜ ସମ୍ପତ୍ତି ନଷ୍ଟ କଲେ ପ୍ରାର୍ଥୀ ଓ ସମର୍ଥକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ କୁହାଯାଇଛି।

## ଖଲ୍ଲିକୋଟରେ ଦୁଇ...

ରଖିବାକୁ ଦୁଇ ଛାତ୍ର ଗୋଷ୍ଠୀ ସମର୍ଥକଙ୍କ ସହ ଶକ୍ତି ପ୍ରଦର୍ଶନ କରୁଥିବା ବେଳେ ପରସ୍ପର ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ପରିସ୍ଥିତି ଏଭଳି ହେଲା ଯେ କ୍ୟାମ୍ପସରୁ ଆରମ୍ଭ ହୋଇଥିବା ବିବାଦ ଶେଷରେ ଟାଉନ୍ ଥାନାରେ ପହଞ୍ଚିଛି। ଘଟଣାକୁ ନେଇ ଆଗାମୀ ଦିନରେ କ୍ୟାମ୍ପସରେ ଗୋଷ୍ଠୀ ବିବାଦ ଅଧିକ ଉଗ୍ର ରୂପ ନେବ କି ନାହିଁ, ତାହାକୁ ନେଇ ଏବେ ଆଶଙ୍କା ସୃଷ୍ଟି ହୋଇଛି। ଖବର ପାଇବା ମାତ୍ରେ ବ୍ରହ୍ମପୁର ପୁଲିସ ତ୍ୱରିତ ପଦକ୍ଷେପ ନେଇ କ୍ୟାମ୍ପସରେ ପହଞ୍ଚିଥିଲା। କିଛି ସମୟ ମଧ୍ୟରେ ପରିସ୍ଥିତିକୁ ଆୟତ୍ତ କରିବା ସହ ଉଭୟ ପକ୍ଷର ମୋଟ ୯ ଜଣଙ୍କୁ ଅଟକ ରଖି ଟାଉନ୍ ଥାନାକୁ ନିଆଯାଇଛି। ସେମାନଙ୍କ ଯାଞ୍ଚ ଓ ପଚରାଉଚରା ଚାଲିଥିବା ବେଳେ ଘଟଣାରେ ଯେଉଁମାନଙ୍କ ସମ୍ପୃକ୍ତି ପ୍ରମାଣିତ ହେବ, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପୁଲିସ ସ୍ପଷ୍ଟ କରିଛି। ଦୀର୍ଘ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନଜନିତ ଉତ୍ତେଜନାଠାରୁ ଦୂରରେ ରହିଥିବା ପୁଲିସ ପ୍ରଶାସନ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଇଁ ଏହି ଘଟଣା ଏବେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଗୋଟିଏ ପଟେ କ୍ୟାମ୍ପସରେ ଶୈକ୍ଷିକ ବାତାବରଣ ବଜାୟ ରଖିବା ଏବଂ ଅନ୍ୟପଟେ ଛାତ୍ର ରାଜନୀତିକୁ ହିଂସାମୁକ୍ତ ରଖିବା ଏବେ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ କ୍ୟାମ୍ପସ ଏବଂ ଏହାର ଆଖପାଖରେ କଡ଼ା ନଜର ରଖିଛି। ଆଗକୁ କୌଣସି ଅପ୍ରୀତିକର ଘଟଣା ଯେପରି ନଘଟେ, ସେଥିପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଫୁଟ୍ ପାଟ୍ରୋଲିଂ ଆରମ୍ଭ କରାଯିବ ବୋଲି ବ୍ରହ୍ମପୁର ଏସପି ଅଭିନୟ ସୋନକର ସୂଚନା ଦେଇଛନ୍ତି । ସେପଟେ କ୍ୟାମ୍ପସରେ ଆରମ୍ଭ ହୋଇଥିବା ଛାତ୍ର ରାଜନୀତିର ତାତି ଏବେ ଟାଉନ୍ ଥାନା ପରିସରକୁ ମଧ୍ୟ ଛୁଇଁଛି। ଆଗକୁ ନିର୍ବାଚନୀ ପାରା ଆହୁରି ଚଢ଼ିବାର ସମ୍ଭାବନା ଥିବାରୁ ପୁଲିସ ପାଇଁ କ୍ୟାମ୍ପସରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏକ ବଡ଼ ପରୀକ୍ଷା ହେବ ବୋଲି ଚର୍ଚ୍ଚା ହେଉଛି। ବ୍ରହ୍ମପୁର ପୁଲିସ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଶାନ୍ତି ଓ ସଂଯମ ବଜାୟ ରଖିବା ସହ କୌଣସି ହିଂସା, ଭୟଭୀତ କରିବା, ବେଆଇନ ସମାବେଶ କିମ୍ବା ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟରୁ ଦୂରେଇ ରହିବାକୁ କୁହାଯାଇଛି। ନିୟମ ଉଲ୍ଲଂଘନ କରି ଶାନ୍ତିଶୃଙ୍ଖଳା ବିଗାଡ଼ିବାକୁ ଉଦ୍ୟମ କଲେ ଆଇନ ଅନୁଯାୟୀ କଡ଼ା ପଦକ୍ଷେପ ନିଆଯିବ ବୋଲି ପୁଲିସ ଚେତାଇ ଦେଇଛି।

## ଛଡ଼ାଇନେଲେ ତିନି...

ଚାଲୁଥିବାବେଳେ ଅନ୍ୟଟି ଓଡି-୦୧କେ-୭୯୮୫ ସୋନାଲିକା ଟ୍ରାକ୍ଟର ଓ ଏହାର ଟ୍ରଲି ନମ୍ବର ଓଡି-୧୧ଜି-୦୬୪୧ ବୋଲି ଜଣାପଡ଼ିଛି। ସେହିପରି ପଞ୍ଜୀକରଣ ନମ୍ବର ନ ଥିବା ଗାଡ଼ି ଦୁଇଟି ମଧ୍ୟରୁ ଗୋଟିକର ଇଞ୍ଜିନ ନମ୍ବର ଇ-୩୩୨୬୨୯୯ ଓ ଚେସିସ ନମ୍ବର ବି୦୫୩୨୯୨୭୩୪ ହୋଇଥିବାବେଳେ ଅନ୍ୟଟିର ଇଞ୍ଜିନ ନମ୍ବର ୪୭୯୫୭୧ଡିଏକ୍ସ ଓ ଚେସିସ ନମ୍ବର ଏନଏଚଏନ ୩୬୦୨୦ଜେଡଏସବି ୭୨୮୩୫୧ (ନ୍ୟୁହଲାଣ୍ଡ) ରହିଛି ବୋଲି ଥାନା ଏତଲାରେ ଉଲ୍ଲେଖ କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ନିର୍ଦ୍ଦିଷ୍ଟ ମାମଲା ରୁଜୁ ହୋଇ ନ ଥିବାବେଳେ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମଧ୍ୟ ମିଳିପାରିନାହିଁ। ଏ ଘଟଣା ସମ୍ପର୍କରେ ବଡ଼ସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ କହିଛନ୍ତି, ଚୋରା ଚାଲାଣ ଉପରେ ରୋକ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଯେଉଁ ସ୍ଥାନଗରେ ବେଆଇନ ଖନନ ଚାଲିଛି, ସେଠାରେ ଖୁବ୍‌ଶୀଘ୍ର ଜୋରଦାର ଚଢ଼ଉ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଆରପାରିରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଏସ୍. କେ. ମୁରଲୀଧରନ୍

ଭୁବନେଶ୍ୱର,୫।୧୦(ସମିସ): ଆରପାରିରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା କୋରିଓଗ୍ରାଫର୍ ଏସ୍. କେ. ମୁରଲୀଧରନ୍। ସୋମବାର ଭୁବନେଶ୍ୱରର ଏକ ହୋଟେଲରୁ ତାଙ୍କ ମୃତଦେହ ମିଳିବା ଖବର ପ୍ରକାଶ ପାଇବା ପରେ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି। ଗୋଟେପଟେ କଳିଙ୍ଗ ଷ୍ଟୁଡିଓ ଲୋକାର୍ପଣ ଉତ୍ସବକୁ ନେଇ ଓଡ଼ିଆ ସିନେ କଳାକାର ଖୁସିବ୍ୟକ୍ତ କରୁଥିବା ବେଳେ ନିର୍ଦ୍ଦେଶକ ମୁରଲୀଧରନଙ୍କ ମୃତ୍ୟୁ ସମସ୍ତଙ୍କୁ କଷ୍ଟ ଦେଇଛି।



ଜଣେ ଅଣଓଡ଼ିଆ ନିର୍ଦ୍ଦେଶକ ଭାବେ ଓଡ଼ିଆ ସିନେମା ପ୍ରତି ତାଙ୍କର ଅବଦାନ ଅତୁଳନୀୟ। ଓଡ଼ିଆ ଚଳଚ୍ଚିତ୍ର ଓ ଓଡିଶା ସିନେମା ଜଗତରେ କୋରିଓଗ୍ରାଫିର ପରିଭାଷାକୁ ମୁରଲୀଧରନ୍ ବଦଳାଇଥିବା ବିଶିଷ୍ଟ କଳାକାରମାନେ କହିଛନ୍ତି। ସୂଚନା ଅନୁସାରେ, ଏସ୍.କେ. ମୁରଲୀଧରନ୍ ୧୯୯୦ ମସିହାରେ'ପରଦେଶୀ ଚଢ଼େଇ' ଚଳଚ୍ଚିତ୍ରରୁ ନୃତ୍ୟ ନିର୍ଦ୍ଦେଶକ ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ୨୦୦୮ ମସିହାରେ ଛାତି ଚିରିଦେଲେ ତୁ, ନେଇଯାରେ ମେଘ ମତେ, ୨୦୦୯ ମସିହାରେ ସାତ ସୁରେ ବନ୍ଧା ଏ ଜୀବନ, ୨୦୧୦ରେ ତୋ ଆଖିରେ ମୁଁ, ୨୦୧୫ରେ କିଏ ଦେବ ଟକ୍କର, ନୂଆ ନୂଆ ପ୍ରେମରେ, ୨୦୨୭ରେ ଜଷ୍ଟ ମୋହବତ୍ ସମେତ ଆକାଶେ କି ରଙ୍ଗ ଲାଗିଲା, ତୋ ଆଖିରେ ମୁଁ, ମୁଁ ଆଶିକ୍ ମୁଁ ଆୱାରା- ଭଳି ଅନେକ ଚଳଚ୍ଚିତ୍ରରେ ସେ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି। ଏହାସହ ଆଇ ଲଭ୍ ୟୁ ଅଭିମନ୍ୟୁ, ରଙ୍ଗିଲା ଟୋକା, ପିଲାଟା ବିଗିଡ଼ିଗଲା ଭଳି ସୁପରହିଟ୍ ଚଳଚ୍ଚିତ୍ରରେ ସେ କୋରିଓଗ୍ରାଫି କରିଛନ୍ତି। ଜଣେ ତାମିଲ ଲୋକ ହୋଇ ଓଡ଼ିଶାରେ ସେ ଯେଉଁ ଛାପ ଛାଡ଼ିଛନ୍ତି, ତାହା ବେଶ୍ ସ୍ମରଣୀୟ ବୋଲି କହିବା ସହ ଓଡ଼ିଶାର ବିଶିଷ୍ଟ କଳାକାରମାନେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

ସୂଚନା ଅନୁସାରେ, କଳିଙ୍ଗ ବିହାର ଅଞ୍ଚଳରେ ଥିବା ଏକ ହୋଟେଲରେ ମୁରଲୀଧରନଙ୍କ ମୃତ୍ୟୁ ଘଟିଥିବା ଖବର ପାଇ ଭରତପୁର ଥାନା ପୁଲିସ ଓ ଆମ୍ବୁଲାନ୍ସ ପହଞ୍ଚି ସେଠାରୁ ତାଙ୍କ ମୃତଦେହ ଉଦ୍ଧାର କରିଛି। ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଛି। ହୋଟେଲ୍ ରୁମ୍‌ରୁ ସନ୍ଦେହଜନକ ଅବସ୍ଥାରେ ମୁରଲୀଧରନଙ୍କ ମୃତଦେହ ମିଳିବାକୁ ନେଇ ଉଠିଛି ଅନେକ ପ୍ରଶ୍ନ। ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିନି।


## AFFIDAVIT

By virtue of an affidavit sworn before the Executive Magistrate, Khordha Vide No- 2409, Dated-01/10/2026, I, Sadasiv Sahoo aged about 69 years, S/o- Late Manguli Sahoo, At/P.O.- Bangida, P.S.-Khordha Sadar, Pin-752056, Dist.-Khordha, Odisha do hereby declare that I have changed my name from Sadasiba Sahu to Sadasiv Sahoo. Henceforth I shall be known as **Sadasiv Sahoo** for all purposes.

Sadasiv Sahoo

## AFFIDAVIT

I, **Ayusha Arpita Sahoo**, aged about 28 years, D/o: Surya Kant Sahoo, resident of Plot No.: 1/A, Ankita Villa, Malipada, Bhubaneswar - 751029, Dist.: Khordha, Odisha declare by this Affidavit No.: 38309, dtd: 05.10.2026 that now onwards my father's name shall be known as **Surya Kanta Sahoo** for all future pruposes.

## AFFIDAVIT

By virtue of an affidavit before Notary Public, Phulbani, dtd.02.09.2026, I, SABITRI CHHATRIA, At-Mindupidia, P.O.-Salaguda, P.S.-Gochhapada, Dist.-Kandhamal-762002 hereby declare that I have changed my name from "Sabitri Chhatria" to "Sabitri Kanhar". Henceforth, I shall be known as SABITRI KANHAR for all purposes.

**Sd/- SABITRI KANHAR**

## AFFIDAVIT

By virtue of an affidavit sworn before the Executive Magistrate cum Tahasildar shamakhunta on Dated 22nd Day of September 2026, I Mrs SUJATA MAJHI, D/O Mr Surendra nath Majhi Address At-Kendua, Po- Kendua, Ps-Baripada Sadar, Dist-Mayurbhanj, State-Odisha, Pin-757049, Odisha, have changed my name from "ANJALI MAJHI" to "SUJATA MAJHI". Henceforth, I shall be known as **"SUJATA MAJHI"** for all purposes.

**"SUJATA MAJHI"**

## AFFIDAVIT

By virtue of an affidavit sworn before the Tahasildar cum Executive Magistrate shamakhunta on Dated 3rd Day of October 2026, I Sri SUNARAM SINGH, S/O Mr Suni Singh Address At-Duldaradhanagar, Po- Sarat Chandrapur, Ps-Baripada Sadar, Dist-Mayurbhanj, State-Odisha, Pin-757049, Odisha, have changed my name from "SUNA SINGH" to "SUNARAM SINGH". Henceforth, I shall be known as **"SUNARAM SINGH"** for all purposes.

**"SUNARAM SINGH"**

## AFFIDAVIT

By virtue of an affidavit sworn before The Executive Magistrate, Bargarh vide no. 663 dtd. 01.10.2026, I, Hemabati Sahu, W/o- Ravi Ranjan Sahu resident of Pathanpada, Ward No.5, Bargarh, Ps.- Town, Dist.-Bargarh, PIN- 768028 state that I have changed my minor son's name from **Himanshu Sahu** to **Abir Sahu**. Henceforth he will be known as **Abir Sahu** for all future purposes.

Sd/- Hemabati Sahu

## AFFIDAVIT

By virtue of an affidavit before Notary Public, Bhadrak, dtd.03.10.2026, I, Anuradha Das, Vill/P.O.-Ertal, P.S.-Basudevpur, Dist.-Bhadrak do hereby declare that my correct Date of Birth is 09.06.1991. My Date of Birth was earlier recorded as 14.04.1991 in my Aadhaar record. I have sworn an affidavit before the Notary Public, Bhadrak, for correction/update of my Date of Birth in Aadhaar and other official records. Henceforth, my Date of Birth shall be treated as 09.06.1991 for all official purposes.

**ANURADHA DAS**

## AFFIDAVIT

I, Sanghamitra Sunil Kumar Sahoo, aged about 41 years, W/o- Sunil Kumar Sahoo, resident of At-Mining Road, Rammandir Colony, Po- Madhapur, Ps-Keonjhar Town, Dist-Keonjhar, Odisha, PIN-758001, do hereby declare by this affidavit No.3142, dtd- 05.10.2026, that now onwards I shall be known as **SANGHAMITRA SAHOO** for all future purposes.

## AFFIDAVIT

I, Sunil Kumar Padma Lochan Sahoo, aged about 48 years, S/o- Padma Lochan Sahoo, resident of At- Mining Road, Rammandir Colony, Po-Madhapur, Ps- Keonjhar Town, Dist- Keonjhar, Odisha, PIN- 758001, do hereby declare by this affidavit No. 3141, dtd-05.10.2026, that now onwards I shall be known as **SUNIL KUMAR SAHOO** for all future purposes.

## OFFICE OF THE GENERAL MANAGER, WATCO DIVISION, BRAHMAPUR

*e-mail: gmwatcobam@gmail.com / Ph No. 06802233978*

**Government of Odisha "e" Procurement Notice** 13001/2057/2627

NATIONAL COMPETITIVE BIDDING

**Bid Identification No. WATCOBAM-14/2026-27 DTD. 29.09.2026**

| | | | |
|---|---|---|---|
| 1. | Name of work | : | "Construction of dedicated water supply system for Gopalpur beach festival including laying of 1000 mm dia DI pipeline under WATCO Division, Brahmapur." |
| 2. | Estimated cost | : | 42.35 Lakhs (approx.) |
| 3. | Period completion | : | 6 months. |
| 4. | Date & Time of availability of bid document in the Portal | : | From 11.00 Hrs. of Dt. 07.10.2026. To 17.30 Hrs. of Dt. 15.10.2026. |
| 5. | Last date / Time for Bidding in the Portal | : | 17.30 Hrs. of Dt. 15.10.2026. |
| 6. | Date of opening of Tender | : | On Dt. 16.10.2026 at 12.30 Hrs. |
| 7. | Name and address of the Officer inviting tender | : | General Manager, WATCO Division, Brahmapur. |

Further details can be seen from the e-procurement Portal: https://tendersodisha.gov.in .

General Manager,
WATCO Division, Brahmapur

OIPR-13001/13210/1/26-27/0003

## GOVERNMENT OF ODISHA 19001/278/2627
ST & SC DEVELOPMENT DEPARTMENT
### OFFICE OF THE PROJECT ADMINISTRATOR, ITDA, KAPTIPADA, UDALA
**e-Procurement Notice Bid Identification No. ITDAKPD-05/2026-27**

No. 2001 /ITDA, Dt.- 03/10/2026

The Project Administrator, ITDA, Kaptipada on behalf of Governor of Odisha invites Percentage Rate bids in online mode for Construction of the work detailed below.

| | | | |
|---|---|---|---|
| 1. | Nature of the work | : | Repair & Renovation |
| 2. | Total No. of work | : | 01 (One) |
| 3. | Class of Contractor | : | 'B' Class |
| 4. | Period of Completion | : | Six to Nine Calendar Months |
| 5. | Cost of the Project | : | 98,57,649/- |
| 6. | Availability of Bid | : | 10.00 AM of 04.10.2026 to 5.00 PM of 20.10.2026 |
| 7. | Date of opening of the Tender | : | 11.00 AM on 21.10.2026 |

The bidders have to participate in online bidding only. The details will be available in the website www.tendersorissa.gov.in from 10.00 AM of 04.10.2026 to 5.00 PM of 20.10.2026.

Project Administrator
ITDA, Kaptipada, Udala

OIPR-19001/19010/1/26-27/0003

## GOVERNMENT OF ODISHA 8001/357/2627
FOREST, ENVIRONMENT & CLIMATE CHANGE DEPARTMENT
KENDU LEAF ORGANIZATION
**REQUEST FOR PROPOSAL**
Ref No. O.O. No. **163** Dt. **01-10-2026**

**SELECTION OF AN IMPLEMENTATION AGENCY TO DESIGN, DEVELOP, DEPLOY, ROLL OUT AND OPERATE THE MASTER WEB PORTAL AND ANDROID/IOS APPLICATION FOR WEATHER-BASED GO / NO-GO DECISIONS IN KENDU LEAF OPERATIONS ACROSS ODISHA**

Divisional Forest Officer, Balangir KL Division, Balangir, Govt. of Odisha invites sealed proposals through offline in **TRIPLE COVER** (Three-envelope) system from bidders/firms/Agencies within the country of India for **"selection of an implementation agency to design, develop, deploy, roll out and operate the master web portal and android/ios application for weather-based go / no-go decisions in kendu leaf operations across odisha"**. Bidders fulfilling the prescribed eligibility criteria of the RFP may download the Request for Proposal (RFP) document which contains the details of the requirement from the following website of Government of Odisha and submit their bids

**www.odishaforest.in, www.balangir.odisha.gov.in, https://kenduleaves.odisha.gov.in**

Proposals complete in all respect should reach the undersigned latest by 05.00 PM on **22.10.2026** in the Drop box placed in the office of DFO, Balangir KL Division, Balangir, Odisha or through Postal/ Courier. No other mode of proposal shall be accepted. Bids received after the above deadline shall be summarily rejected. The authority reserves right to reject any/all proposals without assigning any reason thereof.

**Divisional Forest Officer**
**Balangir (KL) Division**

OIPR-8001/8180/1/26-27/0001

## ପଶ୍ଚିମ ରେଳବାଇ-ରତଲାମ ମଣ୍ଡଳ

W/623/NIT/1 ତାରିଖ: ୦୩.୧୦.୨୦୨୬

### ଇ-ଟେଣ୍ଡର ବିଜ୍ଞପ୍ତି

ଡିଭିଜନାଲ୍ ରେଳୱେ ମ୍ୟାନେଜର୍ (W A), ରତଲାମ, ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ www.ireps.gov.in ୱେବସାଇଟ୍‌ରେ ଇ-ଟେଣ୍ଡର ମାଧ୍ୟମରେ "ଖୋଲା ଟେଣ୍ଡର" ଆମନ୍ତ୍ରଣ କରୁଛନ୍ତି। କ୍ରମିକ ନଂ. ୧, ଇ-ଟେଣ୍ଡର ନଂ.: RTM-2026-27-71R, କାର୍ଯ୍ୟର ନାମ: ୧. ସିଭିଲ୍ କାର୍ଯ୍ୟ ସମେତ Pointsman/Traffic Assistant ପାଇଁ ରତଲାମ ଡିଭିଜନ୍-HUT ଏବଂ ୨. ୬୮ଟି ଷ୍ଟେସନରେ PF ଧାରରେ ପେଣ୍ଟିଂ ଏବଂ ସଂରଚନାତ୍ମକ ଉପାଦାନଗୁଡ଼ିକରେ ବିପରୀତ ରଙ୍ଗର ବ୍ୟବସ୍ଥା (ଦିବ୍ୟାଙ୍ଗଜନ ସୁବିଧା)। ଆନୁମାନିକ ମୂଲ୍ୟ: ଟ. ୫,୮୧,୪୫,୦୬୩.୦୮, ବନ୍ଧନା ରାଶି: ଟ. ୧୧,୬୨,୯୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୩.୧୦.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୨୭.୧୦.୨୦୨୬। କ୍ରମିକ ନଂ. ୨, ଇ-ଟେଣ୍ଡର ନଂ.: RTM-2026-27-93, କାର୍ଯ୍ୟର ନାମ: ୧. ଚନ୍ଦେରିୟା-ନୀମଚ-ରତଲାମ- TFRS+CS+CMRC – ୧୬ଟି ସେଟ୍ (୧:୧୨), ୨. ଚନ୍ଦେରିୟା-ଚିତ୍ତୋରଗଡ଼ - TSR(P) - ୧୦.୨୩୧ Tkm ଏବଂ DEN-North-RTM ଅଧୀନରେ ବିଭିନ୍ନ ଟ୍ରାକ୍ କାର୍ଯ୍ୟ ସମ୍ବନ୍ଧୀୟ Cess କାର୍ଯ୍ୟ ଏବଂ ୩. ନାଗଦା-ଭୋପାଳ - TSR(P)- ୧୩.୫୨୨ Tkm। ଆନୁମାନିକ ମୂଲ୍ୟ: ଟ. ୮,୫୯,୮୬,୧୭୦.୦୨, ବନ୍ଧନା ରାଶି: ଟ. ୧୭,୧୯,୭୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୩.୧୦.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୨୭.୧୦.୨୦୨୬। କ୍ରମିକ ନଂ. ୩, ଇ-ଟେଣ୍ଡର ନଂ.: RTM-2026-27-94, କାର୍ଯ୍ୟର ନାମ: CNA-RTM-FTD-UJN ସେକ୍ସନ୍‌ରେ ଟ୍ରାକ୍ କାର୍ଯ୍ୟ ସମ୍ବନ୍ଧରେ ବିଭିନ୍ନ ଷ୍ଟେସନର ୟାର୍ଡରେ ଡ୍ରେନ୍ ବ୍ୟବସ୍ଥା କରିବା। ଆନୁମାନିକ ମୂଲ୍ୟ: ଟ. ୨,୭୫,୯୩,୫୯୫.୪୦, ବନ୍ଧନା ରାଶି: ଟ. ୫,୫୧,୯୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୩.୧୦.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୨୭.୧୦.୨୦୨୬। କ୍ରମିକ ନଂ. ୪, ଇ-ଟେଣ୍ଡର ନଂ.: RTM-2026-27-95, କାର୍ଯ୍ୟର ନାମ: DEN/North/RTM ଅଧୀନରେ ବିଭିନ୍ନ ଟ୍ରାକ୍ ନବୀକରଣ କାର୍ଯ୍ୟ ପାଇଁ AT Welding Portions ର ଅବଶିଷ୍ଟ ଯୋଗାଣ ଏବଂ Alumino-thermic welding କାର୍ଯ୍ୟ ସମ୍ପାଦନ। ଆନୁମାନିକ ମୂଲ୍ୟ: ଟ. ୨,୩୨,୧୬,୩୧୫.୨୪, ବନ୍ଧନା ରାଶି: ଟ. ୪,୬୪,୩୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୩.୧୦.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୨୭.୧୦.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ।

AK/5/1/281

Like us on: facebook.com/WesternRly • Follow us on: X.xom/WesternRly

## THE BISRA STONE LIME COMPANY LTD.
CIN: L14100OR1910GOI033904

Regd. Office :Plot No:255, Pristine Green, Pokhariput, Bhubaneswar-751020

**Statement of Financial Results For the Quarter Ended 30th June 2026** (Rs.in Lakhs)

| Sl. No. | Particulars | Quarter Ended 30.06.2026 (Reviewed) | Quarter Ended 30.06.2025 (Reviewed) | Year Ended 31.03.2026 (Audited) |
|---|---|---|---|---|
| 1 | Total Income from Operation (including Other Income) | 1,552.90 | 2,362.05 | 8,694.05 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 292.64 | 415.91 | 1,494.63 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 292.64 | 415.91 | 1,494.63 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 186.82 | 276.53 | 1,010.30 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 186.82 | 276.53 | 1,135.71 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (19,799.16) | (20,903.76) | (19,985.98) |
| 8 | Earning per share (Rs) | | | |
| | (i) Basic: | 0.21 | 0.32 | 1.16 |
| | (ii) Diluted | 0.21 | 0.32 | 1.16 |

1. The above results of the Company were approved by the Board of Directors at their respective meetings held on 05.10.2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**For and on behalf of the Board of Director**
**Sd/-**
**(M.N.V.S Prabhakar)**
Managing Direcor-BSLC

**Place:** Vishakhapatnam
**Date:** 05th October 2026

## GOVERNMENT OF ODISHA 32001/973/2627
### DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
SUBARNEREKHA IRRIGATION DIVISION NO-1, JHARPOKHARIA
AT/PO-SANKUCHA, VIA-K.M.KATA DIST-MAYURBHANJ.
**Government of Odisha "e" Procurement Notice**
Bid Identification NO.05/2026-27 of SE-SID-1-Jharpokharia
Mail Id. sidivision1@gmail.com

| | | | |
|---|---|---|---|
| 1 | Name of Work | : | 1. Electrical work<br>2. Water supply and sanitation work |
| 2 | Total No of Project | : | 2 Nos |
| 3 | Estimated Cost | : | 1. Rs. 7.72 Lakh (For Sl.No.1)<br>2. Rs. 7.61 Lakh (For Sl.No.2) |
| 4 | EMD | : | Details can be seen in the DTCN of bid documents of the respected work |
| 5 | Period of Completion | : | Details can be seen in the DTCN of bid documents of the respected work |
| 6 | Class of Contractor | : | "LT" or "HT" (For Sl.No.1)<br>"C" Class and "D" Class (For Sl.No.2) |
| 7 | Date and time of availability of bid document in the portal | : | 14.10.2026 at 10.00 A.M. |
| 8 | Last date / time for receipt of bid in the portal | : | 26.10.2026 at 11.00 A.M. |
| 9 | Date of Opening of bid | : | 27.10.2026 at 11.00 A.M. |
| 10 | Name & Address of the O.I.T | : | Superintending Engineer, O/O the S.E, Subarnarekha Irrigation Division No-1, Jharpokharia |

Further details can be seen from the e-Procurement Portal "https://tendersodisha.gov.in".

Superintending Engineer,
Subarnarekha Irrigation Division No-1,
Jharpokharia.

OIPR-32001/32085/1/26-27/0002

## ସତ୍ୟପାଠ

**ମୁଁ, ବାବାଜୀ ମହାନ୍ତି,** ପିତା: ଧରଣୀଧର ମହାନ୍ତି, ସା: କୋଠିଆସାହି, ପୋଷ୍ଟ: କିଆଡିଙ୍ଗିରି, ଥାନା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୦ ଏବଂ ମେସର୍ସ ହିନ୍ଦୁସ୍ଥାନ ଇଞ୍ଜିନିୟରିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲି., ୟୁନିଟ୍: ତିଳଜଳା ପ୍ଲାଣ୍ଟ, ୩୮, ତିଳଜଳା ରୋଡ୍, କୋଲକାତା-୭୦୦୦୩୯ର ଜଣେ କର୍ମଚାରୀ। ତାରିଖ ୦୮.୦୯.୨୦୨୬ରେ କୁଜଙ୍ଗ, ଜଗତସିଂହପୁର, ଓଡ଼ିଶାର ମାନ୍ୟବର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କରାଯାଇଥିବା ଶପଥପତ୍ର (Affidavit) ମାଧ୍ୟମରେ ମୁଁ ଘୋଷଣା କରୁଛି ଯେ, ମୋର ନାମ "ବାବାଜୀ ମହାନ୍ତି" ପରିବର୍ତ୍ତେ **"ଲକ୍ଷ୍ମୀଧର ଜେନା",** ପିତା: ଗୋପାଳ ଜେନା, ଗ୍ରାମ ଏବଂ ପୋଷ୍ଟ: ଭର୍ଥର କୋଲା, କୋଠାମୂଳ, ଥାନା: ତିର୍ତ୍ତୋଲ, ଜିଲ୍ଲା: ଜଗତ୍‌ସିଂହପୁର ଭାବେ ପରିଚିତ ହେବ। ଭବିଷ୍ୟତରେ ସରକାରୀ, ଅର୍ଦ୍ଧସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ଉପରୋକ୍ତ କମ୍ପାନୀର ସର୍ଭିସ୍ ରେକର୍ଡ, ପିଏଫ୍ ରେକର୍ଡ ଓ ଅନ୍ୟାନ୍ୟ ସମସ୍ତ ରେକର୍ଡରେ ଆବଶ୍ୟକତାନୁସାରେ ମୋର ନାମ **ଲକ୍ଷ୍ମୀଧର ଜେନା** ଭାବେ ଲିପିବଦ୍ଧ କରାଯିବ।

## ସାର୍ବଜନୀନ ସୂଚନା

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏତଦ୍ୱାରା ସୂଚିତ କରାଯାଉଛି ଯେ **ଶ୍ରୀମତୀ ଅନୁଶିଳା ସେନଗୁପ୍ତା,** ବୟସ ୭୦ ବର୍ଷ, ସ୍ୱାମୀ: ପୁଲକ ସେନଗୁପ୍ତା, ବାସସ୍ଥାନ: ଶର୍ମା ଛକ, ତାଳଚେର, ଜିଲ୍ଲା: ଅନୁଗୁଳ, ଓଡିଶା, ନିମ୍ନଲିଖିତ ସମ୍ପତ୍ତିକୁ **ଶ୍ରୀମତୀ ମାଧୁରୀ ସାହୁ,** ପିତା: ମୋତିଲାଲ ସାହୁ, ବାସସ୍ଥାନ: ବୀରମିତ୍ରପୁର, ସୁନ୍ଦରଗଡ, ଓଡ଼ିଶାଙ୍କୁ ବିକ୍ରୟ କରିବା ପାଇଁ ରାଜି ହୋଇଛନ୍ତି । ସମ୍ପତ୍ତିର ବିବରଣୀ: ଜିଲ୍ଲା: ଖୋର୍ଦ୍ଧା, ଥାନା: ଜଟଣୀ, ଥାନା ନଂ.: ୬୫, ତହସିଲ: ଜଟଣୀ, ମୌଜା: ବଡରଘୁନାଥପୁର, ସାବିକ ଖାତା ନଂ.: ୧୮, ସାବିକ ପ୍ଲଟ୍ ନଂ.: ୩୬୮, ଖାତା ନଂ.: ୨୭୦/୩୫୯, ପ୍ଲଟ୍ ନଂ.: ୩୬୮/୧୨୪୧, କିସମ: ଘରବାରି (ଖାଲି ଜମି), କ୍ଷେତ୍ର: ଏକର୦.୦୪୬ ଡିସିମିଲ, ସବ୍-ରେଜିଷ୍ଟ୍ରାର ଜଟଣୀଙ୍କ ଅଧିକାରକ୍ଷେତ୍ର ଅଧୀନରେ । ଚତୁଃପାର୍ଶ୍ୱରେ: ଉତ୍ତର: ରାସ୍ତା, ଦକ୍ଷିଣ: ସବ୍-ପ୍ଲଟ୍ ନଂ: ଆର୍-୧୨୧, ପୂର୍ବ: ସବ୍ ପ୍ଲଟ ନଂ: ଆର୍-୧୧୮, ପଶ୍ଚିମ: ସବ୍ ପ୍ଲଟ ନଂ:ଆର୍-୧୨୦, ବିକ୍ରେତା ଘୋଷଣା କରିଛନ୍ତି ଯେ, ଉକ୍ତ ସମ୍ପତ୍ତି ସମସ୍ତ ପ୍ରକାରର ବନ୍ଧକ, ମାମଲା, ବିବାଦ, ଲିଏନ୍, ଜବତି ଏବଂ ଅନ୍ୟାନ୍ୟ ଦାୟବଦ୍ଧତାରୁ ମୁକ୍ତ ଅଟେ । ଉକ୍ତ ସମ୍ପତ୍ତି ଉପରେ କାହାରି କୌଣସି ଅଧିକାର, ମାଲିକାନା, ସ୍ୱାର୍ଥ, ଦାବି କିମ୍ବା ଆପତ୍ତି ଥିଲେ, ଏହି ସୂଚନା ପ୍ରକାଶ ତାରିଖଠାରୁ ୧୫ ଦିନ ମଧ୍ୟରେ ସମର୍ଥନକାରୀ ଦଲିଲ ସହିତ ଲିଖିତ ଭାବରେ ଜଣାଇବାକୁ ଆହ୍ୱାନ କରାଯାଉଛି । ଅନ୍ୟଥା, ପ୍ରସ୍ତାବିତ ବିକ୍ରୟ କାର୍ଯ୍ୟ ଅଗ୍ରଗତି କରିବ ଏବଂ ପରବର୍ତ୍ତୀ ସମୟରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ । ପ୍ରସ୍ତାବିତ ପଞ୍ଜୀକରଣ ତାରିଖ: ୨୮.୧୦.୨୦୨୬

ସ୍ୱା/-ଅନୁଶିଳା ସେନଗୁପ୍ତା
ମୋ ନଂ.: ୯୮୮୦୧୦୧୯୯୨

ସକାଳ THE SAKALA



www.sakalaepaper.com

## କେବେ ସରିବ ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ

# ଧୂଷୁରୀଠାରୁ ପନ୍ଦରବାଟିଆ ଛକ ରାସ୍ତା ଶୋଚନୀୟ

ଅସୁରାଳି, ୫।୧୦(ସମିସ)



ପ୍ରମୁଖ ଆଧ୍ୟାତ୍ମିକ ପୀଠ ବାବା ଆଖଣ୍ଡଳମଣିଙ୍କ ସହିତ ସଂଯୋଗ କରୁଥିବା ୩୫ ନମ୍ବର ରାଜ୍ୟ ରାଜପଥର ଦୁରବସ୍ଥା ଦୂର ହେବାର ନାଁ ନେଉନାହିଁ। ଦୀର୍ଘ ୪ ବର୍ଷର ଲମ୍ବା ସମୟ ବିତିଯାଇଥିଲେ ହେଁ ଠିକାସଂସ୍ଥାର ମନମୁଖୀ କାରବାର ଓ ଜିଲ୍ଲା ପ୍ରଶାସନର ଉଦାସୀନତା ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କର ସ୍ଥିତି ଶୋଚନୀୟ ହୋଇପଡ଼ିଛି। ୨୦୨୨ରୁ ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ସଡ଼କର ସମ୍ପ୍ରସାରଣ ଓ ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୪ବର୍ଷ ବିତିଯାଇଥିଲେ ସୁଦ୍ଧା ୩୭ କିଲୋମିଟର ଦୈର୍ଘ୍ୟର ଏହି ସଡ଼କ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଭଦ୍ରକ ସହର ଉପକଣ୍ଠ ଆରଡ଼ିଛକଠାରୁ ଓଲଙ୍ଗ ମଠଡିହ ପର୍ଯ୍ୟନ୍ତ ରାସ୍ତାର ଏକାଧିକ ସ୍ଥାନରେ କାମ ଅଧପନ୍ତରିଆ ହୋଇରହିଛି।

ସେହିପରି ରାସ୍ତାର ପ୍ରାୟ ୭୦ ପ୍ରତିଶତ ସ୍ଥାନରେ ଯେଉଁ ପିଚୁ ପକାଯାଇଛି, ତାହା ଅତ୍ୟନ୍ତ ନିମ୍ନମାନର। ଠିକାଦାର ବାରମ୍ବାର ଡିଷ୍ଟ ସିଲ୍ କ୍ରସରଗୁଣ୍ଡ ପକାଇ ନିଜ ଦୋଷ ଲୁଚାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି। ଆରଡ଼ି ଛକଠାରୁ କୋର୍କୋରା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ନ କହିବା ଭଲ। ଆନନ୍ଦବଜାର, ଅର୍ଣ୍ଣପାଳ, ମଙ୍ଗଳପୁର ଓ ବରୁଣାଇ ନିକଟରେ ରାସ୍ତା ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ରହିଛି। ଆନନ୍ଦବଜାର ମନ୍ଦିରରୁ ଅର୍ଣ୍ଣପାଳ ପର୍ଯ୍ୟନ୍ତ ରାସ୍ତାରେ ପିଚୁ ଉଠି ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି, ଯାହାକି ନିତ୍ୟନିୟମିତ ଦୁର୍ଘଟଣାର କାରଣ ପାଲଟିଛି। ଏହି ରାସ୍ତାରେ ଦୈନିକ ପ୍ରାୟ ୪୦ଟି ଯାତ୍ରୀବାହୀ ବସ୍ ସମେତ ଭିନ୍ନ ଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସିଥା'ନ୍ତି। ଏହାବ୍ୟତୀତ ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଲୋକଙ୍କ ପାଇଁ ଏହା ଏକ ପ୍ରମୁଖ ଯାତାୟାତ ପଥ ପାଲଟିଛି। ଏତେ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଅଧପନ୍ତରିଆ ହୋଇ ପଡ଼ିରହିବା ସାଧାରଣରେ ଚିନ୍ତା ଓ ଅସନ୍ତୋଷ ସୃଷ୍ଟି କରିଛି। ସେହିପରି ବନ୍ୟାରେ ଧୂଷୁରୀଠାରୁ ପନ୍ଦରବାଟିଆ ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ସଙ୍ଗୀନ। କେତେବେଳେ କିଏ ପଡ଼ିବ ତା'ର ଠିକ୍ ଠିକଣା ନାହିଁ। କାର୍ଯ୍ୟ ଶେଷ କରିବାରେ ଅହେତୁକ ବିଳମ୍ବ କରୁଥିବା ଠିକାସଂସ୍ଥା ପ୍ରତି ଜିଲ୍ଲାର ଲୋକପ୍ରତିନିଧି ଓ ପ୍ରଶାସନ ନିରବ ରହିବା ସନ୍ଦେହ ସୃଷ୍ଟି କରିଛି। ରାସ୍ତା କାମ ନେଇ କୌଣସି ସୂଚନାଫଳକ ଲଗାଯାଇ ନ ଥିବାରୁ ଏହି ପ୍ରକଳ୍ପ ସମ୍ପର୍କରେ ସବିଶେଷ ତଥ୍ୟ ମଧ୍ୟ ମିଳିପାରୁନାହିଁ। ତୁରନ୍ତ ଏହି ରାଜପଥ ନିର୍ମାଣ କାର୍ଯ୍ୟ ଶେଷ କରିବା ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ତଥା ସାମ୍ୟବାଦୀ ନେତା ଚନ୍ଦ୍ରଶେଖର ନାୟକ, ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଦୁର୍ଯ୍ୟୋଧନ ତରାଇ ଓ ଅନୁକମ୍ପା ମହିଳା ସଂଗଠନ ସମ୍ପାଦିକା ବିମଳା ନାଥ ଦାବି କରିଛନ୍ତି।



ବାବା ଆଖଣ୍ଡଳମଣିଙ୍କ ପୀଠରେ ମା' ଜୟଦୁର୍ଗାଙ୍କ ସର୍ବମଙ୍ଗଳା ବେଶ

## ବ୍ୟାଙ୍କ ନାଁରେ ଫୋନ୍ କରି ଲିଙ୍କ୍ ପଠାଇଲେ ସାଇବର ଠକ

# କେୱାଇସି ଅପ୍‌ଡେଟ୍ ନାଁରେ ୭୫,୫୦୦ ଟଙ୍କା ଲୁଟ୍

ଭଦ୍ରକ, ୫।୧୦(ସମିସ): ବ୍ୟାଙ୍କ ଆକାଉଣ୍ଟର କେୱାଇସି ଅପ୍‌ଡେଟ୍ ନାଁରେ ସାଇବର ଠକେଇ। ଅଜଣା ଲିଙ୍କ୍‌ରେ ତଥ୍ୟ ଦେବା ପରେ ଜଣେ ମହିଳାଙ୍କ ଆକାଉଣ୍ଟରୁ ଦୁଇଥରରେ ୭୫ ହଜାର ୫୦୦ ଟଙ୍କା ଗାଏବ ହୋଇଛି। ଏନେଇ ଧୂଷୁରୀ ଥାନାରେ ମାମଲା ରୁଜୁ ହୋଇଛି। ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅନ୍ତର୍ଗତ ପାଛାଲୋ କାସିମପୁର ଗାଁର ପ୍ରଭାତୀ ନାଥ (୪୦)ଙ୍କ ଅଭିଯୋଗ ଅନୁଯାୟୀ, ଗତ ସେପ୍ଟେମ୍ବର ୫ରେ ତାଙ୍କ ମୋବାଇଲ୍‌କୁ ୟୁକୋ ବ୍ୟାଙ୍କ ନାଁରେ ଏକ ଅଜଣା ଫୋନ୍ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ହିନ୍ଦୀରେ କଥା ହୋଇ ଆକାଉଣ୍ଟର କେୱାଇସି ଅପ୍‌ଡେଟ୍ ହୋଇ ନ ଥିବା କହିଥିଲେ। ପରେ ଏକ ଲିଙ୍କ୍ ପଠାଇ ସେଥିରେ ତଥ୍ୟ ପୂରଣ କରିବାକୁ କହିଥିଲେ। ପ୍ରଭାତୀ ଉକ୍ତ ଲିଙ୍କ୍‌ରେ ତଥ୍ୟ ଦେବା ପରେ ତାଙ୍କ ଆକାଉଣ୍ଟରୁ ସେହିଦିନ ଅପରାହ୍ଣ ୪ଟା ୪୦ ଓ ସନ୍ଧ୍ୟା ୬ଟା ୫୨ରେ ଦୁଇଟି ପୃଥକ୍ ଭାବରେ ମୋଟ୍ ୭୫ ହଜାର ୫୦୦ ଟଙ୍କା କଟିଯାଇଥିଲା। ପରେ ବ୍ୟାଙ୍କରେ ଯାଇ ପଚରାଉଚରା କରିବାରୁ ଠକେଇର ଶିକାର ହୋଇଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ପ୍ରଭାତୀ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ କେସ୍ ନଂ ୪୩୯/୨୦୨୬ରେ ଏକ ମାମଲା ରୁଜୁ କରି ବିଏନ୍‌ଏସ୍ ଧାରା ୩୧୮ (୪) ଓ ଆଇଟି ଆକ୍ଟର ଧାରା ୬୬(ଡି) ଅଧୀନରେ ତଦନ୍ତ ଆରମ୍ଭ କରିଛି। ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ତଦନ୍ତ ଭାର ନେଇଛନ୍ତି।

# ସାଉଦିଆରବରେ ଚାକିରି ନାଁରେ ୪୯ ହଜାର ଚୂନ

## ଟଙ୍କା ନେଇ ଗାଏବ ଗୋ ଗ୍ଲୋବାଲ ଇମିଗ୍ରେସନ୍ ସଂସ୍ଥା; ଧୂଷୁରୀ ଥାନାରେ ମାମଲା

ଭଦ୍ରକ, ୫।୧୦(ସମିସ): ବିଦେଶରେ ଚାକିରିର ମୋହ ଦେଖାଇ ଠକେଇ। ସାଉଦିଆରବରେ ଚାକିରି କରାଇଦେବା ନାଁରେ ଜଣେ ଯୁବକଙ୍କଠାରୁ ୪୯ ହଜାର ଟଙ୍କା ନେଇ ଯୋଗାଯୋଗ ବନ୍ଦ କରିଦେଇଥିବା ଅଭିଯୋଗ ହୋଇଛି। ଏନେଇ ଭଦ୍ରକ ଜିଲ୍ଲା ଧୂଷୁରୀ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ସାଠିବାଙ୍କୁଡ଼ା ଗ୍ରାମର ଅଶୋକ ବିଳାସ ସାଉଦିଆରବରେ ଚାକିରି ପାଇଁ ନୂଆଦିଲ୍ଲୀସ୍ଥିତ 'ଗୋ ଗ୍ଲୋବାଲ୍ ଇମିଗ୍ରେସନ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍' ସହ ଯୋଗାଯୋଗ କରିଥିଲେ। ପାସ୍‌ପୋର୍ଟ ଓ ଭିସା ବାବଦରେ ୪୯ ହଜାର ଟଙ୍କା ଦେବାକୁ କହି ସଂସ୍ଥା ପକ୍ଷରୁ ହ୍ୱାଟ୍ସଆପ୍‌ରେ ଏକ କ୍ୟୁଆର୍ କୋଡ୍ ପଠାଯାଇଥିଲା। ଅଶୋକଙ୍କ ପାଖରେ ଟଙ୍କା ନ ଥିବାରୁ ସେ ପାହାନା ଗ୍ରାମର ସ୍ୱାଧୀନ କୁମାର ଦାସଙ୍କ ସହାୟତା ନେଇଥିଲେ। ସ୍ୱାଧୀନ ୨୧ ଜୁଲାଇ ୨୦୨୫ରେ ଫୋନ୍ ପେ' ଜରିଆରେ ନିଜ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଖାତାରୁ ୪୯ ହଜାର ଟଙ୍କା ଉକ୍ତ କ୍ୟୁଆର୍ କୋଡ୍‌କୁ ପଠାଇଥିଲେ। ଟଙ୍କା ପଠାଇବା ପରେ ଚାକିରି ତ ଦୂରର କଥା, ସଂସ୍ଥା ପକ୍ଷରୁ ଆଉ ଯୋଗାଯୋଗ ହୋଇ ନ ଥିଲା। ଟଙ୍କା ଫେରସ୍ତ ପାଇଁ ବାରମ୍ବାର ଉଦ୍ୟମ କରି ମଧ୍ୟ ସଫଳ ନ ହେବା ପରେ ଠକେଇ ହୋଇଥିବା ଅନୁଭବ କରି ସ୍ୱାଧୀନ ଧୂଷୁରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଧୂଷୁରୀ ଥାନାରେ କେସ୍ ନଂ ୪୩୮/୨୦୨୬ରେ ବିଏନ୍‌ଏସ୍ ଧାରା ୩୧୮ (୪) ଓ ଆଇଟି ଆକ୍ଟର ଧାରା ୬୬(ଡି)ରେ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ତଦନ୍ତ ଭାର ନେଇଛନ୍ତି। ଟଙ୍କା କେଉଁ ଖାତାକୁ ଯାଇଛି ଏବଂ ଏହି ଠକେଇ ପଛରେ କିଏ ରହିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।




## ସାଇବର ଠକଙ୍କୁ ଜାଲ୍ ସିମ୍ ଯୋଗାଣ ଅଭିଯୋଗ

# ତିହିଡ଼ିର ପିଓଏସ୍ ଏଜେଣ୍ଟଙ୍କ ନାଁରେ ମାମଲା

ଭଦ୍ରକ, ୫।୧୦(ସମିସ): ସିମ୍ କାର୍ଡ ଇସ୍ୟୁ ନାଁରେ ସାଇବର ଠକେଇକୁ ରାସ୍ତା ଖୋଲି ଦିଆଯାଉଥିଲା। ଜାଲ୍ କାଗଜପତ୍ରରେ ସିମ୍, ଗ୍ରାହକଙ୍କ ନାମରେ ମିଥ୍ୟା ତଥ୍ୟ ଏବଂ ସେହି ସିମ୍‌ରୁ ସାଇବର ଠକେଇ। ଏଭଳି ସାଂଘାତିକ ଅଭିଯୋଗ ଭଦ୍ରକରେ ସାଇବର ଅପରାଧର ଏକ ନୂଆ ଦିଗକୁ ସାମ୍ନାକୁ ଆଣିଛି। ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ (ସିଆଇଡି-ସିବି) ଓ ଭଦ୍ରକ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି। ତିହିଡ଼ି ଥାନା ଅନ୍ତର୍ଗତ ଭିତରଦିଗପାଟଣା (ଭୁବନ) ଅଞ୍ଚଳର ପିଓଏସ୍ ଏଜେଣ୍ଟ ସୌମ୍ୟରଞ୍ଜନ ଦେ'ଙ୍କ ନାମରେ ମାମଲା ରୁଜୁ ହୋଇଛି।

ପୁଲିସ ସୂଚନା ଅନୁଯାୟୀ, ତାଙ୍କ ପିଓଏସ୍ କୋଡ୍ ୨୮ ୯୦୨୦୦୦ସୌମେନଦେ ମାଧ୍ୟମରେ ମୋଟ୍ ୯ଟି ମୋବାଇଲ୍ ନମ୍ବର ଇସ୍ୟୁ ହୋଇଥିଲା। ତଦନ୍ତ ଆରମ୍ଭ ହେବା ପରେ ଏହି ସିମ୍‌ଗୁଡ଼ିକର କଷ୍ଟମର ଆପ୍ଲିକେସନ ଫର୍ମ (ସିଏଫ୍) ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଗ୍ରାହକଙ୍କ ପରିଚୟ ଓ ଠିକଣା ସମ୍ପର୍କିତ ତଥ୍ୟରେ ଗୁରୁତର ଅସଂଗତି ଥିବା ପୁଲିସ ଜାଣିବାକୁ ପାଇଥିଲା। ଏପରିକି ପିତାଙ୍କ ନାମ ସ୍ଥାନରେ କେଏସ୍‌କେଡବ୍ଲୁଜେ, କେଏଆଇଏଲ୍‌ଏ, ଏଜେକେଏଏମ୍ ଭଳି ଅର୍ଥହୀନ ଶବ୍ଦ ଲେଖାଯାଇଥିବା ଅଭିଯୋଗ ରହିଛି। ଆହୁରି ଆଶ୍ଚର୍ଯ୍ୟଜନକ ତଥ୍ୟ ତଦନ୍ତରେ ସାମ୍ନାକୁ ଆସିଛି। ଯେଉଁ ବ୍ୟକ୍ତିମାନଙ୍କ ନାମରେ ଏହି ସିମ୍‌ଗୁଡ଼ିକ ଆକ୍ଟିଭେଟ୍ ହୋଇଥିଲା, ସେମାନେ ଏ ସମ୍ପର୍କରେ କିଛି ଜାଣି ନ ଥିବା ପୁଲିସକୁ କହିଥିବା ଜଣାପଡ଼ିଛି। ଏହା ସିମ୍ ଇସ୍ୟୁ ପ୍ରକ୍ରିୟାରେ ନିୟମ ଉଲ୍ଲଂଘନର ସନ୍ଦେହକୁ ଆହୁରି ଘନୀଭୂତ କରିଛି। ମାମଲାର ସବୁଠାରୁ ଚାଞ୍ଚଲ୍ୟକର ଦିଗ ହେଉଛି ଏହି ୯ଟି ମୋବାଇଲ୍ ନମ୍ବର ବିରୋଧରେ ସାଇବର ଠକେଇ ସମ୍ପର୍କିତ ଏକାଧିକ ଅଭିଯୋଗ ପୂର୍ବରୁ ନ୍ୟାସ୍‌ନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି)ରେ ପଞ୍ଜିକୃତ ହୋଇଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅର୍ଥାତ୍, ଯେଉଁ ସିମ୍‌ଗୁଡ଼ିକ ଜାଲ୍ ତଥ୍ୟରେ ଇସ୍ୟୁ ହୋଇଥିବା ଅଭିଯୋଗ ହୋଇଛି, ସେଗୁଡ଼ିକ ସାଇବର ଅପରାଧରେ ବ୍ୟବହୃତ ହୋଇଥିବା ତଥ୍ୟ ପୁଲିସ ହାତରେ ଲାଗିଛି। ଘଟଣା ପରେ ପୁଲିସ ଅଭିଯୁକ୍ତଙ୍କ ଠିକଣାରେ ଖୋଜାଖୋଜି କରିଥିଲେ ମଧ୍ୟ ସୌମ୍ୟରଞ୍ଜନ ଦେ'ଙ୍କ ପତ୍ତା ମିଳିନାହିଁ। ଏବେ ତଦନ୍ତକାରୀଙ୍କ ନଜର କେବଳ ଅଭିଯୁକ୍ତଙ୍କ ଉପରେ ନୁହେଁ, ଏହି ଜାଲ୍ ସିମ୍ ମାଧ୍ୟମରେ ସକ୍ରିୟ ଥିବା ସମ୍ଭାବ୍ୟ ସାଇବର ନେଟ୍‌ୱର୍କ ଉପରେ ମଧ୍ୟ ରହିଛି। ଭଦ୍ରକ ସାଇବର ଥାନା ଇନ୍ସପେକ୍ଟର ମାନସ ରଞ୍ଜନ ବିଶ୍ୱାଳଙ୍କ ଲିଖିତ ଅଭିଯୋଗକ୍ରମେ କେସ୍ ନମ୍ବର ୧୯/୨୦୨୬, ତାରିଖ ୧.୧୦.୨୬ ରୁଜୁ ହୋଇଛି। ବିଏନ୍‌ଏସ୍‌ର ଧାରା ୩୧୮ (୪), ୩୧୯ (୨), ୩୩୬(୩), ୩୩୮, ୩୪୦(୨), ୬୧(୨), ଆଇଟି ଆକ୍ଟ ଧାରା ୬୬(ସି), ୬୬(ଡି) ଏବଂ ଟେଲିକମ୍ୟୁନିକେସନ ଆକ୍ଟ, ୨୦୨୩ର ଧାରା ୪୨(୩)(ସି) ଅନୁଯାୟୀ ମାମଲା ରୁଜୁ ହୋଇଛି। ତଦନ୍ତ ଦାୟିତ୍ୱ ଇନ୍ସପେକ୍ଟର ବିରଞ୍ଚିଙ୍କୁ ହସ୍ତାନ୍ତର କରାଯାଇଛି। ଜାଲ୍ ତଥ୍ୟରେ ସିମ୍ କାରବାର ପଛରେ କେବଳ ଏଜେଣ୍ଟ ନାଁ ରହିଛି। ବଡ଼ ସାଇବର ନେଟ୍‌ୱର୍କ ୯ଟି ସିମ୍‌ରୁ ମିଳିଥିବା ସୁରାକ୍ ଏବେ ତଦନ୍ତକୁ କେଉଁ ଦିଗକୁ ନେଉଛି, ତା' ଉପରେ ନଜର।

**ସିଆଇଡି-ସିବି ଓ ଏସ୍‌ପିଙ୍କ ନିର୍ଦ୍ଦେଶରେ ଭଦ୍ରକ ସାଇବର ଥାନାର ବଡ଼ କାର୍ଯ୍ୟାନୁଷ୍ଠାନ**

## ସମବାୟ ସମିତିରେ ଅନିୟମିତତାର ଅଭିଯୋଗ; ସମ୍ପାଦକଙ୍କୁ ଘେରିଲେ ଚାଷୀ

# ଜିଲ୍ଲାପାଳଙ୍କ ନିକଟରେ ଫେରାଦ; ୨୧ ଦିନରେ ପଦକ୍ଷେପ ଦାବି

ଭଦ୍ରକ, ୫।୧୦(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଭଗବାନପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଜଗନ୍ନାଥ ସେବା ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତଙ୍କ ବିରୋଧରେ ଏକାଧିକ ଅନିୟମିତତାର ଅଭିଯୋଗ ଆସିଛି। ତାଙ୍କୁ ସମିତିରୁ ବଦଳି କରିବା ସହ ଅଭିଯୋଗର ନିରପେକ୍ଷ ତଦନ୍ତ ଦାବି କରି ସମିତିର ସଭ୍ୟସଭ୍ୟା ଓ ଚାଷୀମାନେ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ଦେଇଛନ୍ତି। ସାହାଡ଼ା ପଞ୍ଚାୟତରେ ଅନୁଷ୍ଠିତ ଯୁଗ୍ମ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ର ଅନୁଯାୟୀ, ୨୦୧୪ରୁ ପ୍ରକାଶ ଚନ୍ଦ୍ର ରାଉତ ସମିତିର ଭାରପ୍ରାପ୍ତ ସମ୍ପାଦକ ଭାବେ ଦାୟିତ୍ୱରେ ଅଛନ୍ତି। ଦୀର୍ଘ ବର୍ଷ ଧରି ସମିତିର ବାର୍ଷିକ ସାଧାରଣ ସଭା ସାର୍ବଜନୀନ ଭାବେ ହୋଇ ନ ଥିବା ଅଭିଯୋଗ ହୋଇଛି। ଚାଷୀଙ୍କ କେସିସି କାର୍ଡ ଓ ଚେକ୍ ବହି ନିଜ ପାଖରେ ରଖି ଋଣ ଉଠାଣ, ବେନିୟମ ଚାଷୀ ପଞ୍ଜୀକରଣ, ଧାନ କିଣା ଏବଂ ସାର ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ ଦାବିପତ୍ରରେ ରହିଛି। ପ୍ରକୃତ ଚାଷୀଙ୍କ ବଦଳରେ କିଛି ବଡ଼ ଚାଷୀଙ୍କ ନାମରେ ଧାନ ବିକ୍ରି ଦର୍ଶାଯାଉଥିବାରୁ କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ସମିତିକୁ ମିଳୁଥିବା ମଣ୍ଡି ଚାର୍ଜ ଏବଂ ସରକାରୀ ସାର ଯୋଗାଣରେ ଅନିୟମିତତା, ଅଭିଯୋଗକାରୀ ଚାଷୀଙ୍କୁ ଧମକ ଦେବା ଓ ସମିତିର ଜରୁରୀ କାଗଜପତ୍ର କାର୍ଯ୍ୟାଳୟ ବାହାରେ ରଖି କାର୍ଯ୍ୟ କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ଅଭିଯୋଗଗୁଡ଼ିକର ନିରପେକ୍ଷ ତଦନ୍ତ କରି ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ସହ ସମ୍ପାଦକଙ୍କୁ ବଦଳି କରିବାକୁ ଚାଷୀମାନେ ଦାବି କରିଛନ୍ତି। ୨୧ ଦିନ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ସମିତି ସମ୍ମୁଖରେ ଧାରଣା ଦେବା ସହ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସୁଦର୍ଶନ ମାଝୀ, ସୁଦୀପ୍ତ ଖଟୁଆ, ଭାଗବତ ଜେନା, ବିଦ୍ୟାଧର ବେହେରା, ଦିବାକର ସାହୁ, ଅରବିନ୍ଦ ବେହେରା, ଅଶୋକ ଜେନା, ଶଙ୍କର୍ଷଣ ଜେନା, ନରେନ୍ଦ୍ର ସାହୁ, ଯଦୁନାଥ ଖଟୁଆ, ଗୌରାଙ୍ଗ ଦାଶ, ନିଧିଆନନ୍ଦ ସ୍ୱାଇଁ, ସୁଧାଂଶୁ ମହାପାତ୍ର ପ୍ରମୁଖ ଜନଶୁଣାଣି ଶିବିରରେ ଉପସ୍ଥିତ ରହି ଦାବି ଜଣାଇଥିଲେ।




## ଚୋରା ମୋବାଇଲ୍ ପାର୍ଟସ୍‌ର ବଡ଼ କାରବାର ଠାବ

# ୨ ଲକ୍ଷର ସାମଗ୍ରୀ ଜବତ, ୩ ଗିରଫ

ଧାମନଗର, ୫।୧୦(ସମିସ): ଧାମନଗରରେ ଚୋରା ମୋବାଇଲ୍ ପାର୍ଟସ୍‌ର ବଡ଼ କାରବାର ଠାବ କରିଛି ପୁଲିସ। ଏନ୍‌ଏସି ଅଧୀନ ଜୟନଗର ଗାଁରେ ଚଢ଼ଉ କରି ୫୦୦ ମୋବାଇଲ୍ କଭର, ୨ ହଜାର ବ୍ୟାଟେରୀ, ୫୦୦ ଡିସ୍‌ପ୍ଲେ କମ୍ବୋ, ୫୦୦ କ୍ୟାମେରା ଓ ୬୦୦ ମଦରବୋର୍ଡ ସମେତ ପ୍ରାୟ ୨ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରିଛି। ଘଟଣାରେ ପଶ୍ଚିମବଙ୍ଗର ୨ ଜଣଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଗୁପ୍ତ ସୂଚନା ଆଧାରରେ, ଏସ୍‌ଆଇ ନାରାୟଣ ନାୟକଙ୍କ ନେତୃତ୍ୱରେ ପୁଲିସ ଜୟନଗରସ୍ଥିତ ସାହା ସଦାମଙ୍କ ଘରେ ଚଢ଼ଉ କରିଥିଲା। ସେଠାରୁ ସାହା ସଦାମ (୩୫), ପୂର୍ବ ମେଦିନୀପୁରର ଉନୁସ୍ ସାହା (୩୮) ଓ ରହିମ୍ ସାହା (୩୨)ଙ୍କୁ ଗିରଫ କରାଯାଇଥିଲା। ଜବତ ମୋବାଇଲ୍ ପାର୍ଟସ୍‌ର କୌଣସି ବୈଧ କାଗଜପତ୍ର ଅଭିଯୁକ୍ତମାନେ ଦେଖାଇପାରି ନ ଥିବା ପୁଲିସ କହିଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଏହି ସାମଗ୍ରୀ ଚୋରି କରି ସଂଗ୍ରହ କରାଯାଇଥିବା ନେଇ ସେମାନେ ସ୍ୱୀକାର କରିଥିବା ପୁଲିସ ସୂଚନା ଦେଇଛି। ଏସ୍‌ଆଇ ନାରାୟଣ ନାୟକଙ୍କ ଅଭିଯୋଗ କ୍ରମେ ଧାମନଗର ଥାନାରେ ଏକ ମାମଲା ରୁଜୁ ହୋଇଛି। ଆଇଆଇସି ଶୁଭ୍ରଜିତ୍ ଦାଶଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ପ୍ରିୟସ୍ନେହୀ ଶୂନ୍ୟପଦ ଦାସ ତଦନ୍ତଭାର ଗ୍ରହଣ କରିଛନ୍ତି।



# ପ୍ରଗତି କ୍ଲବ୍‌ର ୫୪ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ



ବାସୁଦେବପୁର, ୫।୧୦(ସମିସ): ବାସୁଦେବପୁର ବ୍ଲକ୍ ନାୟକାଣୀଡିହିର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ "ପ୍ରଗତି କ୍ଲବ'ର ଗୌରବମୟ ୫୪ତମ ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ୧୯୭୨ରେ ଏକ ସାଧାରଣ ଚା' ଦୋକାନରୁ ସଂକଳ୍ପିତ ହୋଇଥିବା ଏହି ଅନୁଷ୍ଠାନ ଆଜି ସମାଜସେବାର ଏକ ବିଶାଳ ବଟବୃକ୍ଷରେ ପରିଣତ ହୋଇଛି। ବିଗତ ୫ଟି ଦଶନ୍ଧି ଧରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ସାମାଜିକ ସଂସ୍କାର ଓ ସ୍ଥାନୀୟ ଥାନା ସ୍ଥାପନ ଭଳି ପ୍ରତ୍ୟେକଟି ଜନହିତକର କାର୍ଯ୍ୟରେ ପ୍ରଗତି କ୍ଲବ୍ ନିଜକୁ ଆଗଧାଡ଼ିରେ ନିୟୋଜିତ କରିଆସିଛି। ପ୍ରତିଷ୍ଠାତା ସଦସ୍ୟମାନଙ୍କ ଅକ୍ଲାନ୍ତ ପରିଶ୍ରମ, ନିଶ୍ଚଳ ତ୍ୟାଗ ଓ ଦୂରଦୃଷ୍ଟି ଯୋଗୁଁ ଆଜି ଏହି ଅନୁଷ୍ଠାନ ସଫଳତାର ସୀମା ଛୁଇଁପାରିଛି। ଏଥିରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ତହସିଲ୍‌ଦାର ପ୍ରିୟବ୍ରତ ଦାଶ, ତିହିଡ଼ି ବିଡିଓ ନିରଞ୍ଜନ ବାରିକ, ମୁଖ୍ୟବକ୍ତା ଭାବେ ନାୟକାଣୀଡିହି ଥାନାଧିକାରୀ ଉମାଶଙ୍କର ନାୟକ ଯୋଗଦେଇ କହିଥିଲେ, ସାମାଜିକ ଶୃଙ୍ଖଳା ରକ୍ଷା କରିବା ଯୁବସମାଜର ପରମ କର୍ତ୍ତବ୍ୟ। ଏଥିପାଇଁ ଯୁବବର୍ଗ ଆଗେଇ ଆସିବା ସହ ବରିଷ୍ଠମାନଙ୍କୁ ସମ୍ମାନ ଦେଇ କାର୍ଯ୍ୟ କଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ। ଏହି ଉତ୍ସବରେ ରମାକାନ୍ତ ନାୟକ ଓ ଗୌରାଙ୍ଗ ଚରଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିବାବେଳେ ବିକାଶ ଚନ୍ଦ୍ର କାଠ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ଲବ୍ ସମ୍ପାଦକ ବ୍ରଜସୁନ୍ଦର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କ୍ଲବ୍ ତରଫରୁ ପୂର୍ବରୁ ଆୟୋଜିତ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟମାନଙ୍କୁ ବିଶେଷ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କ୍ଲବ୍ ସଭାପତି ଜୟନ୍ତ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହ ଶେଷରେ ରଶ୍ମିରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଦ୍ୱୈତ ମହାପାତ୍ର, ରମେଶ ମହାଳିକ, ବିଜୟ ଦାସ, କୃଷ୍ଣକୁମାର ପରିଡ଼ା, ଲକ୍ଷ୍ମୀଧର ବେହେରା, ପାଗଳା ଜେନାଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୮ରେ ଓଡ଼ିଶା ବନ୍ଦକୁ ସଫଳ କରିବାକୁ ବ୍ୟାପକ ପ୍ରସ୍ତୁତି

ଭଦ୍ରକ, ୫।୧୦(ସମିସ): ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱ ଓ ଜିଲ୍ଲା ପ୍ରଭାରୀ ତଥା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ଜିଆଉଲ ହକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସହ ପ୍ରଭାରୀ ପିସିସି ସାଧାରଣ ସମ୍ପାଦକ କୋ-ଇନ୍‌ଚାର୍ଜ ମାନସ ଆଚାର୍ଯ୍ୟ, ସମ୍ପାଦକ ମହେନ୍ଦ୍ର ଦାସ, ଶୁଭଶ୍ରୀ ବେହେରାଙ୍କ ଉପସ୍ଥିତିରେ ହୋଇଯାଇଛି। ବୈଠକରେ ଏମ୍‌ଏମ୍‌ଡିଆର୍ ବିଲ୍ ପ୍ରତ୍ୟାହାର, ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରକାଶନ ନିମନ୍ତେ ଉତ୍ତରଦାୟୀ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦଙ୍କ ଇସ୍ତଫା, ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା, ବନ୍ୟାବିପନ୍ନଙ୍କୁ ତ୍ୱରିତ ସହାୟତା ପରି ୪ଦଫା ଦାବି ନେଇ ଦିଆଯାଇଥିବା ଆସନ୍ତା ୮ ତାରିଖ ଓଡ଼ିଶା ବନ୍ଦ ଡକରାକୁ ସଫଳ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍ ସଭାପତି, ନଗର ସଭାପତି, ଜିଲ୍ଲା କଂଗ୍ରେସର ସମସ୍ତ ଛାମୁଆ ସଂଗଠନ ନେତୃମଣ୍ଡଳୀ, ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଭାରୀ ଶ୍ରୀ ହକ୍ ବର୍ତ୍ତମାନ ଚାଲିଥିବା ବିଜେପି ସରକାରର ଅସଲ ମୁଖା ଖୋଲିବାକୁ ସମସ୍ତ କର୍ମୀ ଓ ନେତୃମଣ୍ଡଳୀଙ୍କୁ ଆହ୍ୱାନ ଦେବା ସହ ବନ୍ଦ ଦିନ ଚକ, ଅଖ, ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, କୋର୍ଟ କଚେରୀ, ଦୋକାନ ବଜାର ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ। ଉକ୍ତ ବନ୍ଦର ଐତିହାସିକ ସଫଳତା ବିଜେପି ସରକାରର ପତନ ପାଇଁ ପଥ ପରିଷ୍କାର ହେବ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଏହା ବାଦ୍ ଇଣ୍ଡିମେଣ୍ଟର ସମସ୍ତ କର୍ମକର୍ତ୍ତାଙ୍କ ସହ ସମନ୍ୱୟ ରଖି ବନ୍ଦକୁ ସଫଳ କରିବାକୁ ନିବେଦନ କରିଥିଲେ। ଉକ୍ତ ବୈଠକରେ କଂଗ୍ରେସର ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଦେବରୂପ ମହାନ୍ତି(ରୁବି), ସିପିଏମ୍ ନେତା ବିକାଶ ନାଥ, ସିପିଆଇ (ଏମ୍‌ଏଲ୍) ଜିଲ୍ଲା ସଂଯୋଜକ ସମର ବଳ, କଂଗ୍ରେସ ନେତା ପଞ୍ଚାନନ ମଣ୍ଡଳ, ପୀତବାସ ଧଳ, ପ୍ରଦ୍ୟୁମ୍ନ କୁମାର ଦାସ, ରାଜେନ୍ଦ୍ର ପ୍ରସାଦ ଯେନା, ବଳରାମ ରାଉତ, ବିଜୟ ବାରିକ, ରାଜକିଶୋର ପଣ୍ଡା, ସରୋଜ ରାଉଳ, ରଜନୀକାନ୍ତ ଚାନ୍ଦ, ଭରତ ତ୍ରିପାଠୀ, ସରୋଜ ଦାସ, ସରୋଜ ନାୟକ, ଅରବିନ୍ଦ ନାୟକ, ଫରିଆଦ ଖାନ୍, ସୁଭାଶିଷ୍ ମଲ୍ଲିକ, ଗୟାଧର ସେଠୀ, ବିଦ୍ୟାଧର ଜେନା, ଦେବବ୍ରତ ମହାନ୍ତି, ରମେଶ ଚନ୍ଦ୍ର ବେହେରା, ହୃଦାନନ୍ଦ ସେଠୀ, ଗଣେଶ ମଲ୍ଲିକ, ଏନାମୁଲ ହକ୍ ପ୍ରମୁଖ ଉପସ୍ଥିତ ରହି ବନ୍ଦକୁ ସଫଳ କରିବାକୁ ଶପଥ ନେଇଥିଲେ।




## ବିପଦରେ ଟିକିରା-ଶ୍ରୀରାମପୁର ବିଜୁ ସେତୁ; ନିର୍ମାଣକୁ ୧୧ ବର୍ଷ ପୂରିଲା

# କାର୍ଯ୍ୟକ୍ଷମ ହେବା ପୂର୍ବରୁ ନଷ୍ଟ ହେବାକୁ ବସିଲାଣି

ବନ୍ତ/ଆଗରପଡ଼ା, ୫।୧୦(ସମିସ): ବିଜୁ ସେତୁ ନିର୍ମାଣକୁ ୧୧ବର୍ଷ ପୂରିଲାଣି। ଆପ୍ରୋଚ୍ ରୋଡ୍‌କୁ ନେଇ ଉପୁଜିଥିବା ସମସ୍ୟାର ସମାଧାନ ହୋଇସାରିଥିଲେ ସୁଦ୍ଧା ଗ୍ରାମବାସୀଙ୍କ ଅସହଯୋଗ ଯୋଗୁଁ କାର୍ଯ୍ୟକ୍ଷମ ହୋଇପାରୁନି ବିଜୁ ସେତୁ। ଏପରିସ୍ଥଳେ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ନିର୍ମାଣାଧୀନ ବିଜୁ ସେତୁ ନଷ୍ଟ ହେବାକୁ ବସିଥିବା ଦେଖିବାକୁ ମିଳିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ ଆଗରପଡ଼ାସ୍ଥିତ ଟିକିରା-ଶ୍ରୀରାମପୁର ଗ୍ରାମକୁ ସଂଯୋଗୀକରଣ ନିମନ୍ତେ ସାଳନ୍ଦୀ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ବିଜୁ ସେତୁ କ୍ଷେତ୍ରରେ।

ଟିକିରା-ଶ୍ରୀରାମପୁର ଅଞ୍ଚଳର ପ୍ରମୁଖ ବ୍ୟାବସାୟିକ କେନ୍ଦ୍ର ଆଗରପଡ଼ା। କିନ୍ତୁ ସାଳନ୍ଦୀ ନଦୀ ଏଥିପାଇଁ ବାଧକ ସୃଷ୍ଟି ହେଉଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ଦାବି ଫଳରେ ସ୍ୱର୍ଗତ ତତ୍କାଳୀନ ସାଂସଦ ଅର୍ଜ୍ଜୁନ ଚରଣ ସେଠୀ ଓ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସହଯୋଗରେ ବିଜୁ ସେତୁ ନିର୍ମାଣ ପାଇଁ ୪ କୋଟି ୨୧ ଲକ୍ଷ ୯୨ ହଜାର ୪୨୦ ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଥିଲା। ୨୦୧୬ ଫେବୃଆରୀ ୪ ତାରିଖରେ ନିର୍ମାଣ ହୋଇ ୨୦୧୭ ଅକ୍ଟୋବର ୩ରେ କାର୍ଯ୍ୟ ଶେଷ ହେବାର ଥିଲା। ବିଭିନ୍ନ ସମସ୍ୟାରୁ ଅବଧି ସରିବାର ବହୁ ବିଳମ୍ବରେ ସେତୁ କାର୍ଯ୍ୟ ସମାପ୍ତି ହୋଇଥିଲେ ସୁଦ୍ଧା ରାସ୍ତା ସଂଯୋଗୀକରଣ (ଆପ୍ରୋଚ୍ ରୋଡ୍) ସେତୁ ନିର୍ମାଣରେ ଆଉ ଏକ ସମସ୍ୟା ରୂପେ ଠିଆ ହୋଇଥିଲା। ଉକ୍ତ ସମସ୍ୟାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଗୋଟିଏ ପାର୍ଶ୍ୱ ଆପ୍ରୋଚ୍ ରୋଡ୍ ସମସ୍ୟାର ସମାଧାନ ହୋଇ ୨୦୨୨ ଏପ୍ରିଲ୍ ମାସରେ ଏହାର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଅନ୍ୟ ଏକ ପାଶ୍ୱର୍ ଆପ୍ରୋଚ୍ ରୋଡ୍ ସମସ୍ୟାର ସମାଧାନ ହୋଇପାରୁ ନ ଥିବାରୁ ଏହାର ନିର୍ମାଣ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। କୋଟି କୋଟି ଟଙ୍କାରେ ନିର୍ମିତ ସେତୁ କାର୍ଯ୍ୟକ୍ଷମ ହେବା ଆଗରୁ ବର୍ତ୍ତମାନ ନଷ୍ଟ ହେବାକୁ ବସିଛି। ବର୍ତ୍ତମାନ ନିର୍ମାଣାଧୀନ ବିଜୁ ସେତୁ ସାଇଡ୍ ୱାଲ୍ ସହ ମାଟି ପ୍ରାୟ ୧୦ଫୁଟ୍ ତଳକୁ ଧସିଯାଇଥିବାର ଦେଖିବାକୁ ମିଳିଛି। ଗତ କିଛିଦିନ ହେବ ଲଗାଣ ବର୍ଷା ସହ ହଦଗଡ଼ ଡ୍ୟାମ୍‌ରେ ପାଣି ଛଡ଼ାଯିବାରୁ ସାଳନ୍ଦୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରବଳ ବର୍ଷା ହେବା ଦ୍ୱାରା ଟିକିରା ଆଡୁ ସେତୁର କଂକ୍ରିଟ୍ ସାଇଡ୍ ୱାଲ୍ ଧସିଯାଇଥିବାର ଦେଖିବାକୁ ମିଳିଛି। ହୁଏତ ଆଉ କିଛିଦିନ ପରେ ଏହା ପାଣିରେ ସମ୍ପୂର୍ଣ୍ଣ ମିଶିଯିବାର ସମ୍ଭାବନା ସୃଷ୍ଟି ହୋଇଛି। ଏହିପରି ପରିସ୍ଥିତିରେ ସେତୁର ଗୋଟିଏ ପାର୍ଶ୍ୱ ଦବି ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗତ କିଛିଦିନ ତଳେ ବିଧାୟକ ସଞ୍ଜୀବ ମଲ୍ଲିକ ବିଭାଗୀୟ ଅଧିକାରୀମାନଙ୍କ ସହ ଏହି ସ୍ଥାନକୁ ପରିଦର୍ଶନ କରିଥିଲେ। ନଦୀକୂଳ ଖାଇ ଲୋକଙ୍କ ନିଜସ୍ୱ ଜମି ଉପରକୁ ମଧ୍ୟ ମାଡ଼ି ଆସିଲାଣି। ଯଦ୍ୱାରା ଏହି ଜମିଗୁଡ଼ିକର ଅର୍ଦ୍ଧାଧିକ ଅଂଶ ନଦୀ ଗର୍ଭରେ ସମ୍ପୂର୍ଣ୍ଣ ଲୀନ ହୋଇଗଲାଣି। କାର୍ଯ୍ୟକ୍ଷମ ହେବା ଆଗରୁ ଏହିପରି ବିପଦ ସେତୁର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସମାଜସେବୀ ମନ୍ମଥ ଦାସ ପ୍ରମୁଖ ଦାବି କରିଛନ୍ତି।



# ମାସ ମାସ ଧରି ବିଲ୍ ନ ପାଇ ବ୍ଲକ୍ ଆଗରେ ଠିକାଦାରଙ୍କ ଧାରଣା



**ବାସୁଦେବପୁର, ୫।୧୦(ସମିସ):** ବାସୁଦେବପୁର ବ୍ଲକ୍ ନୂଆଗାଁ ପଞ୍ଚାୟତର ବିକାଶମୂଳକ କାମ କରି ମାସ ମାସ ଧରି ଠିକାଦାର ବିଲ୍ ନ ପାଇବାରୁ ପ୍ରତିବାଦ ସ୍ୱରୂପ ବ୍ଲକ୍ ଅଫିସ ପରିସରରେ ଧାରଣା ଦେଇଛନ୍ତି। ବାସୁଦେବପୁର ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ବିକାଶମୂଳକ କାମରେ ବିଲ୍ କରିବାକୁ ଆଡ୍‌ଭାନ୍ସ ପିସି ନେଇ ବିଲ୍ କରିବାରେ କାଳକ୍ଷେପଣ ନୀତି ଗ୍ରହଣ କରୁଛନ୍ତି।

ନୂଆଗାଁ ପଞ୍ଚାୟତର ବିକାଶମୂଳକ କାମରେ ଉହାଡ଼ ରେଡ୍‌କ୍ରସ ଓ ହନୁମାନ ଭୋଗ ମଣ୍ଡପ ଲାଗି ଅର୍ଥ ଆସିଥିଲା। ବାସ୍ତବରେ ସରକାରଙ୍କ ନୀତି ନିୟମରେ ବିଭାଗୀୟ ଅଧିକାରୀଙ୍କ ନାମରେ କାମ ଥିବାବେଳେ ଠିକାଦାରଙ୍କ ନାମରେ କାମ କରୁଛନ୍ତି। ଠିକାଦାର କାମ କରି ୮ ମାସରୁ ଊର୍ଦ୍ଧ୍ୱ ହେବ କନିଷ୍ଠ ଯନ୍ତ୍ରୀଙ୍କ ପଛରେ ବିଲ୍ ପାଇଁ ଗୋଡ଼ାଉଛନ୍ତି। ଏପରିକି ଆଡ୍‌ଭାନ୍ସ ପିସି ଦେଇ ମଧ୍ୟ ବିଲ୍ କରୁ ନ ଥିବାର ଧାରଣାକାରୀ ଅଭିଯୋଗ କରୁଛନ୍ତି। ତୁରନ୍ତ ବିଲ୍ କରିବା ଦାବିରେ ବ୍ଲକ୍ ଆଗରେ ଧାରଣା ଦେଇଥିଲେ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ବିଡିଓଙ୍କ ସହିତ ଆଲୋଚନା କରିଥିଲେ। ବାସୁଦେବପୁର ବିଡିଓଙ୍କୁ ପଚାରିବାରୁ ଅଭିଯୋଗର ସତ୍ୟତା ନାହିଁ। ବିଲ୍ ଶୁକ୍ରବାର ଦିନ ଆସିଲା। ସୋମବାର ବିଲ୍ ପ୍ରସ୍ତୁତ ହୋଇଯାଇଛି। ସେମାନଙ୍କୁ ଆମେ ଆଲୋଚନା ପାଇଁ ଡକାଇଥିଲୁ। ସେମାନେ ନ ଆସି ଅଫିସରେ ପାଟିତୁଣ୍ଡ କରି ଧାରଣା ଦେଇଛନ୍ତି। ସେ ପାଖରେ ବିଧାୟକଙ୍କ ସହିତ ଆଲୋଚନା ଚାଲିଥିବାବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣା ଲାଗି ରହିଥିଲା।

## ସମାଜ ସଂସ୍କାରରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



**ବାରିକପୁର, ୫।୧୦(ସମିସ):** ସମାଜ ସଂସ୍କାରରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ଆକୁଳିକଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଥିବା ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିବୃନ୍ଦମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ହେମନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଗରପଡ଼ା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରଶିକ୍ଷକ କିରଣ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଶିକ୍ଷକ ବିରଞ୍ଚି ନାରାୟଣ ସାମଲ, ସୁଧାଂଶୁ ଧଳ, ବରେଣ୍ୟ ଅତିଥି ସିଆରସିସି ତ୍ରିଲୋଚନ ନାୟକ, ସବିତା ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ବରିଷ୍ଠ ଶିକ୍ଷକ ବନବିହାରୀ ମହାନ୍ତି ଓ ବଦଳି ହୋଇଥିବା ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିଥିଲେ। ଶିକ୍ଷକ ଜିତେନ୍ଦ୍ର କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ସଭାକୁ ଶିକ୍ଷୟିତ୍ରୀ ସବିତା ଧଳ ଓ ଶିକ୍ଷକ ମାନସ କୁମାର ଜେନା ପରିଚାଳନା କରିଥିଲେ। ଏଥିରେ କ୍ଲଷ୍ଟର ଅନ୍ତର୍ଗତ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ।

## ସିନ୍ଦୋଳ ପଞ୍ଚାୟତରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ




**ତିହିଡ଼ି, ୫।୧୦(ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିହିଡ଼ି ବ୍ଲକ୍ ଅଧୀନ ସିନ୍ଦୋଳ ପଞ୍ଚାୟତରେ ବିଜେଡିର ଏକ ବିଶାଳ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ବ୍ଲକ୍ ସଭାପତି ସୁରେନ୍ଦ୍ର କୁମାର ନାୟକଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥିଭାବେ ଯୋଗଦେଇ ପଞ୍ଚାୟତରେ ଦଳକୁ ସୁଦୃଢ଼ କରିବା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ମହିଳାମାନଙ୍କୁ ସୁସଂଗଠିତ କରିବା ଦିଗରେ ପ୍ରାଧାନ୍ୟ ଦିଆଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ବିଜୟ ଲାଭ କରିବା ପାଇଁ କର୍ମୀମାନେ ଏକ୍‌ଜୁଟ ହେବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସମ୍ପାଦକ କୀର୍ତ୍ତନ ଚନ୍ଦ୍ର ରାଉତ, ଭାଟପଡ଼ା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସଂଗ୍ରାମ ଦାସ, ସିନ୍ଦୋଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈକୁଣ୍ଠ ନାଥ ପାଣି, ସମାଜସେବୀ ଅନିରୁଦ୍ଧ ବାରିକ୍ ଓ ପଞ୍ଚାୟତର ବରିଷ୍ଠ କର୍ମୀ, ଯୁବ, ଛାତ୍ର ଓ ମହିଳାମାନେ ଯୋଗଦେଇ ସମସ୍ତେ ଆନ୍ତରିକତା ସହ ଦଳ ପାଇଁ କାମ କଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳର ସମସ୍ତ ପ୍ରାର୍ଥୀ ବିଜୟ ଲାଭ କରି ପୁନର୍ବାର ପଞ୍ଚାୟତ ଦଖଲ କରିପାରିବ ବୋଲି କହିଥିଲେ।

### ଅସାଧୁ ବ୍ୟବସାୟୀଙ୍କ କବ୍‌ଜାରେ ଖାଙ୍କି ହାଟ

## ପିଣ୍ଡି ଆବଦ୍ଧ ନେଇ ଅସନ୍ତୋଷ

**ଦୋଳସାହି, ୫।୧୦(ସମିସ):** ତିହିଡ଼ି ଖାଙ୍କି ହାଟ ସର୍ବ ପୁରାତନ ହାଟ ଭାବେ ଜିଲ୍ଲାରେ ପରିଚିତ ହୋଇଥିଲାବେଳେ ଏହି ହାଟ ପିଣ୍ଡିକୁ କିଛି ବ୍ୟବସାୟୀ ଆବଦ୍ଧ କରିବା ନେଇ ସାଧାରଣ ଅସନ୍ତୋଷ ଦେଖାଦେଇଛି। ଏହି ଖାଙ୍କି ହାଟ ବହୁ ପୂର୍ବରୁ ନଡ଼ା ଛପର ଓ ତାଳବରଡ଼ା ଦ୍ୱାରା ଆଚ୍ଛାଦିତ ହୋଇ ଚାଲି ହୋଇଥିଲା। କାଳକ୍ରମେ ତାହା ହାଟ ପିଣ୍ଡିରେ ପରିଣତ ହୋଇଥିଲା। ଯାହାକି ବର୍ତ୍ତମାନ ୧୪୪ଟି ପିଣ୍ଡିରେ ପରିଣତ ହୋଇଛି। ଏହି ପିଣ୍ଡିଗୁଡ଼ିକୁ ଭଦ୍ରକ ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ଦ୍ୱାରା ବ୍ୟବସାୟୀମାନଙ୍କୁ ଆବଣ୍ଟନ କରାଯାଇଥିଲା। ତେବେ ଏହି ପିଣ୍ଡିଗୁଡ଼ିକୁ ଆବଦ୍ଧ କରିବାର ନିୟମ ନ ଥିଲାବେଳେ କିଛି ଅସାଧୁ ବ୍ୟବସାୟୀ ଏହାକୁ ଆବଦ୍ଧ କରି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଆର୍‌ଏମ୍‌ସି ସମ୍ପାଦକଙ୍କୁ ବାରମ୍ବାର ଅଭିଯୋଗ ହେଉଥିଲାବେଳେ ସେ ନିରବଦ୍ରଷ୍ଟା ସାଜିଥିବା ନେଇ ଜନଅସନ୍ତୋଷ ତେଜୁଛି। ଏହି ଅଭିଯୋଗ ସମ୍ପର୍କରେ ଆର୍‌ଏମ୍‌ସି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡାଙ୍କୁ ପଚାରିବାରୁ ହାଟ ପିଣ୍ଡି ଆବଦ୍ଧ କରିବା ନିୟମ ନାହିଁ ବୋଲି କହିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।



## ଡାକ୍ତରଖାନା ସମ୍ମୁଖ ପରିବେଶକୁ ସୌନ୍ଦର୍ଯ୍ୟକରଣ ଦାବି

**ଭଣ୍ଡାରିପୋଖରୀ, ୫।୧୦(ସମିସ):** ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଡ୍ରେନେଜ୍ ବିଭାଗ ପକ୍ଷରୁ ୧୬୦ ମିଟର ଦୈର୍ଘ୍ୟର ଏକ ପକ୍କା ନାଳ ନିର୍ମାଣ ସାରିବା ପରେ ଏହି ସ୍ଥାନ ଏବେ ଗାଡ଼ି ଷ୍ଟାଣ୍ଡ, ପାର୍କ, ସ୍ୱାସ୍ଥ୍ୟ ସଚେତନତା ଫଳକ ପ୍ଲାଟ୍‌ଫର୍ମ, ସେଲ୍ଫି ପଏଣ୍ଟ ପାଇଁ ଏକ ଭଲ ସ୍ଥାନ ହୋଇପାରିବାକୁ ଥିବାବେଳେ ଏଥିପ୍ରତି କାହାର ନଜର ପଡ଼ିନାହିଁ। ଏହାର ସୁଯୋଗରେ ଜବରଦଖଲ ଆରମ୍ଭ ହେଉଥିବା ଦେଖିବାକୁ ମିଳୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ସୀମାରୁ ପାଚେରି ପର୍ଯ୍ୟନ୍ତ ଥିବା ୧୪ରୁ ୨୦ ଫୁଟ୍ ଜାଗାରେ ପେଭର ବ୍ଲକ୍ ବିଛାଇ ସୌନ୍ଦର୍ଯ୍ୟକରଣର ପ୍ରଥମ କାମ ଆରମ୍ଭ କରିବାକୁ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବିଡିଓ ଦେବଦଲ ଦାସଙ୍କୁ ଜଣାଇଛନ୍ତି। 'ମୋ ହସ୍ପିଟାଲ ଯୋଜନା'ରେ ପଡ଼ି ରହିଥିବା ଦେଢ଼କୋଟି ଅର୍ଥରୁ ଏଠାରେ ଖର୍ଚ୍ଚ କରି ଡାକ୍ତରଖାନାର ମୁଖଶାଳା ଶ୍ରୀ ବୃଦ୍ଧିରେ ସାହାଯ୍ୟ କରାଇବାକୁ ଦାବି କରିଛନ୍ତି। ଦକ୍ଷିଣବାଡ଼ ଗ୍ରାମ ପଞ୍ଚାୟତ ପକ୍ଷରୁ ଏକ ସେଲ୍ଫି ପଏଣ୍ଟ ନିର୍ମାଣ ପାଇଁ ଅର୍ଥ ଯୋଗାଇଦେବାକୁ ସରପଞ୍ଚ ବର୍ଷାରାଣୀ ଜେନାଙ୍କୁ ଓ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଜଣାଇଛନ୍ତି। ସେହିପରି ଡାକ୍ତରଖାନାକୁ କାୟାକଳ୍ପ ପୁରସ୍କାର ହାତେଇବାରେ ଏହି ପ୍ରକଳ୍ପ ମଧ୍ୟ ବହୁ ମୂଲ୍ୟ ରଖିଥିବାରୁ ଡାକ୍ତରଖାନା ଅଧ୍ୟକ୍ଷଙ୍କୁ ଏନେଇ ହସ୍ତକ୍ଷେପ କରିବାକୁ ଦାବି ହୋଇଛି। ବିଳମ୍ବ ହେଲେ ଏହି ସ୍ଥାନ ମଧ୍ୟ ଜବରଦଖଲ ହେବାର ସମ୍ଭାବନା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିବା ଦେଖିବାକୁ ମିଳିଛି।

### ଆବାସରୁ ବଞ୍ଚିତ ନଟବରଙ୍କ ପରିବାର

## ଘର ଖଣ୍ଡେ ପାଇଁ ଦୌଡ଼ି ଦୌଡ଼ି ହାଲିଆ

**ଅସୁରାଳି, ୫।୧୦(ସମିସ):** ସରକାର ଗରିବ ଲୋକଙ୍କ ପାଇଁ ଶହ ଶହ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଆଜି ବି ଗ୍ରାମାଞ୍ଚଳରେ ଅନେକ ଗରିବ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ବିସହ ଜୀବନ ବିତାଉଛନ୍ତି। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ପଧାନୀ ପଞ୍ଚାୟତ ଅନ୍ତର୍ଗତ ଦାସସାହି ଗାଁରେ।



ଦାସସାହି ଗାଁର ନଟବର ଦାସ(୫୩) ଓ ତାଙ୍କ ସ୍ତ୍ରୀ ପ୍ରତିମା ଦାସ (୪୫)ଙ୍କୁ ନେଇ ୫ ଜଣିଆ ପରିବାର। ୨ଝିଅ ଓ ଗୋଟିଏ ପୁଅକୁ ନେଇ ଚଳୁଥିବା ଏହି ପରିବାର ପାଇଁ ଏବେ ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ସୁରକ୍ଷିତ ଛାତ ନାହିଁ। ଭଙ୍ଗାରୁଜା କୁଡ଼ିଆ ଘରେ ବହୁ କଷ୍ଟରେ କାଳାତିପାତ କରୁଛନ୍ତି ଏହି ପରିବାର। ସରକାରୀ ଆବାସ ଯୋଜନାରେ ଖଣ୍ଡେ ଘର ପାଇବା ପାଇଁ ନଟବର ଓ ପ୍ରତିମା ପଞ୍ଚାୟତ ଅଫିସରୁ ଆରମ୍ଭ କରି ସରକାରୀ ବାବୁଙ୍କ ଦୁଆରମୁହଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇସାରିଲେଣି। ପ୍ରଶାସନିକ ଅବହେଳା ଓ ପ୍ରତିଶ୍ରୁତି ଭିତରେ ସେମାନଙ୍କ ସରକାରୀ ଘର ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ରହିଯାଇଛି। କେବଳ ନଟବରଙ୍କ ପରିବାର ନୁହେଁ, ଏହି ଗାଁର ପ୍ରାୟ ୩୦ଟି ପରିବାର ରହୁଥିବାବେଳେ ଅନେକ ଯୋଗ୍ୟ ଗ୍ରାମବାସୀଙ୍କ ନିକଟରେ ଆଜି ପର୍ଯ୍ୟନ୍ତ ରାସନ୍ କାର୍ଡଟିଏ ସୁଦ୍ଧା ପହଞ୍ଚିପାରି ନାହିଁ। ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ତାଙ୍କ ପରିବାରକୁ ଆବାସ ଯୋଜନାରେ ଯୋଡ଼ିବା ସହ ଗାଁର ଯୋଗ୍ୟ ହିତାଧିକାରୀଙ୍କୁ ରାସନ୍ କାର୍ଡ ଯୋଗାଇଦେବାକୁ ଦାବି ହେଉଛି।

## ୫୪ କୋଟିରେ ବଦଳିବ ଭଦ୍ରକର ଗମନାଗମନ ଚିତ୍ର

### ୭ ରାସ୍ତା ଓ ପୋଲ ନିର୍ମାଣକୁ ଟେଣ୍ଡର; ୫୪୩୫.୮୫ ଲକ୍ଷ ଟଙ୍କାର ବ୍ୟୟବରାଦ

**ଭଦ୍ରକ, ୫।୧୦(ସମିସ):** ଭଦ୍ରକ ଜିଲ୍ଲାର ଗ୍ରାମୀଣ ଗମନାଗମନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ୭ଟି ପ୍ରମୁଖ ରାସ୍ତା ଓ ପୋଲ ନିର୍ମାଣ ଏବଂ ଉନ୍ନତୀକରଣ କାର୍ଯ୍ୟ ପାଇଁ ୫୪ କୋଟି ୩୫ ଲକ୍ଷ ୮୫ ହଜାର ଟଙ୍କାର ଟେଣ୍ଡର ଆହ୍ୱାନ ହୋଇଛି। ଗ୍ରାମ୍ୟ ନିର୍ମାଣ ବିଭାଗ, ରୁରାଲ ୱାର୍କ୍ସ ସର୍କଲ, ବାଲେଶ୍ୱର ପକ୍ଷରୁ ଏନେଇ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ, ଚନ୍ଦନପୁର-ଆରଡ଼ି ରୋଡ୍‌ରୁ ଖଜୁରୀବନ୍ଧା ପର୍ଯ୍ୟନ୍ତ ରାସ୍ତା ଓ ପୋଲ ନିର୍ମାଣ ପାଇଁ ୮୨୬.୪୭ ଲକ୍ଷ, ସବରଙ୍ଗରୁ ସାମିଆ ରାସ୍ତା ଉନ୍ନତୀକରଣ ପାଇଁ ୫୧୯.୯୭ ଲକ୍ଷ ଏବଂ ପାଳିଆବିନ୍ଧା ଚକାପୁରରୁ ସାବରଙ୍ଗ ରାସ୍ତା ପାଇଁ ୭୮୮.୪୫ ଲକ୍ଷ ଟଙ୍କାର ଆକଳନ କରାଯାଇଛି। ସେହିପରି ବି.ସି. ରୋଡ୍‌ରୁ ବେଗୁନିଆ ରାସ୍ତା ଉନ୍ନତୀକରଣ ପାଇଁ ୧୦୯୩.୮୫ ଲକ୍ଷ, ପିଡବ୍ଲ୍ୟୁଡି ରୋଡ୍‌ରୁ ତୋରବନ୍ତିଆ ରାସ୍ତା ପାଇଁ ୪୧୬.୭୦ ଲକ୍ଷ, ପରମାନନ୍ଦପୁରରୁ ବାଲିପାଳ ରାସ୍ତା ନିର୍ମାଣ ପାଇଁ ୧୧୧୬.୭୫ ଲକ୍ଷ ଏବଂ ଆରଡ଼ି ରୋଡ୍‌ରୁ ଛତିଶ ନୋନ୍ଦର ରାସ୍ତା ନିର୍ମାଣ ପାଇଁ ୬୭୩.୬୬ ଲକ୍ଷ ଟଙ୍କା ବ୍ୟୟ ଆକଳନ କରାଯାଇଛି। ଏହି ସମସ୍ତ କାର୍ଯ୍ୟର ଅବଧି ୯ରୁ ୧୨ ମାସ ମଧ୍ୟରେ ରହିଛି। ପ୍ରକଳ୍ପଗୁଡ଼ିକ ଭଦ୍ରକ-୧ ଓ ଭଦ୍ରକ-୨ ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେବ। ଟେଣ୍ଡର ପ୍ରକ୍ରିୟା ଅକ୍ଟୋବର ୧୨ରୁ ଆରମ୍ଭ ହେବ। ନଭେମ୍ବର ୩ ତାରିଖ ଅପରାହ୍ଣ ୫ଟା ସୁଦ୍ଧା ଅନ୍‌ଲାଇନ୍‌ରେ ଟେଣ୍ଡର ଦାଖଲ କରାଯାଇପାରିବ। ନଭେମ୍ବର ୪ ତାରିଖ ପୂର୍ବାହ୍ଣ ୧୧ଟାରେ ଟେଣ୍ଡର ଖୋଲାଯିବ। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଜିଲ୍ଲାର ଗ୍ରାମାଞ୍ଚଳରେ ଯାତାୟାତ ସୁବିଧା ବଢ଼ିବା ସହ ଦୀର୍ଘଦିନର ରାସ୍ତା ଓ ପୋଲ ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି।

## ନିଶାମୁକ୍ତି ଭାରତ ଅଭିଯାନ

**ବନ୍ତ/ଆଗରପଡ଼ା, ୫।୧୦(ସମିସ):** କାଦବରାଙ୍ଗ ପିଏମ୍‌ଶ୍ରୀ ହାଇସ୍କୁଲ ପରିସରରେ ଆଗରପଡ଼ା ଥାନା ପକ୍ଷରୁ ନିଶାମୁକ୍ତି ଭାରତ ଅଭିଯାନ, ସାଇବର ସଚେତନତା ଓ ନୂଆ ଅପରାଧିକ ଆଇନ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ରାଜେଶ ସେଠୀ ଏ ସମ୍ପର୍କରେ ବିସ୍ତୃତ ଭାବେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ ଓ ଥାନା ଏସ୍‌ଆଇ ଇଭାରାଣୀ ପରିଡ଼ା ମଧ୍ୟ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ। ହାଇସ୍କୁଲ ପ୍ରଧାନଶିକ୍ଷକ ବିମଳ ଦାସ ଏଥିରେ ସଭାପତିତ୍ୱ କରିଥିଲେ।

### ୧୫ରେ ହେବ ଛାତ୍ର ସଂସଦ ନିର୍ବାଚନ

## ବାଣ ଫୁଟାଇ ଓ ମିଠା ବାଣ୍ଟି ଖୁସି ମନାଇଲେ ଛାତ୍ରଛାତ୍ରୀ




**ଭଦ୍ରକ, ୫।୧୦(ସମିସ):** ଦୀର୍ଘ ୮ବର୍ଷ ଧରି ବନ୍ଦ ରହିଥିବା କଲେଜ ଛାତ୍ର ସଂସଦ ନିର୍ବାଚନକୁ ରାଜ୍ୟ ସରକାର ପୁନର୍ବାର ଆରମ୍ଭ କରିବା ପାଇଁ କରିଥିବା ଘୋଷଣାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଶାଖା ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ଛାତ୍ର ସଂସଦ ନିର୍ବାଚନ କରାଇବା ନେଇ ଏବିଭିପିର ଦୀର୍ଘ ବର୍ଷର ଦାବି ଆଜି ପୂରଣ ହୋଇଛି। ଏହି ଐତିହାସିକ ନିଷ୍ପତ୍ତି ଫଳରେ କଲେଜ ଛାତ୍ରଛାତ୍ରୀମାନେ ନିଜର ନେତୃତ୍ୱ ନେବାର ଅଧିକାର ପୁଣିଥରେ ଫେରି ପାଇଛନ୍ତି। ଛାତ୍ରଛାତ୍ରୀଙ୍କର ଯେଉଁସବୁ ସମସ୍ୟା କୌଣସି କାରଣରୁ ସମାଜ ଆଗକୁ ଆସିପାରୁ ନ ଥିଲା, ଏହି ଛାତ୍ର ସଂସଦ ନିର୍ବାଚନ ମାଧ୍ୟମରେ ତାହାର ସଠିକ୍ ସମାଧାନ ହୋଇପାରିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଏହି ଆନନ୍ଦ ଉଲ୍ଲାସ ଅବସରରେ ଭଦ୍ରକ ସ୍ୱୟଂଶାସିତ କଲେଜ କ୍ୟାମ୍ପସ୍‌ରେ ଏବିଭିପି କାର୍ଯ୍ୟକର୍ତ୍ତା ଓ ଛାତ୍ରଛାତ୍ରୀମାନେ ପରସ୍ପରକୁ ମିଠା ଖୁଆଇବା ସହ ବାଣ ଫୁଟାଇ ଏବଂ ସଂଗଠନର ପତାକା ଉଡ଼ାଇ ବିଜୟୋତ୍ସବ ପାଳନ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ କଲେଜର ସାଧାରଣ ଛାତ୍ରଛାତ୍ରୀମାନେ ମଧ୍ୟ ବ୍ୟାପକ ସମର୍ଥନ ଜଣାଇବା ସହ ନିଜର ବହୁତ ଖୁସି ବ୍ୟକ୍ତ କରିଛନ୍ତି। ଏହି ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମରେ ଏବିଭିପି ଭଦ୍ରକ ଜିଲ୍ଲା ସଂଯୋଜକ ଓମ୍‌କାର ମହାନ୍ତି, ନଗର ସହ ସମ୍ପାଦକ ଶୁଭମ୍ ପାଢ଼ୀ, କ୍ୟାମ୍ପସ୍ ୟୁନିଟ୍ ସଭାପତି ପ୍ରଜ୍ଞାନ ସାହୁ ଏବଂ କ୍ୟାମ୍ପସ୍ ସମ୍ପାଦକ ଦିବ୍ୟରଞ୍ଜନ ଦାଶଙ୍କ ସମେତ ପ୍ରାଚୀ ଦାସ, ଶୁଭସ୍ମିତା ଦାସ, ଚନ୍ଦନ ମହାପାତ୍ର, ବିଶ୍ୱପ୍ରତାପ ମହାରଣା, ବିଭୂତି ମଲ୍ଲିକ ଓ ପ୍ରିୟଙ୍କା ଦାସ ପ୍ରମୁଖ ସକ୍ରିୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଆସନ୍ତା ୧୫ ତାରିଖରେ ଭୋଟ୍ ଗ୍ରହଣ ହେବ ବୋଲି ଘୋଷଣା କରାଯାଇଛି।

### ଦୋବଲ




ଛାତ୍ର ସଂସଦ ନିର୍ବାଚନ ପାଇଁ ବାଜିଲା ବିଗୁଲ। ସରକାରଙ୍କ ପକ୍ଷରୁ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପରେ ଧାମନଗର ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଖାଦେଇଛି ଉତ୍ସାହ। ଆସନ୍ତା ୧୫ ତାରିଖରେ ହେବ ମତଦାନ ଓ ଭୋଟ୍ ଗଣତି।ନିର୍ବାଚନ ବିଜ୍ଞପ୍ତି ପରେ ଧାମନଗର ମହାବିଦ୍ୟାଳୟରେ ଛାତ୍ର ନିର୍ବାଚନକୁ ନେଇ ଉତ୍ସାହ ବଢ଼ିଛି। ତେବେ ନିର୍ବାଚନ ସମୟରେ ଯେପରି କୌଣସି ବିଶୃଙ୍ଖଳା ନ ହୁଏ ଏବଂ ଶୈକ୍ଷିକ ପରିବେଶ ପ୍ରଭାବିତ ନ ହୁଏ, ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦେବାକୁ ଦାବି ହୋଇଛି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସମ୍ପନ୍ନ କରିବା କଲେଜ କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନ ପାଇଁ ରହିବ ବଡ଼ ଚ୍ୟାଲେଞ୍ଜ। ତେବେ ଏବିଭିପି ଛାତ୍ର ସଂଗଠନ ସୋମବାର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିବାବେଳେ ସନ୍ଧ୍ୟାରେ ବିଜୁ ଜନତା ଦଳର ଆଗଧାଡ଼ିର ନେତାମାନେ ବ୍ଲକ୍ ସଭାପତିଙ୍କ ଘରେ ବିସିଜେଡି ପକ୍ଷରୁ ବୈଠକ ଚାଲିଛି। ତେବେ ଧାମନଗର କଲେଜରେ ବିଜୟ ପାଇଁ ଶାସକ ଦଳ କର୍ମୀଙ୍କ ନଜର ଥିବାବେଳେ ବିଜେଡି ବି ଏହି ନିର୍ବାଚନରେ ବିଜୟ ପାଇଁ ମଧ୍ୟ ଅଣ୍ଟା ଭିଡ଼ିଛି।

## କେନାଲରେ ପଡ଼ି ବୃଦ୍ଧ ମୃତ

**ଚାନ୍ଦବାଲି, ୫।୧୦(ସମିସ):** ଚାନ୍ଦବାଲି ବ୍ଲକ୍ ତେନ୍ତୁଳିଡିହି ପଞ୍ଚାୟତର ଗୋପାଳ ସାହିରେ ଘଟିଛି ଏକ ଅଭାବନୀୟ ଘଟଣା। ଚାଷ ଜମି ଦେଖିବାକୁ ଯାଇଥିବା ଜଣେ ବୃଦ୍ଧ କେନାଲରେ ପଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ମୃତ ବୃଦ୍ଧ ହେଲେ ଗୋପାଳ ସାହିର ଗଣେଶ ବେହେରା (୬୫)। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ସମଗ୍ର ଗୋପାଳ ସାହିରେ ଶୋକର ଛାୟା ଖେଳିଯାଇଛି।

ଗଣେଶ ରବିବାର ପୂର୍ବାହ୍ଣ ୧୦ଟାରେ ନିଜ ଚାଷ ଜମି ଦେଖିବା ପାଇଁ ଘରୁ ବାହାରିଥିଲେ। ତେବେ ବନ୍ୟା ଯୋଗୁଁ ଜଳପଥରେ ପାଣି ରହିଥିଲା। ଏଭଳି ସ୍ଥିତିରେ ବିଲକୁ ଯାଇଥିବା ଗଣେଶ ଅସାବଧାନତାବଶତଃ କେନାଲରେ ପଡ଼ିଯାଇଥିବା ଆଶଙ୍କା କରାଯାଉଛି। ଅପରାହ୍ଣ ଯାଏଁ ସେ ଘରକୁ ଫେରି ନ ଥିଲେ। ପରିବାର ସଦସ୍ୟଙ୍କ ସହ ସ୍ଥାନୀୟ ଲୋକେ ତାଙ୍କୁ ଚାରିଆଡ଼େ ଖୋଜାଖୋଜି କରି ନ ପାଇବାରୁ ଶେଷରେ ଚାନ୍ଦବାଲି ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଖବର ପାଇ ଚାନ୍ଦବାଲି ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ସୋମବାର ଏକ ଘାସ ବୁଦା ମୂଳରେ ଗଣେଶଙ୍କୁ ମୁହଁମାଡ଼ି ପଡ଼ିଥିବା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଥିଲା।

## ୨ ଶିଶୁଙ୍କ ବେକରୁ ସୁନା ଲକେଟ୍ ଚୋରି

**ଅସୁରାଳି, ୫।୧୦(ସମିସ):** ଅଙ୍ଗନବାଡ଼ି କେନ୍ଦ୍ରରୁ ଘରକୁ ଫେରୁଥିବାବେଳେ ୨ ଜଣ କୋମଳମତି ଶିଶୁଙ୍କ ବେକରୁ ସୁନା ଲକେଟ୍ ଛିନ୍‌ତାଇ ହୋଇଥିବା ଅଭିଯୋଗ ହୋଇଛି। ଧାମନଗର ବ୍ଲକ୍ କଲ୍ୟାଣୀ ପଞ୍ଚାୟତ ବନସର ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଅଭାବନୀୟ ଘଟଣା ଘଟିଛି। ପ୍ରତିଦିନ ଭଳି କେନ୍ଦ୍ର ଛୁଟି ହେବା ପରେ ଶିଶୁମାନଙ୍କୁ ଅଭିଭାବକଙ୍କ ଜରିଆରେ ଘରକୁ ପଠାଯାଇଥାଏ। ମାତ୍ର ସେଦିନ କେନ୍ଦ୍ରର ୱାର୍କର ସୌଦାମିନୀ ପୃଷ୍ଟି ଗ୍ରାମର ୩ ଜଣ ମହିଳାଙ୍କ ସାଙ୍ଗରେ ପିଲାମାନଙ୍କୁ ପଠାଇଥିଲେ। ତେବେ ରାସ୍ତାରେ ଅସାଧୁ ବ୍ୟକ୍ତି ୨ ଜଣ ଶିଶୁଙ୍କ ବେକରୁ ସୁନା ଲକେଟ୍ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ଏହି ଘଟଣା ପରେ ଅଙ୍ଗନବାଡ଼ି କେନ୍ଦ୍ରର ପରିଚାଳନା ଓ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ୱାର୍କର ସୌଦାମିନୀ ପୃଷ୍ଟି ନିଜର ପ୍ରତିକ୍ରିୟା ରଖି କହିଛନ୍ତି ଯେ, କେନ୍ଦ୍ରର ସହାୟିକା ଦୀର୍ଘ ୧ବର୍ଷରୁ ଊର୍ଦ୍ଧ୍ୱ ହେବ କେନ୍ଦ୍ରକୁ ଆସୁନାହାନ୍ତି। ଏକାକି ତାଙ୍କୁ ୧୧ ଜଣ ଶିଶୁଙ୍କୁ ସମ୍ଭାଳିବା ସହ ରୋଷେଇ ଓ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ କରିବାକୁ ପଡୁଛି, ଯାହା ଫଳରେ ଏ ପରିସ୍ଥିତି ଉପୁଜିଛି। ଅନ୍ୟପଟେ ସହାୟିକା ଜଣକ କୌଣସି କାମ ନ କରି ମାସକୁ ମାସ ନିୟମିତ ଦରମା ନେଉଥିବାବେଳେ ପ୍ରଶାସନ କିପରି ଏହାକୁ ନଜରଅନ୍ଦାଜ କରୁଛି, ସେ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ମୃତ୍ୟୁର ୮ ମାସ ପରେ ବି ମିଳୁନି 'ହରିଶ୍ଚନ୍ଦ୍ର' ସହାୟତା

**ଦୋଳସାହି, ୫।୧୦(ସମିସ):** ରାଜ୍ୟ ସରକାରଙ୍କ ତରଫରୁ ଶବ ସଂସ୍କାର ନିମନ୍ତେ ପ୍ରଦାନ କରୁଥିବା 'ହରିଶ୍ଚନ୍ଦ୍ର' ସହାୟତା ଯୋଗାଇଦେବାରେ ବିଳମ୍ବ କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ସରକାରଙ୍କ ପକ୍ଷରୁ ମୃତ ବ୍ୟକ୍ତିଙ୍କ ପରିବାରକୁ ତୁରନ୍ତ ଏହି ସହାୟତା ପ୍ରଦାନ କରିବାକୁ ନିୟମ ପ୍ରଣୟନ କରିଥିବାବେଳେ ଏହି ନିୟମକୁ ସରକାରଙ୍କ ପକ୍ଷରୁ ଉଲ୍ଲଙ୍ଘନ କରାଯାଉଥିବା ସାଧାରଣରେ ଆଲୋଚନା ହେଉଛି। ତିହିଡ଼ି ବ୍ଲକ୍‌ର ୩୦ ପଞ୍ଚାୟତର ସମସ୍ତ ପଞ୍ଚାୟତରେ ଏହି ହରିଶ୍ଚନ୍ଦ୍ର ସହାୟତା ସମସ୍ୟା ଥିବାବେଳେ ଅନେକ ସରପଞ୍ଚ ଏହି ଶବ ସଂସ୍କାର ସହାୟତା ନିଜ ହାତରୁ ଯୋଗାଇ ଦେଇଥିବାବେଳେ ସରକାରଙ୍କ ଏହି ସହାୟତା ପାଇବାକୁ ଅନାଇ ବସିଥିବା ଜଣାଯାଇଛି। ସେହିପରି ଗୁଆମାଳ ପଞ୍ଚାୟତରେ ଦୀର୍ଘ ୮ ମାସ ଧରି ଏହି ହରିଶ୍ଚନ୍ଦ୍ର ସହାୟତା ମିଳୁ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଭିଯୋଗ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅରୁଣ ପଣ୍ଡାଙ୍କୁ ପଚାରିବାରୁ ଦୁର୍ଗା ପୂଜା ପୂର୍ବରୁ ବକେୟା ଥିବା ହରିଶ୍ଚନ୍ଦ୍ର ସହାୟତା ସମସ୍ତଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି।

## ବାସୁଦେବପୁରରେ ମନ୍ଦିରରୁ ସିରିଜ୍ ଚୋରି



### ଦୁର୍ବୃତ୍ତଙ୍କ ଟାର୍ଗେଟରେ ମନ୍ଦିରର ହୁଣ୍ଡି ଓ ଅଳଙ୍କାର

**ବାସୁଦେବପୁର, ୫।୧୦(ସମିସ):** ଚୋରଙ୍କ ଟାର୍ଗେଟରେ ମନ୍ଦିର। ରାତି ହେଲେ ଦେବଦେବୀ ମନ୍ଦିରରେ କଳାକନା ବୁଲାଉଛନ୍ତି। ମନ୍ଦିର ତାଲା ଭାଙ୍ଗି ସୁନା ଅଳଙ୍କାର ସହିତ ଦାନହୁଣ୍ଡି ଲୁଟ୍ କରୁଥିବା ଅଭିଯୋଗ ହେଉଛି। ଗୋଟିଏ ରାତିରେ ତିନୋଟି ମନ୍ଦିରର ଅର୍ଥ ଓ ଅଳଙ୍କାର ଲୁଟ୍ ହୋଇଛି। ବାସୁଦେବପୁର ଥାନା ଅନ୍ତର୍ଗତ ପଦୁଆଁ ପଞ୍ଚାୟତର ପ୍ରସିଦ୍ଧ ଶିବ ମନ୍ଦିର ବାବା କ୍ଷୀରେଶ୍ୱର ମନ୍ଦିର ତାଲା ଭାଙ୍ଗି ଦୁର୍ବୃତ୍ତ ଲୁଟ୍ କରିଛନ୍ତି। ମନ୍ଦିର ମଝି ଦ୍ୱାରରେ ୨ଟି ହୁଣ୍ଡି ବାକ୍ସ ଭାଙ୍ଗି ଦାନ ଅର୍ଥ ଲୁଟ୍ କରିଥିଲେ। ପୁଲିସ ପାଟ୍ରୋଲିଂ ବେଳେ ବିଳମ୍ବିତ ରାତିରେ ରାସ୍ତାରେ ଜଣେ ଲୋକକୁ ଦେଖି ସନ୍ଦେହ କରିଥିଲେ। କ'ଣ କରୁଛ ବୋଲି ପଚାରିବାରୁ କଇଁଛ ଧରିଛି ପଲିଥିନ୍ ଖୋଜୁଛି। ପଚରାଉଚରା ପରେ ସତ କଥା ମାନିଥିଲା ଦୁର୍ବୃତ୍ତ। କଇଁଛ ଲାଗି ପୁଲିସ ହାତରେ ଚୋର ଧରାପଡ଼ିଲା। ସେହିପରି ପଦୁଆଁ ତ୍ରିନାଥ ମନ୍ଦିର ତାଲା ଭାଙ୍ଗି ହୁଣ୍ଡିରୁ ଦାନ ଅର୍ଥ ଲୁଟ୍ କରିଛନ୍ତି। ସେହିପରି ଆର୍ଡୁ ପଞ୍ଚାୟତର ଅମାଜିଆ ଗ୍ରାମରେ ସର୍ବମଙ୍ଗଳା ମନ୍ଦିର ତାଲା ଭାଙ୍ଗି ଅଳଙ୍କାର ସହିତ ହୁଣ୍ଡି ବାକ୍ସ ଭାଙ୍ଗି ଲୁଟ୍ କରିଛନ୍ତି। ଗୋଟିଏ ରାତିରେ ଦୁର୍ବୃତ୍ତ ୩ଟି ମନ୍ଦିରରୁ ସିରିଜ୍ ଚୋରି କରିଛନ୍ତି। ଏ ସମ୍ପର୍କରେ ବାସୁଦେବପୁର ଥାନାରେ ୩ଟି ପୃଥକ୍ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୁଲିସ ଛାନ୍‌ଭିନ୍ ଆରମ୍ଭ କରିଛି।

## 'ସ୍ୱଚ୍ଛତା ହିଁ ସେବା' ପକ୍ଷରେ ସ୍ୱେଚ୍ଛାକୃତ ଶ୍ରମଦାନ




**ବାରିକପୁର, ୫।୧୦(ସମିସ):** ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ ଅବସରରେ ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ତନ୍ମଧ୍ୟରୁ ସମସ୍ତଙ୍କ ସାଥିରେ ଏକ ଘଣ୍ଟା ଏକ ଦିନ ଶ୍ରମଦାନ କରିବା ପାଇଁ ଆହ୍ୱାନ ଦିଆଯାଇଛି। ସ୍ୱଚ୍ଛ ଭାରତ ବ୍ଲକ୍ ସଂଯୋଜକ ଉଦୟନାଥ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାଶ ଉପସ୍ଥିତ ରହି କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ଶ୍ରମଦାନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ବ୍ଲକ୍ ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀଗଣ କିଛି ସମୟ ପାଇଁ କାର୍ଯ୍ୟାଳୟ ପରିସର ସଫେଇ କରିଥିଲେ। ଏହାଛଡ଼ା ବ୍ଲକ୍‌କୁ ଆସିଥିବା ଜନସାଧାରଣଙ୍କୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ବାବଦରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଗାଁ ସ। ହିପଡ଼ିଶାରେ ସ୍ୱଚ୍ଛତା ବଜାୟ ରଖିବାକୁ କୁହାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଏଇ ଯନ୍ତ୍ରୀ ହୃଦାନନ୍ଦ ଜେନା, ଜିପିଓ ବିଳାସିନୀ ସେନାପତି, ପଦ୍ମନାଭ ରାଉତ, ଅଶୋକ ରାଉତ, ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ, ଯୋଗାଣ ସହାୟକ ପ୍ରଣୟ ନାୟକ ପ୍ରମୁଖ ଯୋଗଦେଇଥିଲେ।

## କେୟାର ନେତ୍ରମ୍ ଦ୍ୱାରା ଚକ୍ଷୁ ପରୀକ୍ଷା ଶିବିର

**ଧୂଷୁରୀ, ୫।୧୦(ସମିସ):** ଧୂଷୁରୀ ଏନ୍‌ଏସି ନିକଟସ୍ଥ ବ୍ରାହ୍ମଣପାଳ ଅଙ୍ଗନବାଡ଼ି କେନ୍ଦ୍ରଠାରେ କେୟାର ନେତ୍ରମ୍ ଦ୍ୱାରା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ନେତ୍ର ସାଥୀ କଳ୍ପନା ନାୟକଙ୍କ ସହଭାଗିତାରେ ଆୟୋଜିତ ଏହି ଶିବିରରେ ବ୍ରାହ୍ମଣପାଳ ଓ ଆଖପାଖ ଅଞ୍ଚଳର ବହୁ ଲୋକ ଯୋଗଦେଇ ଚକ୍ଷୁ ପରୀକ୍ଷା କରାଇଥିଲେ। ପରୀକ୍ଷା ପରେ ଦୃଷ୍ଟି ସମସ୍ୟା ଥିବା ବ୍ୟକ୍ତିଙ୍କୁ ଆବଶ୍ୟକତା ଅନୁଯାୟୀ ଚଷମା ପ୍ରଦାନ କରାଯାଇଥିଲା। ୯ରୁ ୧୫ ବର୍ଷ ବୟସର ଶିଶୁ, ୯୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମାଗଣାରେ ଚଷମା ଯୋଗାଇ ଦିଆଯାଇଥିଲା। ସେହିପରି ୧୫ରୁ ୯୦ ବର୍ଷ ବୟସର ଲୋକଙ୍କୁ ମଧ୍ୟ ଅତି କମ୍ ମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା। ଶିବିରରେ ବ୍ରାହ୍ମଣପାଳ ଗ୍ରାମର ମନୋରଞ୍ଜନ ବିଶ୍ୱାଳ, ମାନସ ରଞ୍ଜନ ନାୟକ, ଭାବଗ୍ରାହୀ ସାହୁ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଗୋପାଳଚନ୍ଦ୍ର ମିଶ୍ର, ସୁଦର୍ଶନ ମିଶ୍ର ଓ ଅକ୍ଷୟ ଦାସଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ମାଗଣା ଚକ୍ଷୁ ପରୀକ୍ଷା ସହ ଆବଶ୍ୟକ ଚଷମା ମିଳିଥିବାରୁ ଶିବିରକୁ ଆସିଥିବା ଲୋକମାନେ ଉପକୃତ ହୋଇଥିବା ପ୍ରକାଶ କରିଥିଲେ।

■ ଅଜାଣତରେ ଲକ୍ଷାଧିକ ଟଙ୍କାର ଛାତ୍ର ବୃତ୍ତି ହଡ଼ପ

# ସାଇବର ଥାନାରେ ଆଇନ ଛାତ୍ରୀଙ୍କ ଏତଲା

ବାରିପଦା, ୫ ।୧୦(ସମିସ): ଜଣେ ମେଧାବୀ ଛାତ୍ରୀଙ୍କ ଅଜାଣତରେ ତାଙ୍କ ନାମରେ ଲକ୍ଷାଧିକ ଟଙ୍କାର ସରକାରୀ ଛାତ୍ରବୃତ୍ତି ଅର୍ଥ ଉଠାଣ କରି ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ବାରିପଦାସ୍ଥ ସାଇବର ଥାନାରେ ଏକ ଲିଖିତ ଅଭିଯୋଗ ହେବା ପରେ ପୁଲିସ ୩/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

ଶରତ ଥାନା ଅନ୍ତର୍ଗତ ରାଣୀପୋଖରୀ ଗ୍ରାମର ତଥା ସ୍ଥାନୀୟ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷର ଛାତ୍ରୀ ମମତାମୟୀ ଗୋଇପାଇ ପୂର୍ବରୁ କପ୍ତିପଦା ବ୍ଲକସ୍ଥ ନୂଆସାହି ମହାବିଦ୍ୟାଳୟରେ +୩ ପଢୁଥିଲେ । ସେଠାରେ ପ୍ରଥମ ବର୍ଷ ଛାତ୍ରବୃତ୍ତି ପାଇବା ପରେ ଅଚାନକ ତାଙ୍କ ସ୍କୋଲାରସିପ୍ ଲଗଇନ୍ ଆଇଡି ବ୍ଲକ୍ ହୋଇଯାଇଥିଲା । ଫଳରେ ସେ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରବୃତ୍ତି ପାଇବାରୁ ବଞ୍ଚିତ ହୋଇଥିଲେ । ସ୍ନାତକ ସାରିବା ପରେ ସେ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ନାମ ଲେଖାଇଥିଲେ । ନିକଟରେ ରାଜ୍ୟ ସରକାରଙ୍କ "ନୂଆ-ଓ" ଛାତ୍ରବୃତ୍ତି ପାଇଁ ଅନଲାଇନରେ ଆବେଦନ କରୁଥିବାବେଳେ ବୈଷୟିକ ସମସ୍ୟା ଦେଖାଦେଇଥିଲା । ପରେ ମମତାମୟୀ ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ)ଙ୍କ ଦ୍ୱାରସ୍ଥ ହୋଇଥିଲେ । ପୋର୍ଟାଲରୁ ପୂର୍ବ ବିବରଣୀ ଯାଞ୍ଚ କରିବା ପରେ ଏକ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଥିଲା । ରେକର୍ଡ ଅନୁଯାୟୀ, ମମତାମୟୀ ଖୋର୍ଦ୍ଧାର ଟ୍ରାଇଟୁନ ଏକାଡେମୀରେ ପଢୁଥିବା ଦର୍ଶାଯାଇ ତାଙ୍କ ନାମରେ ସରକାରଙ୍କ ପକ୍ଷରୁ ମୋଟ ୧ ଲକ୍ଷ ୩୧ ହଜାର ଟଙ୍କା ଛାତ୍ରବୃତ୍ତି ମଞ୍ଜୁର ହୋଇଛି ଓ ଏହି ଅର୍ଥ ବାଲେଶ୍ୱରସ୍ଥ ବନ୍ଧନ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଉଠାଣ କରାଯାଇଛି । ଏହି ଘଟଣା ଜାଣିବା ପରେ ଛାତ୍ରୀ ଜଣକ ସ୍ତବ୍ଧ ହୋଇଯାଇଛନ୍ତି । ସେ କେବେହେଲେ ଉକ୍ତ ଏକାଡେମୀରେ ପଢ଼ି ନ ଥିବାବେଳେ ବନ୍ଧନ ବ୍ୟାଙ୍କରେ ତାଙ୍କର କୌଣସି ଖାତା ମଧ୍ୟ ନାହିଁ । କେହି ଜଣେ ଠକେଇ କରି ତାଙ୍କଠାରୁ ଶିକ୍ଷାଗତ ପ୍ରମାଣପତ୍ର ହାତେଇ ତାଙ୍କ ନାମରେ ଜାଲିଆତି କରି ଏହି ଟଙ୍କା ହଡ଼ପ କରିଥିବା ସେ ଅଭିଯୋଗ କରିଛନ୍ତି । ଏହି ଠକେଇରେ ସମ୍ପୃକ୍ତ ଥିବା ଜଣେ ମହିଳାଙ୍କ ନାମ ମଧ୍ୟ ସେ ଏତଲାରେ ଉଲ୍ଲେଖ କରିଛନ୍ତି । ସାଇବର ଥାନା ପୁଲିସ ଏହି ଘଟଣାକୁ ଗୁରୁତର ସହ ନେଇ ଖୋଳତାଡ଼ ଜାରି ରଖିଛି ।

## ରାସ୍ତା ଉପରେ ଓଲଟିଲା ଚିପ୍ସ ବୋଝେଇ ଡମ୍ଫର

ରାସଗୋବିନ୍ଦପୁର, ୫ ।୧୦(ସମିସ): ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଡେଙ୍ଗାନାଳିଆ-ନଳଗଜା ମୁଖ୍ୟ ରାସ୍ତାରେ ସୋମବାର ଏକ ଡମ୍ଫର ଓଲଟିପଡ଼ିଛି । ଗାଡ଼ିଟି ଚିପ୍ସ ଅନଲୋଡ୍ କରି କସାଫଳିଆରୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟିପଡ଼ିଥିଲା । ଖବର ପାଇ ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ପହଞ୍ଚି ତଦନ୍ତ ଚଳାଇଛନ୍ତି ।

## ଗୋହିରାରେ ଯୁବ ବିଶ୍ୱାସ ଯାତ୍ରା

ଆନନ୍ଦପୁର, ୫।୧୦(ସମିସ): ଘସିପୁରା ବ୍ଲକ୍ ଗୋହିରା ପଞ୍ଚାୟତରେ ଆଜି 'ଯୁବ ବିଶ୍ୱାସ ଯାତ୍ରା' ଆୟୋଜିତ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ଲୋକେ ସେମାନଙ୍କ ସମସ୍ୟା ବିଜେପି ନେତା ଯଜ୍ଞ ପ୍ରସାଦ ସାହୁଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଲଗାଣ ବର୍ଷାରେ ଆନନ୍ଦପୁରରେ ୩ ଥର ବନ୍ୟା ଆସିଥିବା ବେଳେ ଏହି ପଞ୍ଚାୟତର କୁମୁଣିଆ ଗ୍ରାମର ୩୦ରୁ ଅଧିକ ଘରର ଚାଳ ନଷ୍ଟ ହୋଇଯାଇଥିଲା । ହେଲେ ଆଜି ସୁଦ୍ଧା କୌଣସି କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ୍ ଦିଆଯାଇ ନାହିଁ କି କ୍ଷୟକ୍ଷତିର ଆକଳନ କରାଯାଇ ନଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ଯୁବମୋର୍ଚ୍ଚା ସମ୍ପାଦକ ପ୍ରସନ୍ନଜିତ୍ ସାହୁ ପଦଯାତ୍ରା ଓ ଅଭିଯୋଗ ଶୁଣାଣିର ସଞ୍ଚାଳନ କରିଥିଲେ । ସୁର ନାଇକ, ନନ୍ଦୀ ନାଇକ, ଗୋବିନ୍ଦ ନାଇକ, କୁନ ନାଇକ, ଦାମୋଦର ନାଇକ,ବିନୋଦ ନାଇକ, ବିଶ୍ୱନାଥ ନାୟକ, ବୁଲୁ ନାଇକ, ଚମ୍ପା ନାଇକ, ମଲ୍ଲୀ ନାଇକ, ସୌରୀ ନାଇକ, ସୁନି ନାଇକ, ବନ୍ଦିରି ନାଇକ, ସାଇବାନି ନାଇକ, ମାଧବୀ ନାଇକ, ରେବତୀ ନାଇକ, ବିଷ ନାଇକ, ମକୁରୁ ନାଇକ, ଶୈଳେନ୍ଦ୍ର ନାଇକ, ମାରିସ ନାଇକ, ଉଲି ନାଇକ, ଜାହାଜ ନାଇକ, ବୈଷ୍ଣବ ନାଇକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

■ ଗୋଚାଲାଣ ସନ୍ଦେହ

## ଡ୍ରାଇଭରଙ୍କୁ ମାଡ଼ ଓ ଥାନାରେ ହଙ୍ଗାମା, ୬ ଗିରଫ

ବାରିପଦା, ୫ ।୧୦ (ସମିସ): ଗୋଚାଲାଣ ସନ୍ଦେହରେ ପରିବା ବୋଝେଇ ମିନି ଟ୍ରକ୍ ଚାଳକଙ୍କୁ ସଂଘାତିକ ଆକ୍ରମଣ ଓ ପରବର୍ତ୍ତୀ ସମୟରେ ଥାନାରେ ପଶି ହଙ୍ଗାମା କରିବା ଘଟଣାରେ ଭଞ୍ଜପୁର ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ୩ ତାରିଖ ବିଳମ୍ବିତ ରାତିରେ ପଶ୍ଚିମବଙ୍ଗର ଡ୍ରାଇଭର ସୁଭାଶିଷ ସିଂହରାୟ ବାଦାମପାହାଡ଼ରୁ ବୋଇତାଲୁ ବୋଝେଇ କରି କୋଲକାତା ଯାଉଥିଲେ । ପୋଡ଼ାଅସ୍ତିଆ ନିକଟରୁ କିଛି ଯୁବକ କାର୍ ଓ ବାଇକ ଯୋଗେ ପିଛା କରି ଜୁବୁଲି ପେଟ୍ରୋଲ ପମ୍ପ ନିକଟ ଜାତୀୟ ରାଜପଥରେ ଗାଡ଼ିକୁ ଅଟକାଇଥିଲେ । ଗୋଚାଲାଣ ହେଉଥିବା ସନ୍ଦେହରେ ସେମାନେ ଚାଳକଙ୍କୁ ନିସ୍ତୁକ ମାଡ଼ ମାରି ରକ୍ତାକ୍ତ କରିଥିଲେ । ଖବର ପାଇ ପୁଲିସ ଡ୍ରାଇଭରଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇବା ସହ ମାମଲା ରୁଜୁ କରି ୪ ଜଣ ଅଭିଯୁକ୍ତ କୃଷ୍ଣ ଘଡ଼େଇ, କୃଷ୍ଣକାନ୍ତ ଧଡ଼ା, ରାଜା ଓରଫ ତପନ ଘଡ଼େଇ ଓ ରାଜକୃଷ୍ଣ ବୈଠାଙ୍କୁ ଗିରଫ କରିଥିଲା । ଅନ୍ୟପକ୍ଷରେ ୪ ତାରିଖ ବିଳମ୍ବିତ ରାତିରେ ଗିରଫ ଅଭିଯୁକ୍ତଙ୍କୁ ମୁକୁଳାଇବା ପାଇଁ କିଛି ଯୁବକ ମଦ୍ୟପ ଅବସ୍ଥାରେ ଭଞ୍ଜପୁର ଥାନା ଭିତରକୁ ଧସେଇ ପଶି ହଙ୍ଗାମା କରିଥିଲେ । ସେମାନେ ଡ୍ୟୁଟିରେ ଥିବା ପୁଲିସ କର୍ମଚାରୀଙ୍କୁ ଠେଲାପେଲା କରିବା ସହ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପୁଲିସ ଅନ୍ୟଏକ ମାମଲା (୨୭୭/୨୬) ରୁଜୁ କରି ରାମକୃଷ୍ଣ ମହାପାତ୍ର ଓ ଅଭିଷେକ ଜେନାଙ୍କୁ ଗିରଫ କରିଛି । ଉଭୟ ଘଟଣାରେ ସମ୍ପୃକ୍ତ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଉପରୁ ତୁଟୁଛି ଭରସା

ବାରିପଦା/ବାଙ୍ଗିରିପୋଷି, ୫ ।୧୦(ସମିସ)



ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଏବେ ଲୋକଙ୍କ ପାଇଁ ନାମକୁ ମାତ୍ର ପାଲଟିଛି । ଅଭିଯୋଗ ପରେ ତଦନ୍ତ ହୋଇ ଦୋଷ ପ୍ରମାଣିତ ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଫାଇଲ୍ ଚାପି ରଖାଯାଉଥିବା ଅଭିଯୋଗ ହୋଇଛି । ବାଙ୍ଗିରିପୋଷି ବ୍ଲକ ଧୋବଣୀଷୋଳ ପଞ୍ଚାୟତର ଯୋଗାଣ ସହାୟିକା ସୁଭଦ୍ରା ଗିରିଙ୍କ ବିରୋଧରେ ବେଆଇନ ଭାବେ ଅନ୍ତ୍ୟୋଦୟ ରାସନ ଚାଉଳ ହଡ଼ପ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗତ ଏପ୍ରିଲ ୨୯ ତାରିଖରେ ସ୍ଥାନୀୟ ଜନପ୍ରତିନିଧି, ଅଧିକାରୀ ଓ ଜନସାଧାରଣଙ୍କ ଉପସ୍ଥିତିରେ ତଦନ୍ତ କରାଯାଇଥିଲା । ଏଥିରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ) ଉଲ୍ଲଙ୍ଘନ ହୋଇଥିବା ପ୍ରାଥମିକ ଭାବେ

**ଅଭିଯୋଗର ୬ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ**

ସତ୍ୟ ପ୍ରମାଣିତ ହୋଇଥିଲା ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କୁ ସୁପାରିସ କରାଯାଇଥିଲା । ତେବେ ଦୀର୍ଘ ୬ ମାସ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଯୋଗାଣ ସହାୟିକାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବା ସନ୍ଦେହ ସୃଷ୍ଟି କରିଛି । ଏହାର ପ୍ରତିବାଦରେ ସୋମବାର ପଞ୍ଚାୟତର ପ୍ରଥମ ଅଭିଯୋଗକାରିଣୀ ସରସ୍ୱତୀ ମୁର୍ମୁ ପୁନର୍ବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏ ସମ୍ପର୍କରେ ଜିଲ୍ଲାପାଳ କହିଛନ୍ତି, ନାବାଳକ ପୁଅ ନାମରେ ଅନ୍ତ୍ୟୋଦୟ କାର୍ଡ ହେବା ବେଆଇନ ଓ ଏଥିରେ ସମ୍ପୃକ୍ତ ଲ୍ୟାମ୍ପ୍ ଏମ୍‌ଡିଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବ । ଘଟଣାର ପୁନଃ ତଦନ୍ତ ପାଇଁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ (ସିଏସ୍ଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ବାରମ୍ବାର ତଦନ୍ତ ନାଁରେ କାର୍ଯ୍ୟାନୁଷ୍ଠାନକୁ ଘୁଞ୍ଚାଇ ଦିଆଯାଉଥିବାରୁ ଜନସାଧାରଣ ତଥା ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

■ ଡିଭାଇନ୍ ଶିକ୍ଷାନୁଷ୍ଠାନର ଶୈକ୍ଷିକ ପରିବେଶରେ ଯୋଡ଼ିହେଲା ନୂଆ ଫର୍ଦ୍ଦ

## ଡ. ପି ନିଳାଙ୍କୁ ଜାତୀୟ ପୁରସ୍କାର, ଇଂ ସନ୍ଦୀପ କୁମାର ଦାସଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ

ବାରିପଦା, ୫ ।୧୦(ସମିସ): ଉତ୍ତର ଓଡ଼ିଶାର ଅଗ୍ରଣୀ ବୈଷୟିକ ତଥା ବୃତ୍ତିଗତ ଶିକ୍ଷାନୁଷ୍ଠାନ ଡିଭାଇନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ତା'ର ଉତ୍କୃଷ୍ଟ ଶୈକ୍ଷିକ ପରିବେଶ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଶିକ୍ଷାଦାନ ସହିତ ଅଧ୍ୟାପକଅଧ୍ୟାପିକାଙ୍କ ନିରବଚ୍ଛିନ୍ନ ସାଧନା ଅନୁଷ୍ଠାନକୁ ନୂତନ ଶୈକ୍ଷିକ ଦିଗନ୍ତ ପ୍ରଦାନ କରିଚାଲିଛି । ଏହି କ୍ରମରେ ଚଳିତ ଶିକ୍ଷାବର୍ଷରେ ଅନୁଷ୍ଠାନର ଦୁଇଜଣ ବରିଷ୍ଠ ଅଧ୍ୟାପକଙ୍କ ଉଲ୍ଲେଖନୀୟ ସଫଳତା ସମଗ୍ର ଅନୁଷ୍ଠାନ ପାଇଁ ଗୌରବ ଆଣିଦେଇଛି । ଅନୁଷ୍ଠାନ ଅନ୍ତର୍ଗତ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ ଆଣ୍ଡ ରିସର୍ଚ୍ଚ (ଡିମ୍ସାର୍)ର ଅଧ୍ୟକ୍ଷା ଡ ପି ନିଳା ନିଜର ଉଚ୍ଚକୋଟୀର ଶିକ୍ଷାଦାନ, ନର୍ସିଂ ଛାତ୍ରଛାତ୍ରୀଙ୍କ ପାଇଁ ବହୁ ଉପାଦେୟ ପାଠ୍ୟପୁସ୍ତକ ରଚନା, ରୋଗୀସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସର୍ବଭାରତୀୟ ସ୍ତରରେ ସମ୍ମାନଜନକ






'ଓସ୍କାର୍ସ ଅଫ୍ ହେଲ୍ଥକେୟାର ଆୱାର୍ଡ ଫର୍ ନର୍ସିଂ ଏକ୍ସିଲେନ୍ସ' ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ସେହିପରି ଅନ୍ୟଏକ ବିରଳ କୃତିତ୍ୱ ହାସଲ କରିଛନ୍ତି ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ୍ (ଏକାଡେମିକ୍) ଇଂ. ସନ୍ଦୀପ କୁମାର ଦାସ । ସେ କିଟ୍ ବିଶ୍ୱବିଦ୍ୟାଳୟ ଅଧୀନରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗରେ 'ଇଣ୍ଟେଲିଜେଣ୍ଟ୍ ଆଡପ୍ଟିଭ୍ କଣ୍ଟ୍ରୋଲ୍ ଷ୍ଟ୍ରାଟେଜିଜ୍ ଫର୍ ପାୱାର କ୍ୱାଲିଟି ଆଣ୍ଡ ଫ୍ରିକ୍ୱେନ୍ସି ରେଗୁଲେସନ୍ ଇନ୍ ଇଭି-ଇଣ୍ଟିଗ୍ରେଟେଡ୍ ମାଇକ୍ରୋଗ୍ରିଡ୍ସ' ଶୀର୍ଷକ ବିଷୟରେ ଗବେଷଣା ସମାପ୍ତ କରି ସମ୍ମାନଜନକ ଡକ୍ଟରେଟ୍ (ପିଏଚ୍‌ଡି) ଉପାଧି ଲାଭ କରିଛନ୍ତି । ଉଭୟଙ୍କ ଏହି ଉଲ୍ଲେଖନୀୟ ସଫଳତାରେ ଡିଭାଇନ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡ଼େଇ ଶୁଭେଚ୍ଛା ଜଣାଇବା ସହ ଶିକ୍ଷା କ୍ଷେତ୍ରରେ ଉଚ୍ଚ ଗବେଷଣା ତଥା ପ୍ରୟୋଗ । ।କ ଶିକ୍ଷାଦାନ ପ୍ରକ୍ରିୟାରେ ଡିଭାଇନ୍ କୌଣସି ସାଲିସ କରିବ ନାହିଁ ଓ ଆଗାମୀ ଦିନରେ ଏଭଳି ସାଧନା ଜାରି ରହିବ ବୋଲି ପ୍ରକାଶ କରିଛନ୍ତି । ଅନୁଷ୍ଠାନର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ମଧ୍ୟ ଏହି କୃତିତ୍ୱ ପାଇଁ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ସେବା ଜ୍ୟୋତି ଯାତ୍ରା ପ୍ରସ୍ତୁତି ବୈଠକ



ବାରିପଦା, ୫ ।୧୦(ସମିସ): ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ଆସନ୍ତା ୭ ତାରିଖରେ ମୟୂରଭଞ୍ଜ ଜିଲ୍ଲାରେ "ସେବା ଜ୍ୟୋତି ଯାତ୍ରା" ଆୟୋଜିତ ହେବ । ଏଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ସୁପରିଚାଳନା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଯାତ୍ରାରେ ପଦଯାତ୍ରା ସହ ବାଇକ୍ ରାଲି ଅନୁଷ୍ଠିତ ହେବ । ଯେଉଁଥିରେ ଛାତ୍ରଛାତ୍ରୀ, ଯୁବପିଢ଼ି ଓ ମିଶନ ଶକ୍ତି ମହିଳାଙ୍କ ସମେତ ପ୍ରାୟ ୧୦ ହଜାର ପ୍ରତିନିଧି ସାମିଲ ହେବେ । କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ଭର୍ଚ୍ଚୁଆଲ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୁବ ସନ୍ଦେଶ ଶୁଣିବାର ବ୍ୟବସ୍ଥା ରହିଛି । ବୈଠକରେ ଟ୍ରାଫିକ୍ ନିୟନ୍ତ୍ରଣ, ଆଇନଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଜିଲ୍ଲାପାଳ ହେମକାନ୍ତ ସଏ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଅଜିତ୍ କୁମାର ଓ ଦୁଃଖବନ୍ଧୁ ନାୟକ, ଜିଲ୍ଲା ପରିଷଦ ସିଡିଓ ତଥା ଇଓ ଧର୍ମାନନ୍ଦ ବେହେରା, ସିଡିଏମଓ ବିଶ୍ୱନାଥ ଦାସ, ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ସାରସକଣା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ସାରସକଣା, ୫।୧୦(ସମିସ):ସାରସକଣା ବ୍ଲକ ସାରସକଣା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାରସକଣା ବିଡିଓଙ୍କୁ ପାଞ୍ଚ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଆମ ସାରସକଣା ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଥିରେ ରାସ୍ତା, ପୋଲ, ବନ୍ଧ, ସ୍କୁଲ ଓ କଲେଜ ଘର, ବିଭିନ୍ନ ବିଭାଗ କାର୍ଯ୍ୟାଳୟ, ଚାଷ ଓ ଘର କ୍ଷତି ହୋଇଛି । ବର୍ଷାରେ ହୋଇଥିବା କ୍ଷତି ଭରଣା ପାଇଁ ସଠିକ ଆକଳନ କରି ମୋରଡା ଜିଲ୍ଲା ପାଇଁ ଏକ ସ୍ୱତନ୍ତ୍ର ଆର୍ଥିକ ସହାୟତା ରାଶି ଘୋଷଣା, ବ୍ଲକରେ ଥିବା ସମସ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ଏମଏମଡିଆର ବିଲ୍ ପ୍ରତ୍ୟାହାର, ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାୟିତ୍ୱମୁକ୍ତ, ମୁଖ୍ୟ ନିର୍ବାଚନ କମିଶନ ନିଜ ପଦବୀରୁ ଇସ୍ତଫା ଦେବା ଦାବି ଉଲ୍ଲେଖ କରାଯାଇଛି । ଏସବୁ ଦାବି ପୂରଣ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାଙ୍କୁ ଅନୁରୋଧ କରାଯାଇଛି । ନଚେତ୍ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି । ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ସଭାପତି ଭଗବାନ ହାଁସଦା, ପୂର୍ବତନ ସଭାପତି ଡମାନ ମୁର୍ମୁ, ବିକାଶ ବେରା, ଶଶାଙ୍କ ଗିରି, ଶ୍ୟାମପଡ ଗିରି, ଶିବ ଶଙ୍କର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।



## ବାଘୁଣୀ 'ଖଇରୀ'ର ୫୩ତମ ଜନ୍ମଦିବସ ପାଳିତ

ଯଶିପୁର, ୫ ।୧୦(ସମିସ): ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ସ୍ଥାନୀୟ ଖଇରୀ ନିବାସ ପରିସରରେ ବିଶ୍ୱବିଖ୍ୟାତ ବାଘୁଣୀ "ଖଇରୀ'ର



୫୩ତମ ଜନ୍ମଦିବସ ପାଳିତ ହୋଇଯାଇଛି । ସହକାରୀ ବନ ସଂରକ୍ଷକ ଅଶୋକ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜଙ୍ଗଲ, ଜମି, ଜଳ ଓ ବନ୍ୟଜନ୍ତୁ ସଂରକ୍ଷଣ ହିଁ ପ୍ରକୃତିର ସୁରକ୍ଷା ବୋଲି ମନ୍ତ୍ରୀ ପ୍ରକାଶ କରିବା ସହ ଖଇରୀର ସ୍ମୃତିକୁ ମନେ ପକାଇଥିଲେ । ଏ ଅବସରରେ ଖଇରୀର ସେବାଯତ୍ନ କରିଥିବା ଅବସରପ୍ରାପ୍ତ ବନ କର୍ମଚାରୀ ଟଙ୍କଧର ମହାନ୍ତ, କୁଳମଣି ମହାନ୍ତ, ହରମୋହନ ବାରିକ ଓ ଜଗବନ୍ଧୁ ନାଏକଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯଶିପୁର ବିଡିଓ ମାଧବ ବିରୁଆ ସମ୍ମାନିତ ଅତିଥି ଓ ଶିମିଳିପାଳ ଇକୋ ଫ୍ରେଣ୍ଡସ୍‌ର ସମ୍ପାଦକ ଡ ରମାକାନ୍ତ ମହାନ୍ତ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ୍‌ର ସରକାରୀ କାର୍ଯ୍ୟରେ ଖଇରୀର ପ୍ରତୀକ ଚିହ୍ନ ବ୍ୟବହାର ହେବ ବୋଲି ବିଡିଓ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହ ବନ ସଂରକ୍ଷକ ଫାଲଗୁନି ବେହେରା, ମଦନମୋହନ ମହାନ୍ତ, କାଶୀନାଥ ହେମ୍ବ୍ରମ ଓ ଫରେଷ୍ଟର ଅର୍ଜୁନ ମହାକୁଡ଼ ସହଯୋଗ କରିଥିବାବେଳେ ବନାଞ୍ଚଳ ଅଧିକାରୀ ଅନୀଲ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ରରୁଆଁ ଛକ-ପୁରୁଣାବଜାର ରାସ୍ତାର ଶିଳାନ୍ୟାସ



ଯଶିପୁର, ୫ ।୧୦(ସମିସ): ସ୍ଥାନୀୟ ଜନସାଧାରଣଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଯଶିପୁର ରରୁଆଁଛକ (ଏନ୍ଏଚ୍-୪୯)ଠାରୁ ସୁଆଁପାଳ ଭାୟା ପୁରୁଣାବଜାର ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ ହୋଇଛି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଫଳକ ଉନ୍ମୋଚନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଦୀର୍ଘଦିନ ଧରି ଖାଲଖମା ଓ ପାଣିକାଦୁଅରେ ଜର୍ଜରିତ ଥିବା ଏହି ରାସ୍ତାର ନିର୍ମାଣ ପାଇଁ ୯୦ ଲକ୍ଷ ୧୬ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍ଇ ସୁଶୀଲ ନାଏକ, ଏସ୍‌ଡିଓ ଜଗଦୀଶ ବେହେରା, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ମହାନ୍ତ, ଯଶିପୁର ବିଡିଓ ମାଧବ ବିରୁଆ, ତହସିଲଦାର ମୋହିନୀ ନାଏକ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ବିପିନବିହାରୀ ମହାନ୍ତ, ସଂଯୋଜକ କାଳୀଚରଣ ନାଏକ, ପୂର୍ବତନ ସରପଞ୍ଚ ମହାନ୍ତି ବିରୁଆ ଓ ଠିକାଦାର ଭୂବନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶିକାଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର, ୫।୧୦(ସମିସ): ସୂଚନା ଓ ଲୋକସମ୍ପର୍କ ବିଭାଗ, ଉତ୍ତରାଞ୍ଚଳ, ସମ୍ବଲପୁରର ଯୁଗ୍ମ ନିର୍ଦ୍ଦେଶିକା ତଥା ଅତିରିକ୍ତ ଉପନିର୍ଦ୍ଦେଶିକା କଲ୍ୟାଣୀ ଦାଶ ଦିନିକିଆ କେନ୍ଦୁଝର ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ ଓ କାର୍ଯ୍ୟାଳୟର କର୍ମଚାରୀମାନେ ଶ୍ରୀମତୀ ଦାଶଙ୍କୁ ସ୍ୱାଗତ କରିଥିଲେ । ଶ୍ରୀମତୀ ଦାଶ କାର୍ଯ୍ୟାଳୟର ବିଭିନ୍ନ ନଥିପତ୍ର, ରେଜିଷ୍ଟର, ଫାଇଲ୍ ଓ ସରକାରୀ ଦସ୍ତାବିଜ ଯାଞ୍ଚ କରିବା ସହ ବିଭାଗୀୟ କାର୍ଯ୍ୟଧାରାର ସମୀକ୍ଷା କରିଥିଲେ । ସମସ୍ତ ସରକାରୀ କାର୍ଯ୍ୟାବଳୀକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସୁଚାରୁରୂପେ ସମ୍ପାଦନ କରିବା ସହ ଜିଲ୍ଲା ପ୍ରଶାସନ ଓ ସାମ୍ବାଦିକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଓ ଯୋଗାସୂତ୍ର ବଜାୟ ରଖି ବିଭାଗୀୟ କାର୍ଯ୍ୟକୁ ଆହୁରି ସୁଦୃଢ଼ ଓ କାର୍ଯ୍ୟକ୍ଷମ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ ।

## ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ବେତନଟୀ, ୫।୧୦(ସମିସ): ଆଗାମୀ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଆଜି ବେତନଟୀ ଧର୍ମଶାଳା ସମ୍ମିଳନୀ କକ୍ଷରେ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ଥାନା ଅଧିକାରୀ କ୍ରିଷ୍ଟା ପିଙ୍ଗୁଆ, ଅତିରିକ୍ତ ତହସିଲଦାର ପି.କେ. ହିମାଂଶୁ ଜେନା ଓ ଏବିଡିଓ ଗଗନ ବିହାରୀ ବେହେରା ଉପସ୍ଥିତ ରହି ଆଲୋଚନା କରିଥିଲେ । ଏଥିସହ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳ ଓ ପରିମଳ ତଥା ବିଦ୍ୟୁତ ବିଭାଗର ଅଧିକାରୀ, ବେତନଟୀ ଓ ସଠିଲୋ ପଞ୍ଚାୟତର ଜନପ୍ରତିନିଧି, ୩୫ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ, ସ୍ଥାନୀୟ ପୂଜା ଓ ଯାତ୍ରା କମିଟିର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ପ୍ରତ୍ୟେକ ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ଓ ଅଗ୍ନି ନିର୍ବାପକ ଯନ୍ତ୍ର ଖଞ୍ଜିବା ବାଧ୍ୟତାମୂଳକ, ଭସାଣି ଶୋଭାଯାତ୍ରାରେ ଡିଜେ ସମ୍ପୂର୍ଣ୍ଣ ନିଷିଦ୍ଧ, କୌଣସି ପ୍ରକାର ଅଶ୍ଳୀଳ ନୃତ୍ୟକୁ ବାରଣ, ପ୍ରତ୍ୟେକ ମଣ୍ଡପ ପାଇଁ ପ୍ରଶାସନଠାରୁ ଆବଶ୍ୟକୀୟ ଲାଇସେନ୍ସ ନେବା ଅନିବାର୍ଯ୍ୟ, ଭିଡ଼ ନିୟନ୍ତ୍ରଣ ଓ ସୁଗମ ଟ୍ରାଫିକ ପରିଚାଳନା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି । ପୂଜା ସମୟରେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ସମସ୍ତେ ସହଯୋଗ କରିବାକୁ ବେତନଟୀ ଥାନା ଅଧିକାରୀ ଅନୁରୋଧ କରିଛନ୍ତି । ନିୟମ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ଚେତାବନୀ ଦେଇଛି ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

କେନ୍ଦୁଝର, ୫।୧୦(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ । ଆଜିର ଏହି ଶିବିରରେ ମୋଟ ୨୧୨ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୮୮ ଟି, ସାମୂହିକ ଅଭିଯୋଗ ୨୪ଟି ଏବଂ ରେଡକ୍ରସ ସହାୟତା ପାଇଁ ୦୯ ଟି ଆବେଦନ ଗ୍ରହଣ କରାଯାଇଛି । ୩୮ ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲପାଳ ବିଶାଲ ସିଂହ, ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପ-ଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ ଏବଂ ଏସଡିପିଓ ସୁଦର୍ଶନ ଗଙ୍ଗୋଇଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ ।

## ଓଷ୍ଟା ସଂଘ ପକ୍ଷରୁ ନୂତନ ବିଇଓଙ୍କୁ ସ୍ୱାଗତ

ହାଟଡ଼ିହୀ, ୫।୧୦(ସମିସ): ହାଟଡ଼ିହୀ ବ୍ଲକ୍ ଶିକ୍ଷାମଣ୍ଡଳ ଦାୟିତ୍ୱ ନେଲେ ଘଷିପୁରା ବିଇଓ । ବିଇଓ ରାଜୀବ ଦଳେଇଙ୍କ ନିଲମ୍ବନ ପରେ ଓଡ଼ିଶା ଶିକ୍ଷା ବିଭାଗର ଡେପୁଟି ଡାଇରେକ୍ଟର ଜୟଶ୍ରୀ ଡୋରାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ଘଷିପୁରା ବିଇଓ ସଦ୍ୟସ୍ନାନ ପଣ୍ଡାଙ୍କୁ ହାଟଡ଼ିହୀ ଶିକ୍ଷାମଣ୍ଡଳ ଦାୟିତ୍ୱ ପ୍ରଦାନ କରିଛନ୍ତି । ହାଟଡ଼ିହୀ ଓଷ୍ଟା ସଙ୍ଘ ତରଫରୁ ଓଷ୍ଟା ଜିଲ୍ଲା ସମ୍ପାଦକ ରଞ୍ଜନ ଘଡ଼େଇ, ଓଷ୍ଟା ବ୍ଲକ ସମ୍ପାଦକ ଶିଶିର ବିଶ୍ୱାଳ, ଓଷ୍ଟା ବ୍ଲକ ସଭାପତି ନବଘନ ନାୟକ, ଓଷ୍ଟା ଜିଲ୍ଲା ଯୁଗ୍ମ ସମ୍ପାଦକ ଅନିରୁଦ୍ଧ ସେଠୀ, ଓଷ୍ଟା ଜିଲ୍ଲା ଇସି ସଦସ୍ୟ ପ୍ରଦୀପ ସାହୁ, ଓଷ୍ଟା ବ୍ଲକ ଯୁଗ୍ମ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ନୂତନ ବିଇଓଙ୍କୁ ସ୍ୱାଗତ କରିଛନ୍ତି ।



**ପରିବାର ସଦସ୍ୟ ଛାଡ଼ି ଚାଲିଗଲେ**

## ମେଡିକାଲରେ ୨୪ ଘଣ୍ଟା ଧରି ପଡ଼ିରହିଛି ମୃତଦେହ

ଠାକୁରମୁଣ୍ଡା, ୫।୧୦ (ସମିସ)

ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୨୪ ଘଣ୍ଟା ଧରି ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ି ରହିଥିବା ଜଣାପଡ଼ିଛି । ମୃତକଙ୍କ ସହ ଥିବା ପରିବାର ସଦସ୍ୟ ଛାଡ଼ି ଚାଲିଯାଇଥିବାରୁ ଏବେ ମୃତଦେହର ଶେଷକୃତ୍ୟ ଓ ପରିବାର ଲୋକଙ୍କ ସନ୍ଧାନକୁ ନେଇ ସମସ୍ୟା ଦେଖାଦେଇଛି । ମେଡିକାଲ ଇନଚାର୍ଜ ଶୁଭେନ୍ଦୁ ନାୟକଙ୍କ ସୂଚନା ଅନୁଯାୟୀ, ବହଳଦା ଅଞ୍ଚଳର ଶ୍ୟାମ ମାରାଣ୍ଡି ନାମକ ଜଣେ ବ୍ୟକ୍ତି ଗତକାଲି ଅପରାହ୍ନ ପ୍ରାୟ ୨ଟା ୩୦ ସମୟରେ ଅସୁସ୍ଥ ଅବସ୍ଥାରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ସେ ଗୁରୁତର ରକ୍ତହୀନତାରେ ପୀଡ଼ିତ ଥିବା ଜଣାପଡ଼ିଥିଲା । ମେଡିକାଲରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁ ସମୟରେ ଶ୍ୟାମ ମାରାଣ୍ଡିଙ୍କ ନିକଟରେ ସୁଶୀଳା ମାରାଣ୍ଡି ଓ ତାଙ୍କର ଛୋଟ ଝିଅ ଉପସ୍ଥିତ ଥିବା ମେଡିକାଲ ପକ୍ଷରୁ ଜଣାପଡ଼ିଛି । ଆଜି ସକାଳୁ ମୃତକଙ୍କ ମୃତଦେହକୁ ମେଡିକାଲରେ ଛାଡ଼ି ମାଆ ଓ ଝିଅ କେଉଁଆଡ଼େ ଚାଲିଯାଇଥିବା ଜଣାପଡ଼ିଥିଲା । ମେଡିକାଲ କର୍ତ୍ତୃପକ୍ଷ ଓ ଅନ୍ୟମାନେ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କର କୌଣସି ସନ୍ଧାନ ମିଳି ନ ଥିବା କୁହାଯାଇଛି । ସୁଶୀଳା ମାରାଣ୍ଡିଙ୍କ ଘର ବଉଳା ଅଞ୍ଚଳରେ ବୋଲି ପ୍ରାଥମିକ ଭାବେ ଜଣାପଡ଼ିବା ପରେ ଏ ସମ୍ପର୍କରେ ମହୁଲଡିହା ଥାନାକୁ ଖବର ଦିଆଯାଇଥିଲା । ମହୁଲଡିହା ଥାନା ପକ୍ଷରୁ ବହଳଦା ଥାନାକୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଯାଇଥିବା ଜଣାପଡ଼ିଛି । ମହୁଲଡିହା ଥାନା ଅଧିକାରୀଙ୍କୁ ପଚାରିବାରୁ ବହଳଦା ଥାନାକୁ ଏ ସମ୍ପର୍କରେ ଖବର ଦିଆଯାଇଛି ଓ ପୁଲିସ ପକ୍ଷରୁ ବଉଳା ଅଞ୍ଚଳକୁ ଯାଇ ସୁଶୀଳାଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ ବୋଲି କହିଛନ୍ତି । ଦୀର୍ଘ ସମୟ ଧରି ମେଡିକାଲ ପରିସରରେ ମୃତଦେହ ପଡ଼ି ରହିଥିବାରୁ ଏ ନେଇ ଚର୍ଚ୍ଚା ଜୋର ଧରିଛି । ମୃତକଙ୍କ ପରିବାର ସଦସ୍ୟଙ୍କ ସନ୍ଧାନ ମିଳିବା ପରେ ମୃତଦେହ ହସ୍ତାନ୍ତର ଓ ଶେଷକୃତ୍ୟ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ନିଜ ଲୋକ ଶତ୍ରୁ ସାଜିବେ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ। ପରିବାର ଲୋକଙ୍କ ସହିତ ସମୟ ବିତାଇବେ। ଚାକିରିରେ ପଦୋନ୍ନତି ହେବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ। ଚକ୍ଷୁଜନିତ ସମସ୍ୟା ଭୋଗିପାରନ୍ତି। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ।

**ମିଥୁନ:** ସମ୍ପର୍କୀୟଙ୍କ ସହିତ ଭେଟ ହେବ। ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। କ୍ରୋଧ ନିୟନ୍ତ୍ରଣ ରଖନ୍ତୁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଅଧିକ ପରିଶ୍ରମ କରିବେ।

**କର୍କଟ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଅଫିସ୍ କର୍ମୀଙ୍କ ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପେଟଜନିତ ସମସ୍ୟା ଦେଖାଦେବ।

**ସିଂହ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ହସଖୁସିରେ ଦିନ ବିତିବ। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ। ଯେକୌଣସି ପରିସ୍ଥିତିକୁ ମୁକାବିଲା କରନ୍ତୁ। ଧାର କରଜ କରିବାରୁ ଦୂରେଇ ରୁହନ୍ତୁ। ଆଜି ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି।

**ବିଛା:** ଧନଧାନ ବୃଦ୍ଧି ହେବ। ଭାବପ୍ରବଣ ହୋଇ ଭୁଲ୍ ନିଷ୍ପତ୍ତି ନେଇ ପାରନ୍ତି। ନୂତନ ବ୍ୟବସାୟ ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ଇଚ୍ଛା ପୂରଣ ହେବ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଘଟଣା

- ୧୪୯୯ - ଫ୍ରାନ୍ସ ସମ୍ରାଟ୍ ଦ୍ୱାଦଶ ଲୁଇ ମିଲାନ ଉପରେ କବ୍ଜା କଲେ।
- ୧୭୬୨- ବ୍ରିଟିଶ୍ ସୈନିକ ଫିଲିପାଇନ୍ସର ମାନିଲାକୁ କବ୍ଜା କଲେ।
- ୧୯୧୨- ଆମେରିକୀୟ ସେନା ନିକାରଗୁଆ ସହର ଲିୟୋନ ଉପରେ କବ୍ଜା କଲା।
- ୧୯୮୩- ପଞ୍ଜାବରେ ରାଷ୍ଟ୍ରପତି ଶାସନ ଲାଗୁ କରାଗଲା।
- ୧୯୮୭- ଫିଜି ଗଣରାଜ୍ୟ ଭାବେ ଘୋଷିତ ହେଲା।

## ଜାଣିଛନ୍ତି



ଉତ୍ତର ତାଞ୍ଜାନିଆର ଗ୍ରେଟ୍ ରିଫ୍ଟ ଭ୍ୟାଲିରେ ଅବସ୍ଥିତ ଲେକ୍ ନାଟ୍ରନ୍ ବିଶ୍ୱର ସବୁଠାରୁ ଭୟାନକ ପ୍ରାକୃତିକ ସ୍ଥାନଗୁଡ଼ିକ ମଧ୍ୟରୁ ଅନ୍ୟତମ। ଉପରୁ ଦେଖିଲେ ଏହି ହ୍ରଦଟି ଲାଲ୍ ଏବଂ ଗୋଲାପୀ ରଙ୍ଗର କାର୍ପେଟ୍ ପରି ଦେଖାଯାଉଥିବାବେଳେ ଏହାର ଶାନ୍ତ ଓ ସୁନ୍ଦର ରୂପ ପଛରେ ଲୁଚି ରହିଛି ଏକ ମରଣାନ୍ତକ ରହସ୍ୟ। ଏହାକୁ ଜୀବନ୍ତ ପ୍ରାଣୀଙ୍କୁ ପଥର ବନାଉଥିବା ହ୍ରଦ ବୋଲି କୁହାଯାଏ। ଏହି ହ୍ରଦକୁ ନେଇ ଅନେକ କାହାଣୀ ପ୍ରଚଳିତ ଥିଲେ ମଧ୍ୟ ଏନେଇ ବୈଜ୍ଞାନିକମାନଙ୍କ କହିବା କଥା, ହ୍ରଦର ପାଣିରେ କୌଣସି ଯାଦୁ ନାହିଁ, ବରଂ ଏହାର କେମିକାଲ୍ ହିଁ ଏପରି ଆଶ୍ଚର୍ଯ୍ୟଜନକ ଘଟଣା ଘଟାଇଥାଏ। ଲେକ୍ ନାଟ୍ରନ୍‌ର ପାଣି ଅତ୍ୟଧିକ କ୍ଷାରୀୟ ଓ ଏହାର ପିଏଚ୍ ସ୍ତର ୧୦.୫ ରୁ ୧୨ ପର୍ଯ୍ୟନ୍ତ ହୋଇଥାଏ, ଯାହା ପ୍ରାୟ ବ୍ଲିଚ୍ ବା ଆମୋନିଆ ସହ ସମାନ। ଏହା ଚମଡ଼ାକୁ ପୋଡ଼ି ଦେବାପାଇଁ ଯଥେଷ୍ଟ। ସେହିଭଳି ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ସକ୍ରିୟ ଆଗ୍ନେୟଗିରି 'ଓଲ୍ ଡୋଇନ୍ୟୋ ଲେଙ୍ଗାଇ'ରୁ ବାହାରୁଥିବା ଆଗ୍ନେୟ ପାଉଁଶ ଏବଂ ସୋଡିୟମ୍ କାର୍ବୋନେଟ୍ ଯୁକ୍ତ ଗରମ ଝରଣାର ପାଣି ଏହି ହ୍ରଦରେ ମିଶିଥାଏ। ଅତ୍ୟଧିକ ଗରମ ଯୋଗୁଁ ହ୍ରଦର ପାଣି ବାଷ୍ପୀଭୂତ ହୋଇଯାଏ ଏବଂ କେବଳ ଘନ ଲୁଣ ଓ ମିନେରାଲ୍ସ ପଡ଼ିରହେ। ଯେତେବେଳେ କୌଣସି ପକ୍ଷୀ ବା ବାଦୁଡ଼ି ଭୁଲ୍‌ବଶତଃ ଏହି ହ୍ରଦରେ ପଡ଼ି ମୃତ୍ୟୁବରଣ କରନ୍ତି, ସେମାନଙ୍କ ଶରୀର ପଚିଯାଏ ନାହିଁ। ପାଣିରେ ଥିବା ସୋଡିୟମ୍ କାର୍ବୋନେଟ୍ ଏବଂ ନାଟ୍ରନ୍ ସେହି ମୃତଦେହଗୁଡ଼ିକୁ ସଂରକ୍ଷିତ କରି ରଖେ। ଧୀରେ ଧୀରେ ସେମାନଙ୍କ ଶରୀର ଉପରେ କ୍ୟାଲସିୟମର ଏକ ଧଳା ଆସ୍ତରଣ ଜମିଯାଏ ଏବଂ ସେଗୁଡ଼ିକ ଦେଖିବାକୁ ପଥରର ମୂର୍ତ୍ତି ପରି ଲାଗନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ପାଣି ସାଧାରଣ ଜୀବଙ୍କ ଚମଡ଼ାକୁ ପୋଡ଼ି ପାଉଁଶ କରିଦେଇପାରେ, ସେହି ପାଣିରେ ହିଁ ଲାଲ୍ ରଙ୍ଗର ଏକ ପ୍ରକାର ଜୀବାଣୁ ଥାନ୍ତି। ଏଥିଯୋଗୁଁ ହ୍ରଦଟି ଲାଲ୍ ରଙ୍ଗର ଦେଖାଯାଏ। କେବଳ ସେତିକି ନୁହେଁ, ଏହି ବିଷାକ୍ତ ହ୍ରଦ ହେଉଛି ବିଶ୍ୱର 'ଲେସର ଫ୍ଲେମିଙ୍ଗୋ' ପକ୍ଷୀମାନଙ୍କର ସବୁଠାରୁ ବଡ଼ ପ୍ରଜନନ ସ୍ଥଳ। ପୃଥିବୀର ପ୍ରାୟ ୭୫% ଲେସର ଫ୍ଲେମିଙ୍ଗୋ ଏହି ହ୍ରଦ ମଝିରେ ଥିବା ଛୋଟ ଛୋଟ ଦ୍ୱୀପରେ ବସା ବାନ୍ଧନ୍ତି। ସେମାନଙ୍କ ଗୋଡ଼ର ଚମଡ଼ା ଏତେ ଟାଣ ଯେ, ଏହି କ୍ଷାରୀୟ ପାଣି ସେମାନଙ୍କର କିଛି କ୍ଷତି କରିପାରେ ନାହିଁ। ଏହି ବିପଜ୍ଜନକ ପରିବେଶ ସେମାନଙ୍କୁ ହେଟାବାଘ ଓ ଅନ୍ୟ ପଶୁ କବଳରୁ ସୁରକ୍ଷା ଦେଇଥାଏ। ବିଜ୍ଞାନ ଏବଂ ରହସ୍ୟର ଏହି ଅପୂର୍ବ ମିଶ୍ରଣ ଯୋଗୁଁ ଆଜି ବି ଲେକ୍ ନାଟ୍ରନ୍ ସମଗ୍ର ବିଶ୍ୱର ପର୍ଯ୍ୟଟକ ଓ ବୈଜ୍ଞାନିକମାନଙ୍କ ପାଇଁ ଏକ କୌତୁହଳର ବିଷୟ ହୋଇ ରହିଛି।

## ୧୨୬ଟି ଫ୍ଲାଟ୍‌ରେ ଏକା ରହୁଥିବା ମଣିଷ

ଯେତେବେଳେ ଗୋଟିଏ ବଡ଼ ବିଲ୍ଡିଂ ଖାଲି ହୋଇଯାଏ, ସେତେବେଳେ ସେଠାକାର ନିସ୍ତବ୍ଧତା ମଣିଷକୁ ଡରାଇ ଦିଏ। ବ୍ରିଟେନ୍‌ର ଗ୍ରେଟର ମାଞ୍ଚେଷ୍ଟରରେ ଅବସ୍ଥିତ ରୋଚଡେଲ୍‌ର ଏକ ଆବାସିକ ଅଞ୍ଚଳରେ ଏଭଳି ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ବିଶାଳ ଆବାସିକ ପରିସରରେ ମୋଟ ୧୨୬ଟି ଫ୍ଲାଟ୍ ରହିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଆଜି ସେହି ୧୨୬ଟି ଘର ମଧ୍ୟରୁ ୧୨୫ଟି ସମ୍ପୂର୍ଣ୍ଣ ଖାଲି ଏବଂ ସେଠାରେ ମାତ୍ର ଜଣେ ବ୍ୟକ୍ତି ରହୁଛନ୍ତି। ୫୧ ବର୍ଷୀୟ ଏଣ୍ଡି ରୋଶ୍ ଏବେ ତାଙ୍କ ପତ୍ନୀଙ୍କ ସହ ସେଠାରେ ରହୁଛନ୍ତି। ସ୍ଥାନୀୟ ପ୍ରଶାସନ ଓ ହାଉସିଂ ସୋସାଇଟି ଏହି ପୁରୁଣା ବିଲ୍ଡିଂକୁ ଭାଙ୍ଗି ସେଠାରେ ଏକ ନୂତନ ପ୍ରକଳ୍ପ ତିଆରି କରିବାକୁ ଯୋଜନା କରିଛନ୍ତି। ଏଥିପାଇଁ ସେଠାରେ ରହୁଥିବା ସମସ୍ତ ପରିବାରକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ସାରିଛି। ହେଲେ ଏଣ୍ଡି ନିଜ ଘର ଛାଡ଼ିବାକୁ ସଫା ସଫା ମନା କରି ଦେଇଛନ୍ତି। ଯେତେବେଳେ ଲୋକେ ତାଙ୍କୁ ପଚାରିଲେ, "ଏହି ଜନଶୂନ୍ୟ ଓ ଭୂତକୋଠି ଭଳି ଅଞ୍ଚଳରେ ଆପଣଙ୍କୁ ଭୟ ଲାଗୁନାହିଁ କି? ଆପଣ ଘର କାହିଁକି ଛାଡୁନାହାନ୍ତି?" ତାଙ୍କର ଉତ୍ତର ସମସ୍ତଙ୍କୁ ଚକିତ କରିଦେଇଥିଲା। ଏନେଇ ଏଣ୍ଡିଙ୍କ କହିବା କଥା, 'ଏହି ଫ୍ଲାଟ୍ ସହିତ ତାଙ୍କର ଦୀର୍ଘ ବର୍ଷର ସ୍ମୃତି ଜଡ଼ିତ। ଏହି ନୀରବତା ତାଙ୍କୁ ଡରାଏ ନାହିଁ, ବରଂ ଏକ ଅଦ୍ଭୁତ ମାନସିକ ଶାନ୍ତି ଦିଏ। ସେ ଏଠାରେ ଯେତିକି ଭଡ଼ା ଦେଇ ରହୁଛନ୍ତି, ଆଜିର ସମୟରେ ବ୍ରିଟେନ୍‌ର ଅନ୍ୟ କୌଣସି ସ୍ଥାନରେ ସେତିକି ଟଙ୍କାରେ ଏତେ ବଡ଼ ଓ ଭଲ ଘର ମିଳିବା ଅସମ୍ଭବ। ସବୁଠାରୁ ବଡ଼ ଟ୍ୱିଷ୍ଟ ହେଉଛି, ସୋସାଇଟି ସମସ୍ତଙ୍କୁ ଘର ଖାଲି କରିବାକୁ ନୋଟିସ୍ ଦେଇଥିଲା ସତ, କିନ୍ତୁ ଆଇନଗତ ଭାବେ ଏଣ୍ଡିଙ୍କ ସହ ହୋଇଥିବା ଚୁକ୍ତିନାମାକୁ ରଦ୍ଦ କରିବାକୁ ଭୁଲିଯାଇଥିଲେ। ଆଇନ ଅନୁଯାୟୀ, ଏଣ୍ଡି ଏବେ ବି ସେହି ଘରର ବୈଧ ଭଡ଼ାଟିଆ, ତେଣୁ ପ୍ରଶାସନ ଚାହିଁଲେ ମଧ୍ୟ ତାଙ୍କୁ ଜବରଦସ୍ତି ବାହାର କରିପାରୁନାହିଁ। ଆଜି ଏଣ୍ଡି ସେହି ବିଶାଳ କୋଠାର ଏକମାତ୍ର ବାସିନ୍ଦା। ସଞ୍ଜ ନଇଁଲେ ଚାରିଆଡ଼େ ଅନ୍ଧାର ଓ ଶୂନ୍‌ଶାନ୍ ହୋଇଯାଏ, କିନ୍ତୁ ଏଣ୍ଡି ନିଜ ଘର ଭିତରେ ବେଶ୍ ଆନନ୍ଦରେ ଥାଆନ୍ତି। ସେ କୁହନ୍ତି,"ଯେପର୍ଯ୍ୟନ୍ତ ପ୍ରଶାସନ ମୋତେ ମୋ ଘର ବଦଳରେ ସେଭଳି ଅନ୍ୟ ଏକ ଉପଯୁକ୍ତ ସ୍ଥାନ ଓ ଆଇନଗତ ସମାଧାନ ନ ଦେଇଛି, ମୁଁ ଏଠାରୁ ଗୋଟିଏ ପାଦ ବି ଘୁଞ୍ଚିବି ନାହିଁ।"

## ଦ୍ୱିତୀୟ ଥର ଘୁଞ୍ଚିଲା 'ଉଡ୍‌ତା ତୀର୍'ର ରିଲିଜ୍



ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା ଏବଂ ସାରା ଅଲ୍ଲୀ ଖାନ୍‌ଙ୍କ ଆଗାମୀ ସିନେମା 'ଉଡ୍‌ତା ତୀର୍'କୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ନିକଟରେ ଏହାର ଟ୍ରେଲର୍ ରିଲିଜ୍ ହେବା ପରେ ଫିଲ୍ମଟି ବେଶ୍ ଚର୍ଚ୍ଚାରେ ରହିଛି। ଏବେ ଏହାର ରିଲିଜ୍ ତାରିଖକୁ ପୁଣିଥରେ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହି ଫିଲ୍ମଟି ପ୍ରଥମେ ୧୧ ସେପ୍ଟେମ୍ବର ଏବଂ ପରେ ୯ ଅକ୍ଟୋବରରେ ସିନେମାହଲ୍‌କୁ ଆସିବାର ଥିଲା। ବର୍ତ୍ତମାନ ଫିଲ୍ମ ନିର୍ମାତା ଏହାକୁ ୨୩ ଅକ୍ଟୋବରରେ ରିଲିଜ୍ କରିବା ପାଇଁ ଘୋଷଣା କରିଛନ୍ତି। ବକ୍ସ ଅଫିସ୍‌ରେ ଅଜୟ ଦେବଗନଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ଦୃଶ୍ୟମ୍ ୩' ର ଦମଦାର୍ ଓପନିଂ ଏବଂ ଅନ୍ୟାନ୍ୟ କେତେକ ବଡ଼ ଚଳଚ୍ଚିତ୍ର ସହ ଲଢ଼େଇରୁ ରକ୍ଷା ପାଇବା ପାଇଁ ନିର୍ମାତା ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏଥିରେ ଆୟୁଷ୍ମାନ ଜଣେ ପାକିସ୍ତାନୀ ଗୁପ୍ତଚର ବିଲାଲ ଅହମ୍ମଦ ଭୂମିକାରେ ଅଭିନୟ କରୁଛନ୍ତି। କାହାଣୀରେ ଏକ ବଡ଼ ଟ୍ୱିଷ୍ଟ ଆସେ, ଯେତେବେଳେ ସେ ଭାରତରେ ନିଜର ସ୍ମୃତିଶକ୍ତି ହରାଇ ବସନ୍ତି। ସ୍ମୃତି ଶକ୍ତି ହରାଇବା ପରେ ସେ ନିଜକୁ ଜଣେ ଭାରତୀୟ ସୈନିକ ବୋଲି ଭାବି ଭାରତ ପାଇଁ ଲଢ଼ିବା ଆରମ୍ଭ କରନ୍ତି। ତାଙ୍କର ଏହି ଭୁଲ୍ ବୁଝାମଣା ଯୋଗୁଁ ଉଭୟ ଭାରତ ଓ ପାକିସ୍ତାନର ଗୁପ୍ତଚର ଏଜେନ୍ସିଗୁଡ଼ିକ ମଧ୍ୟରେ ଏକ ଅତି ମଜାଦାର ପରିସ୍ଥିତି ସୃଷ୍ଟି ହୁଏ। ଆକାଶ ଏ. କୌଶିକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ଆୟୁଷ୍ମାନ ଓ ସାରାଙ୍କ ବ୍ୟତୀତ ରାହୁଲ ବୋଷ, ରାମ କପୁର, ଗୁଲଶନ ଗ୍ରୋଭର, ରଘୁବୀର ଯାଦବ, ସୁପ୍ରିୟା ପିଲଗାଓଁକର ଏବଂ ଦିବଂଗତ ଅଭିନେତା ମୁକୁଲ ଦେବ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନ୍ସ ଏବଂ ଗୁନିତ୍ ମୋଙ୍ଗାଙ୍କ ସିଖ୍ୟା ଏଣ୍ଟରଟେନମେଣ୍ଟ ମିଳିତ ଭାବେ ଏହାର ପ୍ରଯୋଜନା କରୁଛନ୍ତି।

## କିଚେନ୍ ଗାର୍ଡେନରେ ପାଳଙ୍ଗ

**ଶୀତଦିନେ କିଚେନ୍‌ଗାର୍ଡେନରେ ପାଳଙ୍ଗ ଚାଷ କରିବା ଖୁବ୍ ସହଜ। ଅକ୍ଟୋବରରୁ ଜାନୁଆରୀ ମାସ ମଧ୍ୟରେ ପାଳଙ୍ଗ ବିହନ ବୁଣିଲେ ଅଧିକ ଲାଭ ମିଳିଥାଏ।**



ପାଳଙ୍ଗ ଚାଷ ପାଇଁ ଦୋରସା, ବାଲିଆ ମାଟି ସର୍ବୋତ୍ତମ। ଗ୍ରୋବ୍ୟାଗ୍ କିମ୍ବା ବଡ଼ ଚଉଡ଼ା କୁଣ୍ଡରେ ମାଟିକୁ ଗୁଣ୍ଡ କରି ସେଥିରେ ଜିଆଖତ, ଗୋବର ଖତ, ନିମ୍ବ ପିଡ଼ିଆ ମିଶାଇ ମାଟି ପ୍ରସ୍ତୁତ କରାଯାଏ। ଚାଷ ପାଇଁ ସର୍ବଦା ଉନ୍ନତ ଓ ରୋଗସହଣୀ ବିହନ ଚୟନ କରିବା ଆବଶ୍ୟକ। ଉନ୍ନତ କିସମ ବ୍ୟବହାର ଦ୍ୱାରା ଗଛଗୁଡ଼ିକ ସମାନ ଆକାରରେ ବଢ଼ିଥାଏ। ବିହନ ବୁଣିବାର ୨୪ ଘଣ୍ଟା ପୂର୍ବରୁ ଏହାକୁ ଭିଜାଇ ଗଜା କରାଯାଏ। କୁଣ୍ଡରେ କଣା କରି ଏହା ଉପରେ ଖତ ମିଶା ମାଟିକୁ ଦେଇ ହାଲୁକା ଜଳସିଞ୍ଚନ କରାଯାଏ। ପରେ ଗଜା ହୋଇଥିବା ବିହନ ପକାଇ ମାଟି ଚଳାଇ ହାଲୁକା ଜଳସିଞ୍ଚନ କରିପାରିବେ। ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ କୁଣ୍ଡକୁ ରଖିପାରିବେ। କୁଣ୍ଡରୁ ମାଟି ଶୁଖିଗଲେ ପାଣି ଦେବା ଆବଶ୍ୟକ। ମଞ୍ଜି ବୁଣିବାର ୨୦ରୁ ୩୦ ଦିନ ଅନ୍ତରାଳରେ ପତ୍ରକୁ ୬ରୁ ୭ଥର କାଟିବା ଜରୁରି। ବିହନ ବୁଣିବାର ୩୫ରୁ ୪୦ ଦିନ ମଧ୍ୟରେ ଫସଲ ପ୍ରସ୍ତୁତ ହୋଇଥାଏ।



## ଏମାସର ଚାଷ

- ଅକ୍ଟୋବର ମାସରେ କମ୍ ତାପମାତ୍ରା ଯୋଗୁଁ ଚାଷୀମାନେ ବିଭିନ୍ନ ପ୍ରକାର ଫୁଲ, ପନିପରିବା ଲଗାଇଥା'ନ୍ତି। ଗାଜର, କଞ୍ଚାଲଙ୍କା, ମୂଳା, ବାଇଗଣ, କୋବି, ଟମାଟୋ ଆଦି ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ।
- ସଅଳ କିସମ ଧାନରେ ଶତକଡ଼ା ୮୫ ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟିଦେବା ଉଚିତ। ଧାନ ଅମଳ ପରେ ୨ରୁ ୩ ଦିନ ଟାଣ ଖରାରେ ଶୁଖାଇ ରଖାଯାଏ। ସେହିପରି ବିଳମ୍ବରେ ରୁଆଯାଇଥିବା ମଧ୍ୟମ କିସମ ଧାନ ଏବଂ ବିଳମ୍ବ କିସମ ଧାନ ଗର୍ଭ ଅବସ୍ଥାରେ ଥିଲେ ଏକର ପ୍ରତି ୮ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର କେଣ୍ଡାସାର ଭାବେ ପ୍ରୟୋଗ କରିପାରିବେ।
- ମକାରେ ଭଣ୍ଡାଚୋପା ହଳଦିଆ ହେଲେ ଓ ଦାନା ପାକଳ ହୋଇଥିଲେ ଅମଳ କରିନେବା ଆବଶ୍ୟକ। ସେହିପରି ମାଣ୍ଡିଆ କେଣ୍ଡା ପାକଳ ହେବା ସଙ୍ଗେ ସଙ୍ଗେ କାଟି ଦେବା ଆବଶ୍ୟକ।
- ହରଡ଼ ଫସଲରେ ଛୁଇଁବିନ୍ଧା ଓ ବାଘୁଆ ପୋକ ଲାଗିବାର ସମ୍ଭାବନା ରହିଛି। ଏହାକୁ ଅନୁମୋଦିତ ବିଷ ପ୍ରୟୋଗ କରି ନିୟନ୍ତ୍ରଣ କରିପାରିବେ।
- ଧାନ କାଟିବାର ୧୫ ଦିନ ପୂର୍ବରୁ ଜମିରେ ଯଥେଷ୍ଟ ଆର୍ଦ୍ରତା ଥିବା ଅବସ୍ଥାରେ ମୁଗ, ବିରି, ମସୁର, ମଟର ଓ ସୋରିଷ ପାଇରା ଫସଲ ଭାବେ ବୁଣି ଦିଅନ୍ତୁ।
- ଢିପ ଓ ଢିପାଳିଆ ମଧ୍ୟମ କିସମ ଜମିରେ ମୁଗ, ବିରି, କୋଳଥ ଡାଲିଜାତୀୟ ଫସଲ ଚାଷ କରିପାରିବେ। ସେହିପରି ଶୀତିଦିନିଆ ପନିପରିବା ଚାରା ମୁଖ୍ୟ ଜମିରେ ରୋଇବା ଆବଶ୍ୟକ।



## ସଅଳ ବଢ଼ିବେ ଛେଳି

ଛେଳିଙ୍କ ଓଜନ ବୃଦ୍ଧି ପାଇଁ ସନ୍ତୁଳିତ ଖାଦ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ତେଣୁ ସେମାନଙ୍କ ଖାଦ୍ୟ ତାଲିକାରେ ଚଣା, ମକା, ସୋୟାବିନ, ନଡ଼ାଜାତୀୟ ଖାଦ୍ୟ ସାମିଲ କରିପାରିବେ।

ତିନିମାସ ପରେ ଛେଳିଛୁଆଙ୍କୁ ଦୈନିକ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ସହିତ ମଲ୍‌ଟିଭିଟାମିନ୍ ଟନିକ୍, ଆଇରନ୍ ଟନିକ୍ ଆଦି ଦେବା ଆବଶ୍ୟକ। ଏହାସହିତ କ୍ୟାଲ୍‌ସିୟମ, ଫସ୍‌ଫରସ୍, ଲିଭରଟନିକ୍ ଖାଇବାକୁ ଦେବା ଉଚିତ। ଛେଳିଙ୍କୁ ଉପଯୁକ୍ତ ମାତ୍ରାର ନଡ଼ାଜାତୀୟ ଖାଦ୍ୟ ଦେଇପାରିବେ। ଖାଦ୍ୟରେ ଧାତବ ଲୁଣର ପରିମାଣ ୧୦ ଗ୍ରାମ ଦେବା ଦରକାର। ଭିଟାମିନ୍‌ଯୁକ୍ତ ଖାଦ୍ୟ ସହିତ ପ୍ରୋବାୟୋଟିକ ୫ ଗ୍ରାମ ଦେବା ଦରକାର। ଡାଲିଜାତୀୟ ଚାରା ଦିଆଯାଇପାରିବ। ଏଥିପାଇଁ ଚଣାକୁ ରାତିସାରା ଭିଜାଇ ସକାଳୁ ଏହାକୁ ରଗଡ଼ି ଛେଳିଙ୍କୁ ଖୁଆଇପାରିବେ। ଦୈନିକ ୭୦ରୁ ୮୦ ଗ୍ରାମ୍ ଚଣା ଦେବା ଆବଶ୍ୟକ। ପିଜୁଳି, ନିମ୍ବ ଏବଂ ସଜନାପତ୍ରରେ ଭିଟାମିନ୍ ଏ, ସି, ବି୬, କେ ଆଦି ରହିଥାଏ। ସେହିପରି ୧୦୦ ଗ୍ରାମ୍ ମକା ଗ୍ରାଇଣ୍ଡିଂ କରି ଏହାକୁ ୫ରୁ ୬ଘଣ୍ଟା ଭିଜାଇ ପାଣି ଶୋଷିନେବା ପରେ ଛେଳିଙ୍କୁ ଖାଇବାକୁ ଦେଇପାରିବେ। ଦୈନିକ ୫୦ରୁ ୭୦ ଗ୍ରାମ୍ ସୋୟାବିନ୍ ଭଜା ଦେବା ଦ୍ୱାରା ଛେଳି ବଳବାନ ହୁଅନ୍ତି। ତେବେ ଡାକ୍ତରଙ୍କ ପରାମର୍ଶରେ ଖାଦ୍ୟ ଦେବା ଉତ୍ତମ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ପରେ ଚିନାବାଦାମ ଫସଲରେ ମୂଳ ଓ କାଣ୍ଡ ପଚା ରୋଗ ଲାଗିବାର ସମ୍ଭାବନା ଅଛି। ଏହି ରୋଗର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି ୪୦୦ ମିଲି ଭାଲିଡାମାଇସିନ ଏବଂ ହେକ୍ସାକୋନାଜୋଲର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଉଚ୍ଚ ଜମିରେ ଟମାଟୋ, ସଅଳ କିସମ ଫୁଲକୋବି ଚାରା ପକାନ୍ତୁ।
- ଶୋଷକ କୀଟ ମାନଙ୍କର (ଜଉ, ପତ୍ରଡିଆଁ, ଦହିଆ ଓ ଧଳାମାଛି) ନୀରିକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠା ଲାଗିଥିବା ହଳଦିଆ ଯନ୍ତାକୁ ଜମିରେ ଲଗାନ୍ତୁ।
- କୁକୁଡ଼ା ଚିଆଁ ୩ରୁ ୪ ସପ୍ତାହ ହୋଇଯାଇଥିଲେ ରାଣୀଖେତ ରୋଗ ପାଇଁ ଟୀକାକରଣ କରନ୍ତୁ।
- ଖୁର ସଂକ୍ରମଣ ଓ ପରଜୀବୀ ଆକ୍ରମଣର ଆଶଙ୍କା କମାଇବା ପାଇଁ ପଶୁଙ୍କୁ ଜଳାବଦ୍ଧ ଜମିରେ ଚରିବାକୁ ଛାଡ଼ନ୍ତୁ ନାହିଁ।

## ଧାନ ଫସଲରେ ମାଟିଆ ଗୁଣ୍ଡିପୋକର ନିୟନ୍ତ୍ରଣ

**ଖରିଫ ଧାନ ଫସଲରେ ଅକ୍ଟୋବର ମାସରେ ମାଟିଆ ଗୁଣ୍ଡିପୋକର ଆକ୍ରମଣ ଅଧିକ ଦେଖାଯାଏ। ମାଟିଆ ଗୁଣ୍ଡିପୋକ ସହିତ ଧଳାପିଠିଆ ଗୁଣ୍ଡିପୋକ ମଧ୍ୟ ଦେଖାଯାଆନ୍ତି। ଏହି ପୋକ ଧାନ ଗଛକୁ ପାଣି ଲାଗିଥିବା ସ୍ଥାନରେ ମେଞ୍ଚା ମେଞ୍ଚା ହୋଇ ଲାଗି ରହିଥାନ୍ତି। ଏହି ପୋକ ଧାନ ଚାଷକୁ ପ୍ରଭାବିତ କରୁଥିବାରୁ ଏହାର ସଠିକ୍ ପରିଚାଳନା କରିବା ଏକାନ୍ତ ଆବଶ୍ୟକ।**



ମାଟିଆ ଗୁଣ୍ଡି ପୋକ ଏକ ଧୂସର ରଙ୍ଗର ଛୋଟ ମାଛି ପ୍ରକାର ଦେଖାଯାନ୍ତି। ଏହା ମୁଖ୍ୟତଃ ଧାନ ଗଛର ମୂଳରେ ଓ ଜଳସ୍ତରର ଠିକ୍ ଉପରି ଭାଗରେ ଏକ ସଙ୍ଗେ ଅଧିକ ସଂଖ୍ୟାରେ ଦେଖିବାକୁ ମିଳେ। ଏହି କୀଟ ସହିତ ଧଳାପିଠିଆ ଗୁଣ୍ଡିପୋକ ମଧ୍ୟ ମିଶିକରି ଲାଗିଥାନ୍ତି। ବିଶେଷ କରି ଧାନ ଫସଲରେ ଫୁଲ ଉଡେଇବା ଓ କେଣ୍ଡା ବାହାରିବା ଅବସ୍ଥାରେ ଏମାନେ ଅଧିକ ସଂଖ୍ୟାରେ ଲାଗି ଫସଲ ନଷ୍ଟ କରିଥାନ୍ତି। ଆକ୍ରାନ୍ତ ଗଛର ତଳପତ୍ର ପ୍ରଥମେ ହଳଦିଆ ପଡ଼ି ପରେ ସମ୍ପୂର୍ଣ୍ଣ ଗଛ ଈଷତ୍ ବାଦାମୀ ରଙ୍ଗର ହୋଇଯାଏ। ଏହି ପୋକ ଦ୍ୱୟ ସାଧାରଣତଃ ୨୮-୩୦ ସେଣ୍ଟିଗ୍ରେଡ୍ ତାପମାତ୍ରା ଓ ୮୦-୯୦% ଆର୍ଦ୍ରତାରେ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି। ଖାଲୁଆ ଜମିରେ ସର୍ବଦା ଜଳ ଜମି ରହୁଥିଲେ, ଏହି ପୋକ ଅଧିକ ଦେଖାଯାନ୍ତି। ଅନୁମୋଦିତ ମାତ୍ରାଠାରୁ ଅଧିକ ଯବକ୍ଷାରଜାନ ଓ କମ୍ ପଟାସ ଖାଦ୍ୟସାର ପ୍ରୟୋଗ କରାଯାଇଥିଲେ ମାଟିଆଗୁଣ୍ଡି ପୋକର ପ୍ରାଦୁର୍ଭାବ ଦେଖାଯାଏ। ଧାନ ଫସଲରେ ଏହି ପୋକ ଆକ୍ରମଣ ଦେଖାଦେଲେ ଜମିରୁ ପାଣି କମାଇ ଦେବା ଉଚିତ। ଯବକ୍ଷାରଜାନଜାତୀୟ ଖାଦ୍ୟସାର ପ୍ରୟୋଗ କରିବା ଅନୁଚିତ। ବୁଦାପ୍ରତି ପୋକ ସଂଖ୍ୟା ୨ରୁ ୫ ଥିଲେ ଏକର ପ୍ରତି ୮୦ ଗ୍ରାମ୍ ଡାଇନୋଟେଫ୍ୟୁରାନ୍ ବା କ୍ଲୋଥିଆନିଡିନ୍ ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରିପାରିବେ। ସେହିପରି ୬୦ ଗ୍ରାମ୍ ଫ୍ଲୋନିକାମିଡ୍ ୫୦% ଡବ୍ଲ୍ୟୁଜି ବା ୧୨୦ ଗ୍ରାମ୍ ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁଜି ଏକରପ୍ରତି ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରିପାରିବେ।

# ଦୃଷ୍ଟିବାଧିତ କ୍ରିକେଟ: ଓଡ଼ିଶା ଚାମ୍ପିଅନ



ଭୁବନେଶ୍ୱର, ୫।୧୦ (ସମିସ): ବିହାରକୁ ୫ ୱିକେଟରେ ହରାଇ ଓଡ଼ିଶା ୭ମଥର ଲାଗି ଇଷ୍ଟ ଜୋନ୍ ଦୃଷ୍ଟିବାଧିତ ପୁରୁଷ କ୍ରିକେଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ତ୍ରିପୁରାର ରାଜଧାନୀ ଅଗରତାଲାରେ ଆଜି ଅନୁଷ୍ଠିତ ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ବିହାର ୯ ୱିକେଟରେ ୧୧୦ ରନ୍ କରିଥିଲା। ଜବାବରେ ଓଡ଼ିଶା ୧୩.୪ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଧନପତି ଗୌଡ଼ ସର୍ବାଧିକ ୪୦ ରନ୍ କରିଥିଲେ। ଲାଲପ୍ରସାଦ ସୋରେନ୍ ୨୪ ଓ ଲିଙ୍ଗରାଜ ରାଉତରା ୧୮ ରନ୍‌ର ଯୋଗଦାନ ଦେଇଥିଲେ। ବୋଲିଂରେ ଲାଲପ୍ରସାଦ ସର୍ବାଧିକ ୨ଟି ୱିକେଟ ପାଇଥିଲେ। ତାଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ସାହାଣୀ କପ୍ ଫାଇନାଲ ଆଜି



ଭୁବନେଶ୍ୱର, ୫।୧୦ (ସମିସ): କଟକ ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ମଧ୍ୟରେ ୬୫ତମ ସିନିଅର ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍‌ର ଫାଇନାଲ ଖେଳାଯିବ। ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଆଜି ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ କଟକ ୨-୦ ଗୋଲରେ ସୁନ୍ଦରଗଡ଼କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୧-୦ ଗୋଲରେ ସମ୍ବଲପୁରକୁ ହରାଇଥିଲା। ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ ଓ କ୍ରୀଡ଼ା ଏବଂ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାର ଫାଇନାଲ ମୁକାବିଲା ଆସନ୍ତାକାଲି ଅନୁଷ୍ଠିତ ହେବ। ଏହି ମ୍ୟାଚଟି ଅପରାହ୍ଣ ୪ଟାରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଫୁଟବଲ ଅସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ସୂଚନା ଦିଆଯାଇଛି।

## ୟୁନିଲାଇଟ୍ କପ୍ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ୍ ଫୁଟବଲ୍ ୯ରୁ




ଭୁବନେଶ୍ୱର, ୫।୧୦ (ସମିସ): ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏସନ ଆନୁକୂଲ୍ୟରେ ଆସନ୍ତା ୯ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଚତୁର୍ଥ ବାର୍ଷିକ ୟୁନିଲାଇଟ୍ କପ୍ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ। ଫୁଟବଲ୍ ଏକାଡେମୀ ଖେଳପଡ଼ିଆରେ ସବୁ ମ୍ୟାଚ୍ ଓ ପ୍ରତ୍ୟେକ ଦିନ ୨ଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ଫାଇନାଲ୍ ମ୍ୟାଚ୍ ଦିବାରାତ୍ରିରେ ଅନୁଷ୍ଠିତ ହେବ ବୋଲି ସୋମବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିବେ। ନକ୍‌ଆଉଟ୍ ପଦ୍ଧତିରେ ହେବାକୁ ଥିବା ଏହି ପ୍ରତିଯୋଗିତାର ବିଜେତାଙ୍କୁ ଟ୍ରଫି ସହ ୧୫ ହଜାର, ରନର୍ସଅପ୍‌ଙ୍କୁ ୧୦ ହଜାର, ତୃତୀୟ ଦଳକୁ ୭ ହଜାର ଓ ଚତୁର୍ଥ ଦଳକୁ ୫ ହଜାର ଟଙ୍କା ପୁରସ୍କାର ମିଳିବ। ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ନବରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରାୟୋଜକ ୟୁନିଲାଇଟ ଇନ୍‌ସ୍ୟୁରାନ୍ସ ବ୍ରୋକର୍ସ ପ୍ରାଇଭେଟ ଲିମିଟେଡ ନିର୍ଦ୍ଦେଶକ ଅଂଶୁମାନ ମହାପାତ୍ର ଓ ଅଧିକାରୀ ଦେବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍

# ଭାରତକୁ କଡ଼ା ଟକ୍କର ଦେବ ୱେଷ୍ଟଇଣ୍ଡିଜ୍

ଲକ୍ଷ୍ନୌ, ୫।୧୦ (ଏଜେନ୍ସି)





ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ହାଇ ସ୍କୋରିଂ ଦିନିକିଆ ସିରିଜ୍ ପରେ ଫଟାଫଟ କ୍ରିକେଟ ଭାବେ ପରିଗଣିତ ଟି-୨୦ ଫର୍ମାଟରେ ଆଉ ଏକ ସିରିଜ୍ ଖେଳାଯିବ। ଏଥିରେ ୫ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଦିନିକିଆ ସିରିଜ୍‌କୁ ଭାରତ ୨-୧ରେ ଜିତିଥିଲା। କିନ୍ତୁ ଏହି ସିରିଜ୍‌ରେ ୧୦ଜଣ ଖେଳାଳି ୧୧ଟି ଶତକ ହାସଲ କରିଥିଲେ। ଏହାର ଅର୍ଥ ଭାରତୀୟ ପିଚ୍ ବ୍ୟାଟରଙ୍କୁ ସୁହାଇଥିଲା। ଏହି ସିରିଜ୍‌ରେ ବୋଲରମାନେ ନିରାଶ ହୋଇଥିଲେ। ଏବେ ଟି-୨୦ ସିରିଜ୍‌ରେ ପୁଣିଥରେ ବ୍ୟାଟରମାନେ ପ୍ରାଧାନ୍ୟ ବିସ୍ତାର କରିବେ ବୋଲି ଅନୁମାନ କରାଯାଉଛି। କିନ୍ତୁ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଟିମ୍ ଦିନିକିଆରେ ଯେଉଁ ଭାରତୀୟ ଦଳ ସହ ଖେଳିଥିଲା, ସେମାନଙ୍କୁ ଟି-୨୦ ସିରିଜ୍‌ରେ ଦେଖିବାକୁ ମିଳିବ ନାହିଁ। ୱେଷ୍ଟଇଣ୍ଡିଜ୍ ସହ ଦିନିକିଆ ସିରିଜ୍ ଖେଳିଥିବା କେବଳ ୩ଜଣ ଖେଳାଳି ଯଥା ଡେବ୍ୟୁ କରିଥିବା ନମନ ଧୀର, ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଓ ବାମହାତୀ ସ୍ପିନର କୁଲଦୀପ ଯାଦବ ଟି-୨୦ ଟିମରେ ଖେଳିବେ। ନିକଟରେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଥିବା ଦଳ ହିଁ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ମୁକାବିଲା କରିବ। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପ୍ରଦର୍ଶନ ହେଉ କିମ୍ବା ଅନ୍ତର୍ଜାତୀୟ କ୍ରିକେଟରେ ୱେଷ୍ଟଇଣ୍ଡିଜ୍‌ର ଖେଳାଳିମାନେ ନିର୍ଭୀକ ଖେଳ ପ୍ରଦର୍ଶନ କରିଆସିଛନ୍ତି। ଦିନିକିଆ ସିରିଜ୍‌ରେ ସେମାନଙ୍କ ଖେଳ ମଧ୍ୟ ସମସ୍ତେ ଦେଖିଛନ୍ତି। କେବଳ ଭାରତର ଅଭିଜ୍ଞ ବ୍ୟାଟରଙ୍କ ଯୋଗୁଁ ଭାରତ ଦିନିକିଆ ସିରିଜ୍ ଜିତିବାରେ ସଫଳ ହୋଇଥିଲା। କିନ୍ତୁ ଟି-୨୦ ସିରିଜ୍‌ରେ ସେଭଳି ସଫଳତା ଆଶା କରାଯିବା କଷ୍ଟକର। ଏହାର ଅର୍ଥ ହେଲା ଟି-୨୦ ଫର୍ମାଟରେ ୱେଷ୍ଟଇଣ୍ଡିଜ୍ ଏକ ଶକ୍ତିଶାଳୀ ଦଳ ଓ ଏହାକୁ ପରାଜିତ କରିବାକୁ ହେଲେ ଖେଳରେ ଉନ୍ନତ ଆଣିବାକୁ ହେବ।

ସିରିଜ୍ ପୂର୍ବରୁ ଭାରତର ଦକ୍ଷତାକୁ ଦେଖିଲେ ନିଶ୍ଚିତଭାବେ ଏହାର ବ୍ୟାଟିଂକୁ ଶକ୍ତିଶାଳୀ କୁହାଯିବ। ଦଳରେ ଏକାଧିକ ବିସ୍ଫୋରକ ବ୍ୟାଟର ରହିଛନ୍ତି। ସେ ଅଭିଷେକ ଶର୍ମା ହୁଅନ୍ତୁ କି ବୈଭବ ସୂର୍ଯ୍ୟବଂଶୀ, ଇଶାନ କିଶାନ ହୁଅନ୍ତୁ କି ତିଲକ ବର୍ମା, ସମସ୍ତେ ବିସ୍ଫୋରକ ବ୍ୟାଟିଂ କରିପାରିବାର ଦକ୍ଷତା ରଖିଛନ୍ତି। ଏଭଳି ସ୍ଥିତିରେ ୱେଷ୍ଟଇଣ୍ଡିଜ୍ ବୋଲରଙ୍କ ଲାଗି ଭାରତୀୟ ବ୍ୟାଟରଙ୍କୁ ମୁକାବିଲା କରିବା କଷ୍ଟକର ହୋଇପାରେ। କିନ୍ତୁ ବ୍ୟାଟିଂ ଭଳି ଭାରତର ବୋଲିଂ ଶକ୍ତି ଶାଣିତ ନୁହେଁ। ଦଳରେ ୩ଜଣ ଫାଷ୍ଟ ବୋଲର ଅର୍ଶଦୀପ ସିଂହ, ପ୍ରିନ୍ସ ଯାଦବ ଓ ମୟଙ୍କ ଯାଦବଙ୍କ ପରି ଏକ୍ସପ୍ରେସ୍ ଫାଷ୍ଟ ବୋଲର ରହିଛନ୍ତି। ନୀତୀଶ ରେଡ୍ଡୀ ଓ ଶିବମ ଦୁବେଙ୍କ ପରି ମିଡିୟମ ପେସର ମଧ୍ୟ ଅଛନ୍ତି। କିନ୍ତୁ ୱେଷ୍ଟଇଣ୍ଡିଜ୍‌ର ଏକ୍ସପ୍ରେସ୍ ବ୍ୟାଟରଙ୍କୁ ଅଟକାଇବାକୁ ହେଲେ ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ରବି ବିଷ୍ଣୋଇଙ୍କ ସ୍ପିନ୍ ବୋଲିଂର ସାହାଯ୍ୟ ନେବାକୁ ହେବ। ବିଶ୍ୱରେ ଟି-୨୦ କ୍ରିକେଟ ଲିଗ୍‌ରେ ୱେଷ୍ଟଇଣ୍ଡିଜ୍ ଖେଳାଳିଙ୍କର ବେଶ ଗୁରୁତ୍ୱ ରହିଛି। କିନ୍ତୁ ସେମାନେ ଏକତ୍ର ହୋଇ ଖେଳିଲେ, ସେଭଳି ପ୍ରଦର୍ଶନ କରି ନ ପାରିବାର ଢ଼େର ଉଦାହରଣ ରହିଛି। ଏଣୁ ୱେଷ୍ଟଇଣ୍ଡିଜ୍ ଯଦି ଦଳଗତ ବ୍ୟାଟିଂ ପ୍ରଦର୍ଶନ କରେ, ତେବେ ଏହି ଦଳକୁ ହରାଇବା ଭାରତ ଲାଗି ଏତେଟା ସହଜ ହେବ ନାହିଁ। ଉଭୟ ଦଳ ମଧ୍ୟରେ ୩୯ଟି ମୁକାବିଲା ହୋଇଯାଇଛି। ଏହା ମଧ୍ୟରୁ ଭାରତ ୨୦ଟିରେ ଓ ୱେଷ୍ଟଇଣ୍ଡିଜ୍ ୧୦ଟିରେ ବିଜୟୀ ହୋଇଛି।

**ଭାରତୀୟ ଦଳ**- ଶ୍ରେୟସ ଆୟର (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ, ତିଲକ ବର୍ମା, ନମନ ଧୀର, ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂହ, ପ୍ରିନ୍ସ ଯାଦବ, ମୟଙ୍କ ଯାଦବ, ଅକ୍ଷର ପଟେଲ, କୁଲଦୀପ ଯାଦବ, ରବି ବିଷ୍ଣୋଇ।

**ୱେଷ୍ଟଇଣ୍ଡିଜ୍ ଦଳ**- ଶାଇ ହୋପ୍ (ଅଧିନାୟକ) ଓ ଅମୀର ଜାଙ୍ଗୁ (ଉଭୟ ୱିକେଟରକ୍ଷକ), କାମିଲ ପୁରନ, ରୋଭମାନ ପାୱେଲ, ସିମରନ ହେଟମାୟର, ରୋଷ୍ଟୋନ ଚେଜ୍, ଶେରଫାନ ରଦରଫୋର୍ଡ, କ୍ୱେଣ୍ଟିନ ସାମ୍ପସନ, କିମୋ ପଲ୍, ରୋମାରିଓ ଶେଫର୍ଡ, ମାଥ୍ୟୁ ଫୋର୍ଡ, ସମର ଯୋଶେଫ, ସମର ସ୍ପ୍ରିଙ୍ଗର, ଆକିଲ ହୋସେନ, ଗୁଡକେଶ ମୋତି।

**ଟି-୨୦ ସିରିଜ୍ ଖେଳସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ଅକ୍ଟୋବର ୬ | ପ୍ରଥମ ଟି-୨୦ | ଲକ୍ଷ୍ନୌ |
| ଅକ୍ଟୋବର ୯ | ଦ୍ୱିତୀୟ ଟି-୨୦ | ରାଞ୍ଚି |
| ଅକ୍ଟୋବର ୧୧ | ତୃତୀୟ ଟି-୨୦ | ଇନ୍ଦୋର |
| ଅକ୍ଟୋବର ୧୪ | ଚତୁର୍ଥ ଟି-୨୦ | ହାଇଦରାବାଦ୍ |
| ଅକ୍ଟୋବର ୧୭ | ପଞ୍ଚମ ଟି-୨୦ | ବେଙ୍ଗାଲୁରୁ |

ଖେଳ ଆରମ୍ଭ: ରାତି ୭ଟା
ଟିଭି ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍‌ଷ୍ଟାର

## ଭାରତ, ୱେଷ୍ଟଇଣ୍ଡିଜ୍ ଦଳ ଦଣ୍ଡିତ

ନ୍ୟୁ ଚଣ୍ଡିଗଡ଼, ୫।୧୦ (ଏଜେନ୍ସି): ତୃତୀୟ ତଥା ଚୂଡ଼ାନ୍ତ ଦିନିକିଆ ମ୍ୟାଚ୍‌ରେ ମନ୍ଥର ଓଭର ହାର ବୋଲିଂ ପାଇଁ ଭାରତୀୟ ଖେଳାଳିଙ୍କ ଉପରେ ମ୍ୟାଚ୍ ଫି'ର ୨୦ ପ୍ରତିଶତ ଏବଂ ୱେଷ୍ଟଇଣ୍ଡିଜ୍ ଖେଳାଳିଙ୍କ ଉପରେ ୧୦ ପ୍ରତିଶତ ଜରିମାନା ଲଗାଯାଇଛି। ଏହି ମ୍ୟାଚ୍‌ରେ ଭାରତ ନିର୍ଦ୍ଧାରିତ ସମୟରେ ୪ ଓଭର ପଛରେ ଥିବା ବେଳେ ୱେଷ୍ଟଇଣ୍ଡିଜ୍ ୨ ଓଭର କମ୍ ବୋଲିଂ କରିଥିଲା। ଏହି ଆଧାରରେ ଆଇସିସି ଉଭୟ ଦଳଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମ୍ୟାଚ୍ ପୂର୍ବରୁ ୱେଷ୍ଟଇଣ୍ଡିଜ୍ ପ୍ରଥମ ଦୁଇଟି ମ୍ୟାଚ୍ ହାରି ସିରିଜ୍‌ରେ ୦-୨ରେ ପଛୁଆ ଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ଅଧିନାୟକ ସାଇ ହୋପ୍ ଙ୍କ ୧୪୩ ବଲ୍‌ରୁ ଅପରାଜିତ ୧୬୨ ରନ୍ ବଳରେ ୱେଷ୍ଟଇଣ୍ଡିଜ୍ ୩୫୨ ରନ୍‌ର ବିଶାଳ ଲକ୍ଷ୍ୟକୁ ସଫଳତାର ସହ ପିଛାକରି ୫ ୱିକେଟ୍‌ରେ ବିଜୟୀ ହୋଇଥିଲା। ଦିନିକିଆ କ୍ରିକେଟ୍ ଇତିହାସରେ ଏହା ୱେଷ୍ଟଇଣ୍ଡିଜ୍‌ର ସବୁଠାରୁ ବଡ଼ ସଫଳ ରନ୍‌ର ପିଛା ଥିଲା। ବ୍ୟକ୍ତିଗତ ପ୍ରଦର୍ଶନ ଶୁବମନ ଗିଲ୍ ୧୧୦, ଅପରାଜିତ ୨୨୩ ଓ ୧ ସହ ମୋଟ ୩୩୪ ରନ୍ କରି ସର୍ବାଧିକ ରନ୍ ହାସଲକାରୀ ହୋଇଥିଲେ। ହୋପ୍ ୧୨, ୧୦୪ ଓ ଅପରାଜିତ ୧୬୨ ସହ ମୋଟ ୨୭୮ ରନ୍ କରି ୨ୟ ସ୍ଥାନରେ ରହିଛନ୍ତି।

## ଆଇଚି-ନାଗୋୟା ଏସିଆନ ପାରା ଗେମ୍ସ ୧୮ରୁ

5th Asian Para Games
Aichi-Nagoya 2026

ଟୋକିଓ, ୫।୧୦ (ଏଜେନ୍ସି): ୨୦ତମ ଏସିଆନ ଗେମ୍ସର ସଫଳ ଆୟୋଜନ ପରେ ଏବେ ୫ମ ଏସିଆନ ପାରା ଗେମ୍ସ ଜାପାନର ଆଇଚି-ନାଗୋୟାଠାରେ ଅକ୍ଟୋବର ୧୮ରୁ ଆରମ୍ଭ ହୋଇ ୨୪ରେ ଶେଷ ହେବ। ଏହି ପ୍ରତିଯୋଗିତାରେ ୪୫ଟି ଦେଶରୁ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ୭ ଦିନ ଧରି ହେବାକୁ ଥିବା ଏହି ପାରା ଗେମ୍ସରେ ୧୮ଟି କ୍ରୀଡ଼ାରେ ୪୯୨ଟି ଇଭେଣ୍ଟସ ପ୍ରତିଯୋଗିତା ଆୟୋଜିତ ହେବ। ୨୦୧୦ରୁ ଏହି ପ୍ରତିଯୋଗିତା ପ୍ରତି ୪ ବର୍ଷରେ ଏସିଆନ ଗେମ୍ସ ପରେ ସମାନ ଭେନ୍ୟୁରେ ଆୟୋଜିତ ହୋଇଆସୁଛି। କେବଳ କୋଭିଡ ଯୋଗୁ ୨୦୨୨ରେ ହେବାକୁ ଥିବା ଏହି ପ୍ରତିଯୋଗିତା ୨୦୨୩ରେ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଆଥଲେଟିକ୍ସରେ ସର୍ବାଧିକ ୧୬୨ଟି ଓ ସନ୍ତରଣରେ ୧୧୪ଟି ଇଭେଣ୍ଟ ଆୟୋଜିତ ହେବ।

ସପ୍ତାହବ୍ୟାପୀ ହେବାକୁ ଥିବା ଏହି ମେଗା ପାରା ସ୍ପୋର୍ଟ୍ସରେ ଭାରତ ୮ଟି କ୍ରୀଡ଼ା ଶୃଙ୍ଖଳାରେ ୧୨୧ ଜଣ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ କରିବାକୁ ମନୋନୀତ କରିଛି। ଏହି କ୍ରୀଡ଼ାଗୁଡିକ ହେଲା, ତୀରନ୍ଦାଜି, ଦୌଡ଼କୁଦ, ବ୍ୟାଡ୍‌ମିଣ୍ଟନ, ଜୁଡୋ, ବନ୍ଧୁକଚାଳନା, ଟେବୁଲ ଟେନିସ, ଅସିଚାଳନା ଓ ସନ୍ତରଣ। ଏମାନଙ୍କ ମଧ୍ୟରେ ୮୦ ପୁରୁଷ ଓ ୪୧ ଜଣ ମହିଳା ରହିଛନ୍ତି। ଓଡ଼ିଶାରୁ ଦୌଡ଼କୁଦରେ ଜୟନ୍ତୀ ବେହେରା ଓ ସୁଚିତ୍ରା ପରିଡ଼ା, ତିରନ୍ଦାଜିରେ ପାୟଲ ନାଗ, ବ୍ୟାଡ୍‌ମିଣ୍ଟନରେ ଅଲିମ୍ପିକ୍ ଚାମ୍ପିଅନ ପ୍ରମୋଦ ଭଗତ ୩ଟି ବିଭାଗରେ, ଅସିଚାଳନାରେ ୪ଜଣ ଖେଳାଳି ଯଥା ରାଖାଲ ସେଠୀ, ଭି ରମେଶ ରାଓ, ଓମ୍‌ପ୍ରକାଶ ବେହେରା ଓ ରୁଦ୍ରନାରାୟଣ ବେହେରାଙ୍କ ଅଂଶଗ୍ରହଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଆଜି ପାରା ଅଲିମ୍ପିକ୍ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ମଧ୍ୟରେ ବୈଠକ ବସିଛି। ଏଥିରେ ଭାରତ କେତୋଟି ଇଭେଣ୍ଟରେ ଅଂଶଗ୍ରହଣ କରିବ, କେତେ ଜଣ ଓ କିଏ କିଏ ଭାଗନେବେ ତାହା ଆପାତତଃ ସ୍ଥିର ହେବ। ଗତକାଲି ଶେଷ ହୋଇଥିବା ଏସିଆନ ଗେମ୍ସରେ ଅଂଶଗ୍ରହଣ କରିବା ଲାଗି ଯେଉଁ ନିୟମରେ ଖେଳାଳି ଚୟନ କରାଯାଇଥିଲା ତାହା ପାରା ଗେମ୍ସ ଲାଗି ଲାଗୁ ହେବ। ଏହାର ଅର୍ଥ ଏସିଆରେ ୬ଷ୍ଠ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିପାରିବେ। ତେବେ ସେ ଯାହା ହେଉ ଭାରତ ଏଥିରେ କିପରି ଅଧିକରୁ ଅଧିକ ଇଭେଣ୍ଟରେ ଅଂଶଗ୍ରହଣ କରିବ, ସେଥିଲାଗି ଫେଡେରେସନ ପକ୍ଷରୁ ଚେଷ୍ଟା କରାଯାଉଛି।

## ହଂକଂ ସିକ୍ସେସ ଟୁର୍ଣ୍ଣାମେଣ୍ଟ: ଭୁବନେଶ୍ୱରଙ୍କୁ ଭାରତର ନେତୃତ୍ୱ

ନୂଆଦିଲ୍ଲୀ, ୫।୧୦ (ଏଜେନ୍ସି): ପେସ୍ ବୋଲର ଭୁବନେଶ୍ୱର କୁମାର ହଂକଂ ସିକ୍ସେସ ଟୁର୍ଣ୍ଣାମେଣ୍ଟରେ ଭାରତର ନେତୃତ୍ୱ ନେବେ। ୬ଜଣିଆ ଟିମ୍‌ଙ୍କୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ବିଶେଷ ପ୍ରଭାବ ପକାଇପାରି ନାହିଁ। ଅକ୍ଟୋବର ୩୦ରୁ ନଭେମ୍ବର ୧ ତାରିଖଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର ଓ ୪ଟି ସହଯୋଗୀ ରାଷ୍ଟ୍ର ଅଂଶଗ୍ରହଣ କରୁଛି। ପାକିସ୍ତାନ ଡିଫେଣ୍ଡିଂ ଚାମ୍ପିଅନ ଭାବେ ଖେଳିବ। ଗତ ସଂସ୍କରଣର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଡିଏଲଏସ୍‌ରେ ପାକିସ୍ତାନକୁ ୨ ରନ୍‌ରେ ହରାଇ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ପରବର୍ତ୍ତୀ ମ୍ୟାଚ୍ ଗୁଡିକରେ ପରାଜିତ ହେବା ଫଳରେ ପ୍ରଥମ ପର୍ଯ୍ୟାୟରୁ ବିଦା ହୋଇଥିଲା। ଏଥର ଦଳରେ ପ୍ରତିଷ୍ଠିତ ଖେଳାଳିମାନେ ସ୍ଥାନ ପାଇଛନ୍ତି। ଅଧିନାୟକ ଭୁବନେଶ୍ୱରଙ୍କ ସହ କ୍ରୁନାଲ ପାଣ୍ଡ୍ୟା, ଶଶାଙ୍କ ସିଂ, ରାହୁଲ ତେୱାତିଆ, ନୀତୀଶ ରାଣା, ରାହୁଲ ତ୍ରିପାଠୀ ଓ ଟି. ନଟରାଜନଙ୍କୁ ଏହି ଦଳରେ ସାମିଲ କରାଯାଇଛି। ୩ ଦିନ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ସିଧାସଳଖ ପ୍ରସାରଣ କରାଯିବ।

## ଶୁଭ୍ରାଂଶୁ ଓଡ଼ିଶା ଦଳର ନେତୃତ୍ୱ ବଜାୟ ରଖିଲେ

# ଦଳରେ ୪ ନୂଆ ମୁହଁ; ବିପ୍ଳବ ଓ ଗୋବିନ୍ଦ ବାଦ୍

ଭୁବନେଶ୍ୱର, ୫।୧୦ (ସମିସ)


ଶୁଭ୍ରାଂଶୁ ସେନାପତି


ବିପ୍ଳବ ସାମନ୍ତରାୟ


ଗୋବିନ୍ଦ ପୋଦ୍ଦାର

ବିସିସିଆଇର ନୂଆ କ୍ରିକେଟ ସିଜନ ୨୦୨୬-୨୭ରେ ଓଡ଼ିଶାର କ୍ରିକେଟ୍ ଦଳ ରଣଜୀ ଟ୍ରଫିରେ ଚଳିତମାସ ୧୧ରୁ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଏଲିଟ୍ ଗ୍ରୁପ୍ 'ସି'ରେ ଥିବା ଓଡ଼ିଶା ଦଳ ଅକ୍ଟୋବର ୧୧ରୁ ୧୫ ପର୍ଯ୍ୟନ୍ତ ଅହମ୍ମଦାବାଦରେ ଘରୋଇ ଗୁଜରାଟ ବିପକ୍ଷରେ ଏବଂ ଅକ୍ଟୋବର ୧୮ ରୁ ୨୧ ପର୍ଯ୍ୟନ୍ତ ତିରୁଅନନ୍ତପୁରମ୍‌ରେ ଘରୋଇ କେରଳ ବିପକ୍ଷରେ ଏହି ୨ଟି ମ୍ୟାଚ୍ ଖେଳିବ। ଏହି ୨ଟି ମ୍ୟାଚ୍ ପାଇଁ ସୋମବାର ସନ୍ଧ୍ୟାରେ ଓଡ଼ିଶାର ୧୭ ଜଣିଆ ଦଳ ଘୋଷଣା କରିଛନ୍ତି ଓସିଏ ମନୋନୟନ କମିଟିର ଅଧ୍ୟକ୍ଷ କୁଳମଣି ବେହେରା ଓ ଦଳର ମୁଖ୍ୟ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକ। । ଗତ ବର୍ଷ ପରି ଏଥର ମଧ୍ୟ ମଧ୍ୟକ୍ରମ ବ୍ୟାଟର ଶୁଭ୍ରାଂଶୁ ସେନାପତି ଓଡ଼ିଶା ଦଳର ନେତୃତ୍ୱ ନେବେ। ଓଡ଼ିଶା ଦଳରେ ୪ ଜଣ ନୂଆ ମୁହଁ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଯୁବ ଉପର ଅର୍ଡର ବ୍ୟାଟ୍‌ସମ୍ୟାନ ଓମ୍ ଟି. ମୁଣ୍ଡେ, ମଧ୍ୟକ୍ରମ ବ୍ୟାଟସମ୍ୟାନ ଶ୍ରେୟାଂଶ ଭରଦ୍ୱାଜ, ପେସ୍ ବୋଲର ସୌମ୍ୟରଞ୍ଜନ ଲେଙ୍କା ଓ ଅଲ୍‌ରାଉଣ୍ଡର ସମ୍ବିତ ବେଜ। ଓପ୍‌ନର ସ୍ୱସ୍ତିକ ସାମଲ ଓ ଗୌରବ ଚୌଧୁରୀ, ବ୍ୟାଟ୍‌ସମ୍ୟାନ ସନ୍ଦୀପ ପଟ୍ଟନାୟକ ଓ ଶାନ୍ତନୁ ମିଶ୍ର, ୱିକେଟ୍ ରକ୍ଷକ ଆଶୀର୍ବାଦ ସ୍ୱାଇଁ, ପେସ୍ ବୋଲର ରାଜେଶ ମହାନ୍ତି ଓ ବାମହାତି ସ୍ପିନର ବାଦଲ ବିଶ୍ୱାଳଙ୍କ ପରି ନିୟମିତ ଖେଳାଳି ଦଳରେ ରହିଛନ୍ତି। ପୁଣି ଅନ୍ୟ ରାଜ୍ୟରୁ ଆସିଥିବା ଦୁଇ କ୍ରିକେଟର ସ୍ପିନ୍ ବୋଲିଂ ଅଲ୍‌ରାଉଣ୍ଡର ବରୋଦାର ନିନାଦ୍ ରାଠ୍‌ୱା ଓ ବିଦର୍ଭର ପେସ୍ ବୋଲର ଲଳିତ ଯାଦବ ଦଳରେ ରହିଛନ୍ତି। ତେବେ ଦୁଇ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ସାମନ୍ତରାୟ, ପେସ୍ ବୋଲର ତାରିଣୀ ସା', ତାପସ ଦାସ ଓ ସୁନୀଲ ରାଉଳ, ୱିକେଟ୍ ରକ୍ଷକ ବ୍ୟାଟର ରାଜେଶ ଧୁପର, ବ୍ୟାଟ୍‌ସମ୍ୟାନ ଅନିଲ ପରିଡ଼ା, ଅଲ୍‌ରାଉଣ୍ଡର ସମ୍ବିତ ବରାଳ, ବାମହାତି ସ୍ପିନର ସୁମିତ ଶର୍ମା ପ୍ରମୁଖ ଏଥର ଦଳରେ ସ୍ଥାନ ପାଇନାହାନ୍ତି। ଏଥର ମନୋନୟନକାରୀ ଯୁବ ଖେଳାଳିଙ୍କ ଉପରେ ଅଧିକ ଭରସା କରିଛନ୍ତି। ଗତ ସିଜନରେ ଏଲିଟ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ୭ଟି ମ୍ୟାଚ୍ ଖେଳିଥିଲା। ଏହା ମଧ୍ୟରୁ କେବଳ ନାଗାଲାଣ୍ଡ ବିପକ୍ଷରେ ଓଡ଼ିଶା ମ୍ୟାଚ୍ ଜିତିଥିଲା। ଅନ୍ୟ ୬ଟି ମଧ୍ୟରୁ ୫ଟିରେ ହାରିଥିଲା ଓ ଉତ୍ତର ପ୍ରଦେଶ ସହ ଗୋଟିଏ ମ୍ୟାଚ୍ ଡ୍ର ରଖିଥିଲା। ଓଡ଼ିଶା ଦୟନୀୟ ପ୍ରଦର୍ଶନ କରି ୮ଟି ଦଳଙ୍କ ମଧ୍ୟରେ ୭ମ ସ୍ଥାନରେ ରହିଥିଲା।

**ଘୋଷିତ ରଣଜୀ ଦଳ**

(ବ୍ୟାଟର)- ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ, ଓମ୍ ଟି. ମୁଣ୍ଡେ, ଗୌରବ ଚୌଧୁରୀ, ଶ୍ରେୟାଂଶ ଭାରଦ୍ୱାଜ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, (ୱିକେଟ୍ ରକ୍ଷକ)- ଆଶୀର୍ବାଦ ସ୍ୱାଇଁ ଓ ଦିନେଶ ମାଝୀ, (ଅଲ୍‌ରାଉଣ୍ଡର)- ନିନାଦ ରାଠୱା, ସମ୍ବିତ ବେଜ. ଲଳିତ ଯାଦବ, ରାଜେଶ ମହାନ୍ତି, ପ୍ରଶାନ୍ତ ରାଣା, ସୌମ୍ୟରଞ୍ଜନ ଲେଙ୍କା, (ସ୍ପିନର)- ସୟଦ ତୁଫୈଲ ଅହମ୍ମଦ ଓ ବାଦଲ ବିଶ୍ୱାଳ।

**ଓଡ଼ିଶାର ଏଲିଟ-ସି' ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| **୨୦୨୬ରେ** | | |
| ୧୧ରୁ ୧୪।୧୦ | ଗୁଜରାଟ | ଅହମ୍ମଦାବାଦ୍ |
| ୧୮ ରୁ ୨୧।୧୦ | କେରଳ | ତିରୁଅନନ୍ତପୁରମ |
| ୨୬ରୁ ୨୯।୧୦ | ସର୍ଭିସେସ୍ | କିଟ୍, ଭୁବନେଶ୍ୱର |
| ୦୨ରୁ ୦୫।୧୧ | ଝାଡଖଣ୍ଡ | କିଟ୍, ଭୁବନେଶ୍ୱର |
| **୨୦୨୭ରେ** | | |
| ୧୭ରୁ ୨୦।୧ | ଦିଲ୍ଲୀ | ବାରବାଟୀ, କଟକ |
| ୨୪ରୁ ୨୭।୧ | ମହାରାଷ୍ଟ୍ର | ଗାହୁଞ୍ଜେ, ପୁଣେ |
| ୦୧ରୁ ୦୪।୨ | ବେଙ୍ଗଲ | ଇଡେନ ଗାର୍ଡେନ୍ସ |

## ଜିମ୍ବାୱେ ଦଳର ଭାରତ ଗସ୍ତ ୧୬ରୁ

ନୂଆଦିଲ୍ଲୀ, ୫।୧୦ (ଏଜେନ୍ସି): ଜିମ୍ବାୱେର ସିନିଅର ମହିଳା କ୍ରିକେଟ ଦଳ ଭାରତ ସହ ୩ଟି ଲେଖାଏଁ ଟି-୨୦ ଓ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଭାରତ ଗସ୍ତରେ ଆସିବ। ଏହି ଗସ୍ତର ପ୍ରଥମ ପର୍ଯ୍ୟାୟରେ ଟି-୨୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ଦିନିକିଆ ମ୍ୟାଚ୍ ଖେଳାଯିବ। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଭଦୋଦରାରେ ଅକ୍ଟୋବର ୧୬, ଦ୍ୱିତୀୟ ମ୍ୟାଚ୍ ରାଜକୋଟରେ ୧୮ ଓ ତୃତୀୟ ମ୍ୟାଚ୍ ଇନ୍ଦୋରରେ ଅକ୍ଟୋବର ୨୦ରେ ଖେଳାଯିବ। ଏ ସମସ୍ତ ମ୍ୟାଚ୍ ଭାରତୀୟ ସମୟ ରାତି ୭ଟାରୁ ଆରମ୍ଭ ହେବ। ସେହିପରି ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଅହମ୍ମଦାବାଦ୍‌ରେ ପ୍ରଥମ ମ୍ୟାଚ୍ ଅକ୍ଟୋବର ୨୩ରେ ଖେଳାଯିବ। ଏହା ପରେ ଗୁଆହାଟୀରେ ଅକ୍ଟୋବର ୨୫ରେ ଦ୍ୱିତୀୟ ଓ ଅକ୍ଟୋବର ୨୮ ରେ ତୃତୀୟ ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ଇଷ୍ଟଜୋନ୍ କରାଟେରେ ଓଡ଼ିଶା ତୃତୀୟ



ଭୁବନେଶ୍ୱର, ୫।୧୦ (ସମିସ): ବିହାରର ପାଟନାଠାରେ ଅକ୍ଟୋବର ୨ରୁ ୪ ତାରିଖଯାଏ ଆୟୋଜିତ ହୋଇଯାଇଛି ଷଷ୍ଠ ଇଷ୍ଟଜୋନ୍ କରାଟେ ଚାମ୍ପିଅନସିପ୍। ଏଥିରେ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ ଏବଂ ଓଡ଼ିଶାରୁ ପାଖା ପାଖି ୬୦୦ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ୫୦ଜଣ କରାଟେକା ଏଠାରେ ନିଜର ଭାଗ୍ୟ ପରୀକ୍ଷା କରିଥିଲାବେଳେ ରାଜ୍ୟକୁ ୧୬ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଓ ୧୩ଟି କାଂସ୍ୟ ସହ ୪୦ଟି ପଦକ ବିଜୟୀ ହୋଇଥିଲା। ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଥିଲା। ଏଥିରେ ଦୀପକ ସାମନ୍ତରା ଓ ଦେବେନ୍ଦ୍ର ରାଣା ରେଫରିଭାବେ ଭାଗ ନେଇଥିଲେ। ଭାଲେନା ଭାଲେଣ୍ଟିନା, ସାଇ ସୁନ୍ଦର ବାରିକ, ବି. ଗୋପଳା ରାଓ ଓ ସୁଶାନ୍ତ କୁମାର ପଣ୍ଡା କୋଚ୍ ଭାବେ ଦଳ ସହ ଯାଇଥିଲେ। ପଦକ ବିଜେତାମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ସଭାପତି ସେନ୍‌ସେଇ ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗୌରୀ ମହାନ୍ତିଙ୍କ ସହ ଅନ୍ୟକର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।